NITIDIN
ନିତିଦିନ

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 8 PAGES ● ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

SATURDAY
30 MAY 2026
ଶନିବାର
୩୦ ମେ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 371 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ ● ସଂଖ୍ୟା ୩୭୧ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର

# ଆଜିଠୁ ଓଡ଼ିଶାରେ ଏସ୍ଆଇଆର୍

- ଜୁନ୍ ୨୮ ଯାଏଁ ଚାଲିବ
- ଘର ଘର ବୁଲିବେ ବିଏଲ୍ଓ
- କରିବେ ଭୋଟର ତାଲିକା ସଂଶୋଧନ
- ୬ ସେପ୍ଟେମ୍ବରରେ ଚୂଡ଼ାନ୍ତ ଭୋଟର ତାଲିକା





**ଭୁବନେଶ୍ୱର, ୨୯।୫/ଏନ୍ଏନ୍ଏସ:**

ଆସନ୍ତାକାଲି ଅର୍ଥାତ ଶନିବାର ଠାରୁ ରାଜ୍ୟର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର)–୨୦୨୬ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏନେଇ ଶୁକ୍ରବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ୍ ଗୋପଲନ ଅଧ୍ୟକ୍ଷତା କରି ବିସ୍ତୃତ ସୂଚନା ଦେଇଛନ୍ତି। ତାଙ୍କ ସୂଚନା ଅନୁଯାୟୀ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶାନୁଯାୟୀ ଓଡ଼ିଶାରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପାଇଁ ସମୟସୂଚୀ ଘୋଷଣା କରାଯାଇଛି। ଘୋଷିତ କାର୍ଯ୍ୟସୂଚୀ ଅନୁଯାୟୀ, ଜୁଲାଇ ୧ ଏସ୍ଆଇଆର୍ ପାଇଁ ଯୋଗ୍ୟତା ତାରିଖ ଧାର୍ଯ୍ୟ କରାଯାଇଛି। ଶୁକ୍ରବାର ସୁଦ୍ଧା ରାଜ୍ୟରେ ପ୍ରିଣ୍ଟିଂ, ପ୍ରସ୍ତୁତି କାର୍ଯ୍ୟ ଶେଷ ହୋଇଥିବାବେଳେ ବିଏଲ୍ଓମାନଙ୍କର ପ୍ରଶିକ୍ଷଣ ମଧ୍ୟ ଶେଷ ହୋଇଛି। ଶନିବାର ଠାରୁ ଜୁନ ୨୮ ପର୍ଯ୍ୟନ୍ତ ବିଏଲଓମାନେ ନିର୍ବାଚକଙ୍କ ଘରକୁ ଯାଇ ପ୍ରତ୍ୟେକ ନିର୍ବାଚକ ପାଇଁ ଦୁଇଟି ପରିଗଣନା ଫର୍ମ ପ୍ରଦାନ କରିବେ। ଏଥିରେ ନିର୍ବାଚକଙ୍କ ବ୍ୟକ୍ତିଗତ ବିବରଣୀ, ପରିବାର ସଦସ୍ୟଙ୍କ ସୂଚନା ଏବଂ ୨୦୦୨ ମସିହାର ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟ ଦେବାକୁ ପଡ଼ିବ। ବିଏଲଓ ମାନେ ପରିଦର୍ଶନ ସମୟରେ ସେମାନଙ୍କର ତଥ୍ୟ ଯାଞ୍ଚ କରିବେ ଓ ସେମାନଙ୍କ ସାମାନ୍ୟ ତ୍ରୁଟିକୁ ସଂଶୋଧନ କରିବେ। ସେହିପରି ଜଣେ ବି ଯୋଗ୍ୟ ଭାରତୀୟ ଭୋଟର ଯେମିତି ବାଦ୍ ନ ପଡ଼ନ୍ତି ଓ ଅଯୋଗ୍ୟ ଭୋଟର ଯେମିତି ଭୋଟର ତାଲିକାରେ ଅନ୍ତର୍ଭୁକ୍ତ ନ ହୁଅନ୍ତି ସେଥିପ୍ରତି ବିଏଲ୍ଓମାନଙ୍କୁ ସଜାଗ ରହିବାକୁ ଶ୍ରୀ ଗୋପଲନ ନିର୍ଦ୍ଦେଶ ଦେଇଛନ୍ତି। ୨୮ ଜୁନ ସୁଦ୍ଧା ମତଦାନ କେନ୍ଦ୍ରଗୁଡ଼ିକର ପୁନର୍ବିନ୍ୟାସ କରାଯିବ। ପରେ ୫ ଜୁଲାଇରେ ଚିଠା ଭୋଟର ତାଲିକା ପ୍ରକାଶ କରାଯିବ। ୫ ଜୁଲାଇରୁ ଅଗଷ୍ଟ ୪ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ ସମୟସୀମା ଧାର୍ଯ୍ୟ ହୋଇଥିବାବେଳେ ୫ ଜୁଲାଇ ▶▶ ୫

## ଭୁଶୁଡ଼ିଲା ନିର୍ମାଣାଧୀନ ପୋଲ
## ୬ ଶ୍ରମିକ ମୃତ

**ହମିରପୁର, ୨୯।୫/ଏଜେନ୍ସି:**

ଉତ୍ତର ପ୍ରଦେଶର ହମିରପୁରରେ ପ୍ରବଳ ଝଡ଼ ବର୍ଷା ଯୋଗୁଁ ଏକ ନିର୍ମାଣାଧୀନ ପୋଲର ଏକ ଅଂଶ ଭୁଶୁଡ଼ି ପଡ଼ିବା ଫଳରେ ସେଠାରେ କାମ କରୁଥିବା ୬ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଅନେକ ଶ୍ରମିକ ଭଗ୍ନାବଶେଷ ତଳେ ଫସି ରହିଥିବା ଆଶଙ୍କା ଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିବାର ଆଶଙ୍କା ରହିଛି। ପୁଲିସ ସୂଚନା ଅନୁସାରେ, ମୃତକମାନେ ହେଲେ ଲୋକେନ୍ଦ୍ର ନିଷାଦ (୨୨), କୁଲଦୀପ ନିଷାଦ (୧୯), ସାଓ୍ୱନ୍ତ ଯାଦବ (୨୮), ସଭାଜିତ (୩୦), ପୁଷ୍ପେନ୍ଦ୍ର ସିଂହ ଚୌହାନ (୩୪) ଓ ରାଜେଶ ପାଲ(୪୨)। ଅଧିକାରୀଙ୍କ ସୂଚନା ଅନୁଯାୟୀ, ମୋରାକାନ୍ଦର ପରସାନିରୁ ହମିରପୁରର ନୈଥି ଗ୍ରାମ ପର୍ଯ୍ୟନ୍ତ ବିସ୍ତୃତ ଏହି ପୋଲ, ବେତଓ୍ୱା ନଦୀ ଉପରେ ନିର୍ମାଣ କରାଯାଉଛି। ଗୁରୁବାର ରାତି ପ୍ରାୟ ୩ଟା ସମୟରେ ପ୍ରବଳ ବର୍ଷା ଏବଂ ପବନ ଯୋଗୁଁ ପୋଲ ର ଏକ ସ୍ଲାବ୍ ▶▶ ୫

## ବିଷାକ୍ତ ମଦ ନେଲା
## ୧୭ ଜୀବନ

**ପୁଣେ, ୨୯।୫/ଏଜେନ୍ସି:**

ବିଷାକ୍ତ ମଦ ପିଇ ଗୋଟିଏ ଦିନରେ ୧୭ ଜଣଙ୍କ ମୃତ୍ୟୁ। ମହାରାଷ୍ଟ୍ର ପୁଣେର ଏହି ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ପୁଣେର ହଡପସର, ଦୋପଡି ଓ ଫୁଗେବାଡି ଅଞ୍ଚଳରେ ଏପରି ଅଭିଯୋଗ ଆସିଛି। ବିଷାକ୍ତ ମଦ ପିଇବା କାରଣରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଆହତଙ୍କ ମଧ୍ୟରେ ଅନେକଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବା ବେଳେ ସେମାନଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମଦ ମୃତ୍ୟୁ ମାମଲାରେ ରାଜ୍ୟ ଅବକାରୀ ବିଭାଗ ଯୋଗେଶ ଓ୍ୱାନଖେଡେ ନାମକ ଜଣେ ବ୍ୟକ୍ତିକୁ ଗିରଫ କରିଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଯୋଗେଶ ପିମ୍ପରି-ଖିଞ୍ଚଓ୍ୱାଡ ଓ ପୁଣେରେ ବିଷାକ୍ତ ସ୍ପିରିଟ୍ ସପ୍ଲାଏ କରୁଥିଲା। ତେବେ ସନ୍ଦେହ କରାଯାଉଛି କି ଏହି ସ୍ପିରିଟରୁ ପ୍ରସ୍ତୁତ ମଦ ପିଇବା ପରେ ଲୋକଙ୍କ ମୃତ୍ୟୁ ହୋଇଛି। ମଦ ମୃତ୍ୟୁ ▶▶ ୫

## ବିଳମ୍ବିତ ରାୟ ପ୍ରସଙ୍ଗରେ ହାଇକୋର୍ଟଙ୍କୁ ସୁପ୍ରିମ୍ ନିର୍ଦ୍ଦେଶ
# ଶୁଣାଣି ସରିବାର ୩ ମାସରେ ଚୂଡ଼ାନ୍ତ ରାୟ ଦିଅ



**ଜାମିନ ଶୁଣାଣି ଉପରେ ବି ଜାରି କଲେ କଡ଼ା ଟାଇମ୍ ଲାଇନ୍**

**ନୂଆଦିଲ୍ଲୀ, ୨୯।୫/ଏଜେନ୍ସି:**

ସୁପ୍ରିମକୋର୍ଟ ଦେଶର ସମସ୍ତ ହାଇକୋର୍ଟଗୁଡ଼ିକ ପାଇଁ ଶୁକ୍ରବାର ଏକ ବଡ଼ ଏବଂ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କରିଛନ୍ତି। ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀଙ୍କ ପୀଠ କହିଛନ୍ତି ଯେ, ରାୟ ପ୍ରକାଶ କରିବାରେ ବିଳମ୍ବ ହେଲେ ମାମଲା ଲଢୁଥିବା ଲୋକମାନଙ୍କର ଅପୂରଣୀୟ କ୍ଷତି ହୋଇଥାଏ। ତେଣୁ ଏହି ଗାଇଡ଼୍‌ଲାଇନ୍ ସାରା ଦେଶର ହାଇକୋର୍ଟଗୁଡ଼ିକ ପାଇଁ 'ବାଧ୍ୟତାମୂଳକ ନିର୍ଦ୍ଦେଶ' ଭାବେ କାମ କରିବ। ସମ୍ବିଧାନର ଧାରା ୧୪୨ର ସ୍ୱତନ୍ତ୍ର କ୍ଷମତା ବ୍ୟବହାର କରି ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଜୟମାଲ୍ୟ ବାଗ୍‌ଚୀଙ୍କ ପୀଠ ଏହି ଐତିହାସିକ ଗାଇଡ଼୍‌ଲାଇନ୍ ଦେଇଛନ୍ତି। ନୂଆ ନିୟମ ଅନୁସାରେ, ହାଇକୋର୍ଟଗୁଡ଼ିକ କୌଣସି ମାମଲାର ଶୁଣାଣି ଶେଷ କରି ରାୟ ▶▶ ୫

## ଆଇଏମ୍‌ଡିର ପୂର୍ବାନୁମାନ
# ଦେଶରେ ହେବ ସ୍ୱାଭାବିକଠୁ କମ୍ ମୌସୁମୀ ବର୍ଷା



**ଓଡ଼ିଶା ପାଇଁ ବି ସମାନ ଆକଳନ**

**ଭୁବନେଶ୍ୱର, ୨୯।୫/ଏନ୍ଏନ୍ଏସ୍:**

ଦେଶରେ ସ୍ୱାଭାବିକଠୁ କମ୍ ଅର୍ଥାତ୍ ୯୦ % ମୌସୁମୀ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ଆଇଏମଡି। ଓଡ଼ିଶାରେ ସାମାନ୍ୟ ଠାରୁ କମ୍ ବୃଷ୍ଟିପାତ ହେବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଏଥର ମୌସୁମୀରେ କମ୍ ହୋଇପାରେ ବର୍ଷାର ପରିମାଣ। ଦେଶରେ ସ୍ୱାଭାବିକଠାରୁ ୧୦ ▶▶ ୫

# ପ୍ଲାଷ୍ଟିକ୍ ନୋଟ୍ ଛାପିବ ଆର୍‌ବିଆଇ !

**ଆରମ୍ଭ ହେବ ପାଇଲଟ୍ ପ୍ରୋଜେକ୍ଟ**



**ନୂଆଦିଲ୍ଲୀ, ୨୯।୫/ଏଜେନ୍ସି:**

ଡିଜିଟାଲ୍ ପେମେଣ୍ଟ ବା ଅନଲାଇନ୍ କାରବାର ବୃଦ୍ଧି ପାଉଥିଲେ ମଧ୍ୟ ବଜାରରେ ନଗଦ ଟଙ୍କାର ଚାହିଦା କ୍ରମାଗତ ଭାବେ ବଢୁଛି। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏବେ ପଲିମର ବା ପ୍ଲାଷ୍ଟିକ୍ ବ୍ୟାଙ୍କ ନୋଟ୍ ପ୍ରଚଳନ ପାଇଁ ଏକ ପାଇଲଟ୍ ପ୍ରୋଜେକ୍ଟ (ପରୀକ୍ଷାମୂଳକ ଯୋଜନା) ଆରମ୍ଭ କରିବାକୁ ବିଚାର କରୁଛି। କାଗଜ ନୋଟ୍ ତୁଳନାରେ ଏହି ପ୍ଲାଷ୍ଟିକ୍ ନୋଟ୍ ଗୁଡ଼ିକ ଅଧିକ ଦିନ ତିଷ୍ଠିଥାଏ, ଏହାକୁ ବାରମ୍ବାର ବଦଳାଇବା ଖର୍ଚ୍ଚ କମ୍ ହୋଇଥାଏ ଏବଂ ଏହା ସହଜରେ ଚିରିଯାଏ ନାହିଁ ବା ମଇଳା ହୁଏନାହିଁ। ପ୍ରକାଶ, ଗତ କିଛି ବର୍ଷ ମଧ୍ୟରେ ନଗଦ ଟଙ୍କାର ଚାହିଦା ବହୁତ ବଢିଥିବାରୁ, ଆରବିଆଇ ଏହି ପଲିମର ନୋଟ୍ ଛାପିବା ଯୋଜନାକୁ ପୁଣି ଜୀବିତ କରିଛି। ପ୍ରକାଶ, ମେ ୧୫, ୨୦୨୬ ସୁଦ୍ଧା ବଜାରରେ ପ୍ରଚଳିତ ମୋଟ୍ ନଗଦ ଟଙ୍କା (ସିଆଇସି) ୧୧.୫% ବୃଦ୍ଧି ପାଇ ୪୨.୮୬ ଲକ୍ଷ କୋଟିରେ ପହଞ୍ଚିଛି, ଯାହା ଏକ ସର୍ବକାଳୀନ ରେକର୍ଡ। ସୂତ୍ର ଅନୁସାରେ, ପାଟନା ଏବଂ ମୁମ୍ବାଇରେ ଅନୁଷ୍ଠିତ କେନ୍ଦ୍ରୀୟ ବ୍ୟାଙ୍କର ଗତ ଦୁଇଟି ବୋର୍ଡ ବୈଠକରେ ଏହି ପ୍ଲାଷ୍ଟିକ୍ ▶▶ ୫



## ବାରଙ୍ଗ ଥାନାରେ ଥାର୍ଡ ଡିଗ୍ରୀ ଅଭିଯୋଗ

# ପୁଲିସ ବିରୁଦ୍ଧରେ ହତ୍ୟା ଉଦ୍ୟମ ମାମଲା ରୁଜୁ ଦାବି

**କଟକ,୨୯।୫/ଏନ୍ଏନ୍ଏସ୍:** ବାରଙ୍ଗ ଥାନାରେ ଜଣେ ଯୁବକଙ୍କ ଉପରେ ପୁଲିସର ଅମାନୁଷିକ ଥାର୍ଡ ଡିଗ୍ରୀ ଘଟଣାରେ ସିପିଡିଆରଏସ୍ ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। ଥାନା ଭିତରେ ପୁଲିସ ମାଡ଼ରେ ଗୁରୁତର ଭାବରେ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଯୁବକଙ୍କୁ ତାଙ୍କ ପରିବାର ବର୍ଗଙ୍କୁ ଦେଖିବାକୁ ଦିଆଯାଉନାହିଁ କିମ୍ବା ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ପରିବାରବର୍ଗଙ୍କୁ ଅବଗତ କରାଯାଉନାହିଁ ବୋଲି ଗଣ ମାଧ୍ୟମରେ ପ୍ରକାଶିତ ତଥ୍ୟ ସତ୍ୟ ହୋଇଥିଲେ ଅତ୍ୟନ୍ତ ସାଂଘାତିକ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଏହି ପରିସ୍ଥିତିରେ ଥାନା ଇନ୍ସପେକ୍ଟରଙ୍କ ସମେତ ସମସ୍ତ ଅଭିଯୁକ୍ତ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କ ବିରୁଦ୍ଧରେ ହତ୍ୟା ଉଦ୍ୟମ ଆସାମୀ ଭାବରେ ମାମଲା ରୁଜୁ କରିବା, ପୀଡ଼ିତ ଯୁବକଙ୍କ ଚିକିତ୍ସା ଖର୍ଚ୍ଚ ସରକାର ବହନ କରିବା ଓ ତାଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପାଇଁ ସିପିଡିଆର୍ଏସ୍ ପକ୍ଷରୁ ସରକାରଙ୍କ ନିକଟରେ ଦାବି କରାଯାଇଛି।

## ରେଭେନ୍ସା ବିଶ୍ୱବିଦ୍ୟାଳୟର ଯୁକ୍ତି ପରୀକ୍ଷା ଫଳ ପ୍ରକାଶ

# ପାସ୍‌ହାର ୯୧.୯୮ ପ୍ରତିଶତ



**କଟକ,୨୯।୫/ଏନ୍ଏନ୍ଏସ୍:** ରେଭେନ୍ସା ବିଶ୍ୱବିଦ୍ୟାଳୟର ଯୁକ୍ତି ପରୀକ୍ଷା ଫଳ ପ୍ରକାଶ ପାଇଛି। ଚଳିତ ବର୍ଷ ମୋଟ ପାସ ହାର ୯୧.୯୮ ପ୍ରତିଶତ ହୋଇଛି। କଳାରେ ପାସ ହାର ୯୦.୯୪%, ବିଜ୍ଞାନରେ ପାସ ହାର ୯୦.୬୦ %, ବାଣିଜ୍ୟରେ ୯୪.୨୫ ପ୍ରତିଶତ ଓ ପ୍ରଫେସନାଲ ପାଠ୍ୟକ୍ରମରେ ପାସ ହାର ୯୩.୯୬ ପ୍ରତିଶତ ରହିଛି। ଗତବର୍ଷ ଅପେକ୍ଷା ଚଳିତବର୍ଷ ଭଲ ରେଜଲ୍ଟ କରିଛି ରେଭେନ୍ସା ବିଶ୍ୱବିଦ୍ୟାଳୟ। ଗତବର୍ଷ ପାସହାର ଥିଲା ୮୪.୧୦ ପ୍ରତିଶତ ଥିବାବେଳେ ଚଳିତବର୍ଷ ୯୧.୯୮ ପ୍ରତିଶତ ରହିଛି। ଚଳିତବର୍ଷ ବେଷ୍ଟ ଗ୍ରାଜୁଏଟ ଭାବେ ତସାମୟୀ ମୁଦୁଲି ସିଜିପିଏ ୯.୭୫ ପ୍ରତିଶତ ରଖିଛନ୍ତି। ସେହିଭଳି ପ୍ରିୟଙ୍କା ସାହୁ ସିଜିପିଏ ୯.୫୫ ପ୍ରତିଶତ ରଖି ବେଷ୍ଟ ଗ୍ରାଜୁଏଟ ହୋଇଛନ୍ତି। କିଛି ପିଲାଙ୍କ ରେଜଲ୍ଟ ଉଇଥହେଲ୍ଡ ରହିଛି। କିନ୍ତୁ ସେମାନଙ୍କ ପରୀକ୍ଷା ଫଳ ତିନି ଦିନ ମଧ୍ୟରେ ପ୍ରକାଶ କରାଯିବ ବୋଲି ରେଭେନ୍ସା ବିଶ୍ୱବିଦ୍ୟାଳୟ କୁଳପତି ଅର୍କକୁମାର ଦାସ ମହାପାତ୍ର ସୂଚନା ଦେଇଛନ୍ତି।

## ଦିନସାରା ଉପାସରେ କୃଷ୍ଣାଶ୍ରମ ଅନ୍ତେବାସୀ

# ଅଧୀକ୍ଷକଙ୍କ ଅଫିସ୍ ଆଗରେ ଧାରଣା



**କଟକ,୨୯।୫/ଏନ୍ଏନ୍ଏସ୍:** ନୂଆବଜାରରେ ଥିବା ପ୍ରାୟ ଦେଢ଼ ଶହ ଅନ୍ତେବାସୀ ଆଜି ଦିନସାରା ଉପବାସରେ ଅଛନ୍ତି। କୁଷ୍ଠାଶ୍ରମ ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଥିବା ରୋଗୀଙ୍କୁ ତିନି ଓଳି ଖାଦ୍ୟ ଯୋଗଇ ଦେବାର ବ୍ୟବସ୍ଥା ରହିଛି। କଟକର ସ୍ୱରୂପା ମହାସଂଘ ନାମକ ଏକ ସ୍ୱୟଂ ସହାୟକ ଗୋଷ୍ଠୀ ଏହି ଅନ୍ତେବାସୀ ମାନଙ୍କୁ ଖାଦ୍ୟ ଯୋଗାଇ ଦେଇଥାଏ। ମାତ୍ର ଆଜିଠାରୁ ସ୍ୱୟଂ ସହାୟକ ଗୋଷ୍ଠୀ ଖାଦ୍ୟ ଯୋଗାଇବା ବନ୍ଦ କରିଦେଇଛି। ଫଳରେ ପ୍ରାୟ ଦେଢ଼ ଶହ ଅନ୍ତେବାସୀଙ୍କୁ ଆଜି ସକାଳୁ ଉପବାସରେ ରହିବାକୁ ପଡ଼ିଛି। ତୁରନ୍ତ ଖାଦ୍ୟ ଯୋଗାଣ ସ୍ୱାଭାବିକ କରିବା ଦାବିରେ ଅଧୀକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ଭୋକ ଉପାସରେ ଧାରଣାରେ ବସିଥିଲେ କୁଷ୍ଠାଶ୍ରମ ଅନ୍ତେବାସୀ। ସେପଟେ ଏଭଳି ଅଚଳାବସ୍ଥା ପାଇଁ ସ୍ୱରୂପା ମହାସଂଘ ହିନ୍ଦ କୁଷ୍ଠ ନିବାରଣ ସଂଘକୁ ଦାୟୀ କରିଛି। ବ୍ୟବସ୍ଥା ମୁତାବକ ହିନ୍ଦ କୁଷ୍ଠ ନିବାରଣ ସଂଘ ଖାଦ୍ୟ ଯୋଗାଇବା ବାବଦରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ଟଙ୍କା ଦେବା କଥା ଜନସ୍ୱାସ୍ଥ୍ୟ ବିଭାଗ ହିନ୍ଦ କୁଷ୍ଠ ନିବାରଣ ସଂଘକୁ ଆବଶ୍ୟକ ଅର୍ଥ ଦେବା କଥା। ମାତ୍ର ଗତ ଦେଢ଼ ବର୍ଷରୁ ଅଧିକ ସମୟରେ ହେବ ହିନ୍ଦ କୁଷ୍ଠ ନିବାରଣ ସଂଘ ଖାଦ୍ୟ ଯୋଗାଇବା ବାବଦରେ ସ୍ୱୟଂ ସହାୟକ ଗଗଷ୍ଠୀକୁ ଗୋଟିଏ ବି ଟଙ୍କା ଦେଇ ନାହିଁ। ମାତ୍ର ଅବସ୍ଥା ନିୟନ୍ତ୍ରଣ ବାହାରକୁ ଚାଲିଯିବାରୁ ଆଜି ଖାଦ୍ୟ ଯୋଗାଣ ବନ୍ଦ କରିବାକୁ ସ୍ୱୟଂ ସହାୟକା ଗୋଷ୍ଠୀ ବାଧ ହେଲା ବୋଲି କହିଛି। ତେବେ ଅପରାହ୍ନ ୪ଟାବେଳେ ଅନ୍ତେବାସୀଙ୍କୁ ଖାଦ୍ୟ ଯୋଗାଇ ଦିଆଯାଇଥିଲା।

## ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ

# ଭୋଟରଙ୍କ ପାଇଁ ସଚେତନତା ରଥ ଶୁଭାରମ୍ଭ




**କଟକ,୨୯।୫/ଏନ୍ଏନ୍ଏସ୍:** ଭାରତୀୟ ଗଣତନ୍ତ୍ରର ମୂଳଦୁଆ ହେଉଛି ନିର୍ବାଚନ ପ୍ରକ୍ରିୟା ଏବଂ ଏକ ନିର୍ଭୁଲ ତଥା ସଠିକ୍ ଭୋଟର ତାଲିକା ହିଁ ଏହି ପ୍ରକ୍ରିୟାର ମୁଖ୍ୟ ଆଧାର। ଏହି ଉଦ୍ଦେଶ୍ୟକୁ ସାକାର କରିବା ପାଇଁ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହାର ମୁଖ୍ୟ ଲକ୍ଷ୍ୟ ହେଉଛି ସମସ୍ତ ଯୋଗ୍ୟ ଭୋଟରଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରିବା ଏବଂ ଅନଧିକୃତ ପ୍ରବାସୀ ବା ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ତାଲିକାରୁ ବାଦ୍ ଦେବା। ଏହା ସହିତ ମୃତ ବ୍ୟକ୍ତି ଓ ନକଲି ନାମଗୁଡ଼ିକୁ ଚିହ୍ନଟ କରି ବାଦ୍ ଦିଆଯିବା ସହ ସ୍ଥାନାନ୍ତରିତ ମତଦାତାଙ୍କ ନାମ ସଂଶୋଧନ କରାଯିବ। ଆସନ୍ତା ୧ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ଯେଉଁମାନେ ୧୮ ବର୍ଷରେ ପଦାର୍ପଣ କରିଛନ୍ତି, ସେମାନେ ଭୋଟର ତାଲିକାରେ ନିଜର ନାମ ଦାଖଲ କରିପାରିବେ।

ଆଜି ଏକ ଗଣମାଧ୍ୟମ ସମ୍ମିଳନୀ ଜରିଆରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏହି ବିଶେଷ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ଜିଲ୍ଲାରେ ଯେପରି ଜଣେ ହେଲେ ବି ଯୋଗ୍ୟ ଭୋଟର ବାଦ୍ ପଡ଼ିବେ ନାହିଁ, ସେଥିପାଇଁ ପ୍ରଶାସନ ପକ୍ଷରୁ ସତର୍କତାର ସହ କାର୍ଯ୍ୟ କରାଯାଉଛି। ଜିଲ୍ଲାରେ ୩୦ ମେ ରୁ ୨୮ ଜୁନ୍ ୨୦୨୬ ପର୍ଯ୍ୟନ୍ତ ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍ଓ) ମାନେ ଘରକୁ ଘର ବୁଲି ଭୋଟରଙ୍କ ତଥ୍ୟ ସଂଗ୍ରହ ଓ ଯାଞ୍ଚ କରିବେ। ଏହି ସମୟରେ ବିଏଲ୍ଓମାନେ ପ୍ରତ୍ୟେକ ଭୋଟରଙ୍କୁ ପୂର୍ବରୁ ମୁଦ୍ରିତ ଗଣନା ଫର୍ମଗୁଡ଼ିକର ନକଲ ବଣ୍ଟନ କରିବେ ଏବଂ ଭୋଟରଙ୍କଠାରୁ ସେହି ପୂରଣ ହୋଇଥିବା ଫର୍ମର କପି ସଂଗ୍ରହ କରିବେ। ଗଣନା ପର୍ଯ୍ୟାୟ ସମୟରେ ଭୋଟରଙ୍କଠାରୁ କୌଣସି ପ୍ରମାଣପତ୍ର ବା ଦସ୍ତାବିଜ ସଂଗ୍ରହ କରାଯିବ ନାହିଁ। ଜିଲ୍ଲାର ସମସ୍ତ ୯ଟି ଯାକ ବିଧାନସଭା ନିର୍ବାଚନ ମଣ୍ଡଳୀର ବିଏଲ୍ଓମାନଙ୍କୁ ଗଣନା ଫର୍ମଗୁଡ଼ିକ ପ୍ରଦାନ କରାଯାଇସାରିଛି ଏବଂ ଆସନ୍ତାକାଲିଠାରୁ ସେମାନେ ଘରକୁ ଘର ଯାଇ ଏହା ବଣ୍ଟନ କରିବେ। ଜିଲ୍ଲାର ସମସ୍ତ ମତଦାତା ବୁଥ୍‌ସ୍ତରୀୟ ଅଧିକାରୀମାନଙ୍କୁ ସଠିକ୍ ତଥ୍ୟ ପ୍ରଦାନ କରି ଏହି ଗୁରୁତ୍ୱପୂର୍ଣ୍ଣ ଗଣତାନ୍ତ୍ରିକ ପ୍ରକ୍ରିୟାରେ ସହଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଭୋଟରମାନଙ୍କୁ ସଚେତନ କରିବା ପାଇଁ ଆଜି ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ, ଡେପୁଟି କଲେକ୍ଟର (ନିର୍ବାଚନ) ଅମ୍ଳାନ ଅପରାଜିତା ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆଜି ଗଣମାଧ୍ୟମ ପର୍ଯ୍ୟବେକ୍ଷଣ କେନ୍ଦ୍ର ମଧ୍ୟ ଉଦ୍‌ଘାଟିତ ହୋଇଯାଇଛି।

# ୧ରୁ ରାଷ୍ଟ୍ରୀୟ ଯୁବା ସଂଗଠନର ରାଷ୍ଟ୍ରୀୟ ଶିବିର




**କଟକ,୨୯।୫/ଏନ୍ଏନ୍ଏସ୍:** ଗାନ୍ଧୀ-ବିନୋବା-ଜୟପ୍ରକାଶ ନାରାୟଣଙ୍କ ସର୍ବୋଦୟ ଓ ସମ୍ପୂର୍ଣ୍ଣ କ୍ରାନ୍ତି ବିଚାରଧାରାର ଯୁବ ବାହିନୀ 'ରାଷ୍ଟ୍ରୀୟ ଯୁବ ସଂଗଠନ'ର ୩୦ତମ ରାଷ୍ଟ୍ରୀୟ ପ୍ରଶିକ୍ଷଣ ଶିବିର ଆସନ୍ତା ୧ ଜୁନରୁ ୭ ଜୁନ ପର୍ଯ୍ୟନ୍ତ କଟକ ମିଶନ ରୋଡ୍ ସ୍ଥିତ ନିଉ ଷ୍ଟୁଆର୍ଟ ସ୍କୁଲ ପରିସରରେ ଅନୁଷ୍ଠିତ ହେବ। ଏହି ଶିବିରର ଆଲୋଚ୍ୟ ବିଷୟ ରହିଛି 'ଆମେ ଧରିତ୍ରୀ ମାଆର ପିଲା ଅଥବା ଧରିତ୍ରୀର ଲୁଟେରା ଡାକୁ..?'। ଦେଶର ବିଭିନ୍ନ ରାଜ୍ୟରୁ ଏହି ଶିବିରରେ ଯୋଗ ଦେଉଥିବା ଯୁବ ଛାତ୍ରମାନଙ୍କୁ ସାତଦିନ ଧରି ପ୍ରଶିକ୍ଷଣ ଦେବା ପାଇଁ ଆନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଗାନ୍ଧୀବାଦୀ ତଥା ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଷ୍ଟ୍ରୀୟ ଅଧ୍ୟକ୍ଷ କୁମାର ପ୍ରଶାନ୍ତ, ମୁମ୍ବାଇର ଗାନ୍ଧୀବାଦୀ ଅର୍ଥନୀତିଜ୍ଞ ପ୍ରେରଣା ଦେଶାଇ, ଇନ୍ଦୋରର ସାମ୍ପ୍ରଦାୟିକ ସଦ୍ଭାବ କର୍ମୀ ସୁଶ୍ରୀ ରୂପଲ, ମହାତ୍ମା ଗାନ୍ଧୀଙ୍କ ସେବାଗ୍ରାମ ଆଶ୍ରମର ଟ୍ରଷ୍ଟି ପ୍ରଶାନ୍ତ ନାଗୋଷେ, ମହାରାଷ୍ଟ୍ରର ଯୁବ ସର୍ବୋଦୟ ନେତା ମନୋଜ ଠାକରେ ତଥା ଅନ୍ୟ ଅନେକ କର୍ମକର୍ତ୍ତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ଏହି ଶିବିରର ଉଦ୍‌ଘାଟନୀ ଉତ୍ସବରେ 'ନର୍ମଦା ବଞ୍ଚାଓ ଆନ୍ଦୋଳନ'ର ନେତ୍ରୀ ତଥା ବିଶିଷ୍ଟ ପରିବେଶବିତ୍ ମେଧା ପାଟକର ଯୋଗଦେବେ। ଆସନ୍ତା ଜୁନ୍ ୧ ତାରିଖ ସକାଳେ ସେ ସ୍କୁଲ ପରିସରରେ ଏହି ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିବେ। ତାଙ୍କ ସହିତ ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରା ତଥା ଓଡ଼ିଶାରେ ପରିବେଶ ସୁରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ଅନ୍ୟାନ୍ୟ କର୍ମୀମାନେ ଯୋଗଦେବେ ବୋଲି ସ୍ଥାନୀୟ ଗାନ୍ଧୀ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ସାମ୍ବାଦିକ ସମ୍ମିଳନୀରେ ସଂଗଠନର ରାଷ୍ଟ୍ରୀୟ ସଂଯୋଜନ ସମିତି ସଦସ୍ୟ ସୂର୍ଯ୍ୟ ନାରାୟଣ ନାଥ, ଅନିରୁଦ୍ଧ ନାୟକ, ସାଗର ଦାସ, ଫୁଲ୍ଲଲତା ସେଠୀ, ମୈତ୍ରେୟ ରାୟ ଏବଂ କିଶୋର ଶତପଥୀ ପ୍ରମୁଖ ଉପସ୍ଥିତ ରହି ଏହି ସୂଚନା ପ୍ରଦାନ କରିଛନ୍ତି। ଏହି ଜାତୀୟ ଶିବିରକୁ ସଫଳ କରିବା ନିମନ୍ତେ ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଉତ୍କଳ ସର୍ବୋଦୟ ମଣ୍ଡଳ, କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକ ଟ୍ରଷ୍ଟ ଏବଂ ବାଜି ରାଉତ ଛାତ୍ରାବାସ ପ୍ରମୁଖ ସର୍ବୋଦୟ ବିଚାରର ବିଭିନ୍ନ ସଂଗଠନ ପକ୍ଷରୁ ସମ୍ପୂର୍ଣ୍ଣ ସହଯୋଗ ପ୍ରଦାନ କରାଯାଉଛି।

# ଶୃଙ୍ଖଳା ଭଙ୍ଗ ଅଭିଯୋଗରେ ୩ ରାଜସ୍ୱ ନିରୀକ୍ଷକ ନିଲମ୍ବିତ

**କଟକ,୨୯।୫/ଏନ୍ଏନ୍ଏସ୍:** ରାଜସ୍ୱ କାର୍ଯ୍ୟରେ ଅବହେଳା, ବିଶେଷକରି କଲମ-୨ ସଂଶୋଧନ କାର୍ଯ୍ୟରେ ଗୁରୁତର ଅବହେଳା ଅଭିଯୋଗରେ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ୩ ଜଣ ରାଜସ୍ୱ ନିରୀକ୍ଷକ (ଆରଆଇ)ଙ୍କୁ ନିଲମ୍ବନ କରିଛନ୍ତି। କଟକ ସଦର ତହସିଲ ଅନ୍ତର୍ଗତ ଗତିରାଉତପାଟଣା ଆରଆଇ ସର୍କଲ୍‌ର ଆର୍ଆଇ ସୁଚନ୍ଦ୍ର ମହାନ୍ତି ,ବଡ଼ମ୍ବା ତହସିଲ ଅନ୍ତର୍ଗତ ଯୋଡାମ୍ବ ଆର୍ଆଇ ସର୍କଲର ଆର୍ଆଇ ଅନୁରାଧା ସାହୁ ଏବଂ ଟାଙ୍ଗୀ -ଚୌଦ୍ୱାର ତହସିଲ ଅନ୍ତର୍ଗତ ଜଗନ୍ନାଥପୁର ଆର୍ଆଇ ସର୍କଲର ଦାୟିତ୍ୱରେ ଥିବା ରେଭେନ୍ୟୁ ସୁପରଭାଇଜର ଶୁଭଶ୍ରୀ ଶୁଭସ୍ମିତା ମହାନ୍ତିଙ୍କୁ ନିଲମ୍ବନ କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ଆଦେଶ ଅନୁଯାୟୀ, ଓଡ଼ିଶା ସିଭିଲ ସର୍ଭିସ ନିୟମାବଳୀ, ୧୯୬୨ର ନିୟମ-୧୨ ଅନୁସାରେ ଏହି ନିଲମ୍ବନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ନିଲମ୍ବନ ଅବଧି ମଧ୍ୟରେ ନିଲମ୍ବିତ ଅଧିକାରୀମାନେ ନିର୍ଦ୍ଧାରିତ କରାଯାଇଥିବା ମୁଖ୍ୟାଳୟରେ କ୍ଷମତାପ୍ରାପ୍ତ କର୍ତ୍ତୃପକ୍ଷଙ୍କ ପୂର୍ବ ଅନୁମତି ବିନାରେ ମୁଖ୍ୟାଳୟ ଛାଡ଼ିପାରିବେ ନାହିଁ। ଓଡ଼ିଶା ସର୍ଭିସ୍ କୋଡ୍, ନିୟମ - ୯୦ ଅନୁଯାୟୀ ନିଲମ୍ବନ ସମୟରେ ତାଙ୍କୁ ନିର୍ଦ୍ଧାରିତ ଦରମା ପ୍ରଦାନ କରାଯିବ। ଏ ସମ୍ବନ୍ଧରେ ବିଭାଗୀୟ ପଦକ୍ଷେପ ପ୍ରକ୍ରିୟାକୁ ଆସନ୍ତା ୬ ମାସ ମଧ୍ୟରେ ସମାପ୍ତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ଗ୍ରୀଷ୍ମକାଳୀନ ସ୍ୱତନ୍ତ୍ର ମେଗା ରକ୍ତଦାନ ଶିବିର




**କଟକ,୨୯।୫/ଏନ୍ଏନ୍ଏସ୍:** ଓଡ଼ିଶା କମ୍ପ୍ୟୁଟର ଏକାଡେମୀ ରୁବି ପ୍ଲାଜା ଅରୁଣଦେଓ ମାର୍କେଟ କଟକଙ୍କ ତରଫରୁ ଏକ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏସସିବି ରକ୍ତ ଭଣ୍ଡାର ଓ ଓଡ଼ିଶା କମ୍ପ୍ୟୁଟର ଏକାଡେମୀର ମିଳିତ ଉଦ୍ୟମରେ ଆୟୋଜିତ ଏହି ରକ୍ତଦାନ ଶିବିରରେ ଡା. ଚିନ୍ମୟ ରଞ୍ଜନ ସ୍ୱାଇଁ, ରାମଚନ୍ଦ୍ର ଖଟୁଆ, ଏସ. ସାହୁ, ବି .ଘୋଷ , ବି. ବାରିକ ଓ ଏମ ମୁର୍ମୁଙ୍କ ନେତୃତ୍ୱରେ ମୋଟ ୧୨୫ ୟୁନିଟରୁ ଅଧିକ ରକ୍ତ ସଂଗ୍ରହ ହୋଇଥିଲା। ଉକ୍ତ ଶିବିରକୁ ଓସିଏର ସ୍ୱର୍ଣ୍ଣଲକ୍ଷ୍ମୀ ପ୍ରଧାନ, ଚିନ୍ମୟୀ ଦେବତା, ଅରବିନ୍ଦ ମୁଦୁଲି, ବିଜରା ମହାନ୍ତି, ରାଜେଶ କୁମାର ସାହୁ, ଧୃତିରଂଜନ ମହାନ୍ତି, ଯମୁନା ସାହୁ, ଶୁଭ୍ରାଂଶୁ ଶେଖର ଦାସ, ବିଶ୍ୱଭୂଷଣ ସାହୁ, ବିସ୍ମୟ କୁମାର ନାୟକ, ଆନାଲିସା ନାୟକ, ବୈଶାଳୀ ସରକାର ଓ ମାନସ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।

# କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**କଟକ,୨୯।୫/ଏନ୍ଏନ୍ଏସ୍:** ମୋକିମ୍ ଫାଉଣ୍ଡେସନ୍ ଆନୁକୂଲ୍ୟରେ କଟକ ସହରରେ ଏକ ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କଟକ ଜିଲ୍ଲାର ଶ୍ରେଷ୍ଠ ୧୦ ଜଣ ଏବଂ ଏ-୧ ଗ୍ରେଡ୍ ଅର୍ଜନ କରିଥିବା ମେଧାବୀ ଛାତ୍ରଛାତ୍ରୀମାନଙ୍କୁ 'ଏକାଡେମୀ ଷ୍ଟାର୍ ଅଫ୍ ଦ ଇଆର – ୨୦୨୬' ଭାବେ ସମ୍ବର୍ଦ୍ଧିତ କରାଯାଇଛି। ସମସ୍ତ କୃତୀ ଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏହି ଅବସରରେ ସ୍ୱତନ୍ତ୍ର ପୁରସ୍କାର ଓ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଏହି ସମାରୋହରେ ପୂର୍ବତନ ଭାରତୀୟ ପ୍ରଶାସନିକ ଅଧିକାରୀ ଦେବଦାସ ଛୋଟରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଆନ୍ତରିକ ଅଭିନନ୍ଦନ ଜଣାଇଥିଲେ। ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ୧୩ ତମ ସ୍ଥାନ ହାସଲ କରିଥିବା କାଠଗଡ଼ା ସାହିର ମେଧାବୀ ଛାତ୍ରୀ ବିଦୁସ୍ମିତା ସାହୁଙ୍କୁ ଫାଉଣ୍ଡେସନ ପକ୍ଷରୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବାରବାଟୀ-କଟକ ବିଧାୟିକା ତଥା ଫାଉଣ୍ଡେସନର ଟ୍ରଷ୍ଟି ସୋଫିଆ ଫିରଦୋଷ ଏହି ଅବସରରେ ବିଦୁସ୍ମିତାଙ୍କ ଭୂୟସୀ ପ୍ରଶଂସା କରିଥିଲେ। ଉତ୍ସବରେ କଟକ ସହରର ବିଶିଷ୍ଟ ନାରୀନେତ୍ରୀ ଗିରିବାଳା ବେହେରା, ପ୍ରତିଷ୍ଠିତ ଶିକ୍ଷାବିତ ସେକ କଲିମ୍ ଉଲ୍ଲା ଓ ପୂର୍ବତନ ପ୍ରଫେସର ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ମୋକିମ ଫାଉଣ୍ଡେସନର ପ୍ରତିଷ୍ଠାତା ପୂର୍ବତନ ବିଧାୟକ ମହମ୍ମଦ ମୋକିମ ଉପସ୍ଥିତ ସମସ୍ତ ଶିକ୍ଷାର୍ଥୀ ଏବଂ ସେମାନଙ୍କ ପରିବାରବର୍ଗଙ୍କୁ ଏହି ଗୌରବମୟ ସଫଳତା ପାଇଁ ସାଧୁବାଦ ଜଣାଇଥିଲେ। ମୋକିମ ଫାଉଣ୍ଡେସନର କାର୍ଯ୍ୟନିର୍ବାହୀ ଅଧିକାରୀ ସତ୍ୟ ରଞ୍ଜନ କର ଧନ୍ୟବାଦ ଦେଇଥିବା ବେଳେ ପ୍ରଶମିତ କାନୁନଗୋ ସଫଳତାର ସହ ମଞ୍ଚ ପରିଚାଳନା କରିଥିଲେ। ସଞ୍ଜୟ କୁମାର ସହଯୋଗ କରିଥିଲେ।

# ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ପରିଷଦ ବୈଠକ ଶୁଭାରମ୍ଭ

**ଭୁବନେଶ୍ୱର,୨୯।୫/ଏନ୍ଏନ୍ଏସ୍:** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର ତିନିଦିନିଆ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ପରିଷଦ ବୈଠକ ସ୍ଥାନୀୟ ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଯାଇଛି। ଏହି ଅବସରରେ ଏବିଭିପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ଅଧ୍ୟାପକ ରଘୁରାଜ କିଶୋର ତିୱାରୀ, ରାଷ୍ଟ୍ରୀୟ ମହାମନ୍ତ୍ରୀ ଡଃ ବୀରେନ୍ଦ୍ର ସିଂହ ସୋଲଙ୍କି ଏବଂ ରାଷ୍ଟ୍ରୀୟ ସଂଗଠନ ମନ୍ତ୍ରୀ ଆଶିଷ ଚୌହାନ ପ୍ରଦୀପ ପ୍ରଜ୍ୱଳନ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଭାରତୀୟ ଭାଷାର ସୁଦୃଢ଼ୀକରଣ ଓ ଭାଷାଗତ ବିବିଧତାର ସୁରକ୍ଷା ପାଇଁ ତ୍ରିଭାଷା ନୀତି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଡଃ ସୋଲଙ୍କି ପ୍ରକାଶ କରିଛନ୍ତି। ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ପ୍ରତିନିଧିମାନଙ୍କୁ ଓଡ଼ିଶାର ପାରମ୍ପରିକ ବାଦ୍ୟଯନ୍ତ୍ର ଢୋଲ ବଜାଇ ସ୍ୱାଗତ କରାଯାଇଥିଲା। ଏହି ବୈଠକରେ ଶିକ୍ଷା ବ୍ୟବସ୍ଥା, ଯୁବଶକ୍ତିର ଭୂମିକା, ରାଷ୍ଟ୍ରୀୟ ସୁରକ୍ଷା, ସାମାଜିକ-ଆର୍ଥିକ ସ୍ଥିତି ଓ ସମସାମୟିକ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରାଯାଇଛି। ଏହା ସହିତ ସଂଗଠନର ଆଗାମୀ ବର୍ଷର କାର୍ଯ୍ୟଯୋଜନା, ଛାତ୍ରସଂସଦ ନିର୍ବାଚନ, କ୍ୟାମ୍ପସ ଶାଖା ଗଠନ, ରାଷ୍ଟ୍ରୀୟ ଅଧିବେଶନ ୨୦୨୬, ମହିଳା ସୁରକ୍ଷା ଏବଂ ସହରୀ ନକ୍ସଲବାଦ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା କରାଯିବା ସହ ସଂପୃକ୍ତ ପ୍ରସ୍ତାବମାନ ପାରିତ ହେବାର କାର୍ଯ୍ୟକ୍ରମ ରହିଛି।

## ୩୧ତମ ସବ୍-ଜୁନିୟର୍ ଜାତୀୟ ବେସ୍‌ବଲ୍ ଚାମ୍ପିଅନ୍‌ଶିପ୍ ଉଦ୍‌ଯାପିତ

# ଛତିଶଗଡ଼ ବାଳକ, ମହାରାଷ୍ଟ୍ର ବାଳିକା ଚାମ୍ପିଅନ୍





**ଭୁବନେଶ୍ୱର,୨୯।୫/ଏନ୍ଏନ୍ଏସ୍:** ସ୍ଥାନୀୟ କଟ୍/କିସ୍ ୟୁନିଭର୍ସିଟି ପଡ଼ିଆରେ ଛଅଦିନ ଚାଲିଥିବା ୩୧ତମ ସବ୍-ଜୁନିୟର୍ ଜାତୀୟ ବେସ୍‌ବଲ୍ ଚାମ୍ପିଅନ୍‌ଶିପ୍ ସଫଳତାର ସହ ଶେଷ ହୋଇଛି। ଭାରତୀୟ ଆମେଚର୍ ବେସ୍‌ବଲ୍ ମହାସଂଘ (ଏବିଏଫ୍ଆଇ) ସହାୟତାରେ ଏବଂ ଓଡ଼ିଶା ବେସ୍‌ବଲ୍ ସଂଘ (ବିଏଓ) ପକ୍ଷରୁ ଆୟୋଜିତ ଚାମ୍ପିଅନ୍‌ଶିପ୍‌ରେ ଛତିଶଗଡ଼ ବାଳକ ବିଭାଗ ଏବଂ ମହାରାଷ୍ଟ୍ର ବାଳିକା ବିଭାଗ ଚାମ୍ପିଅନ୍ ହୋଇଛନ୍ତି। ବାଳକ ବିଭାଗରେ ମହାରାଷ୍ଟ୍ର ରନର୍ସଅପ୍ ଏବଂ ପଞ୍ଜାବ ତୃତୀୟ ହୋଇଥିବା ବେଳେ ଛତିଶଗଡ଼ ବାଳିକା ବିଭାଗ ରନର୍ସଅପ୍ ଏବଂ ଓଡ଼ିଶା ତୃତୀୟ ସ୍ଥାନରେ ରହିଛି।

ବାଳକ ବିଭାଗରେ ଚନ୍ଦ୍ରେଶ (ଛତିଶଗଡ଼) ଶ୍ରେଷ୍ଠ ଅଲ୍‌ରାଉଣ୍ଡର, ଯଶ୍ ଶିନ୍ଦେ (ଛତିଶଗଡ଼) ଶ୍ରେଷ୍ଠ ପିଚର୍, ମୋହିତ (ଦିଲ୍ଲୀ) ଶ୍ରେଷ୍ଠ ବ୍ୟାଟର୍, କରମ ବୀର (ପଞ୍ଜାବ) ଶ୍ରେଷ୍ଠ କ୍ୟାଚ୍‌ର, ସୂରଜ ହାଁସଦା (ଓଡ଼ିଶା) ଶ୍ରେଷ୍ଠ ରନର୍ ଏବଂ ଛତିଶଗଡ଼ ଶ୍ରେଷ୍ଠ ଶୃଙ୍ଖଳିତ ଟିମ୍ ଭାବେ ପୁରସ୍କୃତ ହୋଇଥିଲେ। ସେହିପରି ବାଳିକା ବିଭାଗରେ ଆସ୍‌ମି (ମହାରାଷ୍ଟ୍ର) ଶ୍ରେଷ୍ଠ ଅଲ୍‌ରାଉଣ୍ଡର୍, ପଦ୍ମି (ଆନ୍ଧ୍ରପ୍ରଦେଶ) ଶ୍ରେଷ୍ଠ ପିଚର୍, ଆର୍ଯ୍ୟା (ଓଡ଼ିଶା) ଶ୍ରେଷ୍ଠ ବ୍ୟାଟର୍, ଆର୍ଯ୍ୟା ଚୌହାନ (ମହାରାଷ୍ଟ୍ର) ଶ୍ରେଷ୍ଠ କ୍ୟାଚ୍‌ର, ଭାଗ୍ୟଶ୍ରୀ ମାଝୀ (ଓଡ଼ିଶା) ଶ୍ରେଷ୍ଠ ରନର୍ ଏବଂ ଓଡ଼ିଶା ଶ୍ରେଷ୍ଠ ଶୃଙ୍ଖଳିତ ଟିମ୍ ପୁରସ୍କାର ପାଇଥିଲେ। ଆଜି ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ହକି ଇଣ୍ଡିଆ ସଭାପତି ପଦ୍ମଶ୍ରୀ ଦିଲୀପ୍ ତିର୍କୀ, ଓଡ଼ିଶା ଅଲିମ୍ପିକ୍ ସଂଘ ସଭାପତି ସମୀର ମହାନ୍ତି, ଓଡ଼ିଶା ବେସ୍‌ବଲ୍ ସଂଘ ଅଧ୍ୟକ୍ଷ ନିରଞ୍ଜନ ପଟ୍ଟନାୟକ, ସଭାପତି ଡ. ପ୍ରବୋଧ ମହାନ୍ତି, ଭାରତୀୟ ଆମେଚର ବେସ୍‌ବଲ୍ ମହାସଂଘ ସଭାପତି ପଙ୍କଜ ଲୋଚନ ମହାନ୍ତି, ସାଧାରଣ ସମ୍ପାଦକ ଅରବିନ୍ଦ କୁମାର ଏବଂ ଓଡ଼ିଶା ବେସ୍‌ବଲ୍ ସଂଘ ସମ୍ପାଦକ ଶିବାନନ୍ଦ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଓଡ଼ିଶା ସଂଘ ସଭାପତି ଡ. ପ୍ରବୋଧ ମହାନ୍ତି ସଫଳତାର ସହିତ ଚାମ୍ପିଅନ୍‌ଶିପ୍ ସମ୍ପନ୍ନ କରାଇଥିବାରୁ ଏବିଏଫ୍ଆଇ ଏବଂ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ସହିତ ୟୁନିଭର୍ସିଟିର ପୂରା କ୍ରୀଡ଼ା ବିଭାଗକୁ ନିଜ କୃତଜ୍ଞତା ଜଣାଇଥିଲେ। ବିଏଓ ଅଧ୍ୟକ୍ଷ ନିରଞ୍ଜନ ପଟ୍ଟନାୟକ ପ୍ରତିଯୋଗୀ ଟିମ୍‌ଗୁଡ଼ିକୁ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ଭାରତରେ ବେସ୍‌ବଲ୍‌ର ବିକାଶ ଓ ପ୍ରୋତ୍ସାହନରେ ଯୋଗଦାନ ପାଇଁ ଏବିଏଫ୍ଆଇ ସଭାପତି ଶ୍ରୀ ମହାନ୍ତିଙ୍କୁ ଆମେରିକାର ଡାଏମଣ୍ଡ ଡ୍ରିମ୍ସ ଏକାଡେମୀର ସିଇଓ ଦିପେଶ ସୋଲାଙ୍କି ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହିତ ଓଡ଼ିଶାର ସମସ୍ତ ପୂର୍ବତନ ଖେଳାଳିଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

# ଏସ୍. ଏସ୍. ଡ୍ୟାନ୍ସ ଏବଂ ଫିଟ୍‌ନେସ୍ ପକ୍ଷରୁ ଜଳଛତ୍ର




**ଭୁବନେଶ୍ୱର,୨୯।୫/ଏନ୍ଏନ୍ଏସ୍:** ରାଜଧାନୀରେ ଜାରି ରହିଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳିରୁ ପଥିକମାନଙ୍କୁ ଆଶ୍ୱସ୍ତି ଦେବା ପାଇଁ ଏସ୍ ଏସ୍ ନୃତ୍ୟ ଏବଂ ଫିଟ୍‌ନେସ୍ ଗ୍ରୁପ୍ ପକ୍ଷରୁ ଏକ ଜଳଛତ୍ର କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୯ ବର୍ଷ ଧରି ନିରନ୍ତର ଭାବେ ସମାଜ ମଙ୍ଗଳ ପାଇଁ ଏହି ସେବା କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଥିବା ବେଳେ ଚଳିତ ବର୍ଷ ମଧ୍ୟ ଏଥିରେ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଗ୍ରୀଷ୍ମଋତୁର ଏହି ସନ୍ତାପକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପ୍ରାୟ ୫ ହଜାର ପଥିକ ଓ ସ୍ଥାନୀୟ ଲୋକଙ୍କ ପାଇଁ ସୁସ୍ୱାଦୁ ଦହିପାଣି ଏବଂ ଶୀତଳ ପାନୀୟ ଜଳର ସୁବନ୍ଦୋବସ୍ତ କରାଯାଇଥିବା ନେଇ ଅନୁଷ୍ଠାନର ସଦସ୍ୟ ତାପସ ମହାପାତ୍ର ସୂଚନା ଦେଇଛନ୍ତି। ଏହି ମହତ୍ କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ତଥା ନୃତ୍ୟ ନିର୍ଦ୍ଦେଶିକା ରୀତା ମହାପାତ୍ର ଏବଂ ଗୋଷ୍ଠୀର ସମସ୍ତ ସଦସ୍ୟ ଉପସ୍ଥିତ ରହି ଜଳସେବା କରିଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଏବଂ ଲୋକମାନଙ୍କୁ ପାନୀୟ ଜଳ ବଣ୍ଟନ କରିବାରେ ସୁମନ, ଅଜୟ, ଲିକୁ, ବଳରାମ, ଭାବିକା, ପ୍ରଦୀପ ସାର, ସୋନା, ନିଙ୍କି, ଅନିଶା, ଟନିଶା, ଖୁସି, ମିତାଲି ଓ ଟିକିନି ପ୍ରମୁଖ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ। ସହରର ବ୍ୟସ୍ତବହୁଳ ରାସ୍ତାରେ ଯାତାୟାତ କରୁଥିବା ଶୋଷିଲା ଲୋକଙ୍କୁ ଦହିପାଣି ବଣ୍ଟନ କରାଯାଇ ଅନୁଷ୍ଠାନ ପକ୍ଷରୁ ସେବା ମନୋଭାବର ଏକ ଅନନ୍ୟ ଉଦାହରଣ ସୃଷ୍ଟି କରାଯାଇଛି।

ନିତିଦିନ NITIDIN



# ୩୦ ବର୍ଷ ଶାସନ ପାଇଁ ବିଜେପିର 'ବ୍ଲୁ ପ୍ରିଣ୍ଟ'

**ଭୁବନେଶ୍ୱର,୨୯।୫/ଏନ୍‌ଏନ୍‌ଏସ୍:** ଓଡ଼ିଶାରେ ବିଜେପି ୩୦ ବର୍ଷ ଶାସନ କରିବା ପାଇଁ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିଛି । ଏଭଳି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଦଳର ରାଷ୍ଟ୍ରୀୟ ସମ୍ପାଦକ ଅରୁଣ ସିଂହ । ଶୁକ୍ରବାର ଗଣମାଧ୍ୟମକୁ ଶ୍ରୀ ସିଂହ କହିଛନ୍ତି ଯେ, ଚବିଶ ବର୍ଷର ବିଜେଡି ଶାସନକୁ ପଛରେ ପକାଇ ବିଜେପି ପ୍ରଥମ କରି ରାଜ୍ୟ ଶାସନର ବାଗ୍ ଡୋରକୁ ଧରିଥିଲା । ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ନୂଆ ସରକାର ଗଢ଼ାଯାଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଗୃହମନ୍ତ୍ରୀ ଅମିତ ଶାହ ଓ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତରେ ୧୨ ଜୁନ ୨୦୨୪ରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ



## ବିଜେପିର ଏହି ଗର୍ବ ବେଶୀ ଦିନ ରହିବନି: ବିଜେଡି

ଶ୍ରୀ ମାଝୀ । ଆଉ ଦୁଇ ସପ୍ତାହର କମ୍ ଅବଧି ପରେ ଅର୍ଥାତ ଜୁନ ୧୨ରେ ଓଡ଼ିଶାରେ ବିଜେପି ସରକାରକୁ ଦୁଇବର୍ଷ ପୂରିବ ।

ଶ୍ରୀ ସିଂହ କହିଛନ୍ତି ଯେ, ଦୁଇ ବର୍ଷର ଅନେକ ଉପଲବ୍ଧି ରହିଛି । ଅନେକ ଭଲ ଯୋଜନା କାର୍ଯ୍ୟକାରୀ ହୋଇଛି । ରାଜ୍ୟ ସରକାର ଭଲ କାମ କରୁଛନ୍ତି । ରାଜ୍ୟର ତୃଣମୂଳ ସ୍ତରରେ ଲୋକେ ଯୋଜନାର ସୁଫଳ ପାଉଛନ୍ତି । ଏହାକୁ ନେଇ ବିଜେପି ପାଳନ କରିବ ବିଜୟ ଉତ୍ସବ । ଏହି ଖୁସି ମୁହୂର୍ତ୍ତରେ ଆୟୋଜିତ ସମାରୋହରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ କୌଣସି ଦିନ ଆସି ଏଥିରେ ସାମିଲ ହେବେ । ଉକ୍ତ ସମାରୋହରେ ଦୁଇ ନୂଆ ଯୋଜନା ସହ ରାଜ୍ୟରେ ବିଜେପି ୩୦ ବର୍ଷ ଶାସନ କରିବା ପାଇଁ ପ୍ରସ୍ତୁତ କରିଥିବା ବ୍ଲୁ ପ୍ରିଣ୍ଟ ଘୋଷଣା ହେବ ବୋଲି ସେ ସ୍ପଷ୍ଟ କରିଛନ୍ତି । ଅନ୍ୟପକ୍ଷରେ ବିଜେଡିର ମୁଖପାତ୍ର ଲେନିନ ମହାନ୍ତି କହିଛନ୍ତି ଯେ, ବିଜେପିର ଏହି ଗର୍ବ ବେଶୀ ଦିନ ରହିବ ନାହିଁ । କିଛି କାମ ହେଉନାହିଁ । କେବଳ ରଙ୍ଗମରା ସରକାର । ପ୍ରଚାର ବେଶୀ, କାମ ଶୂନ । ତେଣୁ ଲୋକେ ଆଗାମୀ ନିର୍ବାଚନରେ ସଠିକ୍ ଉତ୍ତର ଦେଇଦେବେ ବୋଲି ପ୍ରକାଶ କରିଛନ୍ତି ।

### ଓଡ଼ିଶାରେ ପ୍ରତିଷ୍ଠା ହେବ ସେମିକଣ୍ଡକ୍ଟର ପ୍ୟାକେଜିଂ ପ୍ଲାଣ୍ଟ

# ଇଣ୍ଟେଲ୍ ଓ ୩ଡିଜିଏସ୍ ସହ ଏମ୍‌ଓୟୁ ସ୍ୱାକ୍ଷରିତ

**ଭୁବନେଶ୍ୱର,୨୯।୫/ଏନ୍‌ଏନ୍‌ଏସ୍:** ଓଡ଼ିଶା ଶିଳ୍ପ ଜଗତ ପାଇଁ ଏକ ଅପୂର୍ବ ସଫଳତା । ରାଜ୍ୟରେ ଏକ ଅତ୍ୟାଧୁନିକ ସେମିକଣ୍ଡକ୍ଟର ମାନୁଫ୍ୟାକ୍ଚରିଂ ଇକୋସିଷ୍ଟମ ଗଠନ ଦିଗରେ ଏକ ଐତିହାସିକ ପଦକ୍ଷେପ ନିଆ ଯାଇଛି । ଓଡ଼ିଶାରେ ଏକ ଉନ୍ନତ ପ୍ୟାକେଜିଂ ଗ୍ଲାସ୍ କୋର୍ ସବଷ୍ଟ୍ରେଟ୍ ଉତ୍ପାଦନ ୟୁନିଟ୍ ପ୍ରତିଷ୍ଠା ପାଇଁ ଏକ ଢାଞ୍ଚା ସ୍ଥାପନ କରିବା ଲାଗି ଓଡ଼ିଶା ସରକାର, ଇଣ୍ଟେଲ୍ କର୍ପୋରେସନ୍ ଏବଂ ୩ଡିଜିଏସ୍, ୟୁଏସଏ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି । ଏହି ପ୍ରକଳ୍ପ ଦେଶର ସର୍ବବୃହତ ଉଚ୍ଚ - ପ୍ରଯୁକ୍ତି ଉତ୍ପାଦନ ନିବେଶ ମଧ୍ୟରୁ ଗୋଟିଏକୁ ପ୍ରତିନିଧିତ୍ୱ କରେ । ଏହି ୟୁନିଟ୍ ଭୁବନେଶ୍ୱର - ଖୋର୍ଦ୍ଧା ମଧ୍ୟରେ ସ୍ଥାପିତ ହେବାର ପ୍ରସ୍ତାବ ରହିଛି । କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଇଣ୍ଟେଲର ସିଇଓ ଲିପ୍-ବୁ ଟାନ୍ ଏବଂ ଅନ୍ୟାନ୍ୟ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା ।



ପ୍ରାୟ ୩.୩ ବିଲିୟନ ଡଲାରର ଆନୁମାନିକ ନିବେଶର ଏହି ପ୍ରକଳ୍ପ, ଦେଶର ଉଚ୍ଚ-ପ୍ରଯୁକ୍ତିବିଦ୍ୟା ଉତ୍ପାଦନ କ୍ଷେତ୍ରରେ ଏକ ବୃହତ୍ତମ ପୁଞ୍ଜିନିବେଶ ବୋଲି କୁହାଯାଉଛି । ଏହି ପ୍ରସ୍ତାବିତ ପ୍ରକଳ୍ପ ଆଗାମୀ ୫ ରୁ ୬ ବର୍ଷ ମଧ୍ୟରେ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ ହେବ । ଏହା ଦ୍ୱାରା ରାଜ୍ୟରେ ପ୍ରତ୍ୟକ୍ଷ ଭାବେ ୧୮୦୦ରୁ ଅଧିକ ଉଚ୍ଚ-କୁଶଳୀ ଓ ଦକ୍ଷତାପୂର୍ଣ୍ଣ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସହ ପରୋକ୍ଷ ଭାବେ ମାନୁଫ୍ୟାକ୍ଚରିଂ ଓ ଟେକ୍ନୋଲୋଜି କ୍ଷେତ୍ରରେ ବ୍ୟାପକ କର୍ମ ସଂସ୍ଥାନ ସୃଷ୍ଟି ହେବ । ଏହି ଐତିହାସିକ ବୁଝାମଣାପତ୍ର ସ୍ୱାକ୍ଷର ଭାରତରେ ସେମିକଣ୍ଡକ୍ଟର ଉତ୍ପାଦନର ସମ୍ପୂର୍ଣ୍ଣ ଇକୋସିଷ୍ଟମ ବିକାଶ କରିବା ପାଇଁ ସରକାରଙ୍କ ଦୃଷ୍ଟିକୋଣ ସହିତ ସମନ୍ୱିତ ବୋଲି କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ଆଇଟି ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ଆପ୍ଲାଏଡ୍ ମ୍ୟାଟେରିଆଲ୍ସ ଇନକର୍ପୋରେଟେଡ୍, ଲାମ୍ ରିସର୍ଚ୍ଚ, ଟୋକିଓ ଇଲେକ୍ଟ୍ରନ୍ ଲିମିଟେଡ୍, ମର୍କ ଇଲେକ୍ଟ୍ରୋନିକ୍ସ ଭଳି ଫାର୍ମଗୁଡ଼ିକର ପ୍ରବେଶ ଦେଶରେ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରକୁ ସୁଦୃଢ଼ କରୁଛି । ଟାଟା ଇଲେକ୍ଟ୍ରୋନିକ୍ସ ଏବଂ ଡଚ୍ ବହୁରାଷ୍ଟ୍ରୀୟ ଏଏସ୍‌ଏମ୍‌ଏଲ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ସେମିକଣ୍ଡକ୍ଟର କ୍ଷେତ୍ରରେ ସରକାରଙ୍କ ପ୍ରୟାସ ଏବଂ ଭାରତରେ ଉଦ୍ୟୋଗ ପ୍ରତି ଯେଉଁ ବିଶ୍ୱାସ ରହିଛି ତାହାର ସ୍ୱୀକୃତିକୁ ପ୍ରତିଫଳିତ କରୁଛି ବୋଲି ସେ କହିଛନ୍ତି ।

ପ୍ରସ୍ତାବିତ ପ୍ରକଳ୍ପଟି ପାଞ୍ଚ - ଛଅ ବର୍ଷ ମଧ୍ୟରେ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରାଯିବ । ଏହା ବ୍ୟାପକ ଉତ୍ପାଦନ ଏବଂ ପ୍ରଯୁକ୍ତିବିଦ୍ୟା ଇକୋସିଷ୍ଟମରେ ଗୁରୁତ୍ୱପୂର୍ଣ୍ଣ ପରୋକ୍ଷ ନିଯୁକ୍ତି ସୃଷ୍ଟି କରିବା ସହିତ ପ୍ରତ୍ୟକ୍ଷ ଉଚ୍ଚ-କୁଶଳୀ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ବୋଲି ଆଶା ରହିଛି । ଏହି ୟୁନିଟ୍ ଉନ୍ନତ ପ୍ୟାକେଜିଂ ଗ୍ଲାସ୍ କୋର୍ ସବଷ୍ଟ୍ରେଟ୍, ଉଚ୍ଚ-ଘନତାସମ୍ପନ୍ନ ଇଣ୍ଟରକନେକ୍ଟ ସବଷ୍ଟ୍ରେଟ୍ ଏବଂ ସମ୍ବନ୍ଧିତ ସେମିକଣ୍ଡକ୍ଟର ପ୍ରଯୁକ୍ତିବିଦ୍ୟା ଉପରେ ଧ୍ୟାନ ଦେବ, ଯେଉଁଥିରେ ଇଣ୍ଟେଲ ପ୍ରଯୁକ୍ତିବିଦ୍ୟା ଜ୍ଞାନକୌଶଳ ଏବଂ ପ୍ରକ୍ରିୟା ବିଶେଷଜ୍ଞତାକୁ ଉପଯୋଗ କରାଯିବ । ଏହା ଭାରତର ଦକ୍ଷତା ବିକାଶ, ଇକୋସିଷ୍ଟମ ଅଭିବୃଦ୍ଧି ଏବଂ ରପ୍ତାନି-ମୁଖୀ ଉତ୍ପାଦନ କ୍ଷେତ୍ରରେ ଯୋଗଦାନ ଦେବ ବୋଲି ଆଶା କରାଯାଉଛି । ଏହି ପଦକ୍ଷେପ ଘରୋଇ ଉତ୍ପାଦନ, ଡିଜାଇନ୍ ଇକୋସିଷ୍ଟମ ଏବଂ ଯୋଗାଣ ଶୃଙ୍ଖଳା କ୍ଷମତାକୁ ସୁଦୃଢ଼ କରିବା ପାଇଁ ଭାରତ ସେମିକଣ୍ଡକ୍ଟର ମିଶନ ଅଧୀନରେ ଚାଲିଥିବା ପ୍ରୟାସ ଉପରେ ଆଧାରିତ । ଏହା ଓଡ଼ିଶାକୁ ସେମିକଣ୍ଡକ୍ଟର ଉତ୍ପାଦନ ଏବଂ ଡିଜିଟାଲ୍ ଭିତ୍ତିଭୂମି କ୍ଷେତ୍ରରେ ଉଦୀୟମାନ କେନ୍ଦ୍ର ମଧ୍ୟରେ ସ୍ଥାନିତ କରିବ ।

### ବାରଙ୍ଗ ଥାନାରେ ଥାର୍ଡ ଡିଗ୍ରୀ ଅଭିଯୋଗ ଘଟଣା

# ତାତିଲେ ଗ୍ରାମବାସୀ, ୮ ଘଣ୍ଟା ରାସ୍ତା ଅବରୋଧ





**ଭୁବନେଶ୍ୱର,୨୯।୫/ଏନ୍‌ଏନ୍‌ଏସ୍:** ବାରଙ୍ଗ ଥାନାରେ ଯୁବକଙ୍କୁ ଥାର୍ଡ ଡିଗ୍ରୀ ଘଟଣାକୁ ନେଇ ପ୍ରବଳ ଉତ୍ତେଜନା । ମାଡ଼ ମରାଯାଇଥିବା ରାକେଶଙ୍କ ବାବଦରେ ତଥ୍ୟ ନ ମିଳିବାରୁ ଦେଖା ଦେଇଛି ଉତ୍ତେଜନା । ଚଣ୍ଡୀପ୍ରସାଦ ଗ୍ରାମବାସୀ କଟକ-ଭୁବନେଶ୍ୱର ରାସ୍ତା ଅବରୋଧ କରିଥିଲେ । ମାଡ଼ ମରାଯାଇଥିବା ରାକେଶଙ୍କ ବାବଦରେ ପୁଲିସ ତଥ୍ୟ ଦେଉନଥିବା ଅଭିଯୋଗ କରିଛନ୍ତି । ରାକେଶ କେଉଁଠି ଓ କିଭଳି ସ୍ଥିତିରେ ଅଛନ୍ତି ପୁଲିସ ଜଣାଉନଥିବାରୁ ତାତିଥିଲେ ଗ୍ରାମବାସୀ । ଏହି ଘଟଣାକୁ ନେଇ ଥାନା ଆଗରେ ଗ୍ରାମବାସୀ ଆନ୍ଦୋଳନ କରିବା ସହ ଉତ୍ୟକ୍ତ ଲୋକମାନେ ରାସ୍ତା ବ୍ଲକ କରିଦେଇଥିଲେ । ଫଳରେ କଟକ-ଭୁବନେଶ୍ୱର ରାସ୍ତାରେ ଗମନା ଗମନ ପୂରା ଠପ୍ ହୋଇଯାଇଥିଲା । ଭୁବନେଶ୍ୱର ପଟୁ ଆସୁଥିବା ଲୋକମାନେ ମଝି ରାସ୍ତାରେ ଫସି ଯାଇଥିଲେ । ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ଥିବାରୁ ବରିଷ୍ଠ ପୁଲିସ ଅଧିକାରୀଙ୍କ ସମେତ ପ୍ରାୟ ୨୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା । ଉତ୍ୟକ୍ତ ଲୋକମାନଙ୍କୁ ପୋଲିସ ବୁଝା ସୁଝା କରିଥିଲେ ହେଁ ଦୀର୍ଘ ସମୟ ଧରି ଉତ୍ୟକ୍ତ ଲୋକେ ବୁଝିବାକୁ ନାରାଜ ହୋଇଥିଲେ । ତେବେ ଦୀର୍ଘ ୮ ଘଣ୍ଟା ପରେ ରାସ୍ତାରୋକ ହଟିଥିଲା । ଅନ୍ୟପକ୍ଷରେ ପୁଲିସ ଚଣ୍ଡିପ୍ରସାଦ ଗାଁର କିଛି ଯୁବକଙ୍କୁ ଅଟକ ରଖିଥିବା ଜଣାଯାଇଛି । ତେବେ ଥାନାରେ ନିର୍ଯାତନା ଦିଆଯାଇନଥିବା କଟକ ଡିସିପି କହିଥିବାବେଳେ ମୋ ପାଖରେ ତଥ୍ୟ ନାହିଁ ସିପିଙ୍କୁ କୁହାଯାଇଛି ତଦନ୍ତ କରି ରିପୋର୍ଟ ଦେବା ପାଇଁ ବୋଲି ଡିଜିପି କହିଛନ୍ତି ।

## ଥାନାରେ ନିର୍ଯାତନା ଦିଆଯାଇନାହିଁ: ଡିସିପି

## ତଦନ୍ତ କରି ରିପୋର୍ଟ ଦେବାକୁ କୁହାଯାଇଛି: ଡିଜିପି

ପ୍ରକାଶ ଯେ ଚଣ୍ଡିପ୍ରସାଦ ଗାଁର ରାକେଶ ବେହେରାଙ୍କୁ ବାରଙ୍ଗ ଥାନା ପୁଲିସ ବେଆଇନ ଭାବେ ଅଟକ ରଖି ଥାନାରେ ଥାର୍ଡ ଡିଗ୍ରୀ କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । କାଠଯୋଡ଼ି ନଦୀ ପଠାରୁ ଉଦ୍ଧାର ମହିଳାଙ୍କ ମୃତଦେହ ଘଟଣାରେ ରାକେଶଙ୍କୁ ଥାନାକୁ ଆଣିଥିଲା ପୁଲିସ । ରାକେଶଙ୍କ ପତ୍ନୀ ନିଖୋଜ ନେଇ ଥାନାରେ ଏତଲା ହୋଇଥିଲା । ମୃତଦେହଟି ରାକେଶଙ୍କ ପତ୍ନୀଙ୍କର ହୋଇଥିବା ନେଇ ପୁଲିସ ସନ୍ଦେହ କରୁଥିଲା । ହେଲେ ଏବେ ରାକେଶଙ୍କ ନିଖୋଜ ପତ୍ନୀଙ୍କ ସନ୍ଧାନ ମିଳିବା ପରେ ମଧ୍ୟ ରାକେଶଙ୍କୁ ପୁଲିସ ଛାଡ଼ିନଥିଲା । ରାକେଶ ପୁଲିସ ମାଡ଼ରେ ଗୁରୁତର ହୋଇପଡ଼ିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ରାକେଶଙ୍କୁ ପରିବାରକୁ ହସ୍ତାନ୍ତର ଦାବିରେ ଥାନା ଆଗରେ ଗ୍ରାମବାସୀ ଆଜି ଧାରଣା ଦେଇଥିଲେ । ରାକେଶଙ୍କୁ ଗୁରୁତର ଅବସ୍ଥାରେ ପୁଲିସ ମେଡିକାଲରେ ଭର୍ତ୍ତି କରିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି ।

ବାରଙ୍ଗ ଥାନା ଅନ୍ତର୍ଗତ ବ୍ରାହ୍ମଣିଗାଁ ନିକଟରେ କାଠଯୋଡି ନଦୀରୁ ଜଣେ ମହିଳାଙ୍କ ଅଧା ପୋଡା ମୃତ ଦେହ ମିଳିବା ଆଜିକୁ ଦୁଇ ସପ୍ତାହ ବିତିଲାଣି । କିନ୍ତୁ ଏଯାଏ ମୃତ ମହିଳାଙ୍କର ପରିଚୟ ମିଳିପାରି ନାହିଁ । ସେପଟେ ଚଣ୍ଡିପ୍ରସାଦ ଗାଁରୁ ଜଣେ ମହିଳା ନିଖୋଜ ଥିବା ନେଇ ଗତ ୧୬ ତାରିଖରେ ଥାନାରେ ଏତଲା ହୋଇଥିଲା । ନଦୀ ବାଲିରୁ ମିଳିଥିବା ମୃତଦେହଟି ସେହି ନିଖୋଜ ମହିଳାଙ୍କର ହୋଇଥିବା ସନ୍ଦେହ କରି ପୁଲିସରାକେଶ ବେହେରାଙ୍କ ସହ ତାଙ୍କ ମା' ଓ ତାଙ୍କ ସାଙ୍ଗ ମିଥୁନ ବେହେରାଙ୍କୁ ଥାନାରେ ଅଟକ ରଖିଥିଲା ।

ଇତି ମଧ୍ୟରେ ରାକେଶଙ୍କ ସ୍ତ୍ରୀ ଅନ୍ୟତ୍ର ଥିବା ସୂଚନା ମିଳିସାରିଛି । ପୋଲିସ ମିଥୁନ ଓ ରାକେଶଙ୍କ ମା'ଙ୍କୁ ଛାଡି ଦେଇଥିବା ବେଳେ ରାକେଶଙ୍କୁ ବେଆଇନ ଅଟକ ରଖିଥିଲା । ରାକେଶଙ୍କ ସ୍ତ୍ରୀ ଅନ୍ୟତ୍ର ଥିବା ଜାଣିବା ପରେ ମଧ୍ୟ କାଠଯୋଡି ନଦୀ ପଠାରୁ ମିଳିଥିବା ଅଧାପୋଡା ମୃତଦେହଟି ରାକେଶଙ୍କ ସ୍ତ୍ରୀଙ୍କ ମୃତ ଦେହ ଭଳି ଦେଖାଯାଉଥିବା କହି ତାଙ୍କୁ ପୋଲିସ ଥାନାରେ ଅଟକ ରଖିଥିବା ତାଙ୍କ ମା' କହିଛନ୍ତି । ତେବେ ଗ୍ରାମବାସୀ ଆଜି ଥାନା ଆଗରେ ଏକାଠି ହେବା ପରେ ପରିସ୍ଥିତି ଆହୁରି ବିଗିଡ଼ି ଥିଲା । କାହିଁକି ବିନା କାରଣରେ ନିର୍ଦ୍ଦୋଷ ରାକେଶଙ୍କୁ ଥାନା ଭିତରେ ଏତେ ଦିନ ରଖିଲେ ଏବଂ ମାଡ଼ ମାରିଲେ ବୋଲି ଗ୍ରାମବାସୀ ପୁଲିସକୁ ପ୍ରଶ୍ନ କରିଛନ୍ତି । ଘଟଣା ସ୍ଥଳରେ ପୁଲିସ କମିଶନର, ଡିସିପି ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝା ସୁଝା କରିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା । ମାତ୍ର ଆଜି ଏନେଇ ଉତ୍ତେଜନା ବଢ଼ିଥିଲା । ତେବେ ପୁଲିସ ମାଡ଼ରେ ରାକେଶ ଗୁରୁତର ଆହାତ ହୋଇ କଟକ ବଡ଼ ମେଡକାଲରେ ଗୁରୁତର ହୋଇ ଚିକିତ୍ସିତ ହେଉଥିବା ଜଣାପଡ଼ିଛି ।

# ନୂଆଦିଲ୍ଲୀରେ ଜାତୀୟ ଖରିଫ ସମ୍ମିଳନୀ, ଯୋଗଦେଲେ ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୯।୫/ଏନ୍‌ଏନ୍‌ଏସ୍:** ଜାତୀୟ ସ୍ତରରେ ଓଡ଼ିଶା ଏକ ଅଗ୍ରଣୀ କୃଷି ପ୍ରଧାନ ରାଜ୍ୟ ଭାବେ ଉଭା ହୋଇଛି । ନୂଆଦିଲ୍ଲୀରେ ଆୟୋଜିତ ଜାତୀୟ ଖରିଫ ସମ୍ମିଳନୀରେ ଅଂଶଗ୍ରହଣ କରି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ତି ଯେ, ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଓଡ଼ିଶାର କୃଷି କ୍ଷେତ୍ର ଆନୁମାନିକ ୫.୩% ହାରରେ ଅଭିବୃଦ୍ଧି ହାସଲ କରୁଛି, ଯାହା ଜାତୀୟ ହାର (୩.୧%) ତୁଳନାରେ ଯଥେଷ୍ଟ ଅଧିକ । ଏହି ଅର୍ଥନୈତିକ ସଫଳତା ଗତ ୨୦୨୪-୨୫ ବର୍ଷ ମଧ୍ୟରେ ରାଜ୍ୟରେ ୧୫୦ ଲକ୍ଷ ମେଟ୍ରିକ ଟନ୍ ରୁ ଅଧିକ ଖାଦ୍ୟଶସ୍ୟ ଏବଂ ୧୫୬ ଲକ୍ଷ ମେଟ୍ରିକ ଟନ୍ ଉଦ୍ୟାନ କୃଷି ଉତ୍ପାଦ ଅମଳ କରାଯାଇଥିଲା । କେନ୍ଦ୍ର ସରକାରଙ୍କ 'ପୂର୍ବୋଦୟ' ଦୂରଦୃଷ୍ଟି ଏବଂ ରାଜ୍ୟର ନିଜସ୍ୱ 'ବିକଶିତ ଓଡ଼ିଶା ୨୦୩୬' ଆଭିମୁଖ୍ୟ ଦ୍ୱାରା ପରିଚାଳିତ ହୋଇ ରାଜ୍ୟ ସରକାର ଗ୍ରାମୀଣ ଭିତ୍ତିଭୂମିର ଉନ୍ନତି, ଚାଷୀଙ୍କ ଆୟ ବୃଦ୍ଧି ଏବଂ ଏକ ଜଳବାୟୁ-ସହନଶୀଳ କୃଷି ବ୍ୟବସ୍ଥା ଗଠନ ପାଇଁ ଚାଷୀ-କୈନ୍ଦ୍ରିକ ନୀତିଗୁଡ଼ିକୁ ଦ୍ରୁତ ଗତିରେ କାର୍ଯ୍ୟକାରୀ କରୁଛନ୍ତି । ଶ୍ରୀ ସିଂହଦେଓ ରାଜ୍ୟରେ ଆସନ୍ତା ୨୦୨୬ ଖରିଫ ସିଜିନ୍ ପାଇଁ ଗୁରୁତ୍ୱପୂର୍ଣ୍ଣ ରଣନୀତି ଉପରେ କେନ୍ଦ୍ରୀୟ ନେତାମାନଙ୍କ ସହ ଆଲୋଚନା କରିଛନ୍ତି । ଚଳିତ ବର୍ଷ ୫୭.୪୦ ଲକ୍ଷ ହେକ୍ଟର ଜମିରେ ଚାଷ କରିବାର ବୃହତ ଲକ୍ଷ୍ୟ ରଖାଯାଇଛି । ଏହି ମହତ୍ତ୍ୱାକାଂକ୍ଷୀ ଚାଷ ଅଭିଯାନକୁ ସହାୟତା କରିବା ପାଇଁ ଓଡ଼ିଶା ପକ୍ଷରୁ ୪ ଲକ୍ଷ କ୍ୱିଣ୍ଟାଲ ପ୍ରାମାଣିକ ବିହନ ଯୋଗାଇବା ପାଇଁ ୧୦୦ କୋଟି ଟଙ୍କାର ଏକ କର୍ପସ ପାଣ୍ଠି ଏବଂ ସଠିକ୍ ସମୟରେ ୧୧.୪୩ ଲକ୍ଷ ମେଟ୍ରିକ ଟନ୍ ସାର ମହଜୁଦ ରଖିବା ପାଇଁ ୨୪୦ କୋଟି ଟଙ୍କାର କର୍ପସ ପାଣ୍ଠି ଗଠନ କରାଯାଇଛି । ରାଜ୍ୟ ସ୍ତରରେ, ପ୍ରମୁଖ ଯୋଜନା 'ସମୃଦ୍ଧ କୃଷକ ଯୋଜନା' ସର୍ବନିମ୍ନ ସହାୟକ ମୂଲ୍ୟ ଉପରେ ଅତିରିକ୍ତ ଇନପୁଟ୍ ସହାୟତା ମାଧ୍ୟମରେ କ୍ୱିଣ୍ଟାଲ ପିଛା ୩,୧୦୦ ଟଙ୍କାରେ ଧାନ ସଂଗ୍ରହ ସୁନିଶ୍ଚିତ କରି ଚାଷୀଙ୍କ ଆର୍ଥିକ ସଶକ୍ତିକରଣ କରାଯାଉଛି । ଏହା ସହିତ ସେବା ପ୍ରଦାନ ବ୍ୟବସ୍ଥାକୁ ଆଧୁନିକୀକରଣ କରିବା ପାଇଁ ରାଜ୍ୟ ସରକାର ଚାଷୀ ପଞ୍ଜିକରଣ, ଡିଜିଟାଲ୍ ଫସଲ ସର୍ବେକ୍ଷଣ ଏବଂ ଆଗ୍ରିଷ୍ଟାକ୍ ସମନ୍ୱୟକୁ ଅନ୍ତର୍ଭୁକ୍ତ କରି ଏକ 'ଡିଜିଟାଲ୍ କୃଷି ମିଶନ' ଆରମ୍ଭ କରୁଛନ୍ତି । ଏହି ଅଭିବୃଦ୍ଧିକୁ ବଜାୟ ରଖିବା ଏବଂ କାର୍ଯ୍ୟକ୍ଷେତ୍ରରେ ଥିବା ବାଧାବିଘ୍ନଗୁଡ଼ିକୁ ଦୂର କରିବା ପାଇଁ ଓଡ଼ିଶା ତରଫରୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଭାରତ ସରକାରଙ୍କ ନିକଟରେ ଏକ ବିସ୍ତୃତ ସ୍ମାରକପତ୍ର ଉପସ୍ଥାପନ କରିଛନ୍ତି । ଡାଲି ଜାତୀୟ ଫସଲରେ ଆତ୍ମନିର୍ଭରଶୀଳତା ପାଇଁ ମିଶନ ଅଧୀନରେ ରାଜ୍ୟ ପକ୍ଷରୁ ଡାଲି ଫସଲ ପ୍ରଦର୍ଶନ କାର୍ଯ୍ୟକ୍ରମର ଆବଣ୍ଟନକୁ ୨୪.୭୪ କୋଟି ଟଙ୍କା (୨୪,୭୪୦ ହେକ୍ଟର ପାଇଁ) ରୁ ୨୦୦ କୋଟି ଟଙ୍କାକୁ (୨,୦୦,୦୦୦ ହେକ୍ଟର ପାଇଁ) ବୃଦ୍ଧି କରିବାକୁ ଅନୁରୋଧ କରାଯାଇଛି । ରାଜ୍ୟର ୮୦.୫୦ କୋଟି ଟଙ୍କାର ଡିଜିଟାଲ୍ ଫସଲ ସର୍ବେକ୍ଷଣ ବାର୍ଷିକ କାର୍ଯ୍ୟ ଯୋଜନାକୁ ସମ୍ପୂର୍ଣ୍ଣ ମଞ୍ଜୁର କରିବାକୁ ଓଡ଼ିଶା କୃଷି ମନ୍ତ୍ରଣାଳୟକୁ ଅନୁରୋଧ କରିଛି, ଯେଉଁଥିରୁ ବର୍ତ୍ତମାନ ସୁଦ୍ଧା ୪୨.୭୫ କୋଟି ଟଙ୍କା ଅନୁମୋଦିତ ହୋଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ରାଜ୍ୟ ପକ୍ଷରୁ ମୂଲ୍ୟ ସହାୟତା ଯୋଜନା ପେମେଣ୍ଟ ପ୍ରକ୍ରିୟାକୁ ସରଳ କରିବା ପାଇଁ ଏକ ପ୍ରସ୍ତାବ ଦିଆଯାଇଛି । ଏଥିରେ ଅନୁରୋଧ କରାଯାଇଛି ଯେ, ଗୁଣବତ୍ତା ଯାଞ୍ଚ କେବଳ ମଣ୍ଡି ବା ସଂଗ୍ରହ କେନ୍ଦ୍ରଗୁଡ଼ିକରେ ଥରେ ମାତ୍ର କରାଯାଉ, ଯଦ୍ୱାରା ରାଜ୍ୟ ସ୍ତରୀୟ ସହାୟକ ସଂସ୍ଥା ଗୋଦାମଗୁଡ଼ିକରେ ଦ୍ୱିତୀୟ ବାର ଯାଞ୍ଚ ପାଇଁ ଅପେକ୍ଷା ନକରି ଚାଷୀଙ୍କୁ ତୁରନ୍ତ ଅର୍ଥ ପ୍ରଦାନ କରିପାରିବ । ସାଂସ୍କୃତିକ ଐତିହ୍ୟ ଏବଂ ପରିବେଶ ସ୍ଥାୟୀତ୍ୱକୁ ସମ୍ମାନ ଜଣାଇ ଓଡ଼ିଶା ପକ୍ଷରୁ ଆଗାମୀ 'ବଳଭଦ୍ର ଜୈବିକ ଚାଷ ମିଶନ' ଉପରେ ଆଲୋକପାତ କରାଯାଇଛି—ଯାହାକି ୧୬,୬୦୦ ହେକ୍ଟର ଜମିକୁ ଅନ୍ତର୍ଭୁକ୍ତ କରୁଥିବା ଏକ ୫ ବର୍ଷିଆ ପ୍ରାକୃତିକ ଚାଷ ଯୋଜନା । ଏହା ସହିତ, ଶ୍ରୀଜଗନ୍ନାଥ ମନ୍ଦିରର ମହାପ୍ରସାଦ ପାଇଁ ସୁବାସିତ ଜୈବିକ ଧାନ ଚାଷ କରିବା ପାଇଁ ଐତିହାସିକ 'ଅମୃତ ଅନ୍ନ' ଯୋଜନା ବିଷୟରେ ମଧ୍ୟ ଉଲ୍ଲେଖ କରାଯାଇଛି । ଏହି ଉଚ୍ଚସ୍ତରୀୟ ସମ୍ମିଳନୀରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର କମିଶନର-ତଥା-ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, କୃଷି ନିର୍ଦ୍ଦେଶକ ଶୁଭମ ସକ୍ସେନା ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ୫୦ କୋଟି ଆତ୍ମସାତ ପୋଷ୍ଟ ମାଷ୍ଟର ନିଲମ୍ବିତ

**ଭୁବନେଶ୍ୱର,୨୯।୫/ଏନ୍‌ଏନ୍‌ଏସ୍:** କୋରାପୁଟ ଓ ନବରଙ୍ଗପୁର ଜିଲ୍ଲାର ଅନେକ ଡାକ ଘରର ପୋଷ୍ଟ ମାଷ୍ଟରମାନେ ହିତାଧିକାରୀଙ୍କର ୫୦ କୋଟି ଟଙ୍କା ଆତ୍ମସାତ କରିଥିବା ଅଭିଯୋଗ ହୋଇଥିବା ବେଳେ ବୈପାରୀଗୁଡ଼ା ପୋଷ୍ଟ ଅଫିସର ପୋଷ୍ଟ ମାଷ୍ଟର ଗୌରାଙ୍ଗ ସରକାରଙ୍କୁ ନିଲମ୍ବନ କରାଯାଇଛି । ଜୟପୁର ଡିଭିଜନର ବରିଷ୍ଠ ଡାକ ଅଧୀକ୍ଷକ ସତ୍ୟବାଦୀ ବିଶ୍ୱାଳ ତାଙ୍କୁ ନିଲମ୍ବନ କରିଛନ୍ତି । ପୋଷ୍ଟ ମାଷ୍ଟର ଗୌରାଙ୍ଗ ସରକାର ଝରିଗାଁ ସବ୍ ପୋଷ୍ଟ ଅଫିସରେ ଥିବା ବେଳେ ହିତାଧିକାରୀଙ୍କ ଟଙ୍କା ଚଲୁ କରିଥିବା ଅଭିଯୋଗ ହୋଇଛି । ଏହି ୫୦ କୋଟି ଟଙ୍କା ଆତ୍ମସାତ ମାମଲାରେ କୋଡିଙ୍ଗା ଓ ଡାବୁଗାଁ ପୋଷ୍ଟ ମାଷ୍ଟରଙ୍କର ମଧ୍ୟ ସଂପୃକ୍ତି ରହିଥିବା ଅଭିଯୋଗ ରହିଛି । ସେମାନଙ୍କ ବିରୋଧରେ ତଦନ୍ତ ଚାଲିଛି । ନବରଙ୍ଗପୁର ଜିଲ୍ଲାର ଝରିଗାଁ, କୋଡିଙ୍ଗା ଓ ଡାବୁଗାଁ ପୋଷ୍ଟ ଅଫିସ ସହ ଅନ୍ୟାନ୍ୟ କିଛି ଡାକ ଘର ଓ କୋରାପୁର କିଛି ଡାକଘରେ ଏହି ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ଏଭଳି ଅଭିଯୋଗ ପାଇବା ପରେ ତଦନ୍ତ ଆରମ୍ଭ କରିଥିଲା ଡାକ ବିଭାଗ । ଏହା ପରେ ବୈପାରୀଗୁଡ଼ା ପୋଷ୍ଟ ଅଫିସର ପୋଷ୍ଟ ମାଷ୍ଟର ଗୌରାଙ୍ଗ ସରକାରଙ୍କୁ ନିଲମ୍ବନ କରାଯାଇଥିବା ବେଳେ ଆଉ ଦୁଇ ପୋଷ୍ଟ ମାଷ୍ଟରଙ୍କ ବିରୋଧରେ ତଦନ୍ତ ଜାରି ରହିଛି ।

### ଓମ୍‌ଫେଡ୍ ଓ ଦୁଗ୍ଧସଂଘ କାର୍ଯ୍ୟାବଳୀ ସମୀକ୍ଷା ବୈଠକ

# 'ଦୁଗ୍ଧଚାଷୀଙ୍କ ସମୃଦ୍ଧି ପାଇଁ ଓମ୍‌ଫେଡ୍ ପ୍ରତିବଦ୍ଧ'

**ଭୁବନେଶ୍ୱର,୨୯।୫/ଏନ୍‌ଏନ୍‌ଏସ୍:** ଉତ୍ତମ ସ୍ୱାଦ, ଉତ୍କୃଷ୍ଟ ଗୁଣବତ୍ତା ଓ ବିଶୁଦ୍ଧତାର ପ୍ରତୀକ ସାଜିଛି ଓମ୍‌ଫେଡ୍ । ଓଡ଼ିଶାରେ ଶ୍ୱେତ ବିପ୍ଳବକୁ ଆଗେଇ ନେବା ସହ ଏହା ଲକ୍ଷ ଲକ୍ଷ ଚାଷୀଙ୍କ ଜୀବନ-ଜୀବିକାର ସମୃଦ୍ଧିରେ କ୍ରାନ୍ତିକାରୀ ଭୂମିକା ଗ୍ରହଣ କରିଛି । ଦୁଗ୍ଧଚାଷୀଙ୍କ ସମୃଦ୍ଧି ପାଇଁ ଓମ୍‌ଫେଡ୍ ପ୍ରତିବଦ୍ଧ ବୋଲି ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳନନ୍ଦ ମଲ୍ଲିକ କହିଛନ୍ତି ।



## ୧୦୩୬. ୮୨ କୋଟିର ବ୍ୟବସାୟ ୧୦.୨୩ କୋଟି ଟଙ୍କା ଲାଭ

ଶୁକ୍ରବାର ସ୍ଥାନୀୟ ଶହୀଦନଗର ସ୍ଥିତ ଓମ୍‌ଫେଡ୍ ମୁଖ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ବିପଣନ, ନୂତନ ଉତ୍ପାଦ ଓ ପରିଚାଳନାଗତ ସଂସ୍କାର ମାଧ୍ୟମରେ ଚାଷୀଙ୍କ ସମୃଦ୍ଧି ପାଇଁ ନିଷ୍ଠାପର ଉଦ୍ୟମ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଦୁଗ୍ଧ ଓ ଦୁଗ୍ଧଜାତ ଉତ୍ପାଦରେ ଓଡ଼ିଶାକୁ ଆତ୍ମନିର୍ଭରଶୀଳ କରିବା ପାଇଁ ସମୀକ୍ଷା ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘ ଲିମିଟେଡ୍ (ଓମ୍‌ଫେଡ୍) ଦ୍ୱାରା ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ପ୍ରକଳ୍ପର ଅଗ୍ରଗତି ସଂପର୍କରେ ମନ୍ତ୍ରୀ ସମୀକ୍ଷା କରିଥିଲେ । ଦୁଗ୍ଧ ସମବାୟ ସମିତି, ଭିତ୍ତିଭୂମି ଉନ୍ନତିକରଣ, ବିଭିନ୍ନ ପ୍ଲାଣ୍ଟ ଆଦିରେ ରହିଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହ ସେଗୁଡିକର ତ୍ୱରିତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ୨୦୨୫-୨୬ ଆର୍ଥିକ ବର୍ଷରେ ଓମ୍‌ଫେଡ୍ ୧୦୩୬. ୮୨ କୋଟିର ବ୍ୟବସାୟ କରିଥିବା ବେଳେ ୧୦.୨୩ କୋଟି ଟଙ୍କା ଲାଭ କରିଛି । ଏହି ସମୀକ୍ଷା ବୈଠକରେ ମତ୍ସ୍ୟ ଓ ପ୍ରାଣିସଂପଦ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ପ୍ରେମଚନ୍ଦ୍ର ଚୌଧରୀ ଯୋଗ ଦେଇ କହିଥିଲେ ଯେ ସୋନପୁରଠାରେ ୫୦ ହଜାର ଲିଟର କ୍ଷମତା ବିଶିଷ୍ଟ ଏବଂ ଟାଙ୍ଗୀଠାରେ ୩୦ ହଜାରେ ଲିଟର କ୍ଷମତା ବିଶିଷ୍ଟ ନୂତନ ଡେରୀ ପ୍ଲାଣ୍ଟ ପ୍ରତିଷ୍ଠା ହୋଇଛି । ଭିତ୍ତିଭୂମି ବିକାଶ ଉପରେ ବିଭାଗ ଗୁରୁତ୍ୱ ଦେଉଥିବା ବେଳେ ବିଗତ ଦୁଇ ବର୍ଷ ମଧ୍ୟରେ ୧୦୬୧ଟି ନୂତନ ଦୁଗ୍ଧ ସମବାୟ ସମିତି ପଞ୍ଜିକରଣ ହୋଇଛି । ଓମ୍‌ଫେଡ୍‌ର ଭବିଷ୍ୟତ ଯୋଜନା ସଂପର୍କରେ ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ବିଭିନ୍ନ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ବାଧାମୁକ୍ତ ଦୁଗ୍ଧକ୍ରୟ ବ୍ୟବସ୍ଥା ଗ୍ରହଣ କରିବା, ୨୦୩୦ ମସିହା ସୁଦ୍ଧା ୩.୨୮ ଲକ୍ଷ ଦୁଗ୍ଧ ଚାଷୀଙ୍କ ଆର୍ଥିକ ସମୃଦ୍ଧି ସୁନିଶ୍ଚିତ କରିବା, ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଉତ୍ପାଦନରେ ଆତ୍ମନିର୍ଭର ହେବା ପାଇଁ ସେ ଗୁରୁତ୍ୱ ଦେଇଥିଲେ । ସୂଚନାଯୋଗ୍ୟ ଯେ, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଅଧିନରେ ୨୧ଟି ନୂତନ ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ଖୋଲାଯାଇଛି । ୪୪୫୫ଟି ଦୁଗ୍ଧ ସମବାୟ ସମିତି ଜରିଆରେ ପ୍ରାୟ ୩.୨୪ଲକ୍ଷ ଚାଷୀଙ୍କଠାରୁ ଦୈନିକ ହାରାହାରି ୬.୭୦ଲକ୍ଷ ଲିଟର ଦୁଗ୍ଧ ସଂଗ୍ରହ ହେଉଛି । ଦୁଗ୍ଧ ଉତ୍ପାଦନ ବୃଦ୍ଧି ପାଇଁ ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଆଶୀର୍ବାଦ ପାଲଟିଛି । ରାଜ୍ୟର ବିଭିନ୍ନ ବ୍ଲକରେ ୧୬୦ ଗୋଟି ନୂତନ କ୍ଷୀରଧାରା କେନ୍ଦ୍ର ଖୋଲାଯାଇ ଚାଷୀଙ୍କଠାରୁ ଦୁଗ୍ଧ ସଂଗ୍ରହ କରାଯାଉଛି । ୨୦୨୫-୨୬ ଆର୍ଥିକ ବର୍ଷରେ ଦୈନିକ ପ୍ରାୟ ୬% ହାରରେ ଦୁଗ୍ଧ ସଂଗ୍ରହ ବୃଦ୍ଧି ପାଇଛି । ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟର ବିପଣନ ୪% ବୃଦ୍ଧି ପାଇଛି । ଏହି ସମୀକ୍ଷା ବୈଠକରେ ଓମ୍‌ଫେଡ୍ ସଭାପତି କିଶୋରଚନ୍ଦ୍ର ପ୍ରଧାନୀ, ଓଡ଼ିଶା ରାଜ୍ୟ ସମବାୟ ଦୁଗ୍ଧ ଉତ୍ପାଦକ ମହାସଂଘର କର୍ମକର୍ତ୍ତା, ବିଭିନ୍ନ ମିଲ୍କ ୟୁନିୟନର କର୍ମକର୍ତ୍ତା, ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

### ରବିଧାନ ସଂଗ୍ରହ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ: ଆନ୍ଦୋଳନ କରିବାକୁ ବିଜେଡିର ଧମକ

# ଦୁଇ ଲକ୍ଷରୁ ଅଧିକ ଚାଷୀ ପଞ୍ଜୀକରଣରୁ ବଞ୍ଚିତ

**ଭୁବନେଶ୍ୱର,୨୯।୫/ଏନ୍‌ଏନ୍‌ଏସ୍:** ଚାଷୀଙ୍କୁ ଏମଏସ୍‌ପି ସହିତ ୮୦୦ ଟଙ୍କାର ଇନପୁଟ୍ ସବ୍‌ସିଡି ଦେବାର ଆଶ୍ୱାସନା ଦେଇଥିବା ବିଜେପି ସରକାରର ଚାଷୀ ମାରଣ ନୀତି ଯୋଗୁଁ ନିଜର ହକ୍ ପାଇଁ ଆଜି ଚାଷୀକୂଳ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେଉଥିବା କହି କଡ଼ା ସମାଲୋଚନା କରିଛି ବିଜୁ ଜନତା ଦଳ । ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା ଓ ବିଧାୟକ ତଥା ଦଳର ସାଧାରଣ ସମ୍ପାଦକ ଗୌତମବୁଦ୍ଧ ଦାସ, ରାଜ୍ୟରେ ରବିଧାନ ସଂଗ୍ରହ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଥିବା କହି ସରକାରଙ୍କ ଉପରେ ବର୍ଷିଛନ୍ତି । ସରକାର ୨ ଲକ୍ଷରୁ ଅଧିକ ଚାଷୀଙ୍କୁ ପଞ୍ଜୀକରଣରୁ ବଞ୍ଚିତ କରିଥିବା ବେଳେ ନିଜର କଷ୍ଟ ଉପାର୍ଜିତ ଶସ୍ୟକୁ ଚାଷୀ ବିକ୍ରି କରିନପାରି ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଉଛି । ସରକାର ଓ ମିଲର ମାନଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଆଜି ଚାଷୀକୂଳ ଦୁର୍ଦ୍ଦିନରେ ବଞ୍ଚୁଛନ୍ତି । ସଞ୍ଜୟ କୁମାର ଦାସବର୍ମା କହିଛନ୍ତି ଯେ ଓଡ଼ିଶାର ୭୦ ଭାଗ ଲୋକ ଚାଷ ଉପରେ ନିର୍ଭର କରନ୍ତି । ଓଡ଼ିଶାର ଅର୍ଥନୀତି ଧାନ ଚାଷ ଉପରେ ନିର୍ଭରଶୀଳ । ଡବଲ ଇଞ୍ଜିନ ସରକାରଙ୍କ ଚାଷୀମାରଣ ନୀତି ଯୋଗୁଁ ଆଜି ଅର୍ଥନୀତି ଧ୍ୱଂସ ହେବାକୁ ବସିଛି । ରାଜ୍ୟ କୃଷି ବିଭାଗ ରିପୋର୍ଟରେ ପ୍ରକାଶ କରିଛି ଯେ, ଓଡ଼ିଶାର ଚାଷୀକୂଳର ଧାନ ଚାଷ ଉତ୍ପାଦନ ହେଉଛି ୧୫୦ ଲକ୍ଷ ମେଟ୍ରିକ ଟନ୍ । କିନ୍ତୁ ସରକାର କହୁଛନ୍ତି ୯୩ ଲକ୍ଷ ମେଟ୍ରିକ ଟନ ଧାନ ଚାଷୀକୂଳ ଠାରୁ ସଂଗ୍ରହ କରିବେ । ଅର୍ଥାତ୍ ଖରିଫ ଧାନ ପାଇଁ ୭୩ ଲକ୍ଷ ମେଟ୍ରିକ ଟନ୍ ଓ ରବି ଧାନ ପାଇଁ ୨୦ ଲକ୍ଷ ମେଟ୍ରିକ ଟନ୍ ଧାନ ଚାଷୀଙ୍କ ଠାରୁ ନେବେ । ଏହା ଭିତରେ ଦୁଇଟି ଆର୍ଥିକ ବର୍ଷ ବିତିଯାଇଛି । ବିପର୍ଯ୍ୟସ୍ତ ମଣ୍ଡି ବ୍ୟବସ୍ଥା ଓ ଧାନ କିଣାରେ ସରକାରଙ୍କ ଅପରାଗତା ଯୋଗୁଁ ଚାଷୀକୂଳ ହତାଶ ହୋଇଛନ୍ତି । ମଣ୍ଡି ଖୋଲିବାଠୁ ଆରମ୍ଭ କରି ଚାଷୀ ପଞ୍ଜୀକରଣ, ଟୋକନ ବଣ୍ଟନ ଓ ଧାନ କ୍ରୟ ପର୍ଯ୍ୟନ୍ତ ପ୍ରତ୍ୟେକ କ୍ଷେତ୍ରରେ ଚାଷୀମାନଙ୍କୁ ଆନ୍ଦୋଳନ କରିବାକୁ ପଡୁଛି । ସରକାର ମେ' ୧୫ ତାରିଖରୁ ରାଜ୍ୟର ୨୦ଟି ଜିଲ୍ଲାରେ ରବି ଧାନ ସଂଗ୍ରହ ପାଇଁ ସମୟ ଧାର୍ଯ୍ୟ କରିଥିବା ବେଳେ ଆଜି ସୁଦ୍ଧା ରବି ଧାନ ସଂଗ୍ରହ ପାଇଁ ୫୦ ଭାଗ ମଣ୍ଡି ଖୋଲାଯାଇ ନାହିଁ । ଶ୍ରୀ ଦାସବର୍ମା ଆହୁରି କହିଛନ୍ତି ଯେ ରାଜ୍ୟରେ ରବି ଧାନ ସଂଗ୍ରହ ପାଇଁ ସରକାରଙ୍କ ରିପୋର୍ଟ ଅନୁଯାୟୀ ବିଚଳିତ କଲା ଭଳି ସ୍ଥିତି ସୃଷ୍ଟି ହୋଇଛି । ରବି ଧାନ କ୍ରୟ ପାଇଁ ୩ ଲକ୍ଷ ୪୭ ହଜାର ୭୫ ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ଆଜିସୁଦ୍ଧା ମାତ୍ର ୩୧ ହଜାର ୪୬୧ ଜଣ ଚାଷୀ ମଣ୍ଡି ବ୍ୟବସ୍ଥାରେ ତାଙ୍କ ଧାନ ବିକ୍ରି କରିଛନ୍ତି । ଅର୍ଥାତ୍ ୧୦ ପ୍ରତିଶତରୁ କମ୍ ଚାଷୀ ୧ ଲକ୍ଷ ୮୦ ହଜାର ମେଟ୍ରିକ ଟନ୍ ଧାନ ଆଜିସୁଦ୍ଧା ବିକ୍ରି କରିଛନ୍ତି । ଯାହା ସରକାରଙ୍କ ଅପାରଗତାକୁ ପଦାରେ ପକାଇଛି । ସାରା ରାଜ୍ୟରେ ପଞ୍ଜୀକରଣ ଠାରୁ ଆରମ୍ଭ କରି ଟୋକନ ଅବ୍ୟବସ୍ଥା ଓ ୧୦ରୁ ୧୨ କେଜି ପର୍ଯ୍ୟନ୍ତ କଟନୀଛଟନୀ କରି ଚାଷୀକୂଳକୁ ଧୋକା ଦେଉଛି ଡବଲ ଇଞ୍ଜିନ ସରକାର । ସଶକ୍ତ ବିରୋଧୀ ଦଳ ହିସାବରେ ବିରୋଧୀ ଦଳ ନେତା ଶ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ଚାଷୀକୂଳଙ୍କ ସ୍ୱାର୍ଥ ପାଇଁ ରାଜରାସ୍ତାଠୁ ଆରମ୍ଭ କରି ମଣ୍ଡି ପର୍ଯ୍ୟନ୍ତ ବିଜୁ ଜନତା ଦଳ ଲଢ଼େଇ ଜାରି ରଖିଛି ଓ ଆଗକୁ ଏହି ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବ । ବିଧାୟକ ଗୌତମବୁଦ୍ଧ ଦାସ କହିଥିଲେ ଯେ, ରବି ଧାନ ସଂଗ୍ରହ ବ୍ୟବସ୍ଥା ସାରା ରାଜ୍ୟରେ ଭୁଶୁଡ଼ି ଯାଇଛି । ବର୍ତ୍ତମାନ ରାଜ୍ୟର ଗାଁ ମାନଙ୍କରେ ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି । ସରକାରଙ୍କ ୮୦୦ ଟଙ୍କାର ଇନପୁଟ୍ ସବସିଡିକୁ ଦୃଷ୍ଟିରେ ରଖି ଚାଷୀକୂଳ ଅଧିକ ଧାନ ଉତ୍ପାଦନ କରିଛନ୍ତି । କିନ୍ତୁ ଧାନ ସଂଗ୍ରହରେ ସରକାରଙ୍କ ଅବ୍ୟବସ୍ଥା ଯୋଗୁଁ ଚାଷୀକୂଳ ହତାଶ ହୋଇ ଏବେ ଇଚ୍ଛାମୃତ୍ୟୁ ମାଗୁଛନ୍ତି । ଏପରି ସ୍ଥିତି ରହିଲେ ଆଗାମୀ ଦିନରେ ଚାଷୀ ଆତ୍ମହତ୍ୟା ଖବରକାଗଜର ଶିରୋନାମା ପାଲଟିବ । ରାଜ୍ୟରେ ୫ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ରବି ଧାନ କରିଥିବା ବେଳେ ୩ ଲକ୍ଷ ୪୭ ହଜାର ୭୫ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି । ଅର୍ଥାତ୍ ୨ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ପଞ୍ଜିକରଣରୁ ବଞ୍ଚିତ ହୋଇଛନ୍ତି । ସରକାରଙ୍କ ଚାଷୀମାରଣ ନୀତି ଯୋଗୁଁ କଳାହାଣ୍ଡି, କୋରାପୁଟଠୁ ଆରମ୍ଭ କରି ବାଲେଶ୍ୱର ପର୍ଯ୍ୟନ୍ତ ଚାଷୀ ରାଜରାସ୍ତାରେ ବସିଛନ୍ତି । ବିଭିନ୍ନ ଆଳ ଦେଖାଇ ଚାଷୀଙ୍କୁ ଶୋଷଣ କରୁଥିବା ଡବଲ ଇଞ୍ଜିନ ସରକାର ବିରୋଧରେ ଆଗକୁ ବିଜୁ ଜନତା ଦଳର ଲଢ଼େଇକୁ ଜୋରଦାର କରାଯିବ ।

ନିତିଦିନ NITIDIN

## ଗଞ୍ଜାମ ଏସ୍‌ପି ଭାବେ ଦାୟିତ୍ୱ ନେଲେ ହରିଶ ବିସି

### ଅପରାଧ ନିୟନ୍ତ୍ରଣକୁ ପ୍ରାଥମିକତା ଦିଆଯିବ

**ଛତ୍ରପୁର,୨୯।୫/ଏନ୍‌ଏନ୍‌ଏସ୍:** ଗଞ୍ଜାମ ପୁଲିସ ଜିଲାର ନୂତନ ଆରକ୍ଷୀ ଅଧିକ୍ଷକ ଭାବେ ହରିଶ ବିସି ଆଜି ଦାୟିତ୍ୱ ଗ୍ରହଣ କରିଛନ୍ତି। ୨୦୨୦ ବ୍ୟାଚ୍‌ର ଦକ୍ଷ ଆଇପିଏସ୍ ଅଫିସର ହରିଶ ବିସି ପୂର୍ବରୁ କନ୍ଧମାଳ ଏବଂ ରାୟଗଡା ଜିଲ୍ଲାରେ ଏସ୍‌ପି ଭାବେ କାର୍ଯ୍ୟ କରିଥିଲେ। ଦାୟିତ୍ୱ ଗ୍ରହଣ ଅବସରରେ ନୂତନ ଏସ୍‌ପି ଶ୍ରୀ ବିସି କହିଥିଲେ ଯେ, ଗଞ୍ଜାମ ଜିଲ୍ଲା ଏକ ବଡ ଜିଲ୍ଲା ହୋଇଥିବା ବେଳେ ଏଠାରେ ଅପରାଧିକ କାର୍ଯ୍ୟକଳାପ ବଢୁଛି। ତେଣୁ ଅପରାଧକୁ ନିୟନ୍ତ୍ରଣ କରିବା ତାଙ୍କର ପ୍ରଥମ ପ୍ରାଥମିକତା ରହିବ। ଜିଲ୍ଲାରୁ ଚୋରାଚାଲାଣ ହେଉଥିବା ପଥର ଓ ବାଲି ମାଫିଆଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ନିଆଯିବ। ଅପରାଧୀଙ୍କ ଚରାଭୂଇଁ ପାଲଟିଥିବା ଅଞ୍ଚଳଗୁଡିକରେ କଡା ନଜର ରଖାଯିବ ବୋଲି ଏସ୍‌ପି ଶ୍ରୀ ବିସି କହିଥିଲେ। ସାଧାରଣ ଲୋକ ଯେକୌଣସି ସମସ୍ୟାରେ ପଡିଥିଲେ, ଭୟଭୀତ ନ ହୋଇ ସିଧାସଳଖ ତାଙ୍କୁ ଯୋଗାଯୋଗ କରିବାକୁ ଏସ୍‌ପି କହିଥିଲେ। ଏଥିପାଇଁ ତାଙ୍କ ମୋବାଇଲ୍ ୨୪ ଘଣ୍ଟିଆ ଖୋଲା ରହିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇ ଏସ୍‌ପି ଶ୍ରୀ ବିସି କହିଛନ୍ତି। ଅନ୍ୟପକ୍ଷରେ ପୂର୍ବତନ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର ନୟାଗଡ଼ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ଭାବେ କାର୍ଯ୍ୟରେ ଯୋଗ ଦେବେ ବୋଲି ଜଣାଯାଇଛି। ଏହି ଅବସରରେ ନୂତନ ଆରକ୍ଷୀ ଅଧିକ୍ଷକଙ୍କୁ ଗଞ୍ଜାମ ଜିଲ୍ଲା ପୁଲିସ କାର୍ଯ୍ୟାଳୟର ଅଧିକାରୀ, କର୍ମଚାରୀ ଓ ଥାନାଧିକାରୀ ଫୁଲ ତୋଡା ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।



## ୩୦ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ

**ପୁରୁଷୋତ୍ତମପୁର,୨୯।୫/ଏନ୍‌ଏନ୍‌ଏସ୍:** ପୁରୁଷୋତ୍ତମପୁର ବ୍ଲକ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠରେ ଆଜି ନୂତନ ହିତାଧିକାରୀଙ୍କୁ ବାର୍ଦ୍ଧକ୍ୟ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରା, ସମାଜସେବୀ ତଥା ଯୁବନେତା ନିର୍ମଳ ଚନ୍ଦ୍ର ସାହୁଙ୍କ ଉପସ୍ଥିତିରେ ୩୦ ଜଣ ନୂତନ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କରାଯାଇଥିଲା। ଅବଶିଷ୍ଟ ଆବେଦନକାରୀଙ୍କୁ ଆଗାମୀ ମାସରେ ଭତ୍ତା ପ୍ରଦାନ କରାଯିବ ବୋଲି ଅଧ୍ୟକ୍ଷା କହିଥିଲେ। ଭତ୍ତା ବଣ୍ଟନ କାର୍ଯ୍ୟକ୍ରମରେ ବିଧାୟକ ପ୍ରତିନିଧି କୋରାନାଥ ସ୍ୱାଇଁ, ଜଗତ ବନ୍ଧୁ ପଣ୍ଡା, ଜାମୁନି ସରପଞ୍ଚ ଇନ୍ଦ୍ରଜିତ ନାୟକ, ପୂର୍ବତନ ସରପଞ୍ଚ ରବି ବେହେରା, ପୂର୍ବତନ ଜିପିଓ ମୀନକେତନ ବେହେରା, ଭତ୍ତା ବିଭାଗ ସୁପରଭାଇଜର ଜୟଶ୍ରୀ ଦୋରା, ତାପସ ବେହେରାଙ୍କ ସମେତ ବହୁ ସରପଞ୍ଚ ଉପସ୍ଥିତ ଥିଲେ।

## ଅଂଶୁମାନ ହତ୍ୟା ମାମଲା, ଅଭିଯୁକ୍ତଙ୍କୁ ଆଜୀବନ ଜେଲ୍

**ବ୍ରହ୍ମପୁର,୨୯।୫/ଏନ୍‌ଏନ୍‌ଏସ୍:** ୨୦୧୯ ମସିହାରେ ଗୋଷାଣୀନୂଆ ଗାଁ ଥାନା ଅଧିନରେ ନିରୂପମା ଆଚାର୍ଯ୍ୟଙ୍କ ପୁଅ ଅଂଶୁମାନଙ୍କୁ ଅପହରଣ କରି ହତ୍ୟା କରାଯାଇଥିଲା। ପୁଲିସ ତାରାତାରିଣୀ ପାହାଡ଼ ପାଦଦେଶରୁ ଉକ୍ତ ୭ବର୍ଷର ଶିଶୁ ଅଂଶୁମାନଙ୍କ ମୃତ ଦେହ ଜବତ କରି ଅଭିଯୁକ୍ତ ଦେବାଶିଷ ପଣ୍ଡାଙ୍କୁ ଗିରଫ କରିଥିଲା। ଅଂଶୁମାନଙ୍କ ମା ନିରୂପମାଙ୍କୁ ଅଭିଯୁକ୍ତ ଦେବାଶିଷ ପଣ୍ଡା ଏକ ତରଫା ପ୍ରେମ ନିବେଦନ କରି ବିଫଳ ହେବା ପରେ ଦେବାଶିଷ ନିରୂପମାଙ୍କ ପୁଅ ଅଂଶୁମାନଙ୍କୁ ଅପହରଣ କରି ନେଇ ଅତି ନୃଶଂସ ଭାବେ ହତ୍ୟା କରିଥିଲା। ପରେ ପ୍ରମାଣ ନଷ୍ଟ କରିବା ପାଇଁ ତାରାତାରିଣୀ ପାହାଡ଼ରେ ପିଙ୍ଗି ଦେଇ ଆସିଥିଲା। ଆଜି ଉପଯୁକ୍ତ ପ୍ରମାଣ ଥିବା ଦର୍ଶାଇ ପ୍ରଥମ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ ନରେଶ ମହାନ୍ତି ଅଭିଯୁକ୍ତ ଦେବାଶିଷ ପଣ୍ଡାଙ୍କୁ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଥିବା ଜଣାପଡିଛି।

## ମହିଳାଙ୍କୁ ହତ୍ୟା, ପୁଲିସର ତଦନ୍ତ ଆରମ୍ଭ

**ରଙ୍ଗେଇଲୁଣ୍ଡା,୨୯।୫/ଏନ୍‌ଏନ୍‌ଏସ୍:** ଗୋଳନ୍ଥରା ଥାନା ଅଧିନସ୍ଥ ଚାନ୍ଦପୁର ଗ୍ରାମ ଭଣ୍ଡାରୀ ପୋଖରୀ ହୁଡ଼ାରେ ଜଣେ ବିଧବା ମହିଳାଙ୍କ କ୍ଷତାକ୍ତ ମୃତଦେହ ଗୋଳନ୍ଥରା ପୁଲିସ ଉଦ୍ଧାର କରିଛି । ମୃତ ମହିଳା ଜଣଙ୍କ ଚାନ୍ଦପୁର ହରିଜନ ସାହିର ଶାନ୍ତି ଦାସ(୪୫) ବୋଲି ସୂଚନା ମିଳିଛି । ସୂଚନା ଅନୁଯାୟୀ ଆଜି ସକାଳ ୭ଟା ବେଳେ ମୃତ ଶାନ୍ତି ଘରୁ ଏକ କାତି ନେଇ କାଠ କାଟିବା ପାଇଁ ଭଣ୍ଡାରୀ ପୋଖରୀ ନିକଟକୁ ଯାଇଥିଲେ । ସନ୍ଧ୍ୟା ଯାଏଁ ଘରକୁ ନ ଫେରିବାରୁ ଶାନ୍ତିଙ୍କ ଝିଅ ଖୋଜିବା ପାଇଁ ପୋଖରୀ ନିକଟକୁ ଯାଇଥିଲେ । ସେଠାରେ ଶାନ୍ତିଙ୍କ କ୍ଷେତକ୍ତ ମୃତଦେହ ପଡ଼ିଥିବା ଦେଖି ଗାଁ ଲୋକଙ୍କୁ ଖବର ଦେଇଥିଲେ । ଖବର ପାଇ ଗୋଳନ୍ଥରା ଥାନା ଆଇଆଇସି ଟୁନା ସାସମଲ, ଏଏସଆଇ ରମେଶ ଚନ୍ଦ୍ର ଚୌଧୁରୀ ପୋଲିସ ଟିମ ସହ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଶାନ୍ତିଙ୍କ ବେକ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିବା ଜଣାପଡିଛି। ମୃତ ଦେହ ନିକଟରେ ଏକ କାତି ପଡ଼ିଥିବା ଦେଖିବାକୁ ମିଳିଥିଲା। ଶାନ୍ତିକୁ କେହି ଦୁର୍ବୃତ୍ତ କାତିରେ ହାଣି ହତ୍ୟା କରି ଚାଲି ଯାଇଥିବା ସନ୍ଦେହ କରାଯାଉଥିବା ବେଳେ କିଏ ଓ କାହିଁକି ହତ୍ୟା କଲା ତାକୁ ନେଇ ଆରମ୍ଭ ହୋଇଛି ଚର୍ଚ୍ଚା ଆଲୋଚନା। ଖବର ଲେଖା ହେବା ସୁଦ୍ଧା ମୃତ ଦେହ ପଡି ରହିଥିବା ସୂଚନା ମିଳିଛି।

## କାଳ ବୈଶାଖୀର ତାଣ୍ଡବ

**ଫୁଲବାଣୀ,୨୯।୫/ଏନ୍‌ଏନ୍‌ଏସ୍:** କନ୍ଧମାଳ ଜିଲ୍ଲା କୋଟଗଡ ବ୍ଲକ ଅନ୍ତର୍ଗତ ଯୁବାଗୁଡା ପଂଚାୟତ ପ।ଣ୍ଡାମ।ହା ଗ୍ରାମରେ ପବନ, ବର୍ଷା,ବିଜୁଳି, ଘଡ ଘଡି ହୋଇ ଗ୍ରାମର ୧୦ ରୁ ଉର୍ଦ୍ଧ୍ୱ ପରିବାର ଲୋକଙ୍କ ଘର ଦ୍ୱାର ଉଡେଇ ନେଇଛି। ପଣ୍ଡାମ।ହା ଗ୍ରାମରେ କାଳବୈଶାଖୀର ତାଣ୍ଡବରେ ପରିବାର ଘର ଦ୍ୱାର ଛାରଖାର ହୋଇଯାଇଛି। ଗରିବ ନିରୀହ ଆଦିବାସୀ ମାନଙ୍କ ଘର ଦ୍ୱାର ଭାଙ୍ଗି ଯାଇଛି। କାହାର ଆଜବେଷ୍ଟ ୧୦୦ ମିଟର ଦୂରତାକୁ ଉଡିଯାଇଛି ତ କାହାର ଘର ଉପରେ ଗଛ ପଡି କ୍ଷୟ କ୍ଷତି ହୋଇଛି। ଛଣ, ଆଜବେଷ୍ଟସ, ଟିଣ, କାଠ ଦୁଲା ସବୁ ଉଡେଇନେଇଛି। ଲୋକେ ରାତି ସାରା ଅନିଦ୍ରା ହୋଇ ଗଛ ମୂଳରେ ଆଶ୍ରୟ ନେଇଥିଲେ। ଘରର କାନ୍ଥ ଭୁସୁଡ଼ି ଯାଇଛି। କାଳ ବୈଶାଖୀର ତାଣ୍ଡବରେ କ୍ଷୟ କ୍ଷତି ଘଟି ଥିବା ପରିବାର ୱାର୍ଡ ମେମ୍ବର କବିତା ମଲିକ, ମଗି ମଲିକ, ବନ୍ଦେତା ମଲିକ, କୁନ୍ଦୁକୁଡି ମଲିକ, ସନାତନ ମଣ୍ଡଳ ମାଝୀ, ଆଶାଲତା ମଲିକ, କବିତା ମଲିକ, ପିଲିପ ମଣ୍ଡଳ ମାଝୀ, ଶ୍ରୀକାନ୍ତ ବେରୁକ ମାଝୀ, ବିଜୟ ବେରୁକ ମାଝୀ, ରିଟୁ ମଣ୍ଡଳ ମାଝୀ, ପିତ୍ରୀ ମଣ୍ଡଳ ମାଝୀ। କ୍ଷତିଗ୍ରସ୍ତ ଲୋକେ ଦୁର୍ଦ୍ଦଶାରେ ରହିଛନ୍ତି। ପ୍ରଶାସନ ପକ୍ଷରୁ ସେମାନଙ୍କୁ ସରକାରୀ ସହାୟତା ଯୋଗେଇଦେବାକୁ ଦାବି କରାଯାଇଛି। ସେହିଭଳି କୋଟଗଡ ବ୍ଲକର କୋଟଗଡ, ମାଦାଗୁଡା, ଜୁଡ଼ାବାଲି, ଧରାକୋଟ, ଦୁର୍ଗାପଙ୍ଗା, ସୁବର୍ଣ୍ଣ ଗିରି ସାର୍ତ୍ତୁଲ, ଓରା, ଗୁଗୁର ମହା, ଶ୍ରୀରାମପୁର, ଯୁବାଗୁଡା, ମାର୍ଲାଙ୍ଗା,ପକାରୀ, ରାଣୀପଙ୍ଗା, ପାରିଗଡ଼ ରେ କାଳ ବୈଶାଖୀ ର ତାଣ୍ଡବ ରେ ଘର ଦ୍ୱାର ଉଡିଯାଇଛି। ଘର ଉପରେ ଗଛ ମଧ୍ୟ ପଡି ବହୁ ଲୋକଙ୍କ ବହୁତ କ୍ଷତି ହୋଇଛି। ଆସବବାବପତ୍ର ଠାରୁ ଆରମ୍ଭ କରି ଧାନ, ଚାଉଳ, ଟଙ୍କା, ପଇସା ବହୁତ ଜିନିଷ ନଷ୍ଟ ହୋଇଛି।



## ଆଜିଠାରୁ ଆରମ୍ଭ ହେବ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ

# ରାଜନୈତିକ ଦଳର ବୁଥ୍‌ସ୍ତରୀୟ ପ୍ରତିନିଧିଙ୍କ ବୈଠକ

**ଆସିକା,୨୯।୫/ଏନ୍‌ଏନ୍‌ଏସ୍:** ଭାରତର ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ଓଡିଶା-୨୦୨୬ ପ୍ରକ୍ରିୟାକୁ ସଫଳ ଓ ସ୍ୱଚ୍ଛତାର ସହ ସଂପନ୍ନ କରିବା ପାଇଁ ଆସିକା ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ସ୍ୱୀକୃତିପ୍ରାପ୍ତ ବିଭିନ୍ନ ରାଜନୈତିକ ଦଳର ବୁଥ୍‌ସ୍ତରୀୟ ପ୍ରତିନିଧିଙ୍କ ଏକ ବୈଠକ ୩ଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୧୨୮ ଆସିକା ବିଧାନସଭା ନିର୍ବାଚନ ମଣ୍ଡଳୀର ଅତିରିକ୍ତ ନିର୍ବାଚକ ଅଧିକାରୀ ତଥା ଆସିକା ଏବିଡିଓ ସୁଶାନ୍ତ କୁମାର ବେହେରା, ଅତିରିକ୍ତ ନିର୍ବାଚନ ପଞ୍ଜିକରଣ ଅଧିକାରୀ ତଥା ଅତିରିକ୍ତ ତହସିଲଦାର ଅମରେଶ୍ ସାବତ, ସୁପରଭାଇଜର୍ ରାମନାଥ ପଟ୍ଟନାୟକ ଓ ଶୁଭେନ୍ଦୁ ଶେଖର ଜେନା, ଆସିକା ବ୍ଲକର ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ରାଜଶ୍ରୀ ସାହୁ ପ୍ରମୁଖ ଯୋଗଦେଇ ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ନିର୍ଭୁଲ ସଂପାଦନ ନେଇ ଆଲୋକପାତ କରିଥିଲେ । ୧୮ ବର୍ଷ ବୟସ କିମ୍ବା ତା ଠାରୁ ଉର୍ଦ୍ଧ୍ୱ ବୟସର ଯୁବ ଭୋଟରଙ୍କ ନାମ କିପରି ଶତ ପ୍ରତିଶତ ପଞ୍ଜିକୃତ କରାଯିବ ତାହାରି ଉପରେ ସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା, ଭୋଟର ତାଲିକାରୁ ମୃତ ଓ ସ୍ଥାନାନ୍ତରିତ ବ୍ୟକ୍ତିଙ୍କ ନାମ ବାଦ୍ ଦେବା, ତ୍ରୁଟିପୂର୍ଣ୍ଣ ନାମ ଓ ଠିକଣା ସଂଶୋଧନ ପାଇଁ ଆସୁଥିବା ଆବେଦନ ଗୁଡିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଯାଞ୍ଚ କରିବା, ଭୋଟର ତାଲିକାର ସଠିକତା ଓ ପାରଦର୍ଶିତା ନିଶ୍ଚିତ କରିବାକୁ ଆହ୍ୱାନ କରାଯାଇଥିଲା । ଆସନ୍ତାକାଲି ଅର୍ଥାତ୍ ୩୦ ତାରିଖରୁ ଜୁନ୍ ମାସ ୨୮ ତାରିଖ ପର୍ଯ୍ୟନ୍ତ ବିଏଲ୍‌ଓମାନେ ଘରକୁ ଘର ଯାଇ ପରିଗଣନା ଫର୍ମ ପୂରଣ ଓ ଯାଞ୍ଚ କାର୍ଯ୍ୟ ଆରମ୍ଭ କରିବେ। ମତଦାନ କେନ୍ଦ୍ର ଗୁଡିକର ଯୁକ୍ତିସଂଗତ ପୁନର୍ବିନ୍ୟାସ ଆସନ୍ତା ଜୁନ୍ ମାସ ୨୮ ତାରିଖ ସୁଦ୍ଧା ସଂପନ୍ନ ଏବଂ ଖସଡା ଭୋଟର୍ ତାଲିକା ଜୁଲାଇ ମାସ ୫ ତାରିଖରେ ପ୍ରକାଶିତ ହେବ ବୋଲି ଜଣାପଡିଛି। ଏଥିସହ ଦାବି ଓ ଆପତ୍ତି ଦାଖଲ ସମୟ ଜୁଲାଇ ମାସ ୫ ତାରିଖରୁ ଅଗଷ୍ଟ ମାସ ୪ ତାରିଖ ପର୍ଯ୍ୟନ୍ତ ରହିବ ବୋଲି ଜଣାପଡିଛି । ନୋଟିସ୍ ଜାରି କରିବା ଓ ଦାବି ଆପତ୍ତିର ନିଷ୍ପତି ଜୁଲାଇ ୫ ତାରିଖରୁ ସେପ୍ଟେମ୍ବର ମାସ ୨ ତାରିଖ ପର୍ଯ୍ୟନ୍ତ କରାଯିବ । ଚୂଡାନ୍ତ ତଥା ଅନ୍ତିମ ଭୋଟର ତାଲିକା ଆସନ୍ତା ସେପ୍ଟେମ୍ବର ମାସ ୬ ତାରିଖରେ ପ୍ରକାଶିତ ହେବା କାର୍ଯ୍ୟକ୍ରମ ରହିଛି। ଆସିକା ପଞ୍ଚାୟତ ସମିତିର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ସୁପରଭାଇଜର୍ ଶିବଶଙ୍କର ଜେନା, ସତ୍ୟନାରାୟଣ ସେଠୀ, ନିରଞ୍ଜନ ପରିଡା, ବଂଶୀଧର ପରିଡା, ଧୋବା ବେହେରା, ଶୁଭେନ୍ଦୁ ଶେଖର ଜେନା, କାଳୁ ଚରଣ ସେଠୀ, ବିଦ୍ୟାଧର ସାହୁଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜନେତା ମାନସ ରଂଜନ ଗୌଡ, ଅମୂଲ୍ୟ କୁମାର ଉପାଧ୍ୟାୟ, କାମରାଜୁ ଭୋଳ, ସଂଜ କୁମାର ଗୌଡ, ସୀତାରାମ ନାୟକ, ଅରୁଣ କୁମାର ଦଳେଇ, ଦେବାଶିଷ୍ ପଣ୍ଡାଙ୍କ ସମେତ କେତେକ ରାଜନୈତିକ ଦଳର ବହୁ ପ୍ରତିନିଧି ଯୋଗ ଦେଇଥିଲେ।



## ଛତ୍ରପୁରରେ ଏସ୍‌ଆଇଆର୍ ସଚେତନତା ପଦଯାତ୍ରା

**ଛତ୍ରପୁର,୨୯।୫/ଏନ୍‌ଏନ୍‌ଏସ୍:** ଛତ୍ରପୁରରେ ଆଜି ସକାଳେ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ଛତ୍ରପୁରସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ସହର ପରିକ୍ରମା ପୂର୍ବକ ସର୍କିଟ ହାଉସରେ ଶେଷ ହୋଇଥିଲା । ପଦଯାତ୍ରାରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା, ଛତ୍ରପୁର ଉପଜିଲ୍ଲାପାଳ ଶିବାଶିଷ ବରାଳ, ଡେପୁଟି କଲେକ୍ଟର(ନିର୍ବାଚନ ) ଡ. ଅଶୋକ କୁମାର ଖଣ୍ଡା, ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି, ଅତିରିକ୍ତ ଉପଜିଲ୍ଲାପାଳ ପାର୍ଥ ସାରଥୀ ହାଁସଦା, ଛତ୍ରପୁର ପୌରପାଳିକାର ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶ, ବିଏଲଓ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକ, ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେବା ପୂର୍ବକ ଏସ୍‌ଆଇଆର ଚାଲିଥିବା ସମୟରେ କ'ଣ କ'ଣ କରିବେ ସେ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏହି ଅବସରରେ ଜିଲ୍ଲାବାସୀ ସଠିକ ତଥ୍ୟ ଦେବା ସହ ବିଏଲଓମାନଙ୍କୁ ପୂର୍ଣ୍ଣ ସହଯୋଗ କରିବାକୁ ଜିଲ୍ଲାପାଳ ଅନୁରୋଧ କରିଥିଲେ।




## ଗୋପାଳପୁର ବିଜେଡିର ବିକ୍ଷୋଭ

# ମହିଳାଙ୍କ ପ୍ରତି ବଢୁଥିବା ନିର୍ଯାତନା ବନ୍ଦ ଦାବି

**ରଙ୍ଗେଇଲୁଣ୍ଡା,୨୯।୫/ଏନ୍‌ଏନ୍‌ଏସ୍:** ପାର୍ଲାମେଣ୍ଟରେ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିବା ମହିଳା ସଂରକ୍ଷଣ ଅଧିନିୟମର ତ୍ୱରିତ କାର୍ଯ୍ୟାନୟନ ଓ ମହିଳାମାନଙ୍କ ପ୍ରତି ବଢି ଚାଲିଥିବା ନୃଶଂସ ନିର୍ଯାତନା ବନ୍ଦ ଦାବିରେ ଆଜି ଗୋପାଳପୁର ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦଳ ପକ୍ଷରୁ ରଙ୍ଗେଇଲୁଣ୍ଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଗୋପାଳପୁର ନିର୍ବାଚନ ମଣ୍ଡଳୀର ଶତାଧିକ ବିଜେଡି ମହିଳା କର୍ମୀଙ୍କ ସମେତ ନେତା ବିଶାଳ ରାଲିରେ କନିଷି ହାଟରୁ ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ବିଜୁ ଜନତା ଦଳ ୨୦୨୩ ମସିହାରୁ ୩୩ ପ୍ରତିଶତ ମହିଳା ସଂରକ୍ଷଣ ବିଲ ପ୍ରସ୍ତାବ ଦେଇ ଆସୁଥିବା ବେଳେ ତାକୁ ଲାଗୁ ନ କରି ୨୦୨୬ ଜନସଂଖ୍ୟା ଆଧାରରେ ପଶ୍ଚିମ ବଙ୍ଗ ନିର୍ବାଚନକୁ ଆଖି ଆଗରେ ରଖି ମହିଳା ବିଲ୍ ଲାଗୁ କରିବାର ବିଜେପି ଚକ୍ରାନ୍ତ ରଚିଥିଲା । ଯାହା କଦାପି ଗ୍ରହଣ ନୁହେଁ ବୋଲି ବିଜେଡିର ଉପସ୍ଥିତ ନେତାମାନେ କହିଥିଲେ। ବିକ୍ଷୋଭ କାର୍ଯ୍ୟକ୍ରମରେ ବିଜୁ ଛାତ୍ର ଜନତା ଦଳ ସଭାନେତ୍ରୀ ଇପ୍ସିତା ସାହୁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଏସ. ରାଜେଶ୍ୱରୀ ଦୋରା, ରଙ୍ଗେଇଲୁଣ୍ଡା ବ୍ଲକ ଉପାଧ୍ୟକ୍ଷା ଅନିତା ମାହାଙ୍କୁଡ଼, ଜିଲ୍ଲାପରିଷଦ ସଭ୍ୟା ତଅପୋଇ ଦାସ, କରାପଲ୍ଲୀ ସରପଞ୍ଚ ଏସ ମେନେକା ରେଡି, ସୋନାଲି ଗନ୍ତାୟତ ଡେପୁଟି ମେୟର ଇ. ବେବେକ ରେଡି, ବ୍ଲକ ସଭାପତି ଅଜିତ କୁମାର ଦାଶ, ଜିଲ୍ଲାପରିଷଦ ସଭ୍ୟ ଦୀପକ ସାମନ୍ତ, ବରିଷ୍ଠ ବିଜେଡି ନେତା ସିଏଚ. ବାଇରୀ ପାତ୍ର, ସୁବାସ ମହାରଣା,ଡିଲେଶ୍ୱର ରେଡି, ପ୍ରତାପ ଚନ୍ଦ୍ର କୋଠିଆ, ପ୍ରକାଶ ଚନ୍ଦ୍ର ସାମନ୍ତ, ହଳଦିଆପଦର ସମିତି ସଭ୍ୟ କେ. ପ୍ରବୀଣ କୁମାର, ବିଚିତ୍ର ବିଷୋୟୀ ସନ୍ତୋଷ ପ୍ରଧାନ, ମୁନା ନାୟକ, କୁନା ପାତ୍ର ପ୍ରମୁଖ ସାମିଲ ରହିଥିଲେ।



# ସ୍ତ୍ରୀକୁ ଲୁହା ରଡ୍‌ରେ ଆକ୍ରମଣ କରି ସ୍ୱାମୀ ଗିରଫ

**ବୁଗୁଡା,୨୯।୫/ଏନ୍‌ଏନ୍‌ଏସ୍:** ବୁଗୁଡ଼ା ଥାନା ବାଲିପଦର ଫାଣ୍ଡି ଅନ୍ତର୍ଗତ ଗହଙ୍ଗୁ ଗ୍ରାମରେ ସ୍ତ୍ରୀ ଝିଲ୍ଲୀ ନାଇକକୁ ଆକ୍ରମଣ କରି ସ୍ୱାମୀ ଟୁକୁନା ନାଇକ(୩୫) ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା ଜଣାଯାଇଛି। ଏନେଇ ପୁଲିସ ପକ୍ଷରୁ କେସ୍ ନଂ ୨୭୩/୨୬ରେ ଏକ ମାମଲା ରୁଜୁ ହୋଇଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା ସୂଚନା ଦେଇଛନ୍ତି। ପ୍ରକାଶ ଯେ, ସୁରାଟରେ ଦାଦନ ଖଟୁଥିବା ଟୁକୁନା ତିନି ଦିନ ହେଲା ନିଜ ଗାଁ ଗାଙ୍ଗପୁର ଥାନା ଅନ୍ତର୍ଗତ ଲୁଣିପଡାକୁ ଫେରିଥିଲା। ତେବେ ସେ ଗତ ଗୁରୁବାର ଦିନ ଶଶୁର ଘର ଗହଙ୍ଗୁ ଗ୍ରାମକୁ ମାତାଲ ଅବସ୍ଥାରେ ଆସି ସ୍ତ୍ରୀ ଝିଲ୍ଲୀକୁ ଲୁଣିପଡାକୁ ଯିବାକୁ ବାଧ କରିଥିଲା। ଏଥିରେ ଝିଲ୍ଲୀ ଅରାଜି ହେବାରୁ ଟୁକୁନା ଏକ ଲୁହା ରଡରେ ଆକ୍ରମଣ କରି ମୁଣ୍ଡକୁ ଆଘାତ କରିଥିଲା । ଶାଶୁ ଏହାର ପ୍ରତିବାଦ କରିବାକୁ ଯାଇ ସେ ମଧ୍ୟ ଆକ୍ରମଣର ଶିକାର ହୋଇଥିଲେ। ଏନେଇ ସ୍ତ୍ରୀ ଝିଲ୍ଲୀ ସ୍ୱାମୀଙ୍କ ବିରୋଧରେ ଅଭିଯୋଗ କରିଥିଲା ବେଳେ ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡି ଘଟଣାର ତଦନ୍ତ ପରେ ଅଭିଯୁକ୍ତ ଟୁକୁନାକୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ।

## ଓସିଏସ୍ ପରୀକ୍ଷାରେ ସ୍ମୃତିରଞ୍ଜନଙ୍କ କୃତିତ୍ୱ

**ଆସିକା,୨୯।୫/ଏନ୍‌ଏନ୍‌ଏସ୍:** ଓଡିଶା ଲୋକସେବା ଆୟୋଗ (ଓପିଏସ୍‌ସି) ପକ୍ଷରୁ ୨୦୨୪ ବର୍ଷର ଓଡିଶା ପ୍ରଶାସନିକ ସେବା (ଓସିଏସ୍) ପରୀକ୍ଷାଫଳ ପ୍ରକାଶ ପାଇଛି। ଏହି ପରୀକ୍ଷାରେ ଆସିକା ନିକଟସ୍ଥ କାଳଷଣ୍ଢପୁର ଗ୍ରାମର ମେଧାବୀ ଛାତ୍ର ସ୍ମୃତିରଞ୍ଜନ ବେହେରା ସାରା ରାଜ୍ୟରେ ୧୫୩ତମ ର୍ୟାଙ୍କ ହାସଲ କରି କୃତିତ୍ୱ ଅର୍ଜନ କରିଛନ୍ତି। ସେ ନିଜର ପ୍ରଥମ ପ୍ରୟାସରେ ଏହି ସଫଳତା ପାଇଛନ୍ତି । କାଳଷଣ୍ଢପୁର ଗ୍ରାମ ବଡଦାଣ୍ଡ ସାହିର ଶିକ୍ଷକ ସନ୍ତୋଷ କୁମାର ବେହେରା ଓ ଗୃହିଣୀ ପୁଷ୍ପାଞ୍ଜଳୀ ବେହେରାଙ୍କ ପୁତ୍ର ସ୍ମୃତିରଞ୍ଜନ ପିଲାଟି ଦିନରୁ ସ୍ଥାନୀୟ ଅଞ୍ଚଳରେ ଜଣେ ମେଧାବୀ ଛାତ୍ର ଥିଲେ। ଆସିକା ଅଞ୍ଚଳର ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅତୀତରେ ମାଟ୍ରିକ୍ ଓ ଯୁକ୍ତ ଦୁଇ ପରୀକ୍ଷାରେ କୃତିତ୍ୱର ସହ କୃତକାର୍ଯ୍ୟ ହୋଇଥିଲେ। ମାଟ୍ରିକ ଓ ଯୁକ୍ତ ଦୁଇ ପାଠପଢା ସମାପ୍ତ ପରେ ସେ ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀ ହେବା ପାଇଁ ଲକ୍ଷ୍ୟ ଉଚ୍ଚଶିକ୍ଷା ଲାଗି ପ୍ରୟାସ ଜାରି ରଖିଥିଲେ। ସ୍ମୃତିରଞ୍ଜନ ନିଜ ସଫଳତାର ଶ୍ରେୟ ପିତା ସନ୍ତୋଷ କୁମାର ବେହେରା ଓ ମାତା ପୁଷ୍ପାଞ୍ଜଳୀ ବେହେରାଙ୍କ ସମେତ ସମସ୍ତ ଗୁରୁଜନ, ପରିବାରବର୍ଗ ଓ ଶୁଭେଚ୍ଛୁଙ୍କୁ ପ୍ରଦାନ କରିଛନ୍ତି। ଆଗାମୀ ଦିନରେ ସେ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେବା ପାଇଁ ଲକ୍ଷ୍ୟ ରଖିବା ସହ ଭବିଷ୍ୟତରେ ଜଣେ ପ୍ରଶାସନିକ ଅଧିକାରୀ ହୋଇ ତୃଣମୂଳ ସ୍ତରରେ ଶିକ୍ଷା ଓ ଜନସେବାକୁ ଗୁରୁତ୍ୱ ଦେବା ସହ ଲୋକଙ୍କ ସମସ୍ୟାର ତ୍ୱରିତ୍ ସମାଧାନକୁ ସର୍ବାଧିକ ପ୍ରାଥମିକତା ଦେବେ ବୋଲି କହିଛନ୍ତି। ସ୍ମୃତିରଞ୍ଜନଙ୍କ ଏହି ସଫଳତା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି। ସ୍ମୃତିରଂଜନଙ୍କୁ ଅବସରପ୍ରାପ୍ତ ଶିକ୍ଷକ ମିହିରକାନ୍ତ ମହାପାତ୍ର, ସୁରେନ୍ଦ୍ରନାଥ ବେହେରା, ନିରଞ୍ଜନ ନାୟକ, ପ୍ରଫୁଲ୍ଲ କୁମାର ଦାଶ, ଶିକ୍ଷକ ଶିବଶଙ୍କର ଜେନା, ସିମାଞ୍ଚଳ ସେଠୀ, ସତ୍ୟନାରାୟଣ ସେଠୀ, ସନ୍ତୋଷ କୁମାର ବେହେରା, ଗଣପତି ସେଠୀ, ରାମନାଥ ପଟ୍ଟନାୟକ, ମନୋଜ କୁମାର ବେହେରା, ପଦ୍ମଚରଣ ସେଠୀ, ଜୁଲି ରଥ, ସନ୍ତୋଷ କୁମାରୀ ଶତପଥୀଙ୍କ ସମେତ ବହୁ ଶିକ୍ଷକ, ଶୁଭେଚ୍ଛୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି। ସ୍ମୃତିରଞ୍ଜନ ଆସିକା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ମାଟ୍ରିକ୍ ଓ ଆସିକା ସରସ୍ୱତୀ ବିଦ୍ୟାମନ୍ଦିରରେ ଯୁକ୍ତ ଦୁଇ ସାରିବା ପରେ ସମ୍ବଲପୁର ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟରେ କମ୍ପୁଟର ବିଜ୍ଞାନ ପାଠ୍ୟକ୍ରମ ସମାପନ କରିଥିଲେ। ତାଙ୍କର ଏହି ସଫଳତା କାଳଷଣ୍ଢପୁର ଗ୍ରାମ ପାଇଁ ଗର୍ବ ଓ ଗୌରବ ଆଣିଛି।



## ଅସହ୍ୟ ଖରାରେ ଚେତାଶୂନ୍ୟ ହୋଇପଡ଼ିଲା ଗାଈ

### ପଶୁ ଆମ୍ବୁଲାନ୍ସର ତ୍ୱରିତ ସେବା ପରେ ସୁସ୍ଥ ହେଲା

**ବ୍ରହ୍ମପୁର,୨୯।୫/ଏନ୍‌ଏନ୍‌ଏସ୍:** ଅସହ୍ୟ ଖରାରେ ଚେତାଶୂନ୍ୟ ହୋଇ ଛୋଟପଟ ହେଉଥିବା ଏକ ଗାଈ ଆଜି ମୃତ୍ୟୁମୁଖରୁ ବର୍ତ୍ତି ଯାଇଛି। ପଶୁପ୍ରେମୀଙ୍କ ଉଦ୍ୟମ ଓ ପଶୁ ଡାକ୍ତରଙ୍କ ତ୍ୱରିତ ସ୍ୱାସ୍ଥ୍ୟସେବା ଯୋଗୁଁ ଗାଈଟି ସୁସ୍ଥ ହୋଇଥିବା ଜଣାପଡିଛି। ସହରରେ ଦିନ ତମାମ ଅସହ୍ୟ ଖରା ଅନୁଭୂତ ହେଉଥିବା ବେଳେ ଆଜି ସ୍ଥାନୀୟ ଦେଶୀ ବେହେରା ସାହିସ୍ଥିତ ୫ନଂ ୱାର୍ଡରେ ଏକ ବୁଲା ଗାଈ ଚେତାଶୂନ୍ୟ ହୋଇପଡ଼ିଥିଲା। ସ୍ଥାନୀୟ ବାସିନ୍ଦା ସୋମେଶ୍ୱର ରାଓ ନାମକ ବ୍ୟକ୍ତି ପଶୁ ପ୍ରେମୀ ତଥା ବିଧାୟକଙ୍କ ପ୍ରତିନିଧି ଶ୍ରୀକାନ୍ତ ପାଲଙ୍କୁ ସୂଚନା ଦେଇଥିଲେ। ପଶୁ ଚିକିତ୍ସାଳୟର ହେଲ୍ପ ଲାଇନ ନମ୍ବର ୧୯୬୨କୁ ଯୋଗାଯୋଗ କରି ଗାଈର ଅସୁସ୍ଥତା ସମ୍ପର୍କରେ ମଧ୍ୟ ସୂଚନା ଦିଆଯାଇଥିଲା। ପଶୁ ଚିକିତ୍ସାଳୟର ବରିଷ୍ଠ ଡ଼ାକ୍ତର ସତ୍ୟ ନାରାୟଣ କର ଏନେଇ ସୂଚନା ପାଇବା ପରେ ତୁରନ୍ତ ପଶୁ ଚିକିତ୍ସାଳୟର ଆମ୍ବୁଲାନ୍ସ କର୍ମଚାରୀଙ୍କୁ ଘଟଣାସ୍ଥଳକୁ ପଠାଇଥିଲେ। ଭିଷଣ ଖରାରେ ଗାଈଟିର ଜଳୀୟ ଅଂଶ କମିଥିବାରୁ ତୁରନ୍ତ ଆମ୍ବୁଲାନ୍ସ ଡାକ୍ତର ଗାଈର ଦେହରେ ସାଲାଇନ ଲଗାଇବା ସହ ଇଞ୍ଜେକସନ ଦେଇଥିଲେ। ପରେ ଗାଈଟି ସୁସ୍ଥ ଅନୁଭବ କରିଥିଲା। ପଡି ରହିଥିବା ସ୍ଥାନରୁ ଉଠି ପୁଣି ସ୍ୱାଭାବିକ ଭାବେ ଚାଲିବା ଆରମ୍ଭ କରିଥିଲା। ଲୋକଙ୍କ ସୂଚନା ଓ ପଶୁ ଡାକ୍ତରଙ୍କ ତ୍ୱରିତ ସ୍ୱାସ୍ଥ୍ୟସେବା ଯୋଗୁଁ ଆଜି ଗାଈଟିର ଅମୂଲ୍ୟ ଜୀବନ ବଞ୍ଚିଯାଇଛି। ତେଣୁ କୌଣସି ଜାଗାରେ ବି ଗାଈଗୋରୀ, ଛେଳି, ମେଣ୍ଢା, କୁକୁର ଆଦି ଅସୁସ୍ଥତା ସମ୍ପର୍କରେ ସୂଚନା ପାଇଲେ ଜନସାଧାରଣ କାଳବିଳମ୍ବ ନ କରି ପଶୁ ଚିକିତ୍ସାଳୟର ହେଲ୍ପ ଲାଇନ ନମ୍ବର ୧୯୬୨ରେ ଯୋଗାଯୋଗ କରିବାକୁ ଡାକ୍ତର ଏବଂ ପଶୁପ୍ରେମୀ ଲଲାଟେନ୍ଦୁ ଚୌଧୁରୀଙ୍କ ପକ୍ଷରୁ ଅନୁରୋଧ କରାଯାଇଛି।



## ସାନଖେମୁଣ୍ଡି ପ୍ରେସ୍ କ୍ଲବ୍‌ର ବୈଠକ

**ବ୍ରହ୍ମପୁର,୨୯।୫/ଏନ୍‌ଏନ୍‌ଏସ୍:** ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ପ୍ରେସ କ୍ଲବର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାନଳାସ୍ଥିତ ରାଧାକୃଷ୍ଣ ମନ୍ଦିର ପରିସରରେ ଏକ ସାଧାରଣ ଅଧିବେଶନ ଓ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସାନଖେମୁଣ୍ଡି ଜନଗଣଙ୍କ ସାମୂହିକ ସମସ୍ୟା, ସାମାଜିକ ଭିତ୍ତଭୂମିର ବିକାଶ ସହ ଅଞ୍ଚଳର କଳା, ସାହିତ୍ୟ, ସଂସ୍କୃତିର ବିକାଶ ଦିଗରେ ନିଷ୍ପକ୍ଷ ଭାବେ ଖବର ପରିବେଷଣକୁ ଗୁରୁତ୍ୱ ଦିଆଯାଇଥିଲା। ଏହି ଅବସରରେ କ୍ଲବ୍ ପକ୍ଷରୁ ଆଗାମୀ ଦିନରେ ସାନଖେମୁଣ୍ଡିରେ ଥିବା ଲୁକ୍କାୟିତ ପ୍ରତିଭା, କଳା ଓ ସାଂସ୍କୃତି ଓ ସାହିତ୍ୟ ଆସରକୁ ନେଇ ପ୍ରେସ କ୍ଲବ ମହୋତ୍ସବ ଆୟୋଜିତ କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା। ପଦ୍ମଲୋଚନ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିନାୟକ ଦାଶ, ନାରାୟଣ ସେଠି, ଶିବରାମ ସ୍ୱାଇଁ, ପ୍ରଫୁଲ୍ଲ ସାବତ, ଅଶୋକ କୁମାର ସାହୁ, ବିଜୟ କୁମାର ପ୍ରଧାନ, ସୁଦର୍ଶନ ଚୌଧୁରୀ, ଅମିତ କୁମାର ସାହୁ, ଅଜୟ କୁମାର ସ୍ୱାଇଁ, ରଘୁନାଥ ନାୟକ, ସପନ ଦାସ ପ୍ରମୁଖ ଯୋଗ ଦେଇ ବିଭିନ୍ନ ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରିଥିଲେ।



# ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷା ଫଳ ପ୍ରକାଶ

**କନ୍ଧମାଳ,୨୯।୫/ଏନ୍‌ଏନ୍‌ଏସ୍:** କନ୍ଧମାଳ ଜିଲ୍ଲା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଫୁଲବାଣୀର ୨୦୨୫-୨୬ ଶିକ୍ଷା ବର୍ଷର ସ୍ନାତକ ଓ ସ୍ନାତକୋତ୍ତର ଶେଷ ସେମିଷ୍ଟାର ପରୀକ୍ଷା ଫଳ ମହାବିଦ୍ୟାଳୟ ପରୀକ୍ଷା ବିଭାଗ ଠାରେ ପ୍ରକାଶିତ ହୋଇଯାଇଛି । ସ୍ନାତକ କଳା ବିଭାଗରେ ୮୬. ୮୮ପ୍ରତିଶତ, ବିଜ୍ଞାନ ବିଭାଗରେ ୮୬. ୦୯ ପ୍ରତିଶତ, ବାଣିଜ୍ୟ ବିଭାଗରେ ୬୭. ୬୪ ପ୍ରତିଶତ ଏବଂ ସେଲ୍ଫ ଫାଇନାନ୍‌ସିଙ୍ଗ ବିସିଏ ବିଭାଗରେ ୯୬. ୩୦ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ମୋଟ ୮୫ ପ୍ରତିଶତ ଛାତ୍ର ଛାତ୍ରୀ ସ୍ନାତକ ପାଠ୍ୟକ୍ରମରେ ଉତ୍ତୀର୍ଣ୍ଣ ହୋଇଛନ୍ତି । କଳା ବିଭାଗ ରାଜନୀତି ବିଜ୍ଞାନରେ ଛାତ୍ରୀ ମନୀଷା ସାହୁ ୮. ୭୬ ସିଜିପିଏ ରଖି ଶ୍ରେଷ୍ଠ ବିଭାଗୀୟ ସ୍ନାତକ ବିବେଚିତ ହୋଇଛନ୍ତି । ସେହିପରି ବିଜ୍ଞାନ ବିଭାଗର ଜୀବବିଜ୍ଞାନ ବିଭାଗର ଛାତ୍ରୀ ସ୍ମୃତି ଚିନ୍ମୟୀ ପ୍ରଧାନ ୯. ୦୬ ସିଜିପିଏ ରଖି ଶ୍ରେଷ୍ଠ ବିଭାଗୀୟ ସ୍ନାତକ ବିବେଚିତ ହୋଇଛନ୍ତି । ବାଣିଜ୍ୟ ବିଭାଗରେ ଶୁଭ୍ରାଂଶୁ ଶେଖର ସାହୁ ୮. ୭୧ସିଜି ପିଏ ରଖି ଏବଂ ବିସିଏ ବିଭାଗରେ ରଞ୍ଜନା ପ୍ରଧାନ ୮.୯୬ ସିଜି ପି ଏ ରଖି ଶ୍ରେଷ୍ଠ ବିଭାଗୀୟ ସ୍ନାତକ ବିବେଚିତ ହୋଇଛନ୍ତି । ଜୀବବିଜ୍ଞାନ ବିଭାଗର ଛାତ୍ରୀ ସ୍ମୃତି ଚିନ୍ମୟୀ ପ୍ରଧାନ ୯. ୦୬ ସିଜିପିଏ ରଖି ଚଳିତ ବର୍ଷର ଶ୍ରେଷ୍ଠ ସ୍ନାତକ ହୋଇଛନ୍ତି । ସେହିପରି ସ୍ନାତକୋତ୍ତର କଳା ବିଭାଗରେ ୯୩.୨୪ ପ୍ରତିଶତ, ବିଜ୍ଞାନ ବିଭାଗରେ ୯୧. ୯୬ ପ୍ରତିଶତ ଏବଂ ବାଣିଜ୍ୟ ବିଭାଗରେ ଶତ ପ୍ରତିଶତ ଉତ୍ତୀର୍ଣ୍ଣ ହୋଇଛନ୍ତି। ସର୍ବ ମୋଟ ୯୩ପ୍ରତିଶତ ଛାତ୍ର ଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । କଳା ବିଭାଗ ନୃତତ୍ତ୍ୱ ବିଭାଗରେ ମଧୁସ୍ମିତା ବେହେରା ୯.୧୧ ସିଜି ପି ଏ, ଜୀବ ବିଜ୍ଞାନ ବିଭାଗରେ ବିଭାଗର ମନୋଲିସା ବେହେରା ୯. ୩୨ ସିଜିପିଏ ରଖିଥିବା ବେଳେ ବାଣିଜ୍ୟ ବିଭାଗରେ ଚନ୍ଦନ କୁମାର ପୃଷ୍ଟି ୯. ୦୫ ସିଜିପିଏ ରଖି ଶ୍ରେଷ୍ଠ ସ୍ନାତକୋତ୍ତର ହୋଇଛନ୍ତି। ଜୀବ ବିଜ୍ଞାନ ବିଭାଗରେ ମୋନାଲିସା ବେହେରା ୯. ୩୨ ସିଜିପିଏ ରଖି ଚଳିତ ବର୍ଷ ପାଇଁ ମହାବିଦ୍ୟାଳୟର ଶ୍ରେଷ୍ଠ ସ୍ନାତକୋତ୍ତର ଛାତ୍ରୀ ବିବେଚିତ ହୋଇଛନ୍ତି । ଭାରପ୍ରାପ୍ତ ଅଧ୍ୟକ୍ଷ ଡ଼ଃ ଏନ ତନ୍ମୟ କୁମାରଙ୍କ ଅଧ୍ୟକ୍ଷତାରେ ପରୀକ୍ଷା ନିୟନ୍ତ୍ରକ ଡ଼ଃ ପ୍ରିୟବ୍ରତ ପଟ୍ଟନାୟକ ଏବଂ ପରୀକ୍ଷା କମିଟି ସଭ୍ୟ ମୁରଲୀ ଧର ସେଠୀ ଏବଂ ସୁକାନ୍ତ କୁମାର ବେହେରାଙ୍କ ଉପସ୍ଥିତିରେ ଉକ୍ତ ଫଳାଫଳ ଘୋଷଣା କରାଗଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ସୁବାଷ ଚନ୍ଦ୍ର ପ୍ରଧାନଙ୍କ ସମେତ ଉପସ୍ଥିତ ସମସ୍ତ କର୍ମଚାରୀ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।



ନିତିଦିନ NITIDIN

## ନୟାହାଟରେ ଇଦ୍ ପାଳିତ

**ନୟାହାଟ,୨୯।୫/ଏନ୍ଏନ୍ଏସ୍:** ଗୁରୁବାର ନୟାହାଟ ଅଞ୍ଚଳରେ ମୁସଲମାନ ସମ୍ପ୍ରଦାୟର ଲୋକମାନେ ଆନନ୍ଦ ଉଲ୍ଲାସ ସହିତ ଇଦ୍ ପାଳନ କରିଥିଲେ। ବିଶୁଳିପଡା, ରଙ୍ଗତୋଟା, ସୁଜାଗଡ, ଶିଙ୍ଗ ପାନିଆଁ ବସ୍ତି, ଚଢ଼େଇଖିଆ ବସ୍ତିରେ ରହୁଥିବା ମୁସଲମାନ୍ ଭାଇମାନେ ସକାଳୁ ନୂତନ ବସ୍ତ୍ର ପରିଧାନ କରି ମସଜିଦରେ ନମାଜ ପାଠ କରିଥିଲେ। ଗରିବ ଲୋକ ମାନଙ୍କୁ ନୂତନ ବସ୍ତ୍ର ଓ ଆର୍ଥିକ ସହାୟତା ପ୍ରଦାନ କରିଥିବା ଦେଖିବାକୁ ମିଳିଥିଲା।



### ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ବିଦାୟ ସମ୍ବର୍ଦ୍ଧନା

## ଉଦ୍‌ଘାଟିତ ହେଲା ନୂତନ ସୁବିଧାକେନ୍ଦ୍ର



**ଓଡ଼ଗାଁ,୨୯।୫/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ରଙ୍ଗଣୀପାଟଣା ପଞ୍ଚାୟତର ନିର୍ବାହୀ ଅଧିକାରୀ ପ୍ରଦୀପ୍ତ କୁମାର ପଟ୍ଟନାୟକଙ୍କୁ ଶୁକ୍ରବାର ପଞ୍ଚାୟତ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସରପଞ୍ଚ ସସ୍ମିତା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବକୁ ଖେଳମଣିଷ ଦିବାକର ନାୟକ ସଂଯୋଜନା କରିଥିବାବେଳେ ଅତିଥି ଭାବେ ବିଡ଼ିଓ ସୁଶ୍ରୀ ପ୍ରିତିବାଳା ରଣା, ତହସିଲଦାର ଡ. ମାନସ ରଞ୍ଜନ ଭୋଇ,ଅତିରିକ୍ତ ତହସିଲଦାର ଜିଶ୍ରୀନୁ,ପବିତ୍ର କୁମାର ସେଠୀ, ଅବସରପ୍ରାପ୍ତ ବନଖଣ୍ଡ ଅଧିକାରୀ ସୁରେଶ ଚନ୍ଦ୍ର ହୋତା, ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ବିଶ୍ୱଜିତ୍ ଜେନା, ସହକାରୀ ନିର୍ବାହୀ ଯନ୍ତ୍ରୀ ସସ୍ମିତା କର, ଆମ୍ବା ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନ, କୁରାଳ ସରପଞ୍ଚ ବିଜନ ପାଇକରାୟ, ଶିକ୍ଷକ ଯଶୋବନ୍ତ ପଟ୍ଟନାୟକ, ଦିଲ୍ଲୀପ ହୋତା ପ୍ରମୁଖ ଯୋଗଦେଇ ବିଦାୟୀ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ସମ୍ମାନିତ କରିବା ସହିତ ତାଙ୍କର କାର୍ଯ୍ୟାବଳୀ ବିଷୟରେ ଆଲୋକପାତ କରିଥିଲେ। ଶ୍ରୀପଟ୍ଟନାୟକଙ୍କ ସମୟରେ ପଞ୍ଚାୟତରେ ସର୍ବାଙ୍ଗୀନ ଉନ୍ନତି ବିଷୟରେ ବଖାଣିବା ସହିତ ତାଙ୍କର ଗୁଣଗାନ କରିଥିଲେ। ଶେଷରେ ଅତିଥି ମାନଙ୍କ ଦ୍ୱାରା ପଞ୍ଚାୟତର ସୁବିଧାକେନ୍ଦ୍ରକୁ ଉଦ୍‌ଘାଟନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସମାଜସେବୀ କୈଳାଶ ପାତ୍ର, ପୂର୍ବତନ ସରପଞ୍ଚ ବିରେନ୍ଦ୍ର ସାହୁ, ବିଦ୍ୟାଧର ସାହୁ ଓ ସମିତିସଭ୍ୟା ସସ୍ମିତା ଶୁକ୍ଳା ପ୍ରମୁଖ ପରିଚାଳନା କରିଥିବାବେଳେ ସମସ୍ତ ୱାର୍ଡ ସଭ୍ୟସଭ୍ୟା ଏବଂ ମହିଳା ଗୋଷ୍ଠୀ ସହଯୋଗ କରିଥିଲେ।

## ଶିକ୍ଷକଙ୍କ ସ୍ମୃତିରେ ରକ୍ତଦାନ ଶିବିର

**ସାକ୍ଷୀଗୋପାଳ,୨୯।୫/ଏନ୍ଏନ୍ଏସ୍:** ମୂଳ ଅଳସା ଗ୍ରାମର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ସ୍ୱର୍ଗତ ଦୁଃଖିଶ୍ୟାମ ମଲ୍ଲିକଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆଜି ତାଙ୍କ ଏକାଦଶାହ ତିଥିରେ ତାଙ୍କ ଜନ୍ମମାଟି ମୂଳ ଅଳସା ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସର ମଧ୍ୟରେ ସ୍ୱର୍ଗତ ମଲ୍ଲିକ ଗଛ ଲଗାଇବା କାର୍ଯ୍ୟକୁ ଜୀବନ କାଳରେ ଭଲ ପାଉଥିବାରୁ ପ୍ରଥମେ ତିନିଗୋଟି ବଉଳ ଗଛ ରୋପଣ କରାଯିବା ପରେ ଉପସ୍ଥିତ ସମସ୍ତେ



ଦୁଃଖିଶ୍ୟାମ ମଲ୍ଲିକ ଅମର ରହେ ସ୍ଲୋଗାନ ଦେଇଥିଲେ। ପରେ ପୁରୀ ବ୍ଲଡ଼ ବ୍ୟାଙ୍କ ସହାୟତା ଓ ଡକ୍ଟର ଦୀପକ ସାହୁ ସହ ଆସିଥିବା ସହଯୋଗୀ କର୍ମକର୍ତ୍ତାଙ୍କ ସହଯୋଗରେ ମେଗା ସ୍ୱେଚ୍ଛାକୃତ ରକ୍ତଦାନ ଶିବିର 'ଅନନ୍ତ ମହାବୀର ଯୁବକ ସଂଘ, ମୂଳ ଅଳସା ଓ ଭାରତ ବିକାଶ ପରିଷଦ ସତ୍ୟବାଦୀର ସହଯୋଗରେ ଆୟୋଜନ କରାଯାଇଥିବା ଏହି କାର୍ଯ୍ୟକ୍ରମକୁ ସତ୍ୟବାଦୀ ସେବା ଟ୍ରଷ୍ଟର ସମ୍ପାଦକ ଆଇନଜୀବୀ ସୁଶାନ୍ତ କୁମାର ରଥ ଓ ସମାଜସେବୀ ଅମୀୟ କୁମାର ସ୍ୱାଇଁ ମୁଖ୍ୟ ସଂଯୋଜକ ଭାବରେ କାର୍ଯ୍ୟ କରିଥିଲେ। ଆଜିର ଏହି ରକ୍ତଦାନ, ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସ୍ୱର୍ଗତ ଦୁଃଖିଶ୍ୟାମ୍ ମଲ୍ଲିକଙ୍କ ସୁପୁତ୍ର ଦ୍ୱୟ ଯଥା ଜୟ ଭାରତ, ଜୟ କିଶାନଙ୍କ ସହ ଅନନ୍ତ ମହାବୀର ଯୁବକ ସଂଘର ସଭାପତି ତନ୍ମୟ କୁମାର ସ୍ୱାଇଁ, ସମ୍ପାଦକ ଶ୍ରୀକୃଷ୍ଣ ମହାପାତ୍ର, ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ରଶ୍ମିତା ବେହେରା, ଶିକ୍ଷାବିତ ସତ୍ୟବାଦୀ ଦାସ, ବିଶ୍ୱଜିତ୍ ଶତପଥୀ, ନବଘନ ଶତପଥୀ, ବିଜୟ ପରିଡ଼ା, ଦେବରାଜ ନାୟକ, ଦିଗାମ୍ବର ରଥ, ବ୍ରହ୍ମାନନ୍ଦ ମହାରଣା, ବିଷ୍ଣୁ ମହାରଣା, ରିତା ତ୍ରିପାଠୀ ସହଯୋଗ କରିଥିଲେ। ଶିବିରରୁ ମୋଟ ୨୪ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ପ୍ରଦୀପ ଜେନା, ଦିଗାମ୍ବର ରଥ, ନବାଗତ ପ୍ରଧାନ, ସୂର୍ଯ୍ୟକାନ୍ତ ବରାଳ, ବିପିନ ପ୍ରଧାନ, ବୃନ୍ଦାବନ ପ୍ରଧାନ, ମଳୟ ରଞ୍ଜନ ପ୍ରଧାନ, ସୀତାକାନ୍ତ ବରାଳ, ବାଦଲ ମଲ୍ଲିକ ପ୍ରମୁଖ ରକ୍ତଦାତାମାନେ ରକ୍ତ ପ୍ରଦାନ କରିଥିଲେ।

## ପ୍ରସନ୍ନ ପଟ୍ଟନାୟକ ମେମୋରିଆଲ୍ ଟ୍ରଷ୍ଟ ପଞ୍ଜିକୃତ




**ଫୁଲନଖରା,୨୯।୫/ଏନ୍ଏନ୍ଏସ୍:** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରର ପ୍ରଥମ ବିଜେପି ବିଧାୟକ ସ୍ୱର୍ଗତ ପ୍ରସନ୍ନ ପଟ୍ଟନାୟକଙ୍କ ସ୍ମୃତିରେ ଏକ ନୂତନ ସଂଗଠନ ଆତ୍ମପ୍ରକାଶ କରିଛି। ପ୍ରସନ୍ନ ପଟ୍ଟନାୟକ ମେମୋରିଆଲ ଟ୍ରଷ୍ଟ ନାମରେ ପଞ୍ଜିକୃତ ଏହି ସଂଗଠନର ପ୍ରଥମ ବୈଠକ ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋ ନରନାରାୟଣ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏଥିରେ 'ପରିବାର' ସଂଗଠନ ସମ୍ପାଦକ ପ୍ରମୋଦକୁମାର ନାୟକ ଅଧ୍ୟକ୍ଷତା କରିଥିଲେ। ଟ୍ରଷ୍ଟ ମୁଖ୍ୟ କାର୍ଯ୍ୟନିର୍ବାହୀ ନଳିନୀପ୍ରଭା ପଟ୍ଟନାୟକ, ବର୍ଣ୍ଣାଳୀ ପଟ୍ଟନାୟକ, ଦେବଜିତ ସ୍ୱାଇଁ, ରତ୍ନମଞ୍ଜରୀ ମହାନ୍ତି, ତେଜସ୍ୱିନୀ ମେକାପ ଓ ସାମ୍ବାଦିକ ରମେଶଚନ୍ଦ୍ର ପ୍ରଧାନ ଅତିଥିଭାବେ ଯୋଗଦେଇଥିଲେ। ଏହି ଅବସରରେ ଚାରା ରୋପଣ, କିଶୋରୀମାନଙ୍କ ସ୍ୱାସ୍ଥ୍ୟରକ୍ଷା ସଚେତନତା ଓ ମନ୍ଦିର ପରିସର ସଫେଇ ଆଦି ହୋଇଥିଲା। ଏତଦ ସହିତ ଟ୍ରଷ୍ଟ ପକ୍ଷରୁ ଛାତ୍ରବୃତ୍ତି ପ୍ରଦାନ ବାବଦରେ ଘୋଷଣା ହୋଇଥିଲା। ମୋନାଲୀ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ଜୟରାମ ବେହେରା, ରଶ୍ମିତା ପ୍ରଧାନ, ଅସ୍ମିତା ପ୍ରଧାନ, ମମତା ପ୍ରଧାନ, କ୍ରିଷ୍ଣା ଦାସ, ସସ୍ମିତା ବେହେରା ଓ ଟ୍ରଷ୍ଟ ସଦସ୍ୟମାନେ ସହଯୋଗ କରିଥିଲେ। ସୁଜାତା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

### ଶ୍ରୀନୀଳମାଧବ ବିକାଶ ପ୍ରକଳ୍ପର ଆଉ ଏକ ନଗଣ୍ୟ ଚିତ୍ର

# ଫୁଟ୍‌ପାଥ୍ ଓ ଷ୍ଟିଲ୍ ବ୍ୟାରିକେଡ୍ ସ୍ଥିତି ଶୋଚନୀୟ

**କଣ୍ଟିଲୋ,୨୯।୫/ଏନ୍ଏନ୍ଏସ୍:** ସମ୍ପ୍ରତି ୨୦୨୫ ମସିହା ମାର୍ଚ୍ଚ ୨୪ ତାରିଖରେ ଦେଶର ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଜଗନ୍ନାଥ ମହାପ୍ରଭୁଙ୍କ ଆଦିକ୍ଷେତ୍ର ପ୍ରଭୁ ଶ୍ରୀ ନୀଳମାଧବଙ୍କ ଦର୍ଶନ ପାଇଁ କଣ୍ଟିଲୋ ଆସିଥିଲେ। ତେବେ ରାଷ୍ଟ୍ରପତିଙ୍କ ଗସ୍ତର ପ୍ରାୟ ୧୫ରୁ ୨୦ ଦିନ ପୂର୍ବରୁ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭକରି ସମସ୍ତ ମନ୍ତ୍ରୀ, ବିଧାୟକ, ସାଂସଦ, ମୁଖ୍ୟ ସଚିବଙ୍କ ଠାରୁ ଆରମ୍ଭ କରି ପ୍ରତ୍ୟେକ ବିଭାଗର ସଚିବ, ପୋଲିସ ଡିଜିଙ୍କ ଠାରୁ ଆରମ୍ଭକରି ସମସ୍ତ ପୋଲିସ ବିଭାଗ ଅଧିକାରୀ ବୃନ୍ଦ, ନୟାଗଡ଼ ଜିଲ୍ଲାପାଳଙ୍କ ଠାରୁ ଆରମ୍ଭ କରି ଜିଲ୍ଲାର ସମସ୍ତ ପ୍ରଶାସନିକ ଅଧିକାରୀ, ପୂର୍ତ୍ତବିଭାଗ ଓ ଆର୍ଡି ଡିପାର୍ଟ ଓ ଜଳସମ୍ପଦ ବିଭାଗ, ଓବିସିସି ବିଭାଗର ସର୍ବୋଚ୍ଚ ଅଧିକାରୀମାନଙ୍କଠାରୁ ଆରମ୍ଭକରି କନିଷ୍ଠ ଯନ୍ତ୍ରୀ ପର୍ଯ୍ୟନ୍ତ, ବିଦ୍ୟୁତ୍ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ସମେତ



ବିକାଶ ପ୍ରକଳ୍ପ କାର୍ଯ୍ୟର ସମସ୍ତ ଠିକାଦାରମାନେ ଦିନ ରାତିକୁ ଏକ କରି ରାଷ୍ଟ୍ରପତିଙ୍କୁ ଖୁସି କରିବା ପାଇଁ କାର୍ଯ୍ୟରେ ଲାଗି ପଡ଼ିଥିଲେ। ଏଥିପାଇଁ ଅଡିଟ୍ ବିହୀନ କୋଟି କୋଟି ଟଙ୍କା ବ୍ୟୟକରି ପ୍ରତ୍ୟେକ କାର୍ଯ୍ୟ ଅନିୟମିତତା ଭାବେ ଏବଂ ନିମ୍ନମାନର ହୋଇଥିବା ସମ୍ପର୍କରେ ବହୁବାର ଗଣମାଧ୍ୟମରେ ପ୍ରସାରିତ ହୋଇଥିଲା। କିନ୍ତୁ ରାଜ୍ୟସ୍ତରରୁ ଆରମ୍ଭକରି ଜିଲ୍ଲାସ୍ତରରେ ସରକାରୀ ଦାୟିତ୍ୱ କରୁଥିବା ଅଧିକାରୀ ବୃନ୍ଦ ଏବଂ ଏ ଅଞ୍ଚଳର ଲୋକ ପ୍ରତିନିଧି ବିଧାୟକ, ସାଂସଦ ଓ ରାଜ୍ୟସ୍ତରର ମନ୍ତ୍ରୀମାନେ ଏହି ଅଭିଯୋଗକୁ ଆଦୌ ଗୁରୁତ୍ୱ ନଦେଇ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିଲେ। ଏବେ ତା'ର ଆଉ ଏକ ଜ୍ୱଳନ୍ତ ଉଦାହରଣ ହେଉଛି, ଶ୍ରୀ ଜିଉଙ୍କ ପଶ୍ଚିମ ପାର୍ଶ୍ୱ ପାବଛ ପାଖରୁ କଣ୍ଟିଲୋ ମାଛ ବଜାର ପର୍ଯ୍ୟନ୍ତ ଲମ୍ବିଥିବା ଭିଆଇପି ରାସ୍ତାର ଫୁଟ୍ ପାଥରେ ବ୍ୟବହାର ହୋଇଥିବା ଟାଇଲ ପ୍ଲେଟ୍ ବାହାରି ବିଚ୍ଛିନ୍ନ ହୋଇ ପଡ଼ିଛି। ଚାରିଆଡ଼େ ପଡ଼ିଥିବାରୁ ଝୁଣ୍ଟି ଛୋଟପିଲା ଓ ବୃଦ୍ଧବୃଦ୍ଧା ମାନଙ୍କର ଖଣ୍ଡିଆ ଖାବରା ହେବା ଏବଂ ନଦୀ ପାର୍ଶ୍ୱରେ ଲାଗିଥିବା ଷ୍ଟିଲ ବ୍ୟାରିକେଡ଼ ଦୋହଲି ଶୋଇ ଯାଇଥିବା ଦେଖିବାକୁ ମିଳୁଛି। ଏହିପରି ବହୁ ନିମ୍ନମାନର କାର୍ଯ୍ୟ ତରବରିଆ ଭାବେ କରାଯାଇ ଏଥିରେ ବ୍ୟୟ ହୋଇଥିବା କୋଟି କୋଟି ଟଙ୍କାର ଅଡିଟ୍ ହେବ ନା ନାହିଁ ବୋଲି ସାଧାରଣରେ ପ୍ରଶ୍ନ ଉଠିଥିବା ବେଳେ ବଡ଼ବଡ଼ିଆ ମାଲେମାଲ ହେଲେ ଆଉ ସରଳ, ନିରୀହ, ପର୍ଯ୍ୟଟକ ଓ ସାଧାରଣ ଜନତା ଏଥିରେ ବଳି ପଡୁଛନ୍ତି ବୋଲି ବୁଦ୍ଧିଜୀବୀ ମତପ୍ରକାଶ କରିଛନ୍ତି। ତେଣୁ ନୟାଗଡ଼ ଜିଲ୍ଲାପାଳ ଏହାକୁ ସରଜମିନ ତଦନ୍ତ କରି ଯଥାଶୀଘ୍ର ମରାମତି କାର୍ଯ୍ୟ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ଦାବି ହୋଇଛି।

### ଓସିଏସ୍‌ରେ ରୋଜାଲିନ୍‌ଙ୍କ ସଫଳତା

**ଚାରିଛକ,୨୯।୫/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା ନିମାପଡ଼ା ବ୍ଲକ ଅନ୍ତର୍ଗତ ବାହାରଣା ପଞ୍ଚାୟତ ଦିନେଇଲୋ ଗ୍ରାମର ଶଙ୍କରେଶ୍ୱର ରାଉତ ଓ ମନୋରମା ରାଉତଙ୍କ ଝିଅ ରୋଜାଲିନ ପ୍ରିୟଦର୍ଶିନୀ ରାଉତ ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ଓଡିଶା ପ୍ରଶାସନିକ ସେବା ପରୀକ୍ଷାରେ ୧୦୦ତମ ରାଙ୍କ ପାଇ ସଫଳତା ଅର୍ଜନ କରିଛନ୍ତି। ରୋଜାଲିନଙ୍କ ଏହି ସଫଳତା ଖବର ଶୁଣି ତାଙ୍କ ନିକଟକୁ ଶୁଭେଚ୍ଛା ଓ ଅଭିନନ୍ଦନର ସୁଅ ଛୁଟିଛି।

### ଯୁକ୍ତଦୁଇ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ବୟାଳିଶମୌଜା,୨୮।୫/ଏନ୍ଏନ୍ଏସ୍:** କଟକ ସଦର ବ୍ଲକ୍ ଅନ୍ତର୍ଗତ ୪୨ ମୌଜା ସ୍ଥିତ ପଟଣା ଗ୍ରାମର ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନର ଅନୁଷ୍ଠାନ ପକ୍ଷରୁ କୁଳସରିତୁଆଁ ଗ୍ରାମ ପଂଚାୟତ ସ୍ଥିତ ଠାକୁର ସାହି ବରାଳ ଗ୍ରାମ +୨ ବିଜ୍ଞାନ ପରୀକ୍ଷା ରେ ସଫଳ ହୋଇଥିବା ଛାତ୍ରୀ ସମୀକ୍ଷା ନାୟକ ଙ୍କୁ ଦୟାନିଧି ପ୍ରତିଭା ସମ୍ମାନ ରେ ସମ୍ମାନୀତ କରାଯାଇଛି। ଏଥିରେ ଅନୁଷ୍ଠାନ ସଭାପତି ସରୋଜ ନଳିନୀ ପରିଜା, ସମ୍ପାଦକ ନାରାୟଣ ଚନ୍ଦ୍ର ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ସାମ୍ବାଦିକ ଅନିଲ ଦାସ, ସମାଜସେବୀ ସେକ କଲିମୁଲା, ପ୍ରଭାତ ଦେବତା, ବାସୁଦେବ ସ୍ୱାଇଁ, ମିର୍ଜା ସରାଫତ ହୋସେନ୍, ଅକ୍ଷନ ନାୟକ ସହଯୋଗ କରିଥିଲେ। ଶେଷରେ ସମସ୍ତ ପରିବାର ବର୍ଗଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭା ପରିଚାଳନା ଦାୟିତ୍ୱରେ ଥିବା ମିର୍ଜା ସରାଫତ ହୋସେନ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଦଶପଲ୍ଲା ଏନ୍ଏସିର ବିକାଶ ଦିଗହରା

# ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ପରେ ବି ମିଳୁନି ସୁଫଳ

**ଦଶପଲ୍ଲା,୨୯।୫/ଏନ୍ଏନ୍ଏସ୍:** ସହରୀକରଣ ବିକାଶ ଯୋଜନାରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ଦଶପଲ୍ଲା ଏନଏସିରେ ବିକାଶ ଦିଗହରା ହୋଇପଡ଼ିଛି। ଦଶପଲ୍ଲା ଏନଏସି ଗଠନର ୧୨ବର୍ଷ ଅତିବାହିତ ହେବାକୁ ଯାଉଥିବାବେଳେ ଏନଏସିର ପ୍ରଗତି ଯେତିକି ଆଗକୁ ଯିବାକଥା ଯାଇପାରିନାହିଁ। ଏପରିକି କି ଏନଏସିର ବିକାଶ ସମ୍ପର୍କରେ ବିଭିନ୍ନ ସମୟରେ ଏନଏସି କର୍ତ୍ତୃପକ୍ଷ ହୁଅନ୍ତୁ ବା ରାଜନେତା ନିଜର ଭାଷଣରେ ବିଭିନ ଚିତ୍ର ଆଙ୍କିଥିବା ବେଳେ ବାସ୍ତବରେ ଯେ ଏହା କାର୍ଯ୍ୟକାରୀ ନ ହୋଇ ପଡ଼ିରହିଥିବା ବେଳେ ଲୋକଙ୍କୁ ମିଳିପାରୁନି ସୁଫଳ। ଏହି ୧୧ବର୍ଷ ମଧ୍ୟରେ ଏନଏସି ମଧ୍ୟରେ ଜନସାଧାରଣଙ୍କ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ପାର୍କ ନିର୍ମାଣ କରାଯାଇଥିବା ବେଳେ ଏହି ପାର୍କ ଅର୍ଦ୍ଧ ନିର୍ମାଣ ଅବସ୍ଥାରେ ପଡ଼ି ରହିଛି। ଘର ସହ ବାଉଣ୍ଡରୀ ବୁଲାଯାଇଥିଲେ ମଧ୍ୟ ପାର୍କ ନାହିଁ ଅର୍ଥାତ ଜାଗା ସମତଳ କରାଯାଇ ନାହିଁ କିମ୍ବା ପାର୍କରେ ଯେଉଁଭଳି ଗଛ ସହ ଆନୁଷଙ୍ଗିକ କାର୍ଯ୍ୟ ହେବା କଥା ତାହା ହୋଇ ନଥିବାରୁ ଏହା କାର୍ଯ୍ୟକ୍ଷମ ନ ହୋଇ ପଡିରହିଛି। ଏପରିକି ଏହା ଏକରକମ ଶ୍ମଶାନ ପାଲଟିଛି। ସେହିପରି ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ଆଦର୍ଶ ଶ୍ମଶାନ ନିର୍ମାଣ ହୋଇଥିଲେ ମଧ୍ୟ ମଶାଣିକୁ ଭଲ ରାସ୍ତା ନଥିବାରୁ ସେଠାକୁ କୌଣସି ଲୋକ ଶବପଞ୍ଚନାମା କରିବାକୁ ଯାଆନ୍ତି ନାହିଁ। ଏହି ରାସ୍ତା ପାଇଁ ଏନଏସି ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉ ନଥିବା ବେଳେ ନିକଟରେ ହେବାକୁ ଥିବା ବସ୍‌ଷ୍ଟାଣ୍ଡ ପାଇଁ ଏହି ରାସ୍ତା ଉପରେ ବିବାଦ ସୃଷ୍ଟି ହୋଇଛି। ଫଳରେ ଏହି ଆଦର୍ଶ ମଶାଣି ଏବେ କିଛି ଲୋକଙ୍କ ପାଇଁ ଛେଳି ଗୁହାଳ ପାଲଟିଛି। ଏପରିକି ଆଦର୍ଶ ଶ୍ମଶାନ ପାଇଁ ଲାଗିଥିବା ଫଳକକୁ କିଏ ଚୋରି କରି ନେଇଥିବା ଦେଖିବାକୁ ମିଳିଛି। ସେହିପରି ଗତ କିଛିଦିନ ତଳେ ଏନଏସି ଦ୍ୱାରା ନିର୍ମିତ ମାର୍କେଟ କମ୍ପ୍ଲେକ୍ସଗୁଡିକୁ ଟେଣ୍ଡର କରାଯାଇଥିଲେ ମଧ୍ୟ ଏହାକୁ କାର୍ଯ୍ୟକ୍ଷମ କରାଯାଇ ନାହିଁ। ଏପରିକି ନାରାୟନଗଞ୍ଜ ହାଟ ମଧ୍ୟରେ ୧୪ଗୋଟି ଦୋକାନ ଗୃହ ନିର୍ମାଣ ହୋଇଥିଲେ ମଧ୍ୟ



ଏହା ଟେଣ୍ଡର ନ ହେବାରୁ ଏହା ନିଶାଡ଼ିମାନଙ୍କ ଆଡ୍ଡାସ୍ଥଳ ପାଲଟିଛି। ବିଶେଷ ଭାବେ ଦଶପଲ୍ଲାର ଐତିହାସିକ ଲଙ୍କାପୋଡ଼ି ଯାତ୍ରା ପାଇଁ ହେଉ କିମ୍ବା ବିଭିନ୍ନ ଉତ୍ସବ ପାଇଁ ହେଉ ସ୍ଥାନୀୟ ଗାନ୍ଧୀ ମୈଦାନ ଠାରେ ଏକ ପେଣ୍ଡାଲ ବା ମଣ୍ଡପ ନିର୍ମାଣ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇସାରିଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ଏହା ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି। ଏନଏସିର ୧୩, ୧୪, ୧୫ ଏବଂ ୧୬ନଂ ୱାର୍ଡ଼ ବାସୀଙ୍କ ମୁଖ୍ୟ ରାସ୍ତା କୁହାଯାଉଥିବା ସତପାଟଣା ରାସ୍ତା ଟେଣ୍ଡର ହୋଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ରାସ୍ତା ନିର୍ମାଣ ହୋଇନାହିଁ। ବିଭିନ୍ନ ୱାର୍ଡ଼ରେ ଡ୍ରେନ୍ ନଥିବା ବେଳେ ଡ୍ରେନେଜ୍ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ପାନୀୟ ଜଳ ସର୍ଭେ ଶେଷ ହୋଇ ପାଇପ ଯୋଗେ ଜଳ ଯୋଗାଣ ହୋଇଥିଲେ ମଧ୍ୟ ବିଭିନ୍ନ ସ୍ଥାନରେ ଷ୍ଟାଣ୍ଡପୋଷ୍ଟ ନଥିବା ଏବଂ କେତେକ ବିଦ୍ୟାଳୟ ଓ ଅଙ୍ଗନବାଡି କେନ୍ଦ୍ରକୁ ପାଇପ ଯୋଗେ ଜଳ ଯୋଗାଣ ହୋଇ ନଥିବା ଦେଖିବାକୁ ମିଳୁଛି। ଏପରିକି ଏହି ଜଳ ଯୋଗାଣ ପାଇଁ ମିଟର ଲାଗିଥିଲେ ମଧ୍ୟ ଜଳକର ଆଦାୟ ହେଉ ନାହିଁ। ଏନଏସି ମଧ୍ୟରେ ବିଦ୍ୟୁତ ସୌନ୍ଦର୍ଯ୍ୟକରଣ ଓ ମରାମତି ପାଇଁ ତିନୋଟି କମ୍ପାନୀ କାମ କରୁଥିଲେ ମଧ୍ୟ ସହର ମଧ୍ୟରେ ବିଦ୍ୟୁତ ସୌନ୍ଦର୍ଯ୍ୟକରଣ ଠିକ୍‌ରେ ହୋଇ ନଥିବା ଦେଖିବାକୁ ମିଳିଛି। ବିଶେଷ ଭାବେ ସରକାରୀ ଜାଗା ଜବରଦଖଲ ଉଚ୍ଛେଦ ପାଇଁ ବାରମ୍ବାର ଏନଏସି ପକ୍ଷରୁ ନୋଟିସ କରାଯାଉଥିଲେ ମଧ୍ୟ ଏହାକୁ କାର୍ଯ୍ୟକାରୀ କରାଯାଉ ନାହିଁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କ ଫାଇଲ ପଡ଼ିରହିଥିବା ବେଳେ ତିନିମାସ ମଧ୍ୟରେ ଘର ସମ୍ପୂର୍ଣ୍ଣ କରୁଥିବା ହିତାଧିକାରୀମାନଙ୍କୁ ପ୍ରୋହନ ରାଶି ମିଳୁ ନଥିବା ଅଭିଯୋଗ ହେଉଛି। ଏପରିକି ହିତାଧିକାରୀମାନଙ୍କୁ ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା ମିଳୁନଥିବା ବେଳେ ନୂତନ ହିତାଧିକାରୀଙ୍କୁ କେବେ ବାର୍ଦ୍ଧକ୍ୟ ଭତ୍ତା ମିଳିବ ବୋଲି ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଶେଷ ଭାବେ ଏନଏସି ଗଠନର ଦୀର୍ଘ ବର୍ଷ ପରେ ବି ସ୍ୱାଗତମ୍ ଗେଟ ନିର୍ମାଣ ହୋଇପାରିନାହିଁ। ଦୁଇବର୍ଷ ତଳୁ ୯ ନଂ ଓ ୧୦ନଂ ୱାର୍ଡ଼ ସୀମାରେ ଏହି ଗେଟ୍ ନିର୍ମାଣ ପାଇଁ ଏନ୍ଏସି ବୈଠକରେ ରିଜୋଲେସନ ହୋଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇନଥିବା ଜଣାପଡ଼ିଛି। ଏପରିକି ଏନ୍ଏସି ମଧ୍ୟରେ ବିଭିନ୍ନ ସମସ୍ୟା ଲାଗି ରହିଥିବା ବେଳେ କେବେ ଅର୍ଦ୍ଧନିର୍ମିତ କାମ ଶେଷ ହେବ ଏବଂ ଲୋକଙ୍କ ସମସ୍ୟା ଦୂରହେବ ତାହା ଦେଖିବାକୁ ବାକି ରହିଲା।

# ବ୍ଲକ୍‌ସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର

**ଗଣିଆ,୨୯।୫/ଏନ୍ଏନ୍ଏସ୍:** ସୋମବାର ଗଣିଆ ବ୍ଲକରେ ନୟାଗଡ ଜିଲ୍ଲାପାଳଙ୍କ ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଗଣିଆ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଜିଲ୍ଲାପାଳଙ୍କ ଏହି ଜନ ଅଭିଯୋଗ ଶୁଣାଣି ଶିବିରରେ ମୋଟ ୫୭ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଜିଲାପାଳ ମଧୁମିତା ରଥ, ଏହି ଅଭିଯୋଗର ଶୁଣାଣି କରି ତୁରନ୍ତ ସମାଧାନ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମୁଦାୟ ୫୭ ଗୋଟି ଅଭିଯୋଗ ପଂଜିକୃତ ହୋଇଥିବାବେଳେ ୪୨ଗୋଟି ବ୍ୟକ୍ତିଗତ ଓ ସାମୁହିକ ୬ଗୋଟି, ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡ ସମ୍ପର୍କିତ ୯ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ଆଜିର ଜିଲାପାଳଙ୍କ ଜନଶୁଣାଣିରେ ମୁଖ୍ୟ ଆକର୍ଷଣ ସାଜିଥିଲା ଗଣିଆ-କଳାପାଟ ରାସ୍ତା ସମସ୍ୟା। ବଡ଼ସିଲିଙ୍ଗା, ଛାମୁଣ୍ଡିଆ, ଓ ରାସଙ୍ଗ ପଂଚାୟତର ୧୦୦ରୁ ଉଦ୍ଧ୍ୱର୍ ଜନସାଧାରଣ ଗଣିଆ-କଳାପାଟ ରାସ୍ତା ସଂପର୍କିତ ଦାବୀପତ୍ର ଜିଲାପାଳଙ୍କୁ ଦେଇଥିଲେ। ଜିଲାପାଳଙ୍କ ଉତ୍ତରରେ ସନ୍ତୁଷ୍ଟ ନହୋଇ ଅଞ୍ଚଳବାସୀମାନେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଘଟଣାସ୍ଥଳରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଏସଡିଓ ଓ କନିଷ୍ଠ ଯନ୍ତ୍ରୀ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ଉକ୍ତ ଲୋକମାନେ ଗ୍ରାମ୍ୟ ଉନ୍ନୟନ ବିଭାଗରୁ ପୂର୍ତ୍ତ ବିଭାଗକୁ ପରିବର୍ତ୍ତନ କରିବାକୁ ଅଡ଼ି ବସିଥିଲେ। ଏପରିକି ଜିଲାପାଳ ଉପଜିଲାପାଳ ଲୋକମାନଙ୍କୁ ପ୍ରତିଶ୍ରୁତି ଦେବା ସହିତ ବିଭାଗୀୟ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କହିଥିଲେ। କିନ୍ତୁ ବିକ୍ଷୋଭକାରୀମାନେ ଜିଲାପାଳଙ୍କ କଥାକୁ ଭ୍ରୂକ୍ଷେପ କରିନଥିଲେ। ଖବର ପାଇଁ ଗଣିଆ ବିଜେପି ମଣ୍ଡଳ ସଭାପତି ମହାବୀର ପ୍ରସାଦ ମିଶ୍ର ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କ ସହିତ ଆଲୋଚନା କରିଥିଲେ। ଏହା ଏକ ସମ୍ବେଦନଶୀଳ ଘଟଣା ବୋଲି ହୃଦୟଙ୍ଗମ କରିଥିଲେ। ଏଥିପାଇଁ ଏକ ୭ଜଣିଆ କମିଟିଙ୍କ ସହିତ ମାନ୍ୟବର ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ଓ ବିଭାଗୀୟ ମନ୍ତ୍ରୀଙ୍କ ସହିତ ଆଲୋଚନା କରିବା ପାଇଁ ଭୁବନେଶ୍ୱର ଯିବାକୁ ସଭାପତି କହିଥିଲେ। ଏପରିକି ୧୫ଦିନ ଭିତରେ ଗ୍ରାମ୍ୟ ଉନ୍ନୟନ ବିଭାଗରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରିବା ପାଇଁ ପ୍ରତିଶୃତି ଦେଇଥିଲେ। ମଣ୍ଡଳ ସଭାପତିଙ୍କ ଏଭଳି କାର୍ଯ୍ୟପାଇଁ ବିକ୍ଷୋଭକାରୀମାନେ ତାଙ୍କୁ ସାଧୁବାଦ ଜଣାଇଥିଲେ। ବଡ଼ସିଲିଙ୍ଗା ପଞ୍ଚାୟତର ମୁଷ୍ଟିଗୁଡ଼ା ଗ୍ରାମ ସ୍ୱାଧିନତାର ୭୯ ବର୍ଷପରେ ମଧ୍ୟ ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିବାରୁ ବିଭିନ୍ନ ଦାବୀ ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ସଲପଗଣ୍ଡା ଗ୍ରାମବାସୀମାନେ ମୌଳିକ ସୁବିଧାରୁ ବଞ୍ଚିତ ଥିବା ନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଥିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଖାଦ୍ୟ ସୁରକ୍ଷା ଯୋଜନା, ବାର୍ଦ୍ଧକ୍ୟ ଭତା, ପାନୀୟ ଜଳ, ଅଗ୍ନିଶମ ବିଭାଗ, ଶିକ୍ଷା ସଂପର୍କିତ, ସୁଭଦ୍ରା ଯୋଜନା, କୃଷି ବିଭାଗ, ବିଦ୍ୟୁତ ବିଭାଗ, ଲେବର କାର୍ଡ଼, ମହାତ୍ମାଗାନ୍ଧୀ ଜାତୀୟ କର୍ମ ନୁଯୁକ୍ତି ଯୋଜନା ଓ ବାଇପାସ ରାସ୍ତା ନିର୍ମାଣ ସମ୍ପର୍କିତ ଅଭିଯୋଗ କରାଯାଇଥିଲା। ବିଶେଷକରି ବାଇପାସ ରାସ୍ତା ନିର୍ମାଣରେ ବିଳମ୍ବହେଉଥିବା ନେଇ ଗଣିଆ ସରପଂଚ ଗିରିଧାରୀ ସେଠୀ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କେନ୍ଦୁପଲ୍ଲୀ ଗ୍ରାମର ସବିତା ସାହୁ ଏକ ପ୍ରଧାନମନ୍ତ୍ରୀ ଆବାସ ଗୃହ ପାଇଛନ୍ତି। କିନ୍ତୁ ଦୁଃଖ ଓ ପରିତାପର ବିଷୟ ତାଙ୍କ ଘର ଉପରେ ୧୧ କେଭି ତାର ଯାଇଥିବାରୁ ସେ ଛାତ ପକାଇପାରୁ ନାହାଁନ୍ତି। ଏ ସଂପର୍କରେ ବିଦ୍ୟୁତ ବିଭାଗକୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ସେ ଜିଲାପାଳଙ୍କୁ ଅଭିଯୋଗ କରିଥିଲେ। ୨ମାସଧରି ହିତାଧିକାରୀମାନେ ଭତ୍ତା ପାଇନଥିବାରୁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଶିବିରରେ ଅତିରିକ୍ତ ଜିଲାପାଳ କର୍ଣ୍ଣଦେବ ସମ୍ପାଦାର, ପି.ଡି ଲଗ୍ନଜିତ ରାଉତ, ଏଡିଏମ ରୋଜିନା ଦାସ, ଏସଡିପିଓ ସୁଦୀପ୍ତ କୁମାର ସାହୁ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ, ସୁଶାନ୍ତ କୁମାର ସ୍ୱାଇଁ, ତହସିଲଦାର ଐଶ୍ୱର୍ଯ୍ୟା ପୃଷେଠ, ବିଡିଓ ଲାବଣେନ୍ଦୁ ମହାନ୍ତି, ଏବିଡିଓ ରତନଲାଲ ଲୋହରା, ସହକାରୀ ଯନ୍ତ୍ରୀ ମହେଶପ୍ରସାଦ ନାୟକ, ଗ୍ରାମପଞ୍ଚାୟତ ଅଧିକାରୀ ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ସାମାଜିକ ସୁରକ୍ଷା ଅଧିକାରୀ ପ୍ରଣୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜିତ ଶିବିରରେ ବ୍ଲକର ସମସ୍ତ ଜନପ୍ରତିନିଧି, ରାଜସ୍ୱ, ଶିକ୍ଷା, ସ୍ୱାସ୍ଥ୍ୟ, ଶ୍ରମ, ଜଙ୍ଗଲ, କୃଷି, ଉଦ୍ୟାନକୃଷି, ଜଳ ଓ ପରିମଳ, ମହିଳା ଓ ଶିଶୁ ବିକାଶ, ପ୍ରାଣୀସମ୍ପଦ ପରି ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

## କୋଣାର୍କ ଥାନା ଅଞ୍ଚଳରେ ଧାରା ୩୦ ଲାଗୁ

**କୋଣାର୍କ,୨୯।୫/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଆଦେଶକ୍ରମେ ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶରେ ପୁରୀ ଜିଲ୍ଲାର ସମସ୍ତ ଥାନା ଅଧିନ ଅଞ୍ଚଳ ସମେତ କୋଣାର୍କ ଥାନା ଅଧୀନ ଅଞ୍ଚଳଗୁଡିକ ସହ କୋଣାର୍କ ଏନଏସି ଅଞ୍ଚଳରେ ୯୦ଦିନ ପାଇଁ ଧାରା ୩୦ ପୁନଃ ଲାଗୁ କରାଯାଇଛି। ଏହି ଆଇନ ମେ ୨୨ରୁ ଅଗଷ୍ଟ ୧୯ ତାରିଖ ୯୦ ଦିନ ପର୍ଯ୍ୟନ୍ତ ଲାଗୁ କରାଯାଇଛି। ଏହି ଆଇନ ଲାଗୁ ହେବା ଫଳରେ ପୋଲିସର ବିନା ଅନୁମତିରେ କୌଣସି ସଭା, ଶୋଭାଯାତ୍ରା ଏପରିକି ମାଇକ ବ୍ୟବହାରକୁ ସମ୍ପୂର୍ଣ୍ଣ ବେଆଇନ ଘୋଷଣା କରାଯାଇଛି। ଏହାକୁ ଅମାନ୍ୟ କଲେ କଠୋରଦଣ୍ଡରେ ଦଣ୍ଡିତ କରାଯିବ ବୋଲି କୋଣାର୍କ ପୋଲିସ ପକ୍ଷରୁ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିହାରୀ ସୂଚନା ଦେଇଛନ୍ତି।

# ସଦର ବ୍ଲକ୍‌ରେ ନାରୀ ଅଧିକାର ଅଭିଯାନ



**ଫୁଲନଖରା,୨୯।୫/ଏନ୍ଏନ୍ଏସ୍:** ସଦର ବିଜେଡ଼ି ପକ୍ଷରୁ ମହିଳା ଅଧିକାର ଅଭିଯାନ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ସିଏମସି ୫୬ନମ୍ବର ୱାର୍ଡ଼ ଅନ୍ତର୍ଗତ ବାଲିକୁଦାଠାରେ ଥିବା କ୍ରିଏଟିଭ କନଭେନସନ ସଭାଗୃହରେ ଆୟୋଜିତ ଏହି ସଭାରେ ପ୍ରାକ୍ତନ କର୍ପୋରେଟର ତଥା ନାରୀନେତ୍ରୀ ରାଜକୁମାରୀ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଏଥିରେ ପ୍ରାକ୍ତନ ବିଧାୟକ ଚନ୍ଦ୍ରସାରଥି ବେହେରା, ସିଏମସି ପୂର୍ବତନ ମେୟର ଅନୀତା ବେହେରା, କଟକ ଜିଲା ବିଜେଡ଼ି ସଭାପତି ପ୍ରଫୁଲ୍ଲ ସିଂ, ସଦର ବ୍ଲକ ସଭାପତି ବିଭୂତିଭୂଷଣ ମହାନ୍ତି, ୫୭ନମ୍ବର ୱାର୍ଡ଼ କର୍ପୋରେଟର ପୂର୍ଣ୍ଣିମା ସ୍ୱାଇଁ, ପ୍ରାକ୍ତନ ସରପଞ୍ଚ କବିତା ଦାସ, ପ୍ରତିଭା ଜେନା, ଜିଲାପରିଷଦ ସଭ୍ୟା ଆଶାଲତା ବେହେରା ଓ ସମିତି ସଭ୍ୟା ମୀନା ସିଂ ଯୋଗଦେଇ ନାରୀ ନିର୍ଯ୍ୟାତନା ରୋକିବାରେ ବିଫଳ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଏତଦ ବ୍ୟତୀତ ମହିଳାମାନଙ୍କ ପାଇଁ ୩୩ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବାକୁ ସଭାରେ ଆହ୍ୱାନ ଦିଆଯାଇଥିଲା। ମହିଳା ବିଜେଡ଼ି ସାଧାରଣ ସମ୍ପାଦିକା ଅନୁପମା ଦାଶ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଏକ ରାଲି ଅଞ୍ଚଳ ପରିକ୍ରମା କରିଥିଲା ଓ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ସଦର ବିଡ଼ିଓଙ୍କ ଜରିଆରେ ପ୍ରେରଣ କରାଯାଇଥିଲା। ଉକ୍ତ ରାଲିରେ ବ୍ଲକ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳରୁ ଶତାଧିକ ମହିଳା ଅଂଶଗ୍ରହଣ କରିଥିଲେ। ବ୍ଲକ ବିଜେଡ଼ି ପ୍ରାକ୍ତନ ସଭାପତି ପ୍ରମୋଦ ମହାପାତ୍ର, ୫୬ନମ୍ବର ୱାର୍ଡ଼ର ପ୍ରାକ୍ତନ କର୍ପୋରେଟର ସଂଜୟ କୁମାର ବରାଳ, ଉରାଳୀ ପଞ୍ଚାୟତ ସରପଞ୍ଚ ଅଭିଷେକ ବେହେରା, ବିଭୂତି ପରିଡ଼ା ଓ ଅନ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଓଏଏସ୍‌ରେ ମହିଳା ଏଆର୍‌ଆଇଙ୍କ କୃତିତ୍ୱ

**ବୟାଳିଶମୌଜା,୨୯।୫/ଏନ୍ଏନ୍ଏସ୍:** ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ବେଲପାଳ ଗ୍ରାମର ବାସିନ୍ଦା ପିତା ଯୁବରାଜ ମୁର୍ମୁ ଓ ସ୍ୱର୍ଗତ ମା' ରାଣୀ ମୁର୍ମୁଙ୍କ ଝିଅ ପାର୍ବତୀ ମୁର୍ମୁ ଆଦିବାସୀ ମହିଳା କଟକ ସଦର ୪୨ ମୌଜା ସ୍ଥିତ ବେଣ୍ଟକାର ଆର୍‌ଆଇ ଅଫିସ୍‌ରେ ଏଆର୍‌ଆଇ ଭାବେ କାର୍ଯ୍ୟ କରୁଥିଲା ବେଳେ ଚଳିତ ଓଏସ ପରୀକ୍ଷାରେ ସେ ୨୦୦ ର୍ୟାଙ୍କ ପାଇ କୃତକାର୍ଯ୍ୟ ହୋଇଥିବାରୁ ୪୨ ମୌଜା ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ଅନୁଷ୍ଠାନ ପକ୍ଷରୁ ସମ୍ପାଦକ ନାରାୟଣ ଚନ୍ଦ୍ର ମହାନ୍ତି ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ୪୨ ମୌଜା ସାମ୍ବାଦିକ ସଂଘର ସଭାପତି ତଥା ବରିଷ୍ଠ ସାମ୍ବାଦିକ ଅନିଲ ଦାସ ଏଥିରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବେଣ୍ଟକାର ଆର୍‌ଆଇ ରଞ୍ଜିତି ବେହେରା, ସମାଜସେବୀ ବିନୋଦ ବେହେରା, ୪୨ମୌଜାର ବରିଷ୍ଠ ସାମ୍ବାଦିକ ଚନ୍ଦନ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ।



## କାଳବୈଶାଖୀ ପ୍ରଭାବରେ ଗଛ ପଡ଼ି ରାସ୍ତା ଅବରୋଧ



**ଚାରିଛକ,୨୯।୫/ଏନ୍ଏନ୍ଏସ୍:** ଚାରିଛକ୍-କାକଟପୁର ରାସ୍ତାର ଚାରିଛକ୍ ପେଟ୍ରୋଲ ପମ୍ପ ନିକଟରେ ଏକ ଗଛ କାଳବୈଶାଖୀ ପବନରେ ଉପୁଡ଼ି ପଡିବା ଦ୍ୱାରା ଗଛଟି ରାସ୍ତା ଉପରେ ପଡ଼ିଯାଇଥିଲା। ଯାହାଫଳରେ ଦୀର୍ଘ ସମୟ ଧରି ରାସ୍ତାର ଉଭୟପାର୍ଶ୍ୱରେ ଗାଡ଼ି ମଟର ଅଟକି ରହିଥିଲା। ସ୍ଥାନୀୟ ଲୋକମାନେ ରାସ୍ତା ଉପରୁ ଗଛଟିକୁ ହାଣି ରାସ୍ତା ସଫା କରିବା ପରେ ଅଟକି ରହିଥିବା ଗାଡ଼ି ମଟର ସବୁ ଯାଆସ କରିଥିଲା।

**ନିତି ଭାରତୀ**

ପରିବାର ହେଉଛି ଏମିତି ଏକ ସ୍ଥାନ ଯେଉଁଠି ମନ ପରସ୍ପରର ସମ୍ପର୍କରେ ଆସିଥାଏ ।
- ଗୌତମ ବୁଦ୍ଧ

ନିତିଦିନ NITIDIN
ଶନିବାର, ୩୦ ମେ’ ୨୦୨୬

# ବ୍ରହ୍ମା ବିଳବିଳେଇଲେ ବେଦ



ମିନତୀ ପ୍ରଧାନ

‘ବ୍ରହ୍ମା ବିଳବିଳେଇଲେ ବେଦ’- ରୁଢ଼ିଟି ଆପଣମାନେ ଶୁଣିଥିବେ । ମୁଁ ବି ଶୁଣିଥିଲି ପିଲାବେଳେ ପ୍ରଥମେ ଜେଜେ କାହାକୁ ଗୋଟେ କହୁଥିବାର । ପରେ ସମସ୍ତେ ଗଲା ପରେ ପଚାରିଲି ତା’ର ମାନେ କ’ଣ ବୋଲି । ସେ କହିଲେ ଯେ ବଡ଼ ଲୋକମାନେ ଭୁଲ୍ କହୁଥିଲେ ବି ତାହା ବହୁତ ଉଚ୍ଚ ସ୍ତରର ବା ଠିକ୍ ବୋଲି ଗଣାଯାଏ । ବଡ଼ ଲୋକମାନେ, ଯିଏ ବୟସରେ ବଡ଼ ବୋଲି ପଚାରିବା ପରେ ଜେଜେ ବୁଝାଇ ଦେଇଥିଲେ ଯେ ଖାଲି ବୟସରେ ନୁହେଁ, ଯିଏ ଆମଠୁ ବଡ଼ ପଦବୀ ବା ବଡ଼ ଆସନରେ ବସିଥାନ୍ତି, ସେମାନଙ୍କୁ ବଡ଼ ଜ୍ଞାନୀ ରୂପେ ଗଣାଯାଏ । ହେଲେ ସେମିତି କରିବା ଉଚିତ ନୁହେଁ- ପ୍ରତ୍ୟେକଙ୍କ କଥାର ସତ୍ୟାସତ୍ୟ ଅନୁଧ୍ୟାନ କରିବା ଜରୁରୀ । ତା’ ପରଠୁ ସେ କଥାଟି ଏ ଲେଖିକା ଭିତରେ ଏମିତି ସମାହିତ ହୋଇ ଯାଇଛି ଯେ ସିଏ ଯେ କୌଣସି ଲୋକ ହୋଇଥାଉ, କୌଣସି କଥାକୁ ଅନ୍ଧ ଭାବେ ବିଶ୍ୱାସ ନ କରି ଏ ଲେଖିକା ପ୍ରଶ୍ନ କରେ; ଜ୍ଞାନ ମୁତାବକ ତା’ର ସମ୍ଭାବ୍ୟ ସତ୍ୟ ଓ ବିଭିନ୍ନ ଦୃଷ୍ଟିକୋଣକୁ ବୁଝିବାକୁ ଚେଷ୍ଟା କରେ ।

ଆମ ସମାଜ ଆଉ ଶିକ୍ଷା ବ୍ୟବସ୍ଥାରେ ପ୍ରଶ୍ନ କରିବାର ଅଭ୍ୟାସଟିକୁ ବେଳେ ବେଳେ ଅହଙ୍କାର ଓ ବିଦ୍ରୋହର ଆଖ୍ୟା ଦିଆଯାଏ । ଧରନ୍ତୁ, ବିଦ୍ୟାଳୟରେ ଶିକ୍ଷକ ଯାହା ପଢ଼ାଉଛନ୍ତି, ତାହା ନିଶ୍ଚୟ ଶିକ୍ଷା ସାରଣୀରେ ଅନ୍ତର୍ଭୁକ୍ତ । ସାରଣୀ ବାହାରେ ଯାହା କଳ୍ପନା ଓ ଚେତନା ଶକ୍ତି ଓ ତାର୍କିକ ବିଚାରକୁ ଉଦ୍ରେକ କରେ, ସେଭଳି ପ୍ରଶ୍ନ ମନକୁ ଆସିଲେ ମଧ୍ୟ ଆମକୁ ତାହା ପଚାରିବା ପାଇଁ ଉତ୍ସାହିତ କରାଯାଏ ନାହିଁ ଓ ପଚାରିଲେ ନିରୁତ୍ସାହିତ ଭାବରେ ଦବାଇ ଦିଆଯାଏ । ବିଭିନ୍ନ କ୍ଷେତ୍ରରେ ଶିକ୍ଷକମାନେ ନିଜର ଅହଂ ବା ‘ଇଗୋ’କୁ ବଞ୍ଚାଇବାକୁ ଯାଇ ଛାତ୍ର ଛାତ୍ରୀଙ୍କର ଦୁର୍ବଳତାକୁ ଆକ୍ଷେପ କରିଥାନ୍ତି । ଫଳରେ ପ୍ରଶ୍ନ ପଚାରିବାର ମନୋବୃତ୍ତି ଆସ୍ତେ ଆସ୍ତେ ସଂକୁଚିତ ହୋଇଯାଏ ଓ ଯାହା କୁହାଗଲା, ତାକୁ ହିଁ ଶେଷ ସତ୍ୟ ବୋଲି ବିଶ୍ୱାସ କରିବାକୁ ଛାତ୍ର ଛାତ୍ରୀମାନେ ବାଧ୍ୟ ହୋଇ ଥାଆନ୍ତି ।

ସମାଜରେ ମଧ୍ୟ ସେଇ ଏକା କଥା- ସମସ୍ତେ ସେଇଆ କରୁଛନ୍ତି; ଫଳରେ ଆମେ ଯେହେତୁ ସମାଜରେ ରହୁଛୁ, ତେଣୁ ଆମକୁ ଏହା ମାନିବାକୁ ପଡ଼ିବ ! ଯେତେବେଳେ କୌଣସି ପ୍ରଶ୍ନର ଉତ୍ତର ନଥାଏ, ଶୁଣିବାକୁ ମିଳେ ଯେ ସମସ୍ତେ ତାହା କୁହନ୍ତି । କାହିଁକି କୁହନ୍ତି, ତା’ର କାରଣ ଖୋଜିବାକୁ ଇଚ୍ଛା ବା ସାହସ ନଥାଏ ବୋଧେ; ନ ଖୋଜି ତାକୁ ମାନିନେବା ହିଁ ସହଜ ଉପାୟ ।

ଏ ଲେଖିକା ନିଜର ଗୋଟେ ଉଦାହରଣ ଦେବାକୁ ଚାହୁଁଛି । କଲେଜ ସମୟରେ ରାଷ୍ଟ୍ରୀୟ ସାମାଜିକ ସେବା ସଂଘର ଏକ ଇଣ୍ଟରକଲେଜ କ୍ୟାମ୍ପରେ ଯୋଗ ଦେବା ବେଳେ ଗୋଟେ ସନ୍ଧ୍ୟାରେ ଅଧଘଣ୍ଟା ପାଇଁ କୌଣସି ମନୋରଞ୍ଜନ କାର୍ଯ୍ୟକ୍ରମ ଆମ ଗ୍ରୁପ୍‌କୁ ପ୍ରସ୍ତୁତ କରାଯିବା ପାଇଁ କୁହା ଯାଇଥିଲା- ନିଶା ନିବାରଣ, ଶିକ୍ଷା, ସାମାଜିକ ସଂସ୍କାରକୁ ଛାଡ଼ି କିଛି ଅଭିନବ । ରାମାୟଣ ଚରିତ୍ରମାନଙ୍କର ଆଧୁନିକ ମନସ୍ତତ୍ତ୍ୱ କିଭଳି ହେବ, ସେ ନେଇ ମୁଁ କିଛି ଲେଖିଥିଲି ଓ ଆମେ ତାହା ପ୍ରସ୍ତୁତ କରିଥିଲୁ । ତାହା ମଞ୍ଚସ୍ଥ ହେଲା ପରେ ଅଧିକାଂଶ ଲୋକ ଖୁସି ହୋଇ ପ୍ରଶଂସା କରିବା ସତ୍ତ୍ୱେ ଜାତୀୟ ସେବା ସଂସ୍ଥାନର ଜଣେ ବ୍ଲକ୍‌ସ୍ତରୀୟ କର୍ମୀ, ଯିଏକି ମୁଖ୍ୟ ବକ୍ତା ହିସାବରେ ଆସିଥିଲେ, ସେ ବହୁତ ସମାଲୋଚନା କରିଥିଲେ । ଫଳରେ ମୁଁ ବହୁତ ଭାଙ୍ଗି ପଡ଼ିଥିଲି । ପରେ ଆମ ସଂଯୋଜକ ଅଧ୍ୟାପକ ଓ ଅଧ୍ୟାପିକାଙ୍କୁ ଏ ବିଷୟରେ ପଚାରିଲି । ସେମାନେ କହିଲେ, ଧର୍ମର ସାମାନ୍ୟତମ ସନ୍ଦର୍ଭ ଆମମାନଙ୍କୁ ଆବଶ୍ୟକତାଠାରୁ ଅଧିକ ସ୍ପର୍ଶକାତର କରିଦିଏ । ଭୁଲ୍-ଠିକ୍‌ର ବିଚାର କରିବାକୁ ଆଉ ତର ନଥାଏ । ଏଥିରେ କୌଣସି ଭୁଲ୍ ନଥିଲା; ସେ ଯାହା କହିଲେ, ତାହା ତାଙ୍କ ବ୍ୟକ୍ତିଗତ ମତ ହୋଇଥିବ । ସେମାନଙ୍କ କଥା ମୋତେ ସାନ୍ତ୍ୱନା ଦେଇଥିଲା ସତ, କିନ୍ତୁ ସେ ଦିନର ଗଭୀର ଆଘାତ ବା ଟ୍ରମା ମୋ ମନରେ ଅନେକ ଦିନ ରହିଥିଲା । ପରେ ଦେଖିଲି, ଅଗଣିତ ଲେଖକ ଓ ଲେଖିକା ସେହିପରି ଉପନ୍ୟାସ ଓ ଗପସବୁ ଲେଖୁଛନ୍ତି । ତାହା ଆଦୃତ ତଥା ଆଲୋଚିତ ବି ହେଉଛି; ଅନେକ ନାଟକ ମଞ୍ଚସ୍ଥ ବି ହେଉଛି । ଅନେକ ଥର ନିଜକୁ ପ୍ରଶ୍ନ କରି ମୁଁ ନିଜେ ବୁଝି ପାରିଲି, ସେ ପ୍ରକାର ନକାରାତ୍ମକ ପଦେ ଦୁଇ ପଦ କଥା ଗୋଟେ କୋମଳ ମନ ଓ ସୃଜଶୀଳତାକୁ କେମିତି ଧ୍ୱଂସ କରିଦେଇ ପାରେ ।

ସେମିତି ପିଲାଦିନରୁ ଆମମାନଙ୍କ ମନରେ ଏକ ପ୍ରକାର ଭାବନା ଓ ବିଶ୍ୱାସ ଘର କରିଯାଏ । ତାହାକୁ ସୋସିଆଲ କଣ୍ଡିସନିଂ ବା ସାମାଜିକ ଅଭିଧାରଣା କୁହାଯାଏ । ଏହି ଭାବନା ଫଳରେ ଆମେ ତାର୍କିକ ଭାବରେ ଭାବିବା ଓ କୌତୁହଳୀ ହେବାର ଅଭ୍ୟାସଠୁ ଧୀରେ ଧୀରେ ଦୂରେଇ ଯାଉ ।

ଏବେ ଆସନ୍ତୁ, ଆମ ନିତ୍ୟ ନୈମିତିକ ଦିନଚର୍ଯ୍ୟା ଉପରେ ବିଚାର କରିବା । ଦିନଚର୍ଯ୍ୟା ବିଷୟରେ ପୁରାଣ ଗ୍ରନ୍ଥରେ ଯାହା ଲେଖା ଯାଇଛି ଓ ବଡ଼ମାନେ ଯାହା କହି ଯାଇଛନ୍ତି, ସେସବୁ କଥାକୁ ଆମେ ବିନା ପ୍ରଶ୍ନରେ ଗ୍ରହଣ କରିନେଉ । ଠିକ୍ ସେମିତି ଉଚ୍ଚ ପଦବୀରେ ଥିବା ବ୍ୟକ୍ତି, ନେତା ତଥା କୌଣସି ବିଷୟରେ ବିଶେଷ ଜ୍ଞାନ ହାସଲ କରିଥିବା ଲୋକଙ୍କ ରାୟକୁ ଫାଇନାଲ ବୋଲି ମାନି ନେଇଥାଉ ! ତାକୁ ବିରୋଧ କରିବା ଲୋକ ଅନ୍ୟମାନଙ୍କର ଚକ୍ଷୁଶୂଳ ହୋଇଥାଏ । ଏହାର ଅନେକ ଉଦାହରଣ ଇତିହାସରେ ଅଛି । ଯଥା ସକ୍ରେଟିସ୍, ପ୍ଲେଟୋ, ଗାଲିଲିଓ ଇତ୍ୟାଦି ବ୍ୟକ୍ତିମାନଙ୍କ ସତ୍ୟ ଖୋଜିବା ଓ ସମସ୍ତଙ୍କ ସମ୍ମୁଖକୁ ଆଣିବାକୁ ଅନେକ କଷ୍ଟ ସହିବାକୁ ପଡ଼ିଛି- ଏମିତିକି କେତେ ଜଣଙ୍କ ଜୀବନ ମଧ୍ୟ ଯାଇଛି । ସେମାନେ ସେ କାଳରେ ଥିବା ଚିରାଚରିତ ଜ୍ଞାନକୁ ତାଙ୍କର ନିଜ ଆବିଷ୍କାର ମାଧ୍ୟମରେ ଆହ୍ୱାନ ଦେବାର ସାହସ କରିଥିଲେ । ପରିବର୍ତ୍ତନ ହିଁ ଜୀବନର ସତ୍ୟ ଓ ଅବଶ୍ୟମ୍ଭାବୀ; ଏହାକୁ ଯେ କୌଣସି ବିଷୟରେ ପ୍ରୟୋଗ କରାଯାଇ ପାରିବ- ତାହା ଧର୍ମ, ସଂସ୍କୃତି, ବିଜ୍ଞାନ, ପରିବେଶ, ଦର୍ଶନ, ଶିକ୍ଷା ବା ବୈଷୟିକ ଜ୍ଞାନ, ଇତିହାସ ହେଉ କି ଭୂଗୋଳ- ପରିବର୍ତ୍ତନକୁ ଗ୍ରହଣ କରି ନିଜ ପାଇଁ ଉଚିତ ଓ ଅନୁଚିତ ବ୍ୟବହାର ସର୍ବଦା ଗ୍ରହଣୀୟ ।

ସବୁ ପୁରୁଣା ଜିନିଷ ଭଲ ନୁହେଁ କି ସବୁ ନୂଆ ଜିନିଷ ଖରାପ ନୁହେଁ । ଏଇ ସୂତ୍ରରେ ବେଳେ ବେଳେ ପୁରୁଣା ପିଢ଼ି ପରିବର୍ତ୍ତନର କାନ୍ଦଣା କାନ୍ଦନ୍ତି । ମାତ୍ର ସମୟର ଆବଶ୍ୟକତାକୁ ଠିକ୍ ଭାବେ ବୁଝି ପାରନ୍ତିନି କି ଗ୍ରହଣ କରି ପାରନ୍ତିନି । ସେମାନଙ୍କ ମତରେ, ସେମାନେ ଯାହା କୁହନ୍ତି ବା ବିଶ୍ୱାସ କରନ୍ତି, ତାହା ହିଁ ସତ୍ୟ ଓ ବେଦରେ ଲେଖା ଯାଇଥିବା ଶବ୍ଦ ଭଳି । ଠିକ୍ ସେମିତି ଯୁବ ପିଢ଼ି ପୁରୁଣା ପରମ୍ପରାକୁ ଅନ୍ଧବିଶ୍ୱାସ ବା ଅଦରକାରୀ ମଣିଥାନ୍ତି । ଆମ ଶ୍ରେଣୀ ଗୃହମାନଙ୍କରେ, ଏପରକି ସମ୍ମିଳନୀରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ, ଆଲୋଚନା ବା ଅନ୍ୟମାନଙ୍କର ମତାମତକୁ କମ୍ ଗୁରୁତ୍ୱ ଦିଆଯାଏ; ସମୟ ଅଭାବ ବା ଅନାବଶ୍ୟକ କହି ଟାଳି ଦିଆ ଯାଇଥାଏ । କାରଣ, ଆମେ ଏଯାଏଁ ସମ୍ମାନର ସହ ଅରାଜି ହେବା ପାଇଁ ରାଜି ହେବାର କଳାଟି ଶିଖି ନାହୁଁ । ଯେହେତୁ ଶିକ୍ଷକ ବା ବକ୍ତା ବ୍ରହ୍ମା, ତେଣୁ ବେଦ ହିଁ କହୁଥିବେ ନୀତିରେ ଚୁପ୍ ରହୁଛୁ !

ଅଫିସମାନଙ୍କରେ ଉଚ୍ଚ ପଦ ପଦବୀରେ ଥିବା ଲୋକ ନିଜର ମତାମତକୁ ‘ମୁଁ ଏହା ଚାହୁଁଛି’ ବୋଲି ଉଲ୍ଲେଖ କରିବାର ଦେଖାଯାଏ । ଅନ୍ୟମାନେ କ’ଣ ଭାବୁଛନ୍ତି, ତାକୁ ପଲିସିରେ ସାମିଲ କରିବା ତ ଦୂରର କଥା, କିଛି କହିବା ବା ସେମାନଙ୍କର ଅଭିବ୍ୟକ୍ତିକୁ ମନ ଦେଇ ଶୁଣିବା ବି ଆମ ଅଭିଧାନରେ ନାହିଁ । ଫଳରେ ଅଧିକାରୀ ବା ନେତା ଭାବେ ଆମେ ଉଚ୍ଚକୁ ଚଢ଼ି ଯାଉଛୁ ଶୀଘ୍ର, ମାତ୍ର ସମାନ୍ତରାଳ ଭାବେ ବଢ଼ି ପାରୁନୁ । ସମାନ୍ତରାଳ ଭାବେ ବଢ଼ିବାକୁ କମ୍ ସଫଳତା ଭାବେ ଗ୍ରହଣ କରାଯାଏ, ଏହାକୁ ବିଶ୍ୱାସ ନ କରୁଥିବା ଲୋକଙ୍କ ସଂଖ୍ୟା ନଗଣ୍ୟ । ଆମେ ଶୁଣିବାଠୁ କହିବାକୁ ବେଶୀ ଗୁରୁତ୍ୱ ଦେଉଛୁ, ଫଳରେ କହିବା ଏବଂ ଶୁଣିବା ଜ୍ଞାନ ବଢ଼ାଇବାର ଉପଯୁକ୍ତ ମାର୍ଗକୁ ନ ଆପଣେଇ ଆମେ ଏକତରଫା ବିଷୟକୁ ଠିକ୍ ବୋଲି ଖାଲି କହୁନାହୁଁ, ପ୍ରମାଣ କରିବାରେ ଲାଗି ପଡ଼ିଛୁ । ଆଜିକାଲି କିଛି ମାତ୍ରାରେ ସଭିଙ୍କୁ ସାମିଲ କରିବାର ଉପକ୍ରମ ନିଆ ଯାଉଛି । ଏମିତି ହେଲେ ଯାଇଁ ବ୍ୟକ୍ତିଠୁ ଆରମ୍ଭ କରି ପରିବାର, ଗାଁ, ରାଜ୍ୟ, ଦେଶ, ଜାତି ଓ ପୃଥିବୀର ମଙ୍ଗଳ ହୋଇ ପାରିବ ।

ଅନେକ କ୍ଷେତ୍ରରେ ଦେଖାଯାଏ, ଗୋଟିଏ ପୁସ୍ତକ ତା’ର ବିଷୟବସ୍ତୁ ବା ଲେଖା ଶୈଳୀ ପାଇଁ ପ୍ରଶଂସିତ ନ ହୋଇ ଲେଖିଥିବା ଲୋକର ପଦବୀ ଆଧାରରେ ଯୋଗ୍ୟ ବିବେଚିତ ହୁଏ । ଅଳ୍ପ କିଛି ଲୋକ ସମାବେଶନକୁ ଗୁରୁତ୍ୱ ଦିଅନ୍ତି ଓ ବିଷୟବସ୍ତୁକୁ । ତାଙ୍କ ସଂଖ୍ୟା ଅତି ନଗଣ୍ୟ । ଏହା ଫଳରେ ଆମେ ନିଜର ସତ୍ୟତା ହରାଉଛୁ ଓ ନିଜର ବିଷୟବସ୍ତୁ ଉପରେ ଜ୍ଞାନ ସୁଦୃଢ଼ କରିବା ପରିବର୍ତ୍ତେ ନିଜର କେତେ ଉପାଧି ବଢ଼ାଯାଇ ପାରିବ, ତା’ ଉପରେ ଗୁରୁତ୍ୱ ଦେଉଛୁ । ଆମେ ପ୍ରକୃତ ବେଦ ଜାଣୁ କି ନଜାଣୁ, କେମିତି ବ୍ରହ୍ମା ଆସନରେ ବସି ପାରିବା, ସେଇ ଲକ୍ଷ୍ୟ ରହୁଛି ଆମର । ଏବେ କିଛି ନଗରୀରେ କିଛି ବଦାନ୍ୟ ବ୍ୟକ୍ତି ଓ ଯୁବ ଶକ୍ତି ଏଇ ପାରମ୍ପରିକ ମଡେଲର ଜ୍ଞାନ ଆହରଣ ଓ ବଣ୍ଟନର ପ୍ରକ୍ରିୟାକୁ ଏକ ଅନ୍ୟ ସ୍ତରକୁ ନେବାକୁ ଚେଷ୍ଟା କରୁଛନ୍ତି; ଶ୍ରେଣୀଗୃହ ନ ହୋଇ ପାର୍କ, କ୍ଲବ୍ ଓ ହଲ୍ ଇତ୍ୟାଦି ସାଧାରଣ ଜାଗାରେ, ଯେଉଁଠି ଆଗ୍ରହୀ ବ୍ୟକ୍ତିମାନେ ଆଲୋଚନାରେ ଅଂଶଗ୍ରହଣ କରି ପାରିବେ, ନିଜର ମତାମତ ସହଜରେ ଦେଇ ପାରିବେ, ବିନା ଦ୍ୱିଧାରେ ପ୍ରଶ୍ନ ପଚାରି ପାରିବେ ବା ନିଜ ଇଚ୍ଛାରେ କେବଳ ଶୁଣିବେ ଆଉ ନିଜ ଭିତରେ ସମାହିତ କରି ପାରିବେ, ସେହିଭଳି ଆଲୋଚନାର ଆୟୋଜନ କରୁଛନ୍ତି । ବୋଧହୁଏ ଏହା ଜ୍ଞାନ ଆହରଣର ଏକ ମୁକ୍ତ ମାଧ୍ୟମ ହୋଇ ପାରିବ । ପୂର୍ବରୁ ମୁକ୍ତ ବିଦ୍ୟାଳୟ ଓ ଇନ୍‌ଫର୍ମାଲ୍ ବ୍ୟବସ୍ଥା ପ୍ରାଥମିକ ସ୍ତରରେ ଥିବା ସତ୍ତ୍ୱେ ଏହାର ବେଶୀ ଲାଭ ଆମେ ପାଇପାରି ନାହୁଁ । ମାତ୍ର ଏ ପ୍ରକାର ଆଲୋଚନା ଦ୍ୱାରା ଜ୍ଞାନ କେବଳ ବୁଦ୍ଧିଜୀବୀ ମହଲରେ ସୀମିତ ନହୋଇ ସବୁ ସ୍ତରକୁ ବାଣ୍ଟି ହୋଇ ପାରିବ ବୋଲି ଆଶା ।




ଯେଉଁମାନେ ବ୍ରହ୍ମା ଆସନରେ ଆସୀନ, କେମିତି ନ ବିଳବିଳେଇ ପ୍ରକୃତ ବେଦ ଉଚ୍ଚାରଣ କରିବେ, ସେ ବିଷୟରେ ଯଥେଷ୍ଟ ଧ୍ୟାନ ଦେବା ଉଚିତ । ଆଉ ଶ୍ରୋତା ହିସାବରେ ଆମର ବି କର୍ତ୍ତବ୍ୟ ଯେ ତାଙ୍କ କଥା କେବଳ ବିଳବିଳା ନା ପ୍ରକୃତ ଜ୍ଞାନ, ତା’ର ବିଶ୍ଳେଷଣ କରି ଆଲୋଚନା କରିବା ଆଉ ଗଠନମୂଳକ ସମାଲୋଚନା କରିବା ।

ମୋ: ୮୩୧୦୭୮୧୫୨୪

## କର୍ଣ୍ଣାଟକ: କ୍ଷମତାର ଖେଳ

ଗତ ତିନି ବର୍ଷ ଧରି କର୍ଣ୍ଣାଟକରେ ଚାଲି ଆସିଥିବା ସିଂହାସନର ଖେଳ ଏବେ ଶେଷ ହେବା ପରି ମନେ ହେଉଛି, ଯେହେତୁ ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ସିଦ୍ଦରମେୟା ନିଜ ପଦରୁ ଇସ୍ତଫା ପ୍ରଦାନ କରି ନିଜର ଉପମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ହାତରେ ରାଜ୍ୟର ଶାସନ ଡୋର ଧରାଇ ଦେବାକୁ ଯାଉଛନ୍ତି । ଶ୍ରୀଯୁକ୍ତ ଶିବକୁମାର କେବେ ମୁଖ୍ୟମନ୍ତ୍ରୀ ଆସନରେ ଅଧିଷ୍ଠିତ ହେବେ, ତାହା ଏକ ସମୟର କଥା ହୋଇଥିବା ବେଳେ ଏହି ନିଷ୍ପତ୍ତି ଗ୍ରହଣ କରାଯିବାର ଅବସର ତାଙ୍କ ସମର୍ଥକମାନଙ୍କ ପାଇଁ ଅନେକ ଆଶ୍ୱାସନା ଆଣି ଦେଇଛି । ବେଶ୍ କେତେକ ରଣନୀତିକ ପଦକ୍ଷେପ ନେବା ପରେ କଂଗ୍ରେସ କର୍ଣ୍ଣାଟକରେ ବିଜେପିକୁ କ୍ଷମତାଚ୍ୟୁତ କରି ଶାସନ ଗାଦିକୁ ଆସିଥିଲା । ବିଏସ୍ ୟେଦିୟୁରାପ୍ପା ଏବଂ ବାସବରାଜ ବୋମାଇଙ୍କ ନେତୃତ୍ୱାଧୀନ ସରକାର ଅନେକ ସଂଖ୍ୟକ ଦୁର୍ନୀତି ଅଭିଯୋଗର ସାମ୍ନା କରି ଆସୁଥିଲେ ଏବଂ କଂଗ୍ରେସ ଯେତେବେଳେ ଲୋକମାନଙ୍କୁ ଏକ ସ୍ୱଚ୍ଛ ପ୍ରଶାସନ ପ୍ରଦାନ କରିବାର ପ୍ରତିଶ୍ରୁତି ଦେଲା, ସେତେବେଳେ ଲୋକମାନେ ତାକୁ ଅତି ଉତ୍ସାହର ସହିତ ସ୍ୱାଗତ କଲେ । କୁହା ଯାଇଥାଏ ଯେ ଦୁର୍ନୀତି କେବଳ ସରକାରର ଉଚ୍ଚ ସ୍ତରଗୁଡ଼ିକରେ ସୀମିତ ନଥିଲା; ଏମିତିକି ସବୁ କିଛି ନୀତି ନିୟମକୁ ବେଖାତିର କରି ବ୍ଲକ୍ ଏବଂ ୱାର୍ଡ୍ ସ୍ତରରେ ନିଯୁକ୍ତ ନେତାମାନେ ଦୁର୍ନୀତି ଓ ଜାଲିଆତି କରୁଥିଲେ । ଆହୁରି ମଧ୍ୟ ନିର୍ବାଚନ ବେଳେ କଂଗ୍ରେସ ଲୋକମାନଙ୍କୁ ପାଞ୍ଚ ଗୋଟି ଗ୍ୟାରେଣ୍ଟିର ପ୍ରତିଶ୍ରୁତି ପ୍ରଦାନ କରିଥିଲା, ଯାହା ମଧ୍ୟରେ ଅନ୍ତର୍ଭୁକ୍ତ ଥିଲା ରାଜ୍ୟ ସରକାରଙ୍କ ଦ୍ୱାରା ଚାଳିତ ବସ୍‌ଗୁଡ଼ିକରେ ମହିଳାମାନଙ୍କ ପାଇଁ ମାଗଣାରେ ଯାତାୟାତର ବ୍ୟବସ୍ଥା, ସବୁ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ୨୦୦ ୟୁନିଟ୍ ପର୍ଯ୍ୟନ୍ତ ମାଗଣାରେ ବିଜୁଳି ଶକ୍ତି, ପରିବାରର ମହିଳା ମୁଖିଆଙ୍କୁ ମାସିକ ୨ ହଜାର ଟଙ୍କାର ଆର୍ଥିକ ସହାୟତା, ଦାରିଦ୍ର୍ୟ ସୀମାରେଖା ତଳେ (ବିପିଏଲ୍) ବାସ କରୁଥିବା ଲୋକମାନଙ୍କୁ ବ୍ୟକ୍ତିପିଛା ମାଗଣାରେ ମାସିକ ୧୦ କିଲୋଗ୍ରାମ୍ ଚାଉଳ ଏବଂ ଏକ ମାସିକ ବେକାରୀ ଭତ୍ତା । ଜଣେ ସମାଜବାଦୀରୁ କଂଗ୍ରେସ ନେତା ପାଲଟିଥିବା ସିଦ୍ଦରମେୟା ଏବଂ ବିଜେପି ଓ କେନ୍ଦ୍ରୀୟ ଏଜେନ୍ସିମାନଙ୍କ ଦ୍ୱାରା ହୋଇଥିବା ଡାହାଣୀ ଖୋଜା ଅଭିଯାନକୁ ଦୃଢ଼ ଭାବରେ ମୁକାବିଲା କରି ଶକ୍ତିମାନର ଆଖ୍ୟା ଅର୍ଜନ କରିଥିବା ଶ୍ରୀଯୁକ୍ତ ଶିବକୁମାରଙ୍କ ସମଷ୍ଟି କର୍ଣ୍ଣାଟକବାସୀଙ୍କୁ ସେମାନଙ୍କ ଦଳକୁ ଭୋଟ୍ ଦେବା ପାଇଁ ବୁଝାଇବାରେ ସକ୍ଷମ ହୋଇଥିଲେ, ଯାହା ପରିଶେଷରେ ୨୦୨୩ରେ କ୍ଷମତାକୁ ଆସିଥିଲା ।

ଏହା ପରେ ସରକାର ନିଜର ସାମର୍ଥ୍ୟ ଅନୁସାରେ ଲୋକମାନଙ୍କୁ ଦେଇଥିବା ପ୍ରତିଶ୍ରୁତିଗୁଡ଼ିକୁ ପୂରଣ କରିବାକୁ ଆରମ୍ଭ କଲେ । ତଥାପି ଏହା ରାଜ୍ୟକୁ ଏକ ଆର୍ଥିକ ଦୁର୍ବଳ ଅବସ୍ଥାକୁ ନେଇ ଆସିଲା । ସମ୍ଭବତଃ କର୍ଣ୍ଣାଟକରେ କଂଗ୍ରେସ ଅତ୍ୟଧିକ ମହତ୍ତ୍ୱାକାଂକ୍ଷୀ ହୋଇଗଲା । ଦେଶର ଦକ୍ଷିଣ ଭାଗରେ ଅବସ୍ଥିତ ଅଧିକାଂଶ ରାଜ୍ୟଙ୍କ ଭଳି ଏହା ମଧ୍ୟ କେନ୍ଦ୍ର ସରକାରଙ୍କ ଦ୍ୱାରା ଅନୁସୃତ ଆର୍ଥିକ ଆବଣ୍ଟନ ନୀତିରେ ପକ୍ଷପାତ ହେଉଥିବାର ଅଭିଯୋଗ ଉଠାଇଲା; କେନ୍ଦ୍ରୀୟ ସମ୍ବଳରେ ଏହାର ଉପଯୁକ୍ତ ଅଂଶ ହାସଲ କରିବାକୁ ରାଜ୍ୟ ସରକାରଙ୍କ ସବୁ ମନ୍ତ୍ରଣାଳୟ ଜାତୀୟ ରାଜଧାନୀରେ ସଡ଼କକୁ ଓହ୍ଲାଇଲେ, କିନ୍ତୁ ସେମାନଙ୍କର ପ୍ରତିବାଦ ଫଳବତୀ ହେଲାନାହିଁ । ପରିସ୍ଥିତି ଆହୁରି ଅଧିକ କଦର୍ଯ୍ୟ ହେଲା, ଯେତେବେଳେ ଗୁଜବଟିଏ ଧୀରେ ଧୀରେ ଦାନା ବାନ୍ଧିବାକୁ ଆରମ୍ଭ କଲା ଯେ ରାଜ୍ୟର ଉପରୋକ୍ତ ଦୁଇ ବରିଷ୍ଠ ନେତାଙ୍କ ମଧ୍ୟରେ ରାଜିନାମାଟିଏ ହୋଇଛି କି ମୁଖ୍ୟମନ୍ତ୍ରୀ ଅଢ଼େଇ ବର୍ଷ ପରେ ନିଜର ଗାଦିକୁ ତାଙ୍କ ଉପମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରିବେ ଏବଂ ଏହା ଉପରେ କଂଗ୍ରେସର ଜାତୀୟ ସ୍ତରର ନେତୃବୃନ୍ଦ ନିରବ ରହିଲେ । ଶ୍ରୀଯୁକ୍ତ ଶିବକୁମାରଙ୍କୁ ବାହାଦୂରୀ ଦେବା କଥା ଯେ ସେ ଏହି ଖେଳଟିକୁ ଭଲ ଭାବରେ ଖେଳିଲେ ଏବଂ ତାଙ୍କ ପାଇଁ ସୁଯୋଗ ଆସିବା ପର୍ଯ୍ୟନ୍ତ ଅପେକ୍ଷା କଲେ । ତଥାପି ନେତୃତ୍ୱ ପରିବର୍ତ୍ତନକୁ ନେଇ ଲାଗି ରହିଥିବା କଳ୍ପନା ଜଳ୍ପନାର ଆଦୌ ଅନ୍ତ ହେଲାନାହିଁ । ହାତରେ କଦାଚିତ୍ କୌଣସି ବିକଳ୍ପ ନଥିବା ବେଳେ ଦଳ ନାଚାର ହୋଇ ଶେଷରେ ଏହି ବ୍ୟବସ୍ଥା ପ୍ରତି ସବୁଜ ସଂକେତ ପ୍ରଦାନ କଲା ।

୨୦୨୮ରେ ରାଜ୍ୟର ପରବର୍ତ୍ତୀ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଏଥିରେ ବିଜୟ ଲାଭ କରି ପୁଣିଥରେ କ୍ଷମତାକୁ ଫେରିବାକୁ ଯଦି କଂଗ୍ରେସ ଚାହୁଁଥାଏ, ତା’ହେଲେ ଏବେ ଏହାକୁ ଅନେକଗୁଡ଼ିଏ କଠିନ ପରିଶ୍ରମ କରିବାକୁ ପଡ଼ିବ । ଦୁର୍ନୀତି ଅଭିଯୋଗ ପ୍ରକୃତରେ ଏବେ ସୁଦ୍ଧା ସମ୍ପୂର୍ଣ୍ଣ ରୂପେ ନିଜର ମୁଣ୍ଡ ନୁଆଁଇ ନାହିଁ; ଲୋକମାନେ ଆଦୌ ଅନୁଭବ କରୁ ନାହାନ୍ତି ଯେ ସାମ୍ପ୍ରତିକ ପ୍ରଶାସନ ପୂର୍ବ ସରକାର ଅପେକ୍ଷା ଅଧିକ ଭଲ, ଏମିତିକି କେତେକ ତ ଏକଥା ବି ଦୃଢ଼ କଣ୍ଠରେ ଦାବି କରୁଛନ୍ତି ଯେ ବସ୍ତୁତଃ କେତେକ କ୍ଷେତ୍ରରେ ଆଗ ଅପେକ୍ଷା ପରିସ୍ଥିତି ଅଧିକ ଖରାପ ହୋଇଛି । ଏହା ସତ୍ତ୍ୱେ କଂଗ୍ରେସକୁ ମଧ୍ୟ କିଛିଟା ଶ୍ରେୟ ଦିଆଯାଇପାରେ ଏହାର ସରକାରକୁ ଅସ୍ଥିର କରିବାକୁ ବିଜେପିର ଉଦ୍ୟମଗୁଡ଼ିକୁ ଏହା ସଫଳତାର ସହିତ ଟାଳି ଦେଇ ପାରିଥିବାରୁ, ଯେହେତୁ ସରକାର ଭାଙ୍ଗିବା କଥାକୁ ଯଦି ବିଚାରକୁ ନିଆଯାଏ, ତା’ହେଲେ ଏ କ୍ଷେତ୍ରରେ ଗୈରିକ ଦଳ ସମ୍ପୂର୍ଣ୍ଣ ଓସ୍ତାଦ୍ ବୋଲି କୁହାଯାଇପାରେ । ଶାସକ ପରିବର୍ତ୍ତନ ପ୍ରାୟତଃ ଶାସକ ଦଳକୁ ଏହା ଦେହରେ ଲାଗିଥିବା ସରକାର-ବିରୋଧୀ ଜନମତ ରୂପକ କଳଙ୍କରୁ ରକ୍ଷା କରିବାରେ ସାହାଯ୍ୟ କରି ଆସିଛି, ତେବେ ଦେଖିବାକୁ ବାକି ରହିଲା ଆଗାମୀ ଦୁଇ ବର୍ଷ ମଧ୍ୟରେ ଶ୍ରୀଯୁକ୍ତ ଶିବକୁମାର ମୁଖ୍ୟମନ୍ତ୍ରୀ ଭାବରେ ନିଜର ଦାୟିତ୍ୱ ଓ କର୍ତ୍ତବ୍ୟକୁ କିପରି ନିର୍ବାହ କରୁଛନ୍ତି । ରାଜନୀତିକ ନାଟକ ତାଙ୍କୁ ତାଙ୍କ ହୃଦୟର ଅଭିଳାଷକୁ ପୂରଣ କରିବାରେ ସହାୟକ ହୋଇଛି, କିନ୍ତୁ ଏହା ରାଜ୍ୟର ଲୋକମାନଙ୍କର ସ୍ଥିତିରେ ଉନ୍ନତି ଆଣିବା ଦିଗରେ ପଥ କଢ଼ାଇ ନେଇ ପାରିବ କି ?

# ବିଲୋପ ପଥେ ଶାଗୁଣା



ନିକୁଞ୍ଜ ବିହାରୀ ସାହୁ

ମାତ୍ର ଚାଳିଶ ପଚାଶ ବର୍ଷ ତଳେ ଶାଗୁଣା ଆମ ଗାଁ ଗହଳିରେ ବହୁ ସଂଖ୍ୟାରେ ଦେଖା ଯାଉଥିଲେ । ଗାଈ ଗୋରୁ ଆଦି ଗୃହପାଳିତ ଜୀବ ମରିଗଲେ, ଶାଗୁଣାମାନେ କିପରି ସୁରାକ୍ ପାଇ ଦଳ ଦଳ ଚକ୍କର କାଟନ୍ତି ଆକାଶରେ, ଆଉ ମୃତ ଜୀବକୁ ଘେରି କେଇ ଘଣ୍ଟା ସମୟ ମଧ୍ୟରେ ଖାଇ ଶେଷ କରି ଦିଅନ୍ତି । ଆମ ସଂସ୍କୃତିରେ ଶାଗୁଣାମାନଙ୍କୁ ସାଧାରଣତଃ ଅଶୁଭର ସଙ୍କେତ ମନେ କରା ଯାଉଥିଲେ ସୁଦ୍ଧା ପରିବେଶୀୟ ଦୃଷ୍ଟିକୋଣରୁ ସେମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ସେମାନେ ମଲା ଜୀବଙ୍କ ସଢ଼ା ମାଂସ ଖାଇ ପରିବେଶକୁ ସଫା ରଖିଥାନ୍ତି । ଶାଗୁଣା ନଥିଲେ ପୃଥିବୀରେ କୁଢ଼ କୁଢ଼ ଶବ ଜମା ହୋଇ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି କରୁଥାନ୍ତା ।

ଘୋର ପରିତାପର ବିଷୟ ଯେ ଏବେ ଆମ ଦେଶରେ ପରିବେଶର ବନ୍ଧୁ ଏହି ଶାଗୁଣାମନଙ୍କ ବଂଶ ଦ୍ରୁତ ଲୋପ ପାଇବାରେ ବସିଛି ଏବଂ ସେମାନଙ୍କର ସ୍ଥିତି ଏବେ ବିଲୁପ୍ତପ୍ରାୟ ଅବସ୍ଥାରେ ପହଞ୍ଚିଲାଣି । ଏବେ ଗାଁ ଗଣ୍ଡାରେ ଶାଗୁଣାମାନଙ୍କୁ ଦେଖିବା ବିରଳ । ଗାଁରେ ଗାଈ ଗୋରୁ ମରିଗଲେ ମଲା ଜୀବକୁ ଖାଇବା ପାଇଁ ଶାଗୁଣା ଆଉ ଗାଁକୁ ଆସୁନାହିଁ । ଏକ ହିସାବରୁ ଜଣାଯାଏ ଯେ ବିଗତ ୧୯୮୦ ଦଶକରେ ଆମ ଦେଶରେ ପ୍ରାୟ ୮ କୋଟି ଶାଗୁଣା ଥିଲା ବେଳେ ଏବେ ସେମାନଙ୍କ ସଂଖ୍ୟା ୪୦୦୦ରୁ କମ୍ । ସୁତରାଂ, ଏବେଠୁ ସେମାନଙ୍କ ସଂରକ୍ଷଣ ପାଇଁ ଉପଯୁକ୍ତ ବ୍ୟବସ୍ଥା ଗ୍ରହଣ କରା ନଗଲେ ଆଗାମୀ ଦିନରେ ଏହି ବିରଳ ଓ ଉପକାରୀ ଜୀବ ଶାଗୁଣା ବଂଶର ଯେ ସମ୍ପୂର୍ଣ୍ଣ ବିଲୋପ ଘଟିବ, ଏଥିରେ ସନ୍ଦେହ ନାହିଁ । ଫଳରେ ସେମାନେ ଆମ ପିଲାମାନଙ୍କ ପାଇଁ କେବଳ ପଢ଼ା ବହିର ଚିତ୍ର ହୋଇ ରହିଯିବେ ସିନା, ପ୍ରକୃତିରେ ଆଉ ଦେଖିବାକୁ ମିଳିବେ ନାହିଁ । ତେବେ ପ୍ରଶ୍ନ ଉଠେ: ଶାଗୁଣାଙ୍କ ଏହି ରହସ୍ୟମୟ ବିଲୋପ ପାଇଁ ଦାୟୀ କିଏ ?

ଏକ ଗବେଷଣାରୁ ଜଣାପଡ଼େ ଯେ ଗାଈ ଗୋରୁମାନଙ୍କୁ ଔଷଧ ରୂପେ ଦିଆ ଯାଉଥିବା ଡାଇକ୍ଲୋଫେନାକ୍ ନାମକ ଏକ ରାସାୟନିକ ପଦାର୍ଥ ଏଥିପାଇଁ ଦାୟୀ । ଏହି ଔଷଧକୁ ସାଧାରଣତଃ ଗାଈ ଗୋରୁ ଭଳି ଜୀବମାନଙ୍କଠାରେ ବିନ୍ଧା, ଫୁଲା ଭଳି ଯନ୍ତ୍ରଣାର ଉପଶମ ନିମନ୍ତେ ପେନ୍‌କିଲର୍ ରୂପେ ପ୍ରଦାନ କରା ଯାଇଥାଏ । ଔଷଧ ସେବନ କରିଥିବା ଏହି ଜୀବମାନଙ୍କର ସମୟକ୍ରମେ ମୃତ୍ୟୁ ଘଟିଲେ ଏହି ମୃତ ଜୀବଙ୍କ ଶବକୁ ଭକ୍ଷଣ କରୁଥିବା ଶାଗୁଣାମାନଙ୍କ ଶରୀରରେ ଏହି ରାସାୟନିକ ପଦାର୍ଥ ପ୍ରବେଶ କରେ । ଏହା ଶାଗୁଣାର ଶରୀରରେ ତୀବ୍ର ପ୍ରତିକ୍ରିୟା ଘଟାଇ ବୃକ୍କ ସମେତ ଏହାର ରେଚନ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଅକାମୀ କରିଦିଏ । ଫଳରେ ଏଭଳି ମଲା ଜୀବକୁ ଖାଇଥିବା ଶାଗୁଣାର ଦୁଇ ତିନି ଦିନ ମଧ୍ୟରେ ମୃତ୍ୟୁ ଘଟେ । ଗବେଷଣାରୁ ଜଣାଯାଏ ଯେ ଏହି ବିଷାକ୍ତ ପଦାର୍ଥର ସେବନ ଦ୍ୱାରା ଭାରତରେ ଦେଖା ଯାଉଥିବା ତିନି ପ୍ରଜାତିର ଶାଗୁଣାମାନଙ୍କ ମଧ୍ୟରୁ ସମୁଦାୟ ୯୫%ଙ୍କ ମୃତ୍ୟୁ ଘଟିଲାଣି । କେବଳ ଆମ ଦେଶ ଭାରତ ନୁହେଁ, ସମଗ୍ର ଉପମହାଦେଶର ଅନେକ ଦେଶ, ଯଥା ନେପାଳ, ପାକିସ୍ତାନ ଓ ବାଂଲାଦେଶରେ ମଧ୍ୟ ଶାଗୁଣାଙ୍କ ସଂଖ୍ୟାରେ ଏବେ ଦ୍ରୁତ ଅବନତି ପରିଲକ୍ଷିତ ହେଉଛି ।



ଏବେ ସରକାରଙ୍କ ଆଖି ଖୋଲିଛି । ଶାଗୁଣାମାନଙ୍କ ବଂଶ ରକ୍ଷା ନିମନ୍ତେ ସରକାର ବିଗତ ୨୦୦୬ ମସିହାଠାରୁ ଦେଶରେ ଏହି ଡାଇକ୍ଲୋଫେନାକ୍ ପଦାର୍ଥରୁ ପ୍ରସ୍ତୁତ ସମସ୍ତ ଔଷଧର ଉତ୍ପାଦନ ଉପରେ ନିଷେଧାଦେଶ ଜାରି କରିଛନ୍ତି । ଏହି ଔଷଧ ପ୍ରସ୍ତୁତ କରୁଥିବା ସମସ୍ତ କମ୍ପାନୀର ଲାଇସେନ୍ସକୁ ମଧ୍ୟ ପ୍ରତ୍ୟାହାର କରି ନିଆଯାଇଛି । ଏହାଦ୍ୱାରା ଆଗାମୀ କିଛି ବର୍ଷ ମଧ୍ୟରେ ଶାଗୁଣାମାନଙ୍କ ସଂଖ୍ୟା ପୂର୍ବ ସ୍ଥିତିରେ ପହଞ୍ଚିବ ବୋଲି ଆଶା ପ୍ରକାଶ କରାଯାଇଛି ।


ଶାଗୁଣାମାନଙ୍କ ସୁରକ୍ଷା ନିମନ୍ତେ ଏବେ ଆମ ଦେଶରେ ପ୍ରତିଷ୍ଠିତ ମୁମ୍ବାଇସ୍ଥିତ ପ୍ରାକୃତିକ ବିଜ୍ଞାନ ପରିଷଦ ଓ ପଶ୍ଚିମବଙ୍ଗର ଦୁଇଟି ଶାଗୁଣା ପ୍ରଜନନ କେନ୍ଦ୍ର କାର୍ଯ୍ୟ କରୁଛନ୍ତି । ମାତ୍ର ଏହି କେନ୍ଦ୍ରସବୁରୁ ଜନ୍ମିତ ଶାଗୁଣାମାନଙ୍କୁ ପରିବେଶ ସମ୍ପୂର୍ଣ୍ଣ ଡାଇକ୍ଲୋଫେନାକ୍‌ମୁକ୍ତ ନହେବା ପର୍ଯ୍ୟନ୍ତ ତୁରନ୍ତ ପଦାକୁ ଛାଡ଼ିହେବ ନାହିଁ ବୋଲି ବିଶେଷଜ୍ଞମାନଙ୍କ ମତ । ମୃତ ଗାଈ ଗୋରୁମାନଙ୍କ ଶରୀରରୁ ସଂଗୃହୀତ ନମୁନାରୁ ଜଣା ପଡ଼ିଛି ଯେ ଏବେ ବି ପ୍ରାୟ ୧୦% ଜୀବଙ୍କ ଶରୀରରେ ଏହି ମାରାତ୍ମକ ପଦାର୍ଥର ଅବଶେଷ ରହିଛି । ଏଭଳି ପରିସ୍ଥିତି ଶାଗୁଣାର ବଞ୍ଚି ରହିବା ପାଇଁ ସହନୀୟ ନୁହେଁ । ନିକଟରେ ନେପାଳ ସରକାର ମଧ୍ୟ ନିଜ ଦେଶରେ ଡାଇକ୍ଲୋଫେନାକ୍ ପଦାର୍ଥର ବ୍ୟବହାରକୁ ନିଷିଦ୍ଧ କରି ଏହା ବଦଳରେ ଅନ୍ୟ ଏକ ବିକଳ୍ପ ପଦାର୍ଥ ମେଲୋକ୍ସିକାମ୍ ବ୍ୟବହାରକୁ ଅନୁମୋଦନ କରିଛନ୍ତି । ଏସବୁ ପଦକ୍ଷେପ ଦ୍ୱାରା ଶାଗୁଣାମାନଙ୍କୁ ବିଲୋପର ଦ୍ୱାରଦେଶରୁ ଫେରାଇ ଆଣିହେବ ବୋଲି ବିଶ୍ୱାସ କରାଯାଏ । ମାତ୍ର ଶାଗୁଣାମାନଙ୍କ ପ୍ରଜନନ ଅତି ମନ୍ଥର ହୋଇଥିବାରୁ ସେମାନଙ୍କ ସଂରକ୍ଷଣ ପ୍ରକ୍ରିୟା ସମୟସାପେକ୍ଷ ବୋଲି ଜଣା ପଡ଼ିଛି ।

ପରିବେଶର ଅବକ୍ଷୟ ଯୋଗୁଁ ଏକଦା ଆମ ଗାଁ ଗହଳିରେ ପ୍ରଚୁର ଦେଖା ଯାଉଥିବା ଜୀବ, ଯଥା ଶାଗୁଣା, ଶଙ୍ଖଚିଲ, ମାଟିଆ ଚିଲ, ହଳଦୀବସନ୍ତ, ଅନ୍ଧାରୁଆ ବଗ ଆଦିଙ୍କ ସଂଖ୍ୟା କମି ବିଲୁପ୍ତପ୍ରାୟ ଅବସ୍ଥାରେ ପହଞ୍ଚିଲାଣି । ଏହାଦ୍ୱାରା ପ୍ରକୃତିର ଜୈବ ବିବିଧତା ହ୍ରାସ ପାଇବା ସାଙ୍ଗକୁ ଖାଦ୍ୟ ଶୃଙ୍ଖଳ ପ୍ରକ୍ରିୟା ଭଳି ସୂକ୍ଷ୍ମ ପରିବେଶୀୟ ସନ୍ତୁଳନରେ ବାଧା ଉପୁଜୁଛି । ସୁତରାଂ, ସମୟ ଆସିଛି, ଆମେ ଆମ ଚତୁଃପାର୍ଶ୍ୱର ଶାଗୁଣା ଭଳି ଜୀବମାନଙ୍କ ପରିବେଶପ୍ରିୟ ଭୂମିକାକୁ ଉପଲବ୍ଧି କରି ସେମାନଙ୍କ ସଂରକ୍ଷଣ ଦିଗରେ କାର୍ଯ୍ୟ କରିବା ଉଚିତ ।

ଏକ୍ସକେସନ୍ ଅଫିସର
ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର
ଭୁବନେଶ୍ୱର

# ହିନ୍ଦୀ ସାମ୍ବାଦିକତାର ଦୁଇଶହ ବର୍ଷ

ଶବ୍ଦ ଚିତ୍ର ଅକ୍ଷର



ଡ. ମୃଣାଳ ଚାଟାର୍ଜୀ


୨୦୦ ବର୍ଷ ତଳେ- ୧୮୨୬ ମସିହା ମେ’ ୩୦ ତାରିଖରେ ହିନ୍ଦୀ ଭାଷାର ପ୍ରଥମ ସମ୍ବାଦପତ୍ର ‘ଉଦନ୍ତ ମାର୍ତ୍ତଣ୍ଡ’ କଲିକତାରୁ ପ୍ରକାଶିତ ହୁଏ । ଏହାର ପ୍ରତିଷ୍ଠାତା, ସମ୍ପାଦକ ଏବଂ ସଂଚାଳକ ଥିଲେ ଯୁଗଳ କିଶୋର ଶୁକ୍ଳ । କଲିକତା ସେ ସମୟରେ ଇଷ୍ଟ ଇଣ୍ଡିଆ କମ୍ପାନୀ ଶାସନାଧୀନ ଭାରତର ରାଜଧାନୀ ଥିଲା । ତେଣୁ ସାରା ଭାରତର ବିଭିନ୍ନ ପ୍ରାନ୍ତରୁ, ବିଶେଷକରି ପୂର୍ବ ଓ ଉତ୍ତର ଭାରତର ଲୋକେ ବ୍ୟବସାୟ ବାଣିଜ୍ୟ, ରୋଜଗାର ପାଇଁ କଲିକତା ପହଞ୍ଚୁ ଥିଲେ । ଭାରତରେ କଲିକତା ଥିଲା ସାମ୍ବାଦିକତାର ଅନ୍ତୁଡ଼ିଶାଳ । କଲିକତାରୁ ହିଁ ୧୭୮୦ରେ ଭାରତର ପ୍ରଥମ ଖବରକାଗଜ ‘ହିକିଜ୍ ବେଙ୍ଗଲ ଗେଜେଟ୍’ (ଇଂରାଜୀ ଭାଷାରେ), ୧୮୧୮ରେ ପ୍ରଥମ ବଙ୍ଗଳା ଖବରକାଗଜ ‘ସମାଚାର ଦର୍ପଣ’, ୧୮୨୨ରେ ପ୍ରଥମ ଉର୍ଦ୍ଦୁ ଖବରକାଗଜ ଜାମେ ଜାହାନ୍‌ମା (ଏହା ଦୁଇଟି ସଂଖ୍ୟା ପରେ ପାର୍ସିରେ ପ୍ରକାଶିତ ହେଲା) ଏବଂ ୧୮୨୨ରେ ପାର୍ସି ଭାଷାରେ ‘ମିରତ୍ ଉଲ୍ ଅଖବାର’ ପ୍ରଥମ ଥର ପାଇଁ ପ୍ରକାଶିତ ହେଇଥିଲା ।

ତେଣୁ ଯୁଗଳ କିଶୋର ଶୁକ୍ଳଙ୍କୁ ମନେହେଲା ଯେ ଏଇଠୁ ହିନ୍ଦୀ ସମ୍ବାଦପତ୍ରଟିଏ ଆରମ୍ଭ କଲେ ତାହା ହିନ୍ଦୀଭାଷୀ ଲୋକଙ୍କ ପାଖରେ ପହଞ୍ଚିବ । ତାଙ୍କର ଆଉ ଗୋଟିଏ ଉଦ୍ଦେଶ୍ୟ ଥିଲା, ଯାହା ଏ କାଗଜର ଅନ୍ତଃସ୍ୱର: ‘ହିନ୍ଦୁସ୍ତାନୀୟୋକେ ହିତ କେ ହେତ୍’ । ଅର୍ଥାତ୍ ହିନ୍ଦୁସ୍ତାନୀ (ଭାରତୀୟ)ମାନଙ୍କର ହିତ ପାଇଁ । ଏହା କେବଳ ଏ କାଗଜର ଅନ୍ତଃସ୍ୱର ନଥିଲା; ଏହା ଥିଲା ଭାରତୀୟ ଭାଷାର ସମ୍ବାଦପତ୍ରମାନଙ୍କର ଅନ୍ତଃସ୍ୱର ।

ଯୁଗଳ କିଶୋର ଶୁକ୍ଳ ତାଙ୍କ ପ୍ରଥମ ଜୀବନରେ କଲିକତାରେ ସଦର ଅଦାଲତରେ କ୍ଳର୍କ ଥିଲେ । ପରେ ସେ ଓକିଲ ମଧ୍ୟ ହୋଇଥିଲେ ।

‘ଉଦନ୍ତ ମାର୍ତ୍ତଣ୍ଡ’ (ଅର୍ଥାତ ଉଦୀୟମାନ ସୂର୍ଯ୍ୟ)ର ଆକାର ଥିଲା ୩୦/୨୦ ସେ.ମି.; ପୃଷ୍ଠା ସଂଖ୍ୟା ଥିଲା ଆଠ । ଆଉ ଏହାର ଭାଷା ଥିଲା କଲିକତାରେ କୁହା ଯାଉଥିବା ହିନ୍ଦୀ । ସେ ସମୟରେ ହିନ୍ଦୀ ଭାରତରେ ଅଞ୍ଚଳ ଭେଦରେ ଭିନ୍ନ ଭିନ୍ନ ଭାବରେ କୁହାଯାଉଥିଲା । ତା’ ଭିତରେ କଲିକତାରେ ଯେଉଁଭଳି ଭାବରେ ହିନ୍ଦୀ କୁହାଯାଉଥିଲା, ତାହା ଥିଲା ବ୍ରଜବୋଲିର ପାଖାପାଖି । ସେହି ଭାଷାରେ ଏ ଖବରକାଗଜଟି ପ୍ରକାଶିତ ହୋଇଥିଲା ।

ଏ ଖବରକାଗଜ ପ୍ରକାଶନର ସୂଚନା ବଙ୍ଗଳା ‘ସମାଚାର ଚନ୍ଦ୍ରିକା’ ପତ୍ରିକାରେ ଛପା




ହୋଇଥିଲା । ସେଥିରେ ଲେଖା ହୋଇଥିଲା ଯେ ଇଂରାଜୀ ଏବଂ ବଙ୍ଗଳାର ଖବରକାଗଜ ପରେ ପାର୍ସି ଏବଂ ଉର୍ଦ୍ଦୁରେ ମଧ୍ୟ ଖବରକାଗଜ ପ୍ରକାଶିତ ହେଲା । ଏବେ ନାଗରୀ ଭାଷାରେ ଉଦନ୍ତ ମାର୍ତ୍ତଣ୍ଡ ପ୍ରକାଶିତ ହେଲା, ଏଥିରେ ଆମେ ଖୁବ୍ ଖୁସି । ‘ସମାଚାର ଦର୍ପଣ’ ପତ୍ରିକାରେ କୁହା ହୋଇଥିଲା ଯେ ସଂପ୍ରତି କଲିକତାରୁ ଉଦନ୍ତ ମାର୍ତ୍ତଣ୍ଡ ନାମକ ଏକ ନୂଆ ଖବରକାଗଜ ପ୍ରକାଶିତ ହୋଇଛି । ଏଥିରେ ଆମେ ବହୁତ ଖୁସି । କାରଣ, ଏଥିରେ ସମାଚାରପତ୍ରରେ ବିଭିନ୍ନ ଭାଷାରେ ନାନା ଦେଶର ଖବର ଏଥିରେ ପ୍ରକାଶିତ ହେବ ଯାହା ଜାଣିଲେ ପାଠକମାନଙ୍କର ଅଶେଷ ଉପକାର ହୁଏ ।

ଏ ପତ୍ରିକାର ପ୍ରଥମ ପୃଷ୍ଠାରେ ବଡ଼ ବଡ଼ ଅକ୍ଷରରେ ‘ଉଦନ୍ତ ମାର୍ତ୍ତଣ୍ଡ’ ନାଁ ଛପା ହେଉଥିଲା ଆଉ ତା’ ତଳେ ଗୋଟେ ଛୋଟ ଅକ୍ଷରରେ ସଂସ୍କୃତରେ ଗୋଟେ ଶ୍ଳୋକ ଛପା ହେଉଥିଲା, ଯାହାର ଅର୍ଥ ହେଉଛି- ସୂର୍ଯ୍ୟର ପ୍ରକାଶ ବିନା ଯେମିତି ଅନ୍ଧକାର ଯାଏ ନାହିଁ, ସେମିତି ସମାଚାର ସେବା ବିନା ଜଣେ ଅଜ୍ଞ ଜାଣି ପାରିବ ନାହିଁ । ଏଇଥିପାଇଁ ମୁଁ ପ୍ରୟତ୍ନ କରୁଛି ।

‘ଉଦନ୍ତ ମାର୍ତ୍ତଣ୍ଡ’ ଖୁବ୍ ବେଶୀ ସମୟ ଯାଏଁ ବଞ୍ଚି ରହିପାରି ନଥିଲା । ପ୍ରକାଶର ବର୍ଷେ ସାତ ମାସ ଭିତରେ ଏହାକୁ ବନ୍ଦ କରିବା ପାଇଁ ପଡ଼ିଲା । ପାଠକମାନଙ୍କର ସହଯୋଗ ଏ କାଗଜ ବିଶେଷ ପାଇ ନଥିଲା । ନା ପାଇଥିଲା ସରକାରଙ୍କ ସହଯୋଗ, ଆଉ ନା ବ୍ୟବସାୟୀମାନଙ୍କର ସହଯୋଗ । ସେତେବେଳେ ଉଦନ୍ତ ମାର୍ତ୍ତଣ୍ଡର ମୂଲ୍ୟ ଥିଲା ମାସକୁ ଦୁଇ ଟଙ୍କା । ହୁଏତ କଲିକତାର ହିନ୍ଦୀଭାଷୀ ପାଠକମାନଙ୍କ ପାଇଁ ତାହା ଦେବା ସମ୍ଭବପର ନଥିଲା କିମ୍ବା ସେମାନେ ତାହା ଦେବାକୁ ପ୍ରସ୍ତୁତ ନଥିଲେ । ୧୯ ଡିସେମ୍ବର, ୧୮୨୭ରେ ଏ କାଗଜ ବନ୍ଦ ହୋଇ ଯାଇଥିଲା । ତାହା ଥିଲା କାଗଜର ୭୯ତମ ସଂସ୍କରଣ । ଯୁଗଳ କିଶୋର ଶୁକ୍ଳ ତାଙ୍କର ଅସହାୟତା ଏହି ବାକ୍ୟରେ ପ୍ରକାଶ କରିଛନ୍ତି ଯେ ‘ଆଜି ଦିବସରେ ହିଁ ମାର୍ତ୍ତଣ୍ଡ ଉଦନ୍ତ ଅସ୍ତାଚଳକୁ ଯାଉଛନ୍ତି ।’

ସାଧାରଣ ଭାରତୀୟଙ୍କ ହିତରେ ଏହା ପ୍ରକାଶିତ ହେବ, ଏହି ଘୋଷଣା ସହିତ ଯେଉଁ କାଗଜ ପ୍ରକାଶିତ ହେଇଥିଲା, ତାହା ବର୍ଷେ ସାତ ମାସ ପରେ ବନ୍ଦ ହୋଇଗଲା ସତ, କିନ୍ତୁ ଏହା ହିନ୍ଦୀ ଖବରକାଗଜ ପାଇଁ ଏକ ଭୂମି ପ୍ରସ୍ତୁତ କରିଦେଇ ଗଲା । ଭାରତୀୟ ସାମ୍ବାଦିକତାକୁ ‘ଉଦନ୍ତ ମାର୍ତ୍ତଣ୍ଡ’ ଏକ ନୂତନ ଦିଗ ଏବଂ ଲକ୍ଷ୍ୟ ମଧ୍ୟ ଦେଇ ଯାଇଥିଲା ।

ମୋ: ୯୪୩୭୦୨୬୧୯୪

ଲେଖା ପଠାଇବାର ଠିକଣା, ସମ୍ପାଦକ, ‘ନିତିଦିନ’, Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ଇଡି ଆକ୍ରୋଶ ବିରୁଦ୍ଧରେ ସିପିଆଇଏମ୍‌ର ବିକ୍ଷୋଭ

**ନୟାଗଡ଼,୨୯।୫/ଏନ୍‌ଏନ୍‌ଏସ୍:** ରାଜନୈତିକ ଦାଉ ସାଧିବା ଲାଗି କେରଳର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ପିନାରାଇ ବିଜୟନ୍ ଙ୍କ ଉପରେ କେନ୍ଦ୍ର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ମୋଦି ଓ ଶାହାଙ୍କ ପ୍ରତ୍ୟକ୍ଷ ଉଦ୍ୟମରେ ଏବଂ ରାଜ୍ୟ ସରକାରଙ୍କ ପ୍ରରୋଚନାରେ ଯେଭଳି ବର୍ବରୋଚିତ ଚଢ଼ାଉ କରିଛି, ତାହା ଅତ୍ୟନ୍ତ ନିନ୍ଦନୀୟ ବୋଲି ସିପିଆଇ ଏମ୍ ପକ୍ଷରୁ ନୟାଗଡ଼ ଜିଲ୍ଲାପାଳ ଅଫିସ୍ ସମ୍ମୁଖରେ ଅନୁଷ୍ଠିତ ବିକ୍ଷୋଭରେ ବକ୍ତା ମାନେ ପ୍ରକାଶ କରିଛନ୍ତି। ବରିଷ୍ଠ ନେତା ବିଶ୍ୱନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବିକ୍ଷୋଭରେ ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ ଜମେଶ୍ୱର ସାମନ୍ତରାୟ କେନ୍ଦ୍ର ସରକାରର ଏହି ସ୍ୱୈରତାନ୍ତ୍ରିକ ଆକ୍ରୋଶମୂଳକ ଦମନ ନୀତିକୁ କଡ଼ୁ ସମାଲୋଚନା କରି କହିଥିଲେ ଯେ ଶିକ୍ଷା, ସ୍ୱାସ୍ଥ୍ୟ, ଦାରିଦ୍ର୍ୟ ବିମୋଚନ, କର୍ମ ନିଯୁକ୍ତି, ସାଧୁତା, ସଂପ୍ରଦାୟିକ ସଦ୍ଭାବ ରକ୍ଷାରେ ସାରା ବିଶ୍ୱରେ ରେକର୍ଡ ସୃଷ୍ଟି କରିଥିବା ଦୀର୍ଘ କାଳର କମ୍ୟୁନିଷ୍ଟ ମୁଖ୍ୟମନ୍ତ୍ରୀଙ୍କୁ ବଦନାମ କରିବା ଲକ୍ଷ୍ୟରେ ପିନାରାଇ ଙ୍କ ପରିବାର ବର୍ଗଙ୍କ ଉପରେ ଚଢ଼ାଉ କରିଥିବା ଇଡିକୁ ବିଫଳ ହୋଇ ଖାଲିହାତରେ ଫେରିବାକୁ ପଡିଛି।

ଗଣତନ୍ତ୍ରର କଣ୍ଠରୋଧ କରିବା ପାଇଁ ଯଦି ମୋଦି ସରକାର ଏଭଳି ନଗ୍ନ ପାଗଳାମି ପ୍ରଦର୍ଶନ କରେ, ତେବେ ତାଙ୍କୁ ବାଟକୁ ଆଣିବା ଲାଗି ଆଗାମୀ ଦିନରେ ଦୁର୍ବାର ଲଢେଇ ହେବ ବୋଲି ଶ୍ରୀ ସାମନ୍ତରାୟ ପ୍ରକାଶ କରିଛନ୍ତି। ପାର୍ଟିର ବରିଷ୍ଠ ସାଥୀ ନିତ୍ୟାନନ୍ଦ ପରିଡ଼ା, ସୁରେଶ ଚନ୍ଦ୍ର ସ୍ୱାଇଁ, ପବିତ୍ର ଇନ୍ଦ୍ରଜିତ, ଜ୍ୟୋତିପ୍ରଭା ଜେନା, ବୈକୁଣ୍ଠ ଖୁଣ୍ଟିଆ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ଥାନା ସମ୍ମୁଖରେ ମିଳିତ ବିକ୍ଷୋଭ ପ୍ରଦର୍ଶନ



**ଟାଙ୍ଗୀ,୨୯।୫/ଏନ୍‌ଏନ୍‌ଏସ୍:** ଗତ ୧୫ ତାରିଖରେ ଟାଙ୍ଗୀ ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟରେ ଅତିରିକ୍ତ ବିଡିଓ ଓ ଅନ୍ୟ କର୍ମଚାରୀମାନଙ୍କୁ ବିଜେପି ନେତା ଅରିନ୍ଦମ ରାୟ ଓ ଅଭୟ ବାରିକ ଦୁର୍ବ୍ୟବହାରର କରିବା ସେହିପରି ଗତ ୨୩ତାରିଖରେ ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ତିଗିରିଆ ବ୍ଲକକୁ ଯାଉଥିବା ବେଳେ ଏସିଡି ବୋତଲ ମାଡ କରିବା ପରେ ମଧ୍ୟ ପୁଲିସ କୌଣସି ଅଭିଯୁକ୍ତ ଗିରଫ ନ କରିବାକୁ ନେଇ ଆଜି ବିଜେଡି ଓ ସିପିଆଇ ଏମ୍ ଦଳ ପକ୍ଷରୁ ଟାଙ୍ଗୀ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ଦେଖିବାକୁ ମିଳିଥିଲା। ସାଲେପୁର ବିଧାୟକ ପ୍ରଶାନ୍ତ କୁମାର ବେହେରା, ସିପିଆଇ ଏମ୍ ନେତା ବଦ୍ରି ନାରାୟଣ ଦାସ ଆଠଗଡ଼ ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ଏସ କେ ସାହାଜାହାନଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଏକତ୍ରିତ ହୋଇ ଛଅ ମାଇଲ ନାଳ ନିକଟରୁ ବିଶାଳ ରାଲି କରି ବିଜେପି ସରକାର ବିରୋଧରେ ସ୍ଲୋଗାନ ଦେଇ ଟାଙ୍ଗୀ ଥାନା ସମ୍ମୁଖରେ ପହଞ୍ଚି ବିଜେପି ସରକାର କଥାରେ ଆଇନ ବିକ୍ରି ହୋଇଥିବା କହିବା ସହ ସେମାନଙ୍କୁ ଗିରଫ କରିବା ବଦଳରେ ପୁଲିସ ସୁରକ୍ଷା ଦେଉଛି ବୋଲି କହି ହୋହାଲ୍ଲା କରିଥିଲେ। ବିଜେପି ସରକାରକୁ ଆସିବା ଦିନରୁ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ତେବେ ତୁରନ୍ତ ଏ ଦିଗରେ ପୁଲିସ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟିଦେଇ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ କରୁଥିବା ବିଜେପି ନେତାଙ୍କୁ ଗିରଫ କରିବାକୁ ଦାବିକରି ପୁଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଚୌଦ୍ୱାର ଏସ୍‌ଡିପିଓଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ତେବେ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ଟାଙ୍ଗୀ ପୁଲିସ ପକ୍ଷରୁ ଚୌଦ୍ୱାର ଏସ୍‌ଡିପିଓ ଉମାକାନ୍ତ ନାୟକ, ଟାଙ୍ଗୀ ଥାନା ଅଧିକାରୀ ଡ଼ ବିକାଶ କୁମାର ସେଠୀଙ୍କ ନେତୃତ୍ୱରେ ୪ ପ୍ଲାଟୁନ୍ ଫୋର୍ସ ଅତିରିକ୍ତ ଏସ୍‌ପିଙ୍କ ସହ ୪ଟି ଥାନାର ଅଫିସର ମୁତୟନ ରହିଥିଲେ।

## ନିଦ ହଜାଇଲାଣି ବିଦ୍ୟୁତ୍
# ଉପଭୋକ୍ତା ସଂଘର ଆନ୍ଦୋଳନ ସଜବାଜ

**ଦଶପଲ୍ଲା,୨୯।୫/ଏନ୍‌ଏନ୍‌ଏସ୍:** ଦିନ ହେଉ ଅବା ରାତି ଅସହ୍ୟ ଗରମ ସହ ଗୁଳୁଗୁଳି ଲୋକମାନଙ୍କୁ ଅସହ୍ୟ କରିଥିବା ବେଳେ ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ୍ ସହ ଲୋ ଭୋଲଟେଜ୍ ଦଶପଲ୍ଲାବାସୀଙ୍କ ନିଦ ହଜାଇ ସାରିଲାଣି। ବାରମ୍ବାର ଅଭିଯୋଗ ପରେ ବି ଏଥିରେ ପରିବର୍ତ୍ତନ ନାହିଁ। ନୟାଗଡ଼ ଜିଲ୍ଲାର ଅନ୍ୟ ବ୍ଲକ ତୁଳନାରେ ଦଶପଲ୍ଲାରେ ଏତେ ବିଦ୍ୟୁତ୍‌କାଟ କାହିଁକି ବୋଲି ଲୋକମାନେ ପ୍ରଶ୍ନ କରିଛନ୍ତି। ଏବେ ଏହି ବିଦ୍ୟୁତ କାଟ୍ ବିରୋଧରେ ଜନଅସନ୍ତୋଷ ବଢ଼ିବାରେ ଲାଗିଥିବା ବେଳେ ଆନ୍ଦୋଳନ ପାଇଁ ସଜବାଜ ହେଉଛି ଦଶପଲ୍ଲା ବିଦ୍ୟୁତ ଉପଭୋକ୍ତା ସଂଘ। ଏ ନେଇ ସଂଘର ଏକ ବୈଠକ ସ୍ଥାନୀୟ ମହାବୀର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫୁଲ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଟିପିସିଓଡିଏଲର ମନୋମୁଖୀ ବିଦ୍ୟୁତ ସେବା ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟତଃ ନିରବଛିନ୍ନ ବିଦ୍ୟୁତ ସେବା ପ୍ରଦାନ, ଲୋ ଭୋଲଟେଜ୍‌ର ସମାଧାନ, ଆକ୍ରୋଶମୂଳକ ପଦକ୍ଷେପରୁ ନିବୃତ୍ତ ହେବା, ଟାକେରା ନିକଟ ନୂତନ ବିଦ୍ୟୁତ ଗ୍ରୀଡ୍‌ର କାମ ଶେଷହୋଇ କିଛିଦିନ ଚାଲିଲା ପରେ ଜଙ୍ଗଲ ଓ ପରିବେଶ ବିଭାଗର ଅନୁମତି ନଥିବା ଦର୍ଶାଇ ବନ୍ଦ କରାଯାଇଥିବା ଏହି ବିଦ୍ୟୁତ ଗ୍ରୀଡ୍‌କୁ କାର୍ଯ୍ୟକାରୀ କରିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ପ୍ରଥମେ ସ୍ଥାନୀୟ ତହସିଲଦାରଙ୍କୁ ଦାବିପତ୍ର ଓ ପରେ ଦଶପଲ୍ଲା ବନ୍ଦ କରାଯାଇ ଆନ୍ଦୋଳନାତ୍ମକ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏଥି ନିମନ୍ତେ ଏକ କମିଟି ଗଠନ କରାଯାଇଛି। କମିଟିର ସଭାପତି ପ୍ରଫୁଲ୍ଲ ମିଶ୍ର, କାର୍ଯ୍ୟକାରୀ ସଭାପତି ହାଡ଼ିବନ୍ଧୁ ମହାଖୁଡ଼, ସୁଶାନ୍ତ ସାହୁ, ପ୍ରଶାନ୍ତ ସାହୁ, କାଉନସିଲର ସୁକଦ୍ୱେ ମିଶ୍ର, ସନୋଜ ସାହୁ, ସୁଶାନ୍ତ କୁମାର ମହାପାତ୍ର,ଙ୍କ ସହ ଦଶପଲ୍ଲାରେ ଥିବା ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାଙ୍କୁ ଏଥିରେ ସାମିଲ କରାଯାଇଛି। ଏହି କମିଟି ଟିପିସିଓଡିଏଲର ମନମୁଖୀ ବିରୋଧରେ ଜନଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିବା ଜଣାଯାଇଛି।

## ଅଗ୍ନିକାଣ୍ଡ କ୍ଷତିଗ୍ରସ୍ତଙ୍କୁ ଭେଟିଲେ ଆଇନ ମନ୍ତ୍ରୀ



**ବାଣପୁର,୨୯।୫/ଏନ୍‌ଏନ୍‌ଏସ୍:** ନିକଟରେ ଖୋର୍ଦ୍ଧା ଜିଲ୍ଲା ବାଣପୁର ବ୍ଲକସ୍ଥିତ ନନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ମାଣେତ୍ରୀ ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ ଘଟି ୭ଟି ପରିବାରର ଘର ପୋଡ଼ି ନଷ୍ଟ ହୋଇଯାଇଥିଲା। ତେବେ ଉକ୍ତ ଖବର ପାଇ ଶୁକ୍ରବାର ସ୍ଥାନୀୟ ବିଧାୟକ ତଥା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଘଟଣାସ୍ଥଳରେ ପହଞ୍ଚି ପ୍ରଭାବିତ ପରିବାରବର୍ଗଙ୍କ ସହ ସାକ୍ଷାତ କରିଛନ୍ତି। ତତ୍‌ସହିତ ତାଙ୍କର ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିବା ସହ ସରକାରୀ ଯୋଜନା ମାଧ୍ୟମରେ ସମସ୍ତ ପ୍ରକାର ଆବଶ୍ୟକ ସହାୟତା ଯଥାଶୀଘ୍ର ପହଞ୍ଚାଇବା ପାଇଁ ବାଣପୁର ତହସିଲଦାର ଏବଂ ଅନ୍ୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ପରିବାରବର୍ଗ କିପରି ଆଶୁ ସହାୟତା ପାଇବେ ସେ ଦିଗରେ ମନ୍ତ୍ରୀ ବ୍ୟକ୍ତିଗତ ଭାବେ ତଦାରଖ କରୁଛନ୍ତି। ଏହି ଅବସରରେ ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ନନ୍ଦପୁର ପଞ୍ଚାୟତ ସରପଞ୍ଚ ପୁଷ୍ପମିତ୍ର ଖୁଣ୍ଟିଆ, ବିଜେପି ନେତା ଅରୁଣ କୁମାର ପଣ୍ଡା, ଦେବରାଜ ବସ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ବାଲୁଗାଁରେ ଜୟ ଜଗନ୍ନାଥ କଥାମୃତ



**ନୟାଗଡ଼,୨୯।୫/ଏନ୍‌ଏନ୍‌ଏସ୍:** ନୟାଗଡ଼ ବ୍ଲକ ଅନ୍ତର୍ଗତ ବାଲୁଗାଁ ମା'ଚଣ୍ଡୀ ମନ୍ଦିର ପଡ଼ିଆ ଠାରେ ୫ଦିନ ଧରି ଚାଲିଥିବା ଜୟ ଜଗନ୍ନାଥ କଥାମୃତ ପ୍ରବଚନ ଉଦଯାପିତ ହୋଇଯାଇଛି। ବାଲୁଗାଁ ମା'ଚଣ୍ଡି ରାଧେ ରାଧେ ଗୋଷ୍ଠୀଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଧାର୍ମିକ କାର୍ଯ୍ୟକ୍ରମରେ ପୁରୀ କଣାସର ପ୍ରବଚକ ପଣ୍ଡିତ ନାରାୟଣ ଦାସ ଯୋଗଦେଇ ଶ୍ରୀଜଗନ୍ନାଥଙ୍କ ଦିବ୍ୟ ଅମୃତ କଥା ଉପରେ ପ୍ରବଚନ ଦେଇଥିଲେ। ପ୍ରବଚନ କାର୍ଯ୍ୟକ୍ରମରେ ଶହଶହ ସଂଖ୍ୟାରେ ଭକ୍ତ ଉପସ୍ଥିତ ହୋଇ ଶ୍ରୀଜଗନ୍ନାଥଙ୍କ ଦିବ୍ୟ ଲୀଳା ଓ ଅନୁଭବ ଏବଂ ଅନୁଭୂତିର କଥାକୁ ଭକ୍ତିପୂର୍ଣ୍ଣ ଭାବରେ ଶ୍ରବଣ କରିଥିଲେ। ଅନ୍ତିମ ଦିବସରେ ପୁରୀ ଜଗନ୍ନାଥଙ୍କ ମନ୍ଦିରର ଅଭଡାକୁ ଭକ୍ତମାନେ ଆନନ୍ଦର ସହ ସେବନ କରିଥିଲେ।

## ପୁଣି ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ମୁଣ୍ଡମୁହାଣ,୨୯।୫/ଏନ୍‌ଏନ୍‌ଏସ୍:** ରାଜଧାନୀ ଉପକଣ୍ଠ ମଦନପୁର ତଳ ସାହିର ଏକ ଜଙ୍ଗଲ ନିକଟରୁ ଇନ୍‌ଫୋସିଟି ଥାନା ପୁଲିସ୍ ଶୁକ୍ରବାର ସକାଳେ ଏକ ସତୁରି ବର୍ଷିୟା ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ଗତ ଦୁଇଦିନ ପୂର୍ବରୁ ପିତାପଲ୍ଲୀ କାଜୁ ଜଙ୍ଗଲର ଏକ ଖଣିରୁ ବିଭତ୍ସ ମୃତଦେହ ଉଦ୍ଧାର କରିଥିବା ବେଳେ ଆଜି ମଦନପୁର ପଞ୍ଚାୟତର ତଳ ସାହିର ଏକ ଜଙ୍ଗଲରୁ ପୁଣି ଏକ ବ୍ୟକ୍ତିଙ୍କ ଶବ ଉଦ୍ଧାର ହୋଇଛି। ଯାହାଙ୍କ ନାମ ବିଶ୍ୱନାଥ ନାୟକ, ଘର କାନିଆପଲ୍ଲୀ, ଦୁଖାପଡ଼ା, ଗଞ୍ଜାମ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ ମଦନପୁର ତଳ ସାହିର ଲୋକେ ଯାତାୟାତ କରୁଥିବା ସ୍ଥାନୀୟ ଲୋକେ ଜଣେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଦେଖି ଥାନାକୁ ଜଣାଇଥିଲେ। ପୁଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ମୃତକ ଏକ ନୀଳ ରଙ୍ଗର ଲୁଙ୍ଗି ପିନ୍ଧିଥିଲେ। ମୃତକ ସ୍ଥାନୀୟ ଅଞ୍ଚଳର ହୋଇନଥିବା ବେଳେ ଶ୍ରମିକ ହୋଇଥିବାରୁ ଭରତପୁର ଥାନା ଅଧିନ ଆଇଗିଣିଆ ଅଞ୍ଚଳରେ ରହୁଥିଲେ।

## ହସ୍ତଶିଳ୍ପ ପ୍ରଶିକ୍ଷଣ କେନ୍ଦ୍ରର ପୂର୍ବତନ ଅଧ୍ୟକ୍ଷଙ୍କ ପରଲୋକ

**କୋଣାର୍କ,୨୯।୫/ଏନ୍‌ଏନ୍‌ଏସ୍:** ଗୁରୁବାର ଅପରାହ୍ଣରେ କୋଣାର୍କ ସ୍ଥିତ ନିଜ ବାସଭବନରେ ରାଜ୍ୟ ସରକାରଙ୍କ ହସ୍ତଶିଳ୍ପ ପ୍ରଶିକ୍ଷଣ କେନ୍ଦ୍ର ଭୁବନେଶ୍ୱର ର ରାଜ୍ୟସ୍ତରୀୟ ପୁରସ୍କାରପ୍ରାପ୍ତ ପୂର୍ବତନ ଅଧ୍ୟକ୍ଷ ଶ୍ରୀଧର ମହାରଣା(୭୫)ଙ୍କ ଦେହାନ୍ତ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କ ପାଖରେ ପୁତ୍ର ସୂର୍ଯ୍ୟ ନାରାୟଣ ମହାରଣା,ସତ୍ୟନାରାୟଣ ମହାରଣା, ସୌମ୍ୟରଞ୍ଜନ ମହାରଣାଙ୍କ ସମେତ ୩ ପୁତ୍ରବଧୂ ନାତିନାତୁଣୀ ଉପସ୍ଥିତ ରହିଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବା ମାତ୍ରେ କୋଣାର୍କ ସମେତ ଆଖପାଖ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବିଭିନ୍ନ ଅଞ୍ଚଳରୁ ଶତାଧିକ ମାନ୍ୟଗଣ ବ୍ୟକ୍ତି ତାଙ୍କ ବାସଗୃହରେ ପହଞ୍ଚି ଶେଷଦର୍ଶନ କରିଥିଲେ।

# ମାଣିକାଗୋଡ଼ାରେ ମୁସଲିମ୍ ସମ୍ପ୍ରଦାୟର ଇଦ୍-ଉଜ୍-ଜୁହା ପର୍ବ

**ବୋଲଗଡ଼,୨୯।୫/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲାର ସର୍ବବୃହତ ମୁସଲିମ ସମ୍ପ୍ରଦାୟର ବ୍ୟକ୍ତି ବସବାସ କରି ଆସୁଥିବା ଗ୍ରାମ ମାଣିକାଗୋଡାରେ ଇସଲାମ ଧର୍ମାବଲମ୍ବୀଙ୍କ ପବିତ୍ର ଇଦ୍‌ଉଜ୍ ଜୁହା ପର୍ବ ଧୁମଧାମରେ ଗୁରୁବାର ପାଳନ କରାଯାଇଛି। ଗ୍ରାମରେ ଅବସ୍ଥିତ ଇସଲାମ ସମ୍ପ୍ରଦାୟର ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ମୁସଲିମ ବ୍ୟକ୍ତିମାନେ ସ୍ଥାନୀୟ ଇଦଗା ମୈଦାନରେ ସାମୂହିକ ପ୍ରାର୍ଥନା କରିଥିଲେ। ହିଂସା, ଈର୍ଷା, ଘୃଣାକୁ ତ୍ୟାଗ କରି ସତ୍ୟ, ନ୍ୟାୟ ଓ ଧର୍ମ ମାର୍ଗରେ ପରିଚାଳିତ ହେବା ପର୍ବର ଉଦ୍ଦେଶ୍ୟ ଥିଲା ଓ ଗରିବ, ଅସହାୟ ଲୋକମାନଙ୍କୁ ସେବା ପ୍ରଦାନ କରିବା ହେଉଛି ଏହି ପବିତ୍ର ପର୍ବର ମୁଖ୍ୟ ଉଦ୍ଦେଶ୍ୟ ବୋଲି ମୌଲବୀ ପ୍ରକାଶ କରିଥିଲେ। ଦେଓବନ୍ଦ ତଥା ସିହା ମୁସଲିମ ସମ୍ପ୍ରଦାୟର ମୌଲବୀ ଗୁଲାମ ମୁସ୍ତାଫା, ସେହିପରି ସୁନି ମୁସଲିମ ସମ୍ପ୍ରଦାୟର ମୌଲବୀ ଗୁଲାମ୍ ରବାନୀ ଓ ଅହମ୍ମଦିଆନ ମୁସଲିମ ସମ୍ପ୍ରଦାୟର ମୌଲାନା ରହିମ୍ ଅହମ୍ମଦ ଖାଁ ଉଦୁଉଲ ଜୁହା ପର୍ବର ପ୍ରାସଙ୍ଗିକତାକୁ ସ୍ୱୀକାର କରି ପ୍ରଫେଟ ଇବ୍ରାହିମଙ୍କ କୁର୍ବାନୀର ସ୍ମୃତି ଉଦ୍ଦେଶ୍ୟରେ ଇଦ୍‌ଉଜ୍ ଜୁହା ପର୍ବ ପାଳନ କରାଯାଇଛି ବୋଲି ମତ ରଖିଥିଲେ। ମୁସଲିମ ସମ୍ପ୍ରଦାୟର ମହମ୍ମଦ ନୁରୁଦ୍ଦିନ ଅମିନ, କମୁରୁଦ୍ଦିନ ଖାଁ, ଅବଦୁଲ ରଅଫ ଖାଁ, ମିର୍ଜା ଫିରୋଜ ଅଲ୍ଲୀ ବେଗ,ମିର୍ଜା ଅରସଦ ଅଲ୍ଲୀ ବେଗ, ନେସାର ଅଲ୍ଲୀ ଖାଁ, ତାଜର ଅଲ୍ଲୀ ଖାଁ, ଅଜିଜୁର୍ ରହେମାନ ଓ ରସିଦ ଅଲ୍ଲୀ ଖାଁ ପ୍ରମୁଖ ବିଶ୍ୱର ମଙ୍ଗଳ କାମନା ଆଲ୍ଲାଙ୍କ ନିକଟରେ ପ୍ରାର୍ଥନା କରିଥିଲେ।



## ନଦୀ ରାସ୍ତା ପାଲଟିଛି ଡଷ୍ଟବିନ୍

**କଣ୍ଟିଲୋ,୨୯।୫/ଏନ୍‌ଏନ୍‌ଏସ୍:** କଣ୍ଟିଲୋ ଗ୍ରାମ ପଞ୍ଚାୟତ ପ୍ରତ୍ୟେକ ୱାର୍ଡର ବାସିନ୍ଦା ମାନଙ୍କର ଦୈନ୍ୟ ଦିନର ମଇଳା ଆବର୍ଜନାକୁ ବାହାର ସର୍ବସାଧାରଣଙ୍କ ରାସ୍ତାରେ ନ ପକାଇ ପଞ୍ଚାୟତ ତରଫରୁ ନିର୍ମିତ ଆବର୍ଜନା ଡଷ୍ଟବିନ୍‌ରେ ପକାଇବା ପାଇଁ ସମସ୍ତଙ୍କୁ ଅବଗତ ଓ ପରାମର୍ଶ ଦିଆଯାଇଥିଲେ ମଧ୍ୟ ତା'ର ବ୍ୟତିକ୍ରମ ଦେଖିବାକୁ ମିଳୁଛି।

ସୂଚନାରୁ ଜଣାପଡ଼ିଛି ଯେ, ଆଦି କ୍ଷେତ୍ର ପ୍ରଭୁ ଶ୍ରୀ ନୀଳମାଧବ ଜିଉ ବିଜେ କଣ୍ଟିଲୋର ମନ୍ଦିରର ପଛିମ ପାର୍ଶ୍ୱ ପାବଛ ପାନୀୟ ଜଳ ଯୋଗାଣ ପମ୍ପ ହାଉସ ଗୃହର ଦକ୍ଷିଣପାର୍ଶ୍ୱକୁ ଲାଗି ମହାନଦୀକୁ ଯାଇଥିବା ଗ୍ରିଲ ରାସ୍ତା ସନ୍ନିକଟ ସ୍ଥାନକୁ ସ୍ଥାନୀୟ ବ୍ୟବସାୟୀ, ଭକ୍ତ, ଶ୍ରଦ୍ଧାଳୁ, ପର୍ଯ୍ୟଟକ ଓ ସାଧାରଣ ଜନତା ମାନେ ବ୍ୟବହାର କରୁଥିବା ପଲିଥିନ, ପଇଡଫାଳ, ଗ୍ଲାସ, ପାଣି ବୋତଲ, ଅଣ୍ଡା ବୋତଲ, ଛୁଆ ମାନଙ୍କର ମଇଳାପୋଛା କାଗଜ, କପଡ଼ା, ବ୍ୟାଣ୍ଡେଜ କପଡ଼ା, ମହିଳାମାନଙ୍କର ଷ୍ଟେ ଫ୍ରି କପଡ଼ା, ନଡ଼ିଆ କଞା, ସଢେଇ, ଗୋବର ପ୍ରଭୃତି ଅଳିହା ଆବର୍ଜନାକୁ ଏହି ସ୍ଥାନରେ ପକାଉ ଥିବାରୁ ଏହା ଏକ ଆବର୍ଜନା ଡଷ୍ଟପିନ୍ ରେ ପରିଣତ ହୋଇ ଦୁର୍ଗନ୍ଧ ଓ ପୁତିଗନ୍ଧମୟ ଯୋଗୁ ଅପ୍ରୀତିକର ପରିବେଶ ସୃଷ୍ଟି ହୋଇଛି। ଯାହା ଫଳରେ ଶ୍ରଦ୍ଧାଳୁ ମାନେ ଏହି ବାଟେ ମନ୍ଦିରକୁ ଗଲା ବେଳେ ଅସନ୍ତୋଷ ହୋଇ ନାକ ପାଟିରେ ରୁମାଲଭିଡ଼ି ଯାଉଥିବା ଅଭିଯୋଗ କରିଛନ୍ତି। ଯଥାଶୀଘ୍ର ଏହାର ଆଶୁ ପ୍ରତିକାର କରିବା ପାଇଁ ପଞ୍ଚାୟତ, ବ୍ଲକ, ତହସିଲ ପ୍ରଶାସନ ଓ ପାନୀୟ ଜଳ ଯୋଗାଣ ବିଭାଗଙ୍କ ନିକଟରେ ସ୍ଥାନୀୟ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

## ସଫଳ ଚାଷୀ ଭାବେ ଉଦାହରଣ ପାଲଟିଲେ ପ୍ରଦୀପ



**ବୋଲଗଡ଼,୨୯।୫/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼ ବ୍ଲକ ଅଞ୍ଚଳରେ ବିଭିନ୍ନ ପ୍ରକାର ଆମ୍ବ ଚାଷକରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ଜଣେ ଉତ୍ତମ ସଫଳ ଚାଷୀ। ସମ୍ପୃକ୍ତ ବ୍ଲକ ସାନପଦର ଗ୍ରାମପଞ୍ଚାୟତ ରାସୋଳ ଗ୍ରାମର ପ୍ରଦୀପ କୁମାର ପାଲଟାସିଂହ ଏହି ଚାଷ କରି ଅନ୍ୟମାନଙ୍କ ତଥା ଯୁବ ପିଢ଼ିଙ୍କ ପାଇଁ ଉଦାହରଣ ପାଲଟି ଯାଇଛନ୍ତି। ଗାଁ ମାଟିରେ ଦଶ ପ୍ରକାର ଆମ୍ବ ଚାଷ କରି ଫସଲ ଫଳେଇବା ଲାଗି ପରିଶ୍ରମ ସହ ସରକାରୀ ପ୍ରୋତ୍ସାହନ ପାଇ ଜଣେ ଚାଷୀ ପ୍ରଚୁର ଅର୍ଥ ରୋଜଗାର କରିପାରିବ ତାହା ପ୍ରମାଣ କରି ଦେଖାଇଛନ୍ତି ଆମ୍ବ ଚାଷୀ ପ୍ରଦୀପ। ସେ ଜଣେ ସଫଳ ଆମ୍ବ ଓ ସମନ୍ୱିତ ଚାଷୀ ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଅନ୍ୟପକ୍ଷେ ସେ ଜଣେ ବ୍ଲକସ୍ତରୀୟ ରାଜନୀତି କ୍ଷେତ୍ରରେ ପରିଚୟ ସୃଷ୍ଟି କରିଛନ୍ତି। ଚଳିତ ବର୍ଷ ସେ ୧୦କ୍ୱିଣ୍ଟାଲରୁ ଉର୍ଦ୍ଧ୍ୱ ଆମ୍ବ ଉତ୍ପାଦନ କରି ତାହା ବଜାରରେ ବିକ୍ରିକରି ୬୫ହଜାର ଟଙ୍କା ଅର୍ଥ ରୋଜଗାର କରିବାକୁ ସକ୍ଷମ ହୋଇଛନ୍ତି ଓ ୧୦କ୍ୱିଣ୍ଟାଲ ଆମ୍ବ ଉତ୍ପାଦନ ହେବ ବୋଲି କହିଛନ୍ତି। କେବଳ ଆମ୍ବ ନୁହେଁ ସେ ଚାଷରୁ ବାର୍ଷିକ ଆୟ ୬ଲକ୍ଷ ଟଙ୍କା ରୋଜଗାର କରୁଥିବା ବେଳେ ବାର୍ଷିକ ବ୍ୟୟ ୨.୫ଲକ୍ଷ କରି ନିଜର ପରିବାର ଭରଣ ପୋଷଣ କରୁଛନ୍ତି। ସମନ୍ୱିତ ଚାଷରୁ ସେ ଆମ୍ବ ଚାଷ, ମାଛ ଚାଷ, ପରିବା ଚାଷ, କୁକୁଡ଼ା ଚାଷ କରିଛନ୍ତି। ଆମ୍ବ ଚାଷରେ ସେ ପ୍ରାୟ ୧୦ପ୍ରକାର ଆମ୍ବ ମଲିକା, ସୁନ୍ଦରୀ, ଆମ୍ରପଲି, ଦର୍ଶରୀ, ନିଲମ, ସୁବର୍ଣ୍ଣରେଖା, ସୁନ୍ଦରୀ, ବମ୍ବେ ଗ୍ରୀନ, ଆଲଫାନ ସୋ ପ୍ରମୁଖ ଆମ୍ବ ଉତ୍ପାଦନ କରିଛନ୍ତି। ତାଙ୍କର ଏହି ଚାଷର ସଫଳତା ପଛରେ ବ୍ଲକ ଉଦ୍ୟାନ କୃଷି ବିଭାଗ, କୃଷି ବିଭାଗ, ମତ୍ସ୍ୟ ବିଭାଗର ବଡ଼ ଅବଦାନ ରହିଛି ବୋଲି ଚାଷୀ ପ୍ରଦୀପ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସଫଳ ଆମ୍ବ ଚାଷୀ ପ୍ରଦୀପଙ୍କୁ ଉଦ୍ୟାନ କୃଷି ବିଭାଗ ତରଫରୁ ସମ୍ପୂର୍ଣ୍ଣ ସହାୟତା ଯୋଗାଇ ଦିଆଯିବ ବୋଲି ଉଦ୍ୟାନ ବିଭାଗ ସମ୍ପ୍ରସାରଣ କର୍ମୀ ପ୍ରଶାନ୍ତ କୁମାର ସେଠୀ କହିଛନ୍ତି।

## ହୃଦ୍‌ଘାତରେ ଯୁବ ଗାଁ ସାଥିଙ୍କ ଅକାଳ ବିୟୋଗ



**ଅସ୍ତରଙ୍ଗ,୨୯।୫/ଏନ୍‌ଏନ୍‌ଏସ୍:** ଅସ୍ତରଙ୍ଗ ବ୍ଲକ ଅଧୀନସ୍ଥ ଜିଉନ୍ତି ଗ୍ରାମରୁ ଏକ ଦୁଃଖଦ ଖବର ସାମ୍ନାକୁ ଆସିଛି। ଜିଉନ୍ତି ଗ୍ରାମର ଗୋପବନ୍ଧୁ ଯୁବ ସାମାଜିକ ସଂଗଠନର ଜଣେ ଜଣାଶୁଣା ଉଦୀୟମାନ ସଭ୍ୟ ତଥା ସ୍ଥାନୀୟ ଗାଁ ସାଥି ଦୁଷ୍ମନ୍ତ ବିଶ୍ୱାଳଙ୍କର ହୃଦ୍‌ଘାତରେ ଆକସ୍ମିକ ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୪୧ବର୍ଷ ବୟସ ହୋଇଥିବା ବେଳେ ଏହି ଅଭାବନୀୟ ଘଟଣା ସମଗ୍ର ଅଞ୍ଚଳରେ ଗଭୀର ଶୋକର ଛାୟା ଖେଳାଇଦେଇଛି। ସୂଚନା ଅନୁଯାୟୀ ଦୁଷ୍ମନ୍ତ ଜଣେ କର୍ତ୍ତବ୍ୟନିଷ୍ଠ ଗାଁ ସାଥି ଭାବେ ପଞ୍ଚାୟତରେ ବେଶ୍ ପରିଚିତ ଥିଲେ। ସେ ସଦାସର୍ବଦା ଗ୍ରାମର ଉନ୍ନତିମୂଳକ କାର୍ଯ୍ୟରେ ଆଗଭର ରହୁଥିଲେ। ତାଙ୍କର ମେଳାପୀ ଓ ପରୋପକାରୀ ଗୁଣ ଯୋଗୁଁ ସେ ସ୍ଥାନୀୟ ଅଞ୍ଚଳର ଯୁବପିଢ଼ିଙ୍କ ପାଇଁ ଏକ ପ୍ରେରଣା ସାଜିଥିଲେ। ଶୁକ୍ରବାର ହଠାତ୍ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିଯିବା ସହ ଛାତିରେ ଯନ୍ତ୍ରଣା ହେବାରୁ ତୁରନ୍ତ ପରିବାର ଲୋକେ ତାଙ୍କୁ ନିକଟସ୍ଥ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ବାପା ରାଜକିଶୋର, ବଡ଼ବାପା ବାବାଜୀ ବିଶ୍ୱାଳ, ଦାଦା ବିଜୟ ବିଶ୍ୱାଳ, ବଡ଼ଭାଇ ପ୍ରଭାତ ବିଶ୍ୱାଳ, ସହଧର୍ମିଣୀ ଖୁଲଣା, ଭାଉଜ ସୀମା, ଭଉଣୀ, ଭିଣୋଇ, ଭଣଜା, ଭାଣେଜୀ ଝିଆରୀ, ପୁତୁରା ପ୍ରମୁଖ ଉପସ୍ଥିତ ଥିଲେ। ଦୁଷ୍ମନ୍ତଙ୍କ ଏଭଳି ଅକାଳ ବିୟୋଗ ଖବର ପ୍ରଚାରିତ ହେବା ପରେ ଗୋପବନ୍ଧୁ ଯୁବ ସାମାଜିକ ସଂଗଠନର ସମସ୍ତ ସଭ୍ୟ, କେନ୍ଦ୍ରାପଟି ପଞ୍ଚାୟତ ଏବଂ ଆଖପାଖ ଗ୍ରାମର ସାଥି ସାଙ୍ଗ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ତାଙ୍କର ମୃତ୍ୟୁରେ ଅଞ୍ଚଳ ଏକ ଅମାୟିକ ଓ ପ୍ରତିଭାବାନ ଯୁବକଙ୍କୁ ହରାଇଲା ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ପ୍ରକାଶ କରିଛନ୍ତି।

## ବୋମାମାଡ଼ରେ ଦୁଇ ଆହତ

**ତିଗିରିଆ,୨୯।୫/ଏନ୍‌ଏନ୍‌ଏସ୍:** କିଛିଦିନ ହେଲାଣି ତିଗିରିଆରେ ଲଗାତର କିଛି ନା କିଛି ଘଟଣା ଓ ଦୁର୍ଘଟଣା ଲାଗିରହିଥିବା ବେଳେ ପୁଣି ତିଗିରିଆ ଥାନା ଅନ୍ତର୍ଗତ ବାଲିପୁଟ ପଞ୍ଚାୟତ ବାଲିପୁଟ ଗ୍ରାମ ଅଶାନ୍ତ ହୋଇପଡ଼ିଛି। ବାଲିପୁଟ ଛକରେ ବୋମାମାଡ଼ରେ ଦୁଇଜଣ ଆହତ ହୋଇଥିବା ବେଳେ ପୁଲିସ ଜଣକୁ ଅଟକ ରଖି ପଚରା ଉଚରା ଜାରି ରଖିଥିବା ଜଣାପଡ଼ିଛି। ଘଟଣାସ୍ଥଳରେ ପୁଲିସ୍, ସାଇଣ୍ଟିଫିକ ଟିମ୍ ଏବଂ ବୋମା ନିଷ୍କ୍ରିୟକାରୀ ଦଳ ପହଞ୍ଚି ଅନୁଧ୍ୟାନ କରୁଛି। ତେବେ ବୋମାମାଡ଼ର ପ୍ରକୃତ କାରଣ ଜଣାପଡ଼ି ନାହିଁ। ସୂଚନା ମୁତାବକ, ଗୁରୁବାର ବିଳମ୍ବିତ ରାତିରେ ତିଗିରିଆ ଥାନା ଅନ୍ତର୍ଗତ ବାଲିପୁଟ ପଞ୍ଚାୟତର ବାଲିପୁଟ ଗ୍ରାମରେ ଦୁଇଟି ବାଇକ୍‌ରେ ୪ଜଣ ଦୁର୍ବୃତ୍ତ ଆସି ଘଟଣାସ୍ଥଳରେ ବୋମାମାଡ଼ କରିଥିଲେ। ଘଟଣାସ୍ଥଳରେ ତିନୋଟି ବାମା ଫୁଟିଥିବା ବେଳେ ଗୋଟିଏ ଅଫୁଟା ବୋମା ପୁଲିସ ଉଦ୍ଧାର କରିଛି। ବୋମାମାଡ଼ରେ ସ୍ଥାନୀୟ ଅଞ୍ଚଳର ଯୁବକ ପ୍ରିୟରଞ୍ଜନ ପଣ୍ଡା ଆହତ ହୋଇଥିବାବେଳେ ଅନ୍ୟଜଣଙ୍କ ପରିଚୟ ଜଣାପଡ଼ି ନାହିଁ। ଖବର ପାଇ ତିଗିରିଆ ପୁଲିସ ଗ୍ରାମରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଗ୍ରାମରେ ଉତ୍ତେଜନା ଲାଗି ରହିଥିବା ବେଳେ ବୋମାମାଡ଼ ପରେ ଦୁର୍ବୃତ୍ତ ମାନେ ଫେରାର ହୋଇଯାଇଛନ୍ତି। ତେବେ ଦେଶୀମଦ ବେପାରକୁ ନେଇ ଘଟଣା ଘଟିଥିବା ବିଶେଷ ସୂତ୍ରରୁ ଅନୁମାନ କରାଯାଉଛି। ଆଜି ସକାଳୁ ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି। ତେବେ ପୁଲିସ ଜଣକୁ ଗିରଫକରି କୋର୍ଟଚାଲାଣ କରିଥିଲା ବେଳେ ଅନ୍ୟମାନଙ୍କୁ ପୁଲିସ୍ ଧରିବା ପାଇଁ ଜାଲ ବିଛାଇଥିବା ଜଣାପଡ଼ିଛି।

# ସାକ୍ଷୀଗୋପାଳ ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଚାରିଚକିଆ ଗାଡ଼ି ପ୍ରବେଶକୁ ନେଇ ଅସନ୍ତୋଷ



**ସାକ୍ଷୀଗୋପାଳ,୨୯।୫/ଏନ୍‌ଏନ୍‌ଏସ୍:** ସାକ୍ଷୀଗୋପାଳ ମନ୍ଦିର ଭାରତର ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାରତବର୍ଷର କୋଣ ଅନୁକୋଣରୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ପର୍ଯ୍ୟଟକ ଆସୁଛନ୍ତି ଦର୍ଶନ ପାଇଁ। ସେଥିପାଇଁ ଯାତ୍ରୀ ମାନଙ୍କ ପାଇଁ ମନ୍ଦିର ପ୍ରଶାସନ ତରଫରୁ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ସହିତ ପାରିପାର୍ଶ୍ୱିକ ପରିବେଶ ଉନ୍ନତି କରାଯାଉଛି। ଶ୍ରଦ୍ଧାଳୁଙ୍କ ପାଇଁ ବିଭିନ୍ନ ସୁବିଧା ଯେତିକି ଆବଶ୍ୟକ ତାଠାରୁ ମନ୍ଦିରର ସୁରକ୍ଷା ଅଧିକ ଜରୁରୀ ଅଟେ। ମନ୍ଦିର ସମ୍ମୁଖରେ ତିନି ଚକିଆ ଏବଂ ଚାରିଚକିଆ ଯାନ ପ୍ରବେଶ ନିଷେଧ, ପାର୍କିଂ ନିଷେଧ ଏବଂ ଗ୍ୟାସ ରେ ରୋଷେଇ ନିଷେଧ ସହିତ ଏସବୁ କାର୍ଯ୍ୟ କଲେ ଫାଇନ ଲାଗିବା ବିଷୟରେ ପରିଚାଳନା କମିଟିରେ ନିଷ୍ପତି ନେବା ସହିତ ନୋଟିସ୍ ମଧ୍ୟ ମରାଯାଇଥିଲା। ତାହା ଏବେ ପାଣିର ଗାର ସଦୃଶ ହୋଇଯାଇଛି। ସୂଚନା ରହିଛି ଯେ ବହୁତ୍ ବର୍ଷ ପୂର୍ବରୁ ମନ୍ଦିର ନିକଟକୁ ବଡ଼ ଗାଡ଼ି ପ୍ରବେଶ ରୋକିବା ପାଇଁ ପଥର ସବୁ ପୋତାଯାଇଥିଲାଏବଂ କିଛି ବର୍ଷ ତଳେ ଗ୍ୟାସ ରେ ଯାତ୍ରୀମାନେ ରୋଷେଇ କରୁଥିବା ସମୟରେ ନିଆଁ ଲାଗି ଦୁଇଟି ବସ ସଂପୂର୍ଣ୍ଣ ଜଳିଯିବା ସହିତ ମନ୍ଦିର ପାଖର ବିଦ୍ୟୁତ୍ ତାର ସବୁ ପୋଡ଼ି ପାଉଁଶ ହୋଇଯାଇଥିଲା। ମନ୍ଦିର ସମ୍ମୁଖରେ ପ୍ରବେଶ ନିଷେଧ ପାଇଁ ଅସ୍ଥାୟୀ ଲୁହା ଷ୍ଟାଣ୍ଡ ରଖାଯାଇଥିଲେ ମଧ୍ୟ ତାକୁ କେହି ନମାନି ମନ୍ଦିର ସମ୍ମୁଖକୁ ଗାଡ଼ି ନେବା ସହିତ ପାର୍କିଂ କରୁଛନ୍ତି। କିଛି ଦିନ ତଳେ ମନ୍ଦିର ଭିତରେ ଚୋରି ହୋଇଥିଲା ଏବଂ ଚୋରମାନେ ଅଟୋ ମନ୍ଦିର ରୋଷ ନିକଟରେ ନେଇ ରଖିଥିଲେ। ପରିତାପର ବିଷୟ ଏହି ବ୍ୟତିକ୍ରମ ପାଇଁ କେହି ସଚେତନ ନାହାନ୍ତି। ମନ୍ଦିର ନିକଟକୁ ଏହି ଅନୁପ୍ରବେଶ ରୋକିବା ପାଇଁ ସ୍ଥାୟୀ ସମାଧାନ ଏବଂ ସଚେତନତା କରାଗଲେ ମନ୍ଦିରର ସୁରକ୍ଷା ସହିତ ଶୃଙ୍ଖଳା ମଧ୍ୟ ରହିପାରନ୍ତା ବୋଲି ମତପ୍ରକାଶ ପାଇଛି।

# ଅଚିହ୍ନା ମହିଳାଙ୍କ ମୃତଦେହ ଉଦ୍ଧାର

**ତିହିଡ଼ି,୨୯।୫/ଏନ୍ଏନ୍ଏସ୍:** ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ବୋଡ଼କ ପଞ୍ଚାୟତ ଅନ୍ତର୍ଗତ ଓରାଳି ଗ୍ରାମ ନିକଟରେ ପ୍ରବାହିତ ଜୁଆରିଆ ରେବ ନଦୀପଠାରୁ ଶୁକ୍ରବାର ସକାଳେ ଜଣେ ଅଜଣା ମହିଳାଙ୍କ ମୃତଦେହ ଉଦ୍ଧାର କରାଯାଇଛି । ତେବେ ପାରିପାର୍ଶ୍ୱିକ ଅବସ୍ଥାକୁ ଲକ୍ଷ୍ୟ କଲେ ଏହା ହତ୍ୟା ହୋଇଥାଇପାରେ ବୋଲି ସାଧାରଣରେ ସନ୍ଦେହ କରାଯାଉଛି । ସକାଳେ ରେବ ନଦୀପଠାରେ ପଲିଥିନ୍ ଓ ବେଡସିଟ୍‌ରେ ବନ୍ଧାଯାଇ ପଡ଼ିଥିବା ଜଣେ ମହିଳାଙ୍କ ଶବକୁ ଗ୍ରାମବାସୀମାନେ ଦେଖି ପୁଲିସ୍‌କୁ ଖବର ଦେଇଥିଲେ । ପରେ ତିହିଡ଼ି ଥାନା ଆଇଆଇସି ଲୋପାମୁଦ୍ରା ନାୟକ ଓ ଓଡ୍ରାଫ୍ ଟିମ୍ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ଚିହ୍ନଟ ପାଇଁ ପ୍ରକ୍ରିୟା ଆରମ୍ଭ କରିଥିଲା । ତେବେ ସାଇଣ୍ଟିଫିକ୍ ଓ ସନ୍ଧାନୀ କୁକୁର ଟିମ୍ ଘଟଣାସ୍ଥଳକୁ ଆସି ତଦନ୍ତ କରିଥିବାବେଳେ କୌଣସି ସୁଫଳ ମିଳିପାରି ନାହିଁ । ଅନ୍ୟପଟେ ଶବ ବ୍ୟବଚ୍ଛେଦ ରିପୋର୍ଟ ଏବଂ ଚିହ୍ନଟ ପରେ ଏହି ଘଟଣାର ରହସ୍ୟ ଉନ୍ମୋଚନ ହୋଇପାରିବ ବୋଲି ପୁଲିସ୍ କହିଛି । ଏହି ରିପୋର୍ଟ ଲେଖାହେବା ବେଳକୁ ଶବ ଚିହ୍ନଟ ହୋଇପାରିନଥିବା ଜଣାପଡ଼ିଛି । ତେବେ ଏହି ମହିଳା ଜଣକ ଆଖପାଖ ଅଞ୍ଚଳର ନୁହଁନ୍ତି ଏବଂ ତାଙ୍କୁ କେହି ହତ୍ୟା କରିବା ପରେ ଏଠାରେ ପକାଇ ଦେଇଥିବା ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଆଲୋଚନା ହେଉଛି ।

# ସୁରକ୍ଷା କ୍ଷେତ୍ରରେ ଉତ୍କର୍ଷତା ପାଇଁ ଟିପିଏନ୍ଓଡିଏଲ୍‌କୁ ପ୍ଲାଟିନମ୍ ପୁରସ୍କାର




**ବାଲେଶ୍ୱର,୨୯।୫/ଏନ୍ଏନ୍ଏସ୍:** ସୁରକ୍ଷା କ୍ଷେତ୍ରରେ ଉତ୍କର୍ଷତା ପାଇଁ ଟାଟା ପାୱାର୍ ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍ୟୋଗ ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ ବା ଟିପିଏନ୍ଓଡିଏଲ୍‌କୁ ପ୍ଲାଟିନମ୍ ପୁରସ୍କାର ମିଳିଛି । ୧୯ତମ ଫେମ୍ ଜାତୀୟ ପୁରସ୍କାର ବିତରଣ ଅବସରରେ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏହି ସମ୍ମାନ ୨୦୨୬ ଆର୍ଥିକ ବର୍ଷରେ କମ୍ପାନୀର ସମଗ୍ର କାର୍ଯ୍ୟ କ୍ଷେତ୍ରରେ ସ୍ୱାସ୍ଥ୍ୟ, ସୁରକ୍ଷା ଓ କର୍ମଚାରୀଙ୍କ କଲ୍ୟାଣ ପ୍ରତି ଥିବା ଦୃଢ଼ ପ୍ରତିବଦ୍ଧତାକୁ ସ୍ୱୀକୃତି ଦେଇଛି । ଏହି ସମାରୋହରେ ଟିପିଏନ୍ଓଡିଏଲ୍‌ର ସୁରକ୍ଷା ବିଭାଗର ମୁଖ୍ୟ ତପନ କୁମାର ପାତ୍ର ସଂଗଠନ ପକ୍ଷରୁ ଏହି ପୁରସ୍କାର ଗ୍ରହଣ କରିଥିଲେ । ଆହ୍ୱାନପୂର୍ଣ୍ଣ ଏବଂ କଠିନ କ୍ଷେତ୍ର ପରିସ୍ଥିତିରେ ମଧ୍ୟ ନିଜ କାର୍ଯ୍ୟକଳାପରେ ସର୍ବୋଚ୍ଚ ସୁରକ୍ଷା ମାନଦଣ୍ଡ ବଜାୟ ରଖିବା ପାଇଁ ଟିପିଏନ୍ଓଡିଏଲ୍‌ର ନିରନ୍ତର ଉତ୍ସର୍ଗୀକୃତ ଭାବକୁ ଏହି ପୁରସ୍କାର ସ୍ୱୀକୃତି ପ୍ରଦାନ କରିଛି । ଏହି ପ୍ରତିଯୋଗିତାରେ ଭାରତର ବିଭିନ୍ନ ଶିଳ୍ପ କ୍ଷେତ୍ରର ଅନେକ ପ୍ରତିଷ୍ଠିତ ସଂଗଠନ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ । ଏହି ସଫଳତାର ମାଇଲଖୁଣ୍ଟ ସମଗ୍ର ଟିପିଏନ୍ଓଡିଏଲ୍ ଟିମ୍‌ର ଉତ୍ସର୍ଗୀକୃତ ଭାବ ଏବଂ ସାମୂହିକ ପ୍ରୟାସକୁ ପ୍ରତିଫଳିତ କରେ ଯେଉଁଥିରେ 'ସୁରକ୍ଷା ପ୍ରଥମେ, ସୁରକ୍ଷା ସର୍ବଦା' ଏକ ମୂଳ ମାର୍ଗଦର୍ଶକ ନୀତି ହୋଇ ରହିଛି । ଏହି ପୁରସ୍କାର ସମାରୋହରେ ଅନେକ ବିଶିଷ୍ଟ ବ୍ୟକ୍ତି, ଶିଳ୍ପ ଜଗତର ନେତୃବୃନ୍ଦ ଓ ମାନ୍ୟଗଣ୍ୟ ସରକାରୀ ଅଧିକାରୀମାନେ ଯୋଗ ଦେଇଥିଲେ । ବିଗତ ବର୍ଷ ଗୁଡ଼ିକରେ ଟିପିଏନ୍ଓଡିଏଲ୍ ନିଜର କର୍ମଚାରୀ, କ୍ଷେତ୍ରସ୍ତରୀୟ କର୍ମଚାରୀ ଓ ବ୍ୟବସାୟିକ ସହଯୋଗୀଙ୍କ ମଧ୍ୟରେ କର୍ମକ୍ଷେତ୍ରର ସୁରକ୍ଷାକୁ ସୁଦୃଢ଼ କରିବା ଏବଂ ସକ୍ରିୟ ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ କ୍ରମାଗତ ଭାବେ ବିଶେଷ ପଦକ୍ଷେପମାନ ଗ୍ରହଣ କରିଆସିଛି ।

# କାଳବୈଶାଖୀ ବର୍ଷାରେ ଭଣ୍ଡାରିପୋଖରୀ ବଜାର ବେହାଲ୍



**ଭଣ୍ଡାରିପୋଖରୀ,୨୯।୫/ଏନ୍ଏନ୍ଏସ୍:** ଶୁକ୍ରବାର ଅପରାହ୍ନରେ କାଳବୈଶାଖୀ ପ୍ରଭାବରେ ଦୁଇ ଘଣ୍ଟା ଧରି ଖୁବ୍ ଜୋର୍ ପବନ ବହିବା ସହିତ ବର୍ଷା ହୋଇଥିଲା । ଏହି ବର୍ଷା ପ୍ରଭାବରେ ରାସ୍ତାରେ ଗାଡ଼ିମୋଟର ଚଳାଚଳ ମଧ୍ୟ ଠପ୍ ହୋଇଯାଇଥିଲା । ସାଧାରଣରେ ଲୋକେ କେହି କାହା ଘରୁ ମଧ୍ୟ ବାହାରକୁ ବାହାରି ପାରିନଥିଲେ । ଭଣ୍ଡାରିପୋଖରୀ ବିଭିନ୍ନ ଅଞ୍ଚଳରେ ଇଲେକ୍ଟ୍ରି ପୋଲ ଉପୁଡ଼ି ପଡ଼ିବା ସହ ପୋଲ ଗୁଡ଼ିକର ଶଙ୍ଖ ଫାଟି ଯାଇଥିବା ଖବର ମିଳିଛି । ଫଳରେ ଭଣ୍ଡାରିପୋଖରୀରେ ଚାରିଆଡ଼େ ବର୍ଷା ସାଙ୍ଗକୁ ଅନ୍ଧାରରେ ପ୍ରଭାବିତ ହଇରାଣ ଲୋକମାନେ ହୋଇଛନ୍ତି । ଏହା ସମେତ ଛୋଟମୋଟ ବର୍ଷା ହେଲେ ମଧ୍ୟ ସବୁବେଳେ ଭଣ୍ଡାରିପୋଖରୀ ବଜାରର ପ୍ରତ୍ୟେକ ୧୬ନଂ ଜାତୀୟ ରାଜପଥ ବ୍ରିଜ୍ ସମ୍ମୁଖରେ ଡ୍ରେନ୍‌ର ବ୍ୟବସ୍ଥା ଠିକ୍‌ଠାକ୍ ନଥିବା ଯୋଗୁ ରାସ୍ତାରେ ଆଣ୍ଠୁଏ ଆଣ୍ଠୁଏ ଉଚ୍ଚର ପାଣି ଠିଆ ହେଉଥିବା ଦେଖିବାକୁ ମିଳିଥାଏ । ଆଗକୁ ବର୍ଷା ଦିନ ଆସୁଥିବାରୁ ପ୍ରତି ବର୍ଷ ଏପରି ବ୍ରିଜ୍ ସମ୍ମୁଖ ରାସ୍ତା ଉପରେ ଡ୍ରେନ୍‌ରେ ପାଣି ଯାଇନପାରି ଠିଆ ହୋଇଥାଏ । ଫଳରେ ସାଧାରଣ ଲୋକମାନେ ଯାତାୟାତ ସମସ୍ୟା ଉପୁଜିଥାଏ ଓ ବର୍ଷା ଜଳ ଗୁଡ଼ିକ ନିଷ୍କାସିତ ହୋଇନପାରି ବହୁ ସମୟ ପର୍ଯ୍ୟନ୍ତ ରହିଥାଏ । ତେଣୁ ଡ୍ରେନ୍ ଗୁଡ଼ିକୁ ସଫା କରାଯାଇ ଠିକ୍‌ଠାକ୍ ପାଣି ନିଷ୍କାସିତ କରିବା ନିମନ୍ତେ ବୁଦ୍ଧିଜୀବୀ ମହଲରେ ପ୍ରଶାସନକୁ ଅନୁରୋଧ କରାଯାଇଛି ।

# ଜିଲ୍ଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା ମକ୍‌ଡ୍ରିଲ୍

**ବାଲେଶ୍ୱର,୨୯।୫/ଏନ୍ଏନ୍ଏସ୍:** ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଭାରତୀୟ ଜାତୀୟ ସମୁଦ୍ର ସୂଚନା ସେବା କେନ୍ଦ୍ରଙ୍କ ମିଳିତ ପ୍ରୟାସରେ ବାଲେଶ୍ୱର ସଦର ବ୍ଲକ୍ ଅନ୍ତର୍ଗତ ବର୍ଦ୍ଧନପୁର ପଞ୍ଚାୟତର ନିଧିପଡ଼ା ଗ୍ରାମରେ ଜିଲ୍ଲାସ୍ତରୀୟ ସୁନାମି ବିପର୍ଯ୍ୟୟ ପରିଚାଳନା ମକଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି । ଏହାସହ ଅନ୍ୟ ୩ଟି ଗ୍ରାମ ଯଥା କସାଫଳ, କୁସୁମୁଳିପାହି ଓ ବଗଦାରେ ମଧ୍ୟ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି । ନିଧିପଡ଼ା ବାତ୍ୟା ଆଶ୍ରୟସ୍ଥଳୀରେ ଅନୁଷ୍ଠିତ ମକଡ୍ରିଲ୍‌କୁ ରାଜ୍ୟ ପ୍ରକଳ୍ପ ଅଧିକାରୀ ସୁତନୁ ଠାକୁର ଉଦ୍‌ଘାଟନ କରିଥିଲେ । ସୁନାମି ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିପରି ବିଭିନ୍ନ ଉପାୟରେ ଉଦ୍ଧାର କରାଯାଇପାରିବ ଏବଂ ଧନଜୀବନ କ୍ଷୟକ୍ଷତିକୁ ରୋକିହେବ ସେଥିପ୍ରତି ଦୃଷ୍ଟି ଦେବା ଉପରେ ରାଜ୍ୟ ପ୍ରକଳ୍ପ ଅଧିକାରୀ ଶ୍ରୀ ଠାକୁର ଗୁରୁତ୍ୱାରୋପ କରିଥିଲେ । ଏଥିରେ କମ୍ୟୁନିଟିସ୍ତରୀୟ ସ୍ଥାନାନ୍ତରଣ ପ୍ରକ୍ରିୟା ଅନ୍ତର୍ଭୁକ୍ତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପ୍ରତ୍ୟେକ ପ୍ରତ୍ୟେକ ଗ୍ରାମରୁ ଆଶା, ଅଙ୍ଗନବାଡ଼ି କର୍ମୀ, ମତ୍ସ୍ୟ ବିଭାଗ, ଶିକ୍ଷା ବିଭାଗ, ପଶୁ ସମ୍ପଦ



ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ । ଭାରତୀୟ ସୁନାମୀ ପ୍ରାରମ୍ଭିକ ଚେତାବନୀ କେନ୍ଦ୍ର ଦ୍ୱାରା ୫ଟି ଡମି ଟେଷ୍ଟ ବୁଲେଟିନ୍ ପ୍ରାତଃ ୮ଟାରୁ ୧୧ଟା ମଧ୍ୟରେ ପ୍ରସାରଣ କରାଯାଇଥିଲା । ନିଧିପଡ଼ା ଓ କୁସୁମୁଳିପାହି ଗ୍ରାମରେ ଅନୁଷ୍ଠିତ ମକଡ୍ରିଲ୍‌ରେ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍ ବାହିନୀ, ଅଗ୍ନିଶମ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ବିପର୍ଯ୍ୟୟ ସମୟରେ ଲୋକଙ୍କୁ କିଭଳି ଉଦ୍ଧାର କରାଯାଇଥାଏ ସେସମ୍ପର୍କିତ କୌଶଳ ପ୍ରଦର୍ଶିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଦୁବୁଲାଗାଡ଼ି, ଭୀମପୁର ଓ କସାଫଳ ପଞ୍ଚାୟତର ବାତ୍ୟା ଆଶ୍ରୟସ୍ଥଳୀର ସଭାପତି ତଥା ସରପଞ୍ଚ, ସମ୍ପାଦକ ଓ ବାଲେଶ୍ୱର ସଦର ପ୍ରମୁଖ ଉପସ୍ଥିତ ଥିଲେ ।

# ଆସୁଛି ମୌସୁମୀ, ବର୍ଷା ଜଳ ନିଷ୍କାସନ ନେଇ ବଢ଼ୁଛି ଚିନ୍ତା

**ସୋର,୨୯।୫/ଏନ୍ଏନ୍ଏସ୍:** ଆଉ ଅଳ୍ପ ଦୂର ରହିଲା ମୌସୁମୀ । ପାଣିପାଗ ଆକଳନ ଅନୁସାରେ ଜୁନ୍ ପ୍ରାରମ୍ଭରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ବିଭିନ୍ନ ନାଳନର୍ଦ୍ଦମା ଗୁଡ଼ିକୁ ସଫା କରାଯିବା ସହିତ ଆଗାମୀ ବନ୍ୟା ପରିସ୍ଥିତିକୁ ମୁକାବିଲା ପାଇଁ ସୋର ପୌରପାଳିକା ପ୍ରସ୍ତୁତ ହେଇଥିବା ଜଣାଯାଇଛି । ମାତ୍ର ୧୬ ନମ୍ବର ଜାତୀୟ ରାଜପଥ ସୋର ଉତ୍ତରେଶ୍ୱର ୬ ଟିକିଆ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଏକପ୍ରକାର ସରି ଆସିଥିବାବେଳେ ଉତ୍ତରେଶ୍ୱର ପାଇକାଳୀରୁ କଲେଜ ଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଡ୍ରେନ୍ କାର୍ଯ୍ୟ ବର୍ତ୍ତମାନ ସୁଦ୍ଧା ଶେଷ ହୋଇପାରି ନାହିଁ । ଅବଶ୍ୟ ପୂର୍ବ ପାଖ ଡ୍ରେନ୍ କାମ ଯଥାତଥା ଚାଲିଥିବାବେଳେ ସବୁଠୁ ଗୁରୁତ୍ୱପୂର୍ଣ୍ଣ କଲେଜ ଛକଠାରୁ ବରଫ କଳ ଛକ ପର୍ଯ୍ୟନ୍ତ ପଶ୍ଚିମ ପାର୍ଶ୍ୱର ଡ୍ରେନ୍‌ର କାମ ବିବାଦୀୟ କାରଣରୁ ଏପର୍ଯ୍ୟନ୍ତ ଆରମ୍ଭ ହୋଇପାରି ନାହିଁ ।



ସୂଚନାନୁସାରେ ବ୍ରିଜ୍‌ଗୋପାଳ କମ୍ପାନୀର ଉଭୟ ପାର୍ଶ୍ୱରେ ଦେଢ଼ ମିଟର୍ ଓସାରର ଡ୍ରେନ୍ ପାଇଁ ଯୋଜନା ଥିବାବେଳେ ୨୦୨୩ ମସିହାରେ ପୂର୍ବତନ ପୌରାଧ୍ୟକ୍ଷ ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଏହି କାର୍ଯ୍ୟକୁ ବନ୍ଦ କରାଇ ଏହାକୁ ୩ ମିଟର୍ ଓସାର କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ଫଳରେ ପଶ୍ଚିମ ପାର୍ଶ୍ୱର ଡ୍ରେନ୍ କାର୍ଯ୍ୟ ପାଇଁ କମ୍ପାନୀ ପକ୍ଷରୁ ପୂର୍ତ୍ତ ବିଭାଗରେ ଅର୍ଥ ଜମା କରାଯାଇଥିବାବେଳେ ଅବଶିଷ୍ଟ ଅର୍ଥ ରାଜ୍ୟ ସରକାର ବହନ କରିବାର ପ୍ରସ୍ତାବ ଥିଲା । ମାତ୍ର ଆଜିପର୍ଯ୍ୟନ୍ତ ଏହି ଆବଶ୍ୟକ ଅର୍ଥ ମଞ୍ଜୁର ନହେବା ଫଳରେ ଦୀର୍ଘ ୩ ବର୍ଷ ଧରି ଏହି କାର୍ଯ୍ୟ ଅଟକି ରହିଛି । ଫଳରେ ପ୍ରତି ବର୍ଷ ବର୍ଷା ଦିନେ ଅଧିକାଂଶ ସମୟରେ ସାମାନ୍ୟ ବର୍ଷାରେ ମଧ୍ୟ ୧, ୨ ଓ ୩ ନମ୍ବର ୱାର୍ଡର ଉତ୍ତରେଶ୍ୱର, ବଡ଼ଖୁରୀ, ଖରିଦା, କମରପୁର, ଚକରାଇପୁର ଓ କଲେଜ ଛକ ପ୍ରମୁଖ ଗ୍ରାମରେ ବର୍ଷା ଜଳ ନିଷ୍କାସନ ହୋଇନପାରି ପାଣିଘେରରେ ରହିଆସୁଛି । ଫଳରେ ଏଠାରେ ବସବାସ କରୁଥିବା ଜନସାଧାରଣ ଏବଂ ଦୋକାନୀମାନେ ଘୋର ଅସୁବିଧାର ସମ୍ମୁଖୀନ ହୋଇଆସୁଛନ୍ତି । ଏପରିକି ବର୍ଷା ଦିନେ ବସ୍ ଯାତ୍ରୀମାନେ ମଧ୍ୟ ଏହି ରାସ୍ତାଦେଇ ଯିବା ଆସିବାରେ ଅସୁବିଧାରେ ପଡୁଥିବା ଦେଖାଯାଇଛି ।

ଗତ ୮ ମାସ ତଳେ ବିଧାୟକ ମାଧବ ଧଡ଼ା, ପୂର୍ତ୍ତ ବିଭାଗ ସୁପରିଟେଣ୍ଡେଣ୍ଟ, ଡ୍ରେନ୍ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ, ତହସିଲଦାର୍, କାର୍ଯ୍ୟନିର୍ବାହୀ ଅଧିକାରୀ ପାଇକାଳୀଠାରୁ କଲେଜ ପର୍ଯ୍ୟନ୍ତ ସର୍ଭେ କରି ସର୍ଭିସ୍ ରୋଡ୍ ନିର୍ମାଣ ସହିତ ଡ୍ରେନ୍ କାର୍ଯ୍ୟକୁ ତୁରନ୍ତ ଶେଷ କରିବା ପାଇଁ ନିଷ୍ପତ୍ତି ହୋଇଥିଲା । ଏପର୍ଯ୍ୟନ୍ତ ବିଦ୍ୟୁତ୍ ଖୁଣ୍ଟି ଅପସାରଣ ଓ ଡ୍ରେନ୍ ପାଇଁ ଟେଣ୍ଡର୍ ପ୍ରକ୍ରିୟା ଆରମ୍ଭ ହୋଇନାହିଁ । ଏନେଇ ଅନିଶ୍ଚିତତା ଲାଗି ରହିଥିବାରୁ ପୁଣି ଚଳିତ ବର୍ଷ ବି ଉତ୍ତରେଶ୍ୱର ପାଣି ଘେରରେ ବୁଡ଼ି ରହିବ ବୋଲି ଉତ୍ତରେଶ୍ୱର ଏବଂ ସ୍ଥାନୀୟବାସୀ ଆଶଙ୍କା ପ୍ରକାଶ କରିଛନ୍ତି । ତେଣୁ ଏ ଦିଗରେ ଜିଲ୍ଲା ପ୍ରଶାସନ, ପୂର୍ତ୍ତ ବିଭାଗ, ଡ୍ରେନେଜ୍ ବିଭାଗ ଓ ପୌରପାଳିକା ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହୋଇଛି ।

# ସୋର ପୁଲିସ୍ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ



**ସୋର,୨୯।୫/ଏନ୍ଏନ୍ଏସ୍:** ସୋର ପୁଲିସ୍ ପକ୍ଷରୁ ସହରରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି । ବାଲେଶ୍ୱର ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ନିର୍ଦ୍ଦେଶରେ ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ନାୟକଙ୍କ ନେତୃତ୍ୱରେ ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର, ଅନନ୍ତପୁର ଥାନାଧିକାରୀ ସରୋଜ କୁମାର ଦାସ, ଖନ୍ତାପଡ଼ା ଥାନାଧିକାରୀ, ଏସ୍‌ଆଇ ପ୍ରଭାକର ସାହୁ, ସାଧୁ ସିଂ ଗାଗରାଇ, ପ୍ରୀତିଜିତ ମହାନ୍ତିଙ୍କ ସମେତ ଥାନାର ସମସ୍ତ ପୁଲିସ୍ ଅଧିକାରୀ, କର୍ମଚାରୀ ଓ ୩ ପ୍ଲାଟୁନ୍ ଫୋର୍ସ ଏହି ଫ୍ଲାଗ୍‌ମାର୍ଚ୍ଚରେ ସାମିଲ୍ ହୋଇଥିଲେ । ସୋର ପୌରପାଳିକା ଅନ୍ତର୍ଗତ ଆଶ୍ରମ ଛକରୁ ବାହାରି ବାମ୍ପିଛକ ପର୍ଯ୍ୟନ୍ତ ଯାଇ ସେଠାରୁ ଛତ୍ରପୁର ଓ କୋର୍ଟ ଛକ ଦେଇ ମେଡିକାଲ୍ ଛକରେ ଶେଷ ହୋଇଥିଲା । ଏହି ସମୟରେ ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ଚିହ୍ନଟ କରାଯାଇଥିଲା ।

# ଶିକ୍ଷକ ନେତାଙ୍କ ବିୟୋଗରେ ଶୋକସଭା

**ବୈଶିଙ୍ଗା,୨୯।୫/ଏନ୍ଏନ୍ଏସ୍:** ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ବେତନଟୀ ପ୍ରାଥମିକ ଶିକ୍ଷକ ସଂଘର ସଭାପତି, ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ଜିଲ୍ଲା ସଭାପତି ଓ କୁଡୁମୀ ଶିକ୍ଷକ ମଞ୍ଚର ରାଜ୍ୟ ସମ୍ପାଦକ ଭାବେ ଏକକାଳୀନ ୩ଟି ଶିକ୍ଷକ ସଂଗଠନର ନେତୃତ୍ୱ ନେଉଥିବା ସ୍ୱର୍ଗତ ଶରତ କୁମାର ମହାନ୍ତଙ୍କ ରାସ୍ତା ଦୁର୍ଘଟଣାରେ ପରଲୋକ ଘଟିଛି । ସେଥିପାଇଁ ବେତନଟୀ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଏକ ଶୋକସଭା ବୈଶିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷକ ମୀନକେତନ ସ୍ୱାଇଁଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବେତନଟୀ ଶିକ୍ଷକ ସଂଘ (ପୁରୁଣା ପେନସନ୍‌ଭୁକ୍ତ)ର ସଭାପତି ସୁନୀଲ କୁମାର ବଡ଼େଙ୍କ ପୌରୋହିତ୍ୟ କରିଥିଲେ । ବୈଶିଙ୍ଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରତିଭା ମଞ୍ଜରୀ ପ୍ରଧାନ, ବରିଷ୍ଠ ଶିକ୍ଷକ ନେତା



ଭବେଶ କୁମାର ପାଣିଗ୍ରାହୀ, ଶୈଳେନ୍ଦ୍ର କୁମାର ପଣ୍ଡା ଓ ଯାମିନୀକାନ୍ତ ମହାନ୍ତ ମଞ୍ଚାସୀନ ରହି ଶୋକପ୍ରକଟ କରିବା ସହିତ ସ୍ମୃତିଚାରଣ କରିଥିଲେ । ପ୍ରାରମ୍ଭରେ ଏକ ମିନିଟ୍‌ର ନୀରବ ପ୍ରାର୍ଥନା କରାଯାଇ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ୍‌ର ଅନେକ ବରିଷ୍ଠ ଓ କନିଷ୍ଠ ବର୍ଗର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରିବା ସହ ସ୍ମୃତିଚାରଣ କରିଥିଲେ । ଶିକ୍ଷକ ସଂଘର ନିଷ୍ପତ୍ତିକ୍ରମେ ଏକାଦଶାହ ଦିନ ତାଙ୍କ ବାସଭବନରେ ଅନୁଷ୍ଠିତ ହେବାକୁ ଥିବା ସ୍ମୃତିଚାରଣ ସଭାରେ ସମସ୍ତେ ଯୋଗଦେବା ସହ ଶିକ୍ଷକ କଲ୍ୟାଣ ପାଣ୍ଠି ଭାବେ ତାଙ୍କ ପରିବାରକୁ ଆର୍ଥିକ ସହଯୋଗର ନିଷ୍ପତ୍ତି ନିଆଯାଇଥିଲା ।

# ଇଗ୍ନୋ ବିଇଡି କର୍ମଶାଳା ଉଦ୍‌ଯାପିତ

**ବାରିପଦା,୨୯।୫/ଏନ୍ଏନ୍ଏସ୍:** ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟରେ ଇଗ୍ନୋ ବିଇଡି ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଖିରୋଦ କୁମାର ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ପ୍ରଫେସର୍ ଡକ୍ଟର ସଞ୍ଜୟ କୁମାର ଦେ ଓ ମୁଖ୍ୟବକ୍ତା ଭାବେ ଏମ୍‌ପିସି ସ୍ୱୟଂଶାସିତ




ମହାବିଦ୍ୟାଳୟର ରସାୟନ ବିଜ୍ଞାନ ସହକାରୀ ପ୍ରଫେସର୍ ଡକ୍ଟର ସରୋଜ ନାୟକ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥିଭାବେ ଇଗ୍ନୋ ସଂଯୋଜକ ଡକ୍ଟର ରାଜକିଶୋର ରାଉଳ, ସହକାରୀ ପ୍ରଫେସର୍ ଡକ୍ଟର ଚିତ୍ରସେନ ସେଠୀ, ଡକ୍ଟର ସଦାନନ୍ଦ ମେହେର, ନବୀନ କୁମାର ନାଏକ ଓ ଲକ୍ଷ୍ମୀପ୍ରିୟା ମହାନ୍ତି ଯୋଗ ଦେଇଥିଲେ । ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ମୋଟ୍ ୫୪ ଜଣ ପ୍ରଶିକ୍ଷାର୍ଥୀ ଏହି କର୍ମଶାଳରେ ଯୋଗ ଦେଇଥିଲେ ।

**AFFIDAVIT**

By virtue of an Affidavit sworn before the Executive Magistrate, Nayagarh, dtd. 07.05.2026 I, Dipak Kumar Lenka, S/o- late Sansari Lenka, Vill- Sajanapada, Po- Gunthuni, Ps- Itamati, Dist-Nayagarh, Pin-752068, Odisha hereby declare that my minor daughter name have changed from Sudeeta Lenka to Sudeepta Lenka. Henceforth, she shall be known as **Sudeepta Lenka** for all purposes.

**Sd/- Dipak Kumar Lenka**

# ଜୁଲିମଣିଙ୍କୁ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ

**ବାରିପଦା,୨୯।୫/ଏନ୍ଏନ୍ଏସ୍:** ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟର ରେଡକ୍ରସ୍ ସ୍ୱେଚ୍ଛାସେବୀ ତଥା ବଡ଼ସାହି ବ୍ଲକ୍‌ର ଉଠାଣିନୂଆଗାଁ ଗ୍ରାମର ଜୁଲିମଣି ବେହେରାଙ୍କୁ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଛି । ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ୩୫ତମ ତିରୋଧାନ ଦିବସ ଅବସରରେ ରାଜୀବ ଗାନ୍ଧୀ ଛାତ୍ର ଫୋରମ୍ ଓ ରାଜୀବ ଗାନ୍ଧୀ ଷ୍ଟଡି ସେଣ୍ଟର୍ ପକ୍ଷରୁ ଜୟଦେବ ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଭା ସମ୍ମାନ ସମାରୋହରେ ଜୁଲିମଣିଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏଥିରେ ରାଜୀବ ଗାନ୍ଧୀ ଛାତ୍ର ଫୋରମ୍‌ର ରାଜ୍ୟ ସଭାପତି ସତ୍ୟବ୍ରତ ନାୟକ ସଂଯୋଜନା କରିଥିବାବେଳେ ବିଚାରପତି ଜଷ୍ଟିସ୍ ଡି ପି ଚୌଧୁରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଜୁଲିମଣିଙ୍କ ଅତୁଳନୀୟ ସ୍ୱେଚ୍ଛାକୃତ କାର୍ଯ୍ୟ ପାଇଁ ଟ୍ରଫି ଏବଂ ମାନପତ୍ର ଦେଇ ସମ୍ମାନିତ କରିଥିଲେ । ସମ୍ମାନିତ ଅତିଥିଭାବେ ପୂର୍ବତନ ସାଂସଦ ରାମଚନ୍ଦ୍ର ଖୁଣ୍ଟିଆ, ଡ. ପବିତ୍ର ମୋହନ ସାମନ୍ତରାୟ, ରାଜ୍ୟ କଂଗ୍ରେସ ଗଣମାଧ୍ୟମ ସେଲ୍ ଅଧ୍ୟକ୍ଷ ଅରବିନ୍ଦ ଦାସ, ଫକୀରମୋହନ ବିଶ୍ୱବିଦ୍ୟାଳୟର



ପୂର୍ବତନ କୁଳପତି ଡ. କୁମରବର ଦାସ ଓ ପୂର୍ବତନ ବିଧାୟକ ସୁରେଶ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଜୁଲିମଣି ଭାରତୀୟ ଯୁବ ରେଡକ୍ରସ୍‌ର ଜଣେ ସ୍ୱେଚ୍ଛାସେବୀ ଭାବେ ବିଭିନ୍ନ ଶିବିରରେ ଯୋଗଦେଇ ଜିଲ୍ଲା ବାହାରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ସମ୍ମାନିତ ହୋଇଛନ୍ତି । ନିଜ ଜିଲ୍ଲାରେ ୨ଥର ଶ୍ରେଷ୍ଠ ସ୍ୱେଚ୍ଛାସେବୀର ସମ୍ମାନ ଲାଭ କରିଛନ୍ତି ।

**CUTTACK MUNICIPAL CORPORATION**

**e-PROCUREMENT NOTICE**

13001/673/2627

Tender ID : 2026_ORULB_129208

Bid Reference No. MC(CMC)CTC_Div-I_No.04/2026-27

Tender Call Notice No. 5744 (PW) Date. 27.05.2026

| | | |
|---|---|---|
| Name of works | : | Civil works |
| No of works | : | 14 Nos |
| Bid Value | : | Rs.2.25 Lakh to Rs.18.65 Lakh |
| Date of completion | : | One calendar month to Three calendar months |
| Date and time schedule | : | |

| Start | End | Opening |
|---|---|---|
| 3.00 PM on dt.30.05.2026 | 5.00 PM on dt.09.06.2026 | 11.00 AM on dt.12.06.2026 |

Tender Details : can be seen from the procurement portal : www.tendersorissa.gov.in

**Sd/- Executive Engineer, City Div-I**

OIPR-13001/13031/1/26-27/0032

# 'ଆମେ ବନବାସୀ ନୁହେଁ ଆଦିବାସୀ'

**କେନ୍ଦୁଝର,୨୯।୫/ଏନ୍ଏନ୍ଏସ୍:** ନୂଆଦିଲ୍ଲୀରେ ଗତ ୨୪ ତାରିଖରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଆଦିବାସୀ ସମାଜଙ୍କୁ ଏକତ୍ରିତ କରିଥିଲେ । ଏହି ସମାବେଶରେ ଶ୍ରୀ ଶାହ ତାଙ୍କ ଭାଷଣରେ ଆଦିବାସୀଙ୍କୁ ବାରମ୍ବାର ବନବାସୀ କହି ଅପମାନିତ କରିବା ସହିତ ତାଚ୍ଛଲ୍ୟ କରିଥିବା କଂଗ୍ରେସ୍ ଅଭିଯୋଗ କରିଛି । ଏହାର ପ୍ରତିବାଦରେ ପୂର୍ବତନ ସାଂସଦ ତଥା ରାଜ୍ୟ ଆଦିବାସୀ କଂଗ୍ରେସ ଅଧ୍ୟକ୍ଷ ଯଶବନ୍ତ ସିଂ ଲାଗୁରିଙ୍କ ନେତୃତ୍ୱରେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ କଂଗ୍ରେସ ଭବନରୁ ଏକ ଶୋଭାଯାତ୍ରାରେ ବାହାରି କଂଗ୍ରେସ୍ କର୍ମୀମାନେ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଜେପି ସରକାରଙ୍କ ବିରୋଧରେ ସ୍ଲୋଗାନ୍ ଦେଇଥିଲେ । ପୂର୍ବତନ ସାଂସଦ ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରତିବାଦ ସଭାରେ ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ ଜିଲ୍ଲା କଂଗ୍ରେସ୍




ସଭାପତି ମୋହନ ପରିଡା, ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ୍ ରାଜ ଓ କଂଗ୍ରେସ ନେତା ଗୌରହରି ନାଏକ ପ୍ରମୁଖ ଆମେ ବନବାସୀ ନୁହେଁ ଆଦିବାସୀ ବୋଲି କହିଥିଲେ । ଏହାସହ ଶାହ କ୍ଷମା ମାଗନ୍ତୁ ବୋଲି ଦାବି କରାଯାଇଥିଲା । ଜିଲ୍ଲା ଆଦିବାସୀ କଂଗ୍ରେସ ସଭାପତି ଅନିରୁଦ୍ଧ ନାଏକ ଧନ୍ୟବାଦ ଦେଇଥିଲେ । ଏହି ସମୟରେ ଶାହଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା । ଏଥିରେ ଜିଲ୍ଲା ଉପସଭାପତି ଲଳିତ ମୋହନ ନାୟକ, ଦେବେନ୍ଦ୍ର ନାଥ ନାଏକ, ନିର୍ମଳ କୁମାର ନାଏକ, ରଘୁନାଥ ପାତ୍ର, କ୍ଷୀରୋଦ ପାତ୍ର, ବ୍ଲକ୍ କଂଗ୍ରେସ ସଭାପତି ଉତ୍ତମ କୁମାର ସାହୁ, ଗୋବିନ୍ଦ ମହାନ୍ତ, ସୁବ୍ରତ କୁମାର ଚକ୍ର, ରଞ୍ଜିତ କୁମାର ବେହେରା, ଜିଲ୍ଲା ଦଳିତ କଂଗ୍ରେସ ସଭାପତି ରଶ୍ମିରଞ୍ଜନ ଜେନା, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଦାସ, ସୁଜଳ କୁମାର ସେଠୀ, ପ୍ରଫୁଲ୍ଲ ଚନ୍ଦ୍ର ଜେନା, ରତ୍ନାକର ଜେନା, ଯୁବ କଂଗ୍ରେସ ନେତା ସୌମ୍ୟରଞ୍ଜନ ରାଉତ, ସନତ ପାଢ଼ୀ, ଆନନ୍ଦ ମାଝୀ, ମାନସ ବେହେରା, ବେଦବ୍ୟାସ ବେହେରା, ପ୍ରକାଶ ସାହୁ, ଅଭିନାଶ ଓଝା ଓ ମଦନ ମୋହନ ମହାକୁଡ଼ ପ୍ରମୁଖ ଉପସ୍ଥିତ ଥିଲେ ।

**Cuttack Municipal Corporation**

Biju Bhawan, Choudhary Bazaar,
Cuttack-753001

**Bid Identification No. - 2026_ORULB_129906**

**Notice for Inviting RFP for "Biomining of Legacy Waste Dumpsites at Chakradharpur in Cuttack, Odisha".**

The Commissioner, Cuttack Municipal Corporation (CMC), Cuttack, Government of Odisha invites technical and financial proposals from reputed Agency/Firms for "**Biomining of Legacy Waste Dumpsite at Chakradharpur in Cuttack, Odisha**. The interested and eligible Agency/Firms, as specified in Detailed Tender Call Notice (DTCN), may apply for the same in ON-LINE mode. (For details visit **https://tendersodisha.gov.in**)

| SL No. | List of Key Events | Critical Dates |
|---|---|---|
| 1 | Date & Time for downloading of RFP from e-procurement website | From 05:00 P.M. of 30.05.2026 To 05:00 P.M of 25.06.2026 |
| 2 | Last date and time for submission of pre bid queries (Email id. cityeng.cmc@gmail.com) | 05.00 P.M. of 06.06.2026 |
| 3 | Time, date and place of pre bid meeting | 12:00 P.M. of 08.06.2026 at Mini Conference Hall, Biju Bhawan, Choudhary Bazar, Cuttack |
| 4 | Uploading of Answers to the Query raised in the Pre Bid Meeting | 05:00 P.M. of 10.06.2026 |
| 5 | Proposals Submission Through Online Due Date and time | 05:00 P.M. of 25.06.2026 |
| 6 | Submission of Hard Copy | 05:00 P.M. of 29.06.2026 |
| 7 | Opening of Technical Bid | 12:30 P.M. of 30.06.2026 |
| 8 | Presentation | 12:00 P.M. of 03.07.2026 (If the time or date is changed, it will be intimated to the participating bidders via email) |
| 9 | Opening of Financial Bid | To be intimated (Only to the Technically Qualified Bidder) by E-mail in due course. |

The complete bidding documents, fee details, descriptions of items and key dates can be viewed/downloaded from the website: **https://tendersodisha.gov.in** Please note that CMC reserves the right to accept or reject the Bid process at any stage without assigning any reason whatsoever.

Sd/-Commissioner,
Cuttack Municipal Corporation

**OIPR-13001/13031/1/26-27/0033 13001/679/2627**

## ପ୍ରଥମ ପୃଷ୍ଠାରୁ

### ଆଜିଠୁ ଓଡ଼ିଶାରେ...

୨୦୨୬ ରୁ ୨ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ନୋଟିସ ପର୍ଯ୍ୟାୟ/ଦାବି ଓ ଆପତ୍ତିର ସମାଧାନ ଓ ୬ ସେପ୍ଟେମ୍ବରରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ। ଏସ୍ ଆଇଆର ପାଇଁ ପ୍ରସ୍ତୁତି ପର୍ଯ୍ୟାୟରେ, ମୋଟ ନିର୍ବାଚକଙ୍କ ମଧ୍ୟରୁ ୩,୧୬,୦୩,୩୨୩ ଜଣ ନିର୍ବାଚକ ଅର୍ଥାତ୍ ୯୪.୬୧% ନିର୍ବାଚକଙ୍କୁ ୨୦୦୨ ମସିହାରେ ପ୍ରକାଶିତ ଶେଷ ଏସଆଇଆର୍ ସମୟର ଭୋଟର ତାଲିକା ସହିତ ମ୍ୟାପ୍ କରାଯାଇଛି। ପ୍ରାକ୍-ଏସଆଇଆର୍ ପର୍ଯ୍ୟାୟରେ ଯେଉଁ ନିର୍ବାଚକମାନଙ୍କୁ ମ୍ୟାପ୍ କରାଯାଇପାରି ନଥିଲା, ସେମାନେ ମଧ୍ୟ ଏସଆଇଆର୍ ସମୟରେ ଯଥୋଚିତ ସୂଚନା ଦାଖଲ କଲେ ମ୍ୟାପ୍ ହୋଇପାରିବେ। ଏସ୍ଆଇଆର୍ ସମୟରେ ୪୫ ହଜାର ୨୫୫ ଜଣ ବୁଥସ୍ତରୀୟ ଅଧିକାରୀ ନିର୍ବାଚକଙ୍କ ଘରକୁ ଘର ଯାଇ ପରିଗଣନା ଫର୍ମ ବଣ୍ଟନ ଓ ସଂଗ୍ରହ କରିବେ। ସ୍ୱତନ୍ତ୍ର ସଘନ ସଂଶୋଧନକୁ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଏବଂ ରାଜନୈତିକ ଦଳମାନଙ୍କ ପୂର୍ବ ସହଭାଗିତା ସହ କାର୍ଯ୍ୟାନ୍ୱୟନ କରିବା ପାଇଁ, ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡିଶା ସମସ୍ତ ରାଜନୈତିକ ଦଳଙ୍କୁ ପ୍ରତ୍ୟେକ ମତଦାନ କେନ୍ଦ୍ର ପାଇଁ ବୁଥ୍ ସ୍ତରୀୟ ଏଜେଣ୍ଟ (ବିଏଲଏ) ନିଯୁକ୍ତ କରିବାକୁ ଅନୁରୋଧ କରିଛନ୍ତି। ଏବେ ସୁଦ୍ଧା ରାଜ୍ୟରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ ତରଫରୁ ମୋଟ୍ ୩୩ ହଜାର ୨୬ ଜଣଙ୍କୁ ନିଯୁକ୍ତ କରାଯାଇଛି। ଘରକୁ ଘର ପରିଗଣନା ସମୟରେ, ପ୍ରତ୍ୟେକ ଭୋଟରଙ୍କୁ ବିଏଲଓଙ୍କ ଜରିଆରେ ଦୁଇଟି ଲେଖାଏଁ ପୂର୍ବମୁଦ୍ରିତ ପରିଗଣନା ଫର୍ମ ଯୋଗାଇ ଦିଆଯିବ। ପୂରଣ ହୋଇଥିବା ଫର୍ମର ଗୋଟିଏ ନକଲ ବିଏଲଓ ସଂଗ୍ରହ କରିବେ ଏବଂ ଦ୍ୱିତୀୟ ନକଲରେ ନିଜ ଦସ୍ତଖତ କରି ଭୋଟରଙ୍କୁ ରସିଦ ବା ସ୍ୱୀକୃତି ପତ୍ର ଭାବେ ଫେରସ୍ତ କରିବେ, ଯାହାକୁ ଭୋଟର ଭବିଷ୍ୟତ ପାଇଁ ସାଇତି ରଖିବେ। ଭୋଟରମାନେ ଚାହିଁଲେ ନିର୍ବାଚନ କମିଶନଙ୍କ ସରକାରୀ ୱେବସାଇଟ୍ ରୁ ଏହି ଫର୍ମ ଡାଉନଲୋଡ୍ କରିପାରିବେ ଏବଂ ପୂରଣ ପରେ ସେହି ପୋର୍ଟାଲ ମାଧ୍ୟମରେ ହିଁ ଅନଲାଇନ୍ ଅପଲୋଡ୍ କରିପାରିବେ। ଫର୍ମ ପୂରଣ କରିବାରେ କୌଣସି ସମସ୍ୟା ହେଲେ ବିଏଲଓ ସମ୍ପୃକ୍ତ ଭୋଟରଙ୍କୁ ସମ୍ପୂର୍ଣ୍ଣ ସହାୟତା ଯୋଗାଇଦେବେ। ଏହାସହ ନୂଆ ନିର୍ବାଚକ ଭାବେ ନାମ ପଞ୍ଜୀକରଣ କରିବାକୁ ଚାହୁଁଥିବା ଯୋଗ୍ୟ ବ୍ୟକ୍ତିଙ୍କୁ ବିଏଲଓ ସେହି ସମୟରେ ଫର୍ମ-୬ ସହ ସ୍ୱତନ୍ତ୍ର ଘୋଷଣାପତ୍ର ପ୍ରଦାନ କରିବେ। ସେହିପରି ରାଜ୍ୟରେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟରେ ନିଯୁକ୍ତ ବୁଥ୍ ସ୍ତରୀୟ ଅଧିକାରୀ ମାନଙ୍କ ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି। ସକାଳ ୬ ରୁ ଦିନ ୧୧ ,ଅପରାହ୍ନ ୪ ରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଫିଲଡ୍ ୱାର୍କ ଏବଂ ଦିନ ୧୨ ରୁ ଅପରାହ୍ନ ୩ଟା ଯାଏଁ ଫିଲଡ୍ ୱାର୍କ ନକରିବାକୁ ନିର୍ଦ୍ଦେଶ ଦିଆଯାଇଛି। କର୍ତ୍ତବ୍ୟ ସମୟରେ ବିଏଲଓ ଯଦି କୌଣସି ଅପ୍ରୀତିକର ପରିସ୍ଥିତି ର ସମ୍ମୁଖୀନ ହୁଅନ୍ତି ତେବେ ତୁରନ୍ତ ସେମାନଙ୍କୁ ସୁରକ୍ଷା ଯୋଗାଇଦେବାକୁ ସମସ୍ତ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ଓ ନିର୍ବାଚକ ପଞ୍ଜିକରଣ ଅଧିକାରୀଙ୍କ ସହ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆଲୋଚନା କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପଲନଙ୍କ ସମେତ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଯୁଗ୍ମ ସିଇଓ ଗୋପୀନାଥ କୁଅଁର, ଡେପୁଟି ସିଇଓ ଡ଼.ଲକ୍ଷ୍ମୀପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ୬ ଶ୍ରମିକ...

ଖସି ପଡ଼ିଥିଲା । ସେହି ସମୟରେ କିଛି ଶ୍ରମିକ ପୋଲର ଗୋଟିଏ ଅଂଶରେ ଶୋଇଥିଲେ, ଯାହାଫଳରେ ସେମାନେ ଭଗ୍ନାବଶେଷ ତଳେ ଫସି ଯାଇଥିଲେ। ସୂଚନା ପାଇ ସ୍ଥାନୀୟ ଗ୍ରାମବାସୀ, ପୋଲିସ କର୍ମଚାରୀ ଏବଂ ପ୍ରାଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଶ୍ରମିକମାନଙ୍କୁ ଉଦ୍ଧାର କରିବା ପାଇଁ ଅଭିଯାନ ଆରମ୍ଭ କରିଥିବା ବେଳେ ପ୍ରଶାସନ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଦୁର୍ଘଟଣା ପରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ, ଦୁର୍ଘଟଣାରେ ପ୍ରାଣ ହରାଇଥିବା ଶ୍ରମିକମାନଙ୍କ ପାଇଁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି ଏବଂ ଅଧିକାରୀମାନଙ୍କୁ ଘଟଣାସ୍ଥଳରେ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟକୁ ତୀବ୍ର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ୧୭ ଜୀବନ...

ଘଟଣା ସାମ୍ନାକୁ ଆସିବା ପରେ ଯୋଗେଶ ଆତ୍ମସମର୍ପଣ କରିଥିଲା। ଅନ୍ୟପଟେ ଏହି ଘଟଣାରେ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ।

### ଶୁଣାଣି ସରିବାର ୩...

ସଂରକ୍ଷିତ ରଖିବା ପରେ, ସର୍ବାଧିକ ୩ ମାସ ମଧ୍ୟରେ ଚୂଡ଼ାନ୍ତ ରାୟ ପ୍ରକାଶ କରିବାକୁ ବାଧ୍ୟ ହେବେ। ସିଧାଅର୍ଥରେ କହିଲେ ହାଇକୋର୍ଟଗୁଡ଼ିକ ମାମଲାର ଶୁଣାଣି ସରିବା ଦିନଠାରୁ ୩ ମାସ ଭିତରେ କାରଣ ସହ ସମ୍ପୂର୍ଣ୍ଣ ରାୟ ପ୍ରକାଶ କରିବେ। ଯଦି କୌଣସି ଜଜ୍ ୩ ମାସ ଭିତରେ ରାୟ ଦେଇ ନପାରନ୍ତି, ତେବେ ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲ ଏହି ବିଷୟଟିକୁ ସେହି ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ନଜରକୁ ଆଣିବେ। ମୁଖ୍ୟ ବିଚାରପତି ସମ୍ପୃକ୍ତ ବେଞ୍ଚକୁ ଆଉ ୨ ସପ୍ତାହର ସମୟ ଦେଇପାରିବେ।

ଯଦି ୪ ମାସ ପରେ ମଧ୍ୟ ରାୟ ପ୍ରକାଶ ନହୁଏ, ତେବେ ସେହି ମାମଲାକୁ ଉକ୍ତ ବେଞ୍ଚରୁ ହଟାଇ ଅନ୍ୟ ଏକ ନୂଆ ବେଞ୍ଚକୁ ସାନି ଶୁଣାଣି ପାଇଁ ହସ୍ତାନ୍ତର କରାଯିବ। ସେହିପରି ବ୍ୟକ୍ତିଗତ ସ୍ୱାଧୀନତାକୁ ଗୁରୁତ୍ୱ ଦେଇ କୋର୍ଟ କହିଛନ୍ତି ଯେ, ଜାମିନ ଆବେଦନର ଶୁଣାଣି ସରିବା ଦିନ ହିଁ ନିର୍ଦ୍ଦେଶ ପ୍ରକାଶ କରାଯିବା ଉଚିତ୍। ଯଦି କୌଣସି କାରଣରୁ ଜାମିନ ନିର୍ଦ୍ଦେଶ ସଂରକ୍ଷିତ ରଖାଯାଏ, ତେବେ ତାହା ପରଦିନ ହିଁ ପ୍ରକାଶ ଏବଂ ୱେବସାଇଟ୍‌ରେ ଅପଲୋଡ୍ କରାଯିବ। ନିୟମିତ ଜାମିନ ମିଳିବା ମାତ୍ରେ ତୁରନ୍ତ ଟ୍ରାଏଲ୍ କୋର୍ଟ ଏବଂ ଜେଲ୍ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବ, ଯେମିତି କଏଦୀ ସେହି ଦିନ କିମ୍ବା ସର୍ବାଧିକ ପରଦିନ ଜେଲ୍‌ରୁ ମୁକୁଳି ପାରିବେ। ଏତଦ୍‌ବ୍ୟତୀତ ହାଇକୋର୍ଟ ୱେବସାଇଟ୍‌ରେ ମାମଲାଟି କେଉଁ ଦିନ ସଂରକ୍ଷିତ ରଖାଗଲା, କେଉଁ ଦିନ ରାୟ ପ୍ରକାଶ ପାଇଲା ଏବଂ କେଉଁ ଦିନ ଅପଲୋଡ୍ ହେଲା, ତାହାର ସ୍ପଷ୍ଟ ସୂଚନା ରହିବ। ପ୍ରତି ମାସ ଶେଷରେ ସଂରକ୍ଷିତ ଥିବା ମାମଲାଗୁଡ଼ିକର ଏକ ସ୍ୱୟଂଚାଳିତ ଇମେଲ୍ ରିପୋର୍ଟ ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ସମ୍ପୃକ୍ତ ବେଞ୍ଚ ପାଖକୁ ଯିବ।

ଝାଡ଼ଖଣ୍ଡ ହାଇକୋର୍ଟରେ କିଛି ଦଣ୍ଡାଦେଶ ପ୍ରାପ୍ତ କଏଦୀଙ୍କ ଅପିଲ୍ ଉପରେ ଶୁଣାଣି ୨୦୨୨ରୁ ଶେଷ ହୋବା ପରେ ମଧ୍ୟ ୨ ରୁ ୩ ବର୍ଷ ଧରି ରାୟ ପ୍ରକାଶ ପାଇନଥିଲା। ଏହାକୁ ନେଇ ଦାୟର ହୋଇଥିବା ଏକ ପିଟିସନର ଶୁଣାଣି କରି ସୁପ୍ରିମକୋର୍ଟ ଏହି କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି ଏବଂ ହାଇକୋର୍ଟଙ୍କ ଉଦ୍ଦେଶ୍ୟରେ ଏହି ନିୟମ ଜାରି କରିଛନ୍ତି, ଯାହାକି ଏବେ ସାରା ଦେଶର ସମସ୍ତ ହାଇକୋର୍ଟ ପାଇଁ ବାଧ୍ୟତାମୂଳକ କରାଯାଇଛି।

### ଦେଶରେ ହେବ ସ୍ୱାଭାବିକଠୁ...

ପ୍ରତିଶତ କମ୍ ଅର୍ଥାତ୍ ୯୦ ପ୍ରତିଶତ ବର୍ଷା ହେବ। ଓଡ଼ିଶାରେ ବି ସ୍ୱାଭାବିକ ଠାରୁ କମ୍ ବର୍ଷା ହୋଇପାରେ। ମୌସୁମୀ ବର୍ଷା ନେଇ ଆଜି ଏଭଳି ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ। ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପାଇଁ ଆଜି ଦ୍ୱିତୀୟ ପର୍ଯ୍ୟାୟ ପୂର୍ବାନୁମାନ ଜାରି କରି ଆଇଏମଡି କହିଛି, କେବଳ ଉତ୍ତର-ପୂର୍ବ ଭାରତକୁ ଛାଡ଼ି ଦେଲେ ଦେଶର ଅନ୍ୟ ଅଞ୍ଚଳରେ ସ୍ୱାଭାବିକ ଠାରୁ କମ୍ ବର୍ଷା ହେବ। ସେହିପରି ଓଡ଼ିଶା ସମେତ କେନ୍ଦ୍ରୀୟ ଭାରତରେ ହାରାହାରିଠାରୁ କମ୍ ଅର୍ଥାତ ୯୪ ପ୍ରତିଶତ ବର୍ଷା ହୋଇପାରେ। ଦକ୍ଷିଣ ଓ କେନ୍ଦ୍ରୀୟ ଓଡ଼ିଶାରେ ସ୍ୱାଭାବିକ ବର୍ଷା ପାଇଁ ଆକଳନ କରାଯାଇଥିବା ବେଳେ ଉତ୍ତର ଓଡ଼ିଶାରେ ସାମାନ୍ୟଠାରୁ କମ୍ ବର୍ଷା ହେବ ବୋଲି କୁହାଯାଇଛି। ତେବେ ଓଡ଼ିଶା ସମେତ ଦେଶର କିଛି ରାଜ୍ୟରେ ଜୁନ ମାସରେ ବି ଗ୍ରୀଷ୍ମ ଲହରୀ ବା ହିଟ୍ ୱେଭ୍ ଜାରି ରହିବ ବୋଲି ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ।

ଅନ୍ୟପକ୍ଷରେ ପ୍ରଶାନ୍ତ ମହାସାଗରରେ ଏଲ୍ ନିନୋ ସ୍ଥିତି ଦେଖାଦେଇଛି। ଖୁବ ଶୀଘ୍ର ଏହା ବିକଶିତ ହୋଇଯିବ। ଏଲ୍ ନିନୋ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁକୁ ପ୍ରଭାବିତ କରିପାରେ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ମୌସୁମୀର କୋର୍ ଜୋନ କୁହାଯାଉଥିବା ରାଜ୍ୟ ମଧ୍ୟପ୍ରଦେଶ, ଓଡ଼ିଶା, ଗୁଜୁରାଟ, ମହାରାଷ୍ଟ୍ର, ଛତିଶଗଡ଼, ବିହାର, ରାଜସ୍ଥାନ, ହରିୟାଣା, ଝାଡ଼ଖଣ୍ଡ, ଯେଉଁଠାରେ କୃଷି ମୁଖ୍ୟତଃ ବର୍ଷା ଉପରେ ନିର୍ଭରଶୀଳ ସେ ସ୍ଥାନରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବା ସହ ଚାଷ ପ୍ରଭାବିତ ହେବ। ଜୁନ୍‌ରୁ ସେପ୍ଟେମ୍ବର ମାସ ମଧ୍ୟରେ ସାରା ଭାରତରେ ଅଧିକାଂଶ ସ୍ଥାନରେ ସାମାନ୍ୟ କମ୍ ବର୍ଷ ହେବାର ସମ୍ଭାବନା ରହିଛି। ଏହାସହ ଉତ୍ତର-ପଶ୍ଚିମ ଓ ଉତ୍ତର-ପୂର୍ବ ଭାରତ, ମଧ୍ୟ-ପୂର୍ବ ଭାରତର କିଛି ଅଞ୍ଚଳ ଓ ପୂର୍ବ ଭାରତ ଅର୍ଥାତ ଓଡ଼ିଶାର କିଛି ଅଞ୍ଚଳରେ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ଜୁନ ମାସରେ ସାରା ଦେଶରେ କମ୍ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଓଡ଼ିଶା ଆକଳନକୁ ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, 'ଓଡ଼ିଶାରେ ବର୍ଷାର ପରିମାଣ କମ୍ ରହିପାରେ। ଜୁନ୍ ମାସରେ ଉତ୍ତର ଓଡ଼ିଶାରେ ସାଧାରଣ ଠାରୁ ସାମାନ୍ୟା କମ୍ ବର୍ଷା ରହିବ। ସେହିପରି ଦକ୍ଷିଣ ଓଡ଼ିଶାରେ ସାଧାରଣରୁ କମ୍ ବର୍ଷା ହେବ। ମୌସୁମୀ ବିଳମ୍ବ ହେବାର ସମ୍ଭାବନା ନାହିଁ। କାରଣ ମୌସୁମୀ ସାଧାରଣତଃ ଜୁନ୍ ୧ରେ କେରଳମ୍ ଛୁଇଁଥାଏ। ଅର୍ଥାତ ଜୁନ୍ ୧ରୁ ୭ ଦିନ ପୂର୍ବରୁ ନଚେତ ପରେ ମୌସୁମୀ ଆସିଥାଏ। ତେଣୁ ଆଗାମୀ ୭ ମଧ୍ୟରେ ଆସିବାର ସମ୍ଭାବନା ରହିଛି। କେରଳମ୍ ଛୁଇଁବାର ୧୦ ଦିନ ମଧ୍ୟରେ ମୌସୁମୀ ଓଡ଼ିଶା ଆସିଥାଏ । ଜୁନ ୧୫ ବେଳକୁ ମୌସୁମୀର ଓଡିଶା ଆଗମନ ହୋଇପାରେ ବୋଲି ସୂଚନା ଦେଇଛି ଆଇଏମଡି।

# ହକି ଷ୍ଟାଡିୟମ୍ ଗୃହ କାମ ନିମ୍ନମାନର ଅଭିଯୋଗ




**ଝାରସୁଗୁଡ଼ା,୨୯।୫/ଏନ୍ଏନ୍ଏସ୍:** ଝାରସୁଗୁଡ଼ା ଜିଲ୍ଲାର ଏର୍-କଟାପାଲିରେ ୨୦୨୩ ମସିହାରେ ଝାରସୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ହକି ଷ୍ଟାଡିୟମ୍ ଗୃହର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇ ବ୍ଲକ୍ ଦ୍ୱାରା କାର୍ଯ୍ୟ ଆରମ୍ଭ କରାଯାଇଥିଲା। କିନ୍ତୁ କାର୍ଯ୍ୟର ମନ୍ଥରତା ପାଇଁ ତାହା ୨୦୨୫ ମସିହାରେ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟ ଶେଷ ହୋଇଥିଲା। ସେଠାରେ ଖେଳାଳିଙ୍କ ପାଇଁ ୨ଟି ରୁମ୍ ଓ ଗୋଟିଏ ଅଫିସ୍ ଗୃହ ଜୈନିକ ଠିକାଦାର୍ ଦ୍ୱାରା କରାଯାଇଥିଲା। ଏହା ସଠିକ୍ ତଦାରଖ ନହେବାରୁ ବହୁ ତ୍ରୁଟି ଦେଖିବାକୁ ମିଳିଛି। ଯେମିତିକି ସେହି ଷ୍ଟାଡିୟମ୍ ଗୃହରେ ଅଳ୍ପ ବର୍ଷା ହେଲେ ମଧ୍ୟ ବାହାର କବାଟ ଦେଇ ପାଣି ଅଫିସ୍ ଗୃହକୁ ପଶିଯିବା ଏବଂ ଶୌଚାଳୟର ପାଣି ଭଲ ଭାବେ ନିଷ୍କାସିତ ନହୋଇ ଅଫିସ୍ ଗୃହକୁ ପ୍ରବେଶ କରିବା ଭଳି ବହୁ ତ୍ରୁଟି ପରିଲକ୍ଷିତ ହେବା ପରେ ଝାରସୁଗୁଡ଼ା ବ୍ଲକ୍‌ର ଦାୟିତ୍ୱରେ ଥିବା ଯନ୍ତ୍ରୀକୁ ଅଭିଯୋଗ କରିବା ସହିତ ତ୍ରୁଟି ବିଷୟରେ ଦେଖାଇ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ୨୦୨୫ ମସିହାରେ ଅଫିସ୍ ଗୃହର ଦ୍ୱିତୀୟ ମହଲା ନିର୍ମାଣ ପାଇଁ ଟେଣ୍ଡର୍ କରାଯାଇଥିଲା। ସେସମୟରେ ଝାରସୁଗୁଡ଼ା ବ୍ଲକ୍‌ର ବିଭାଗୀୟ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ଯେ ପ୍ରଥମ ଭାଗ କାମର ତ୍ରୁଟି ହୋଇଥିବା କାର୍ଯ୍ୟର ସୁଧାର କରାଯିବ। କିନ୍ତୁ ଉପର ମହଲା ନିର୍ମାଣ ପରେ ସେ ତ୍ରୁଟିକୁ ସୁଧାର କରାଯାଇ ନାହିଁ ଏବଂ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାରେ ଠିକାଦାର୍ କାଳକ୍ଷେପଣ ନୀତି ଅନୁସରଣ କରୁଛନ୍ତି। ହକି ଆସୋସିଏସନ୍ ଗୃହ ପଛପଟେ ବାଳକ ବାଳିକାଙ୍କ ପାଇଁ ପରିଶ୍ରାଗାର ନିର୍ମାଣ କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ନକରି ଛାଡ଼ି ଦିଆଯାଇଛି। ଠିକାଦାର, ବିଭାଗୀୟ ଯନ୍ତ୍ରୀ ଓ ଝାରସୁଗୁଡ଼ା ବିଡିଓଙ୍କୁ ହକି ଆସୋସିଏସନ୍‌ର କର୍ମକର୍ତ୍ତାମାନେ କାର୍ଯ୍ୟ ଶେଷ କରିବା ପାଇଁ ବହୁବାର ଅନୁରୋଧ କରିଥିଲେ ମଧ୍ୟ ସେଥିପ୍ରତି ଧ୍ୟାନ ଦିଆଯାଉ ନାହିଁ। ଚଳିତ ମେ' ୨୧ ତାରିଖରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଷ୍ଟାଡିୟମ୍ ପରିଦର୍ଶନରେ ଆସିଥିବା ସମୟରେ ଅସମ୍ପୂର୍ଣ୍ଣ କାର୍ଯ୍ୟକୁ ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ବିଭାଗୀୟ ଅଧିକାରୀଙ୍କୁ କହି କାର୍ଯ୍ୟ ଶେଷ କରିବା ପାଇଁ କହିଥିଲେ। ଏହି ବିଷୟରେ ଯନ୍ତ୍ରୀଙ୍କୁ ମଧ୍ୟ ଅବଗତ କରାଯାଇଛି। ତେଣୁ ଏଥିପ୍ରତି ବିଭାଗୀୟ ଅଧିକାରୀ ଧ୍ୟାନ ଦେବାକୁ ହକି ଆସୋସିଏସନ୍ ପକ୍ଷରୁ ଅନୁରୋଧ କରାଯାଇଛି।

## କୋଟିଏରୁ ଅଧିକ ମୂଲ୍ୟର ସରକାରୀ ଜମି ଜବରଦଖଲମୁକ୍ତ



**ମାଲକାନଗିରି,୨୯।୫/ଏନ୍ଏନ୍ଏସ୍:** ଚିତ୍ରକୋଣ୍ଡାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ହାଟପଦାସ୍ଥିତ ସର୍ବସାଧାରଣ ଜମି ଉପରେ ବ୍ୟକ୍ତିଗତ ଘର ଗୁଡ଼ିକର ଜବରଦଖଲ ଉଚ୍ଛେଦ ଅଭିଯାନ ଆରମ୍ଭ ହୋଇଛି। ଏହିକ୍ରମେ ଚିତ୍ରକୋଣ୍ଡା ସହରର କେନ୍ଦ୍ରସ୍ଥଳରେ ଥିବା ବହୁମୂଲ୍ୟ ସରକାରୀ ଜମି ଉପରେ ଦୀର୍ଘ ଦିନ ଧରି ହୋଇଥିବା ଅବୈଧ ନିର୍ମାଣକୁ ପ୍ରଶାସନ ପକ୍ଷରୁ ଭାଙ୍ଗି ମାଟିରେ ମିଶାଇ ଦିଆଯାଇଛି। ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜସ୍ୱ ବିଭାଗ, ସ୍ଥାନୀୟ ପୁଲିସ୍ ଓ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗକୁ ନେଇ ଏକ ସ୍ୱତନ୍ତ୍ର ସଂଯୁକ୍ତ ଟିମ୍ ଗଠନ କରାଯାଇଥିଲା। ଗୁରୁବାର ସକାଳେ ଉକ୍ତ ଟିମ୍ ଜେସିବି ଓ ବୁଲଡୋଜର୍ ସହ ଘଟଣାସ୍ଥଳରେ ପହଞ୍ଚି ବେଆଇନ୍ ଭାବେ ଗଢ଼ି ଉଠିଥିବା ପକ୍କା ଘର, ବାଣିଜ୍ୟିକ ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ଅସ୍ଥାୟୀ ନିର୍ମାଣକୁ ଉଚ୍ଛେଦ କରିବା ଆରମ୍ଭ କରିଥିଲା। ସୂଚନାଥାଉକି କେତେକ ପ୍ରଭାବଶାଳୀ ବ୍ୟକ୍ତି ଓ ସ୍ଥାନୀୟ ଲୋକେ ସରକାରୀ ଜମିକୁ ମାଡ଼ି ବସି ବହୁ ଦିନ ଧରି ବେଆଇନ୍ ଭାବେ ଘର ଓ ଦୋକାନ ବଜାର କରି ବ୍ୟବସାୟ ଚଳାଇଥିଲେ। ଏହାକୁ ଖାଲି କରିବା ପାଇଁ ସ୍ଥାନୀୟ ତହସିଲ୍ କାର୍ଯ୍ୟାଳୟ ପକ୍ଷରୁ ପୂର୍ବରୁ ଏକାଧିକ ସରକାରୀ ନୋଟିସ୍ ଜାରି କରାଯାଇଥିଲା। ପ୍ରଶାସନିକ ଚେତାବନୀ ସତ୍ତ୍ୱେ କେତେକ ଜବରଦଖଲକାରୀ ସ୍ୱଇଚ୍ଛାରେ ଜମି ଖାଲି କରିନଥିଲେ। ଫଳରେ ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ପ୍ରଶାସନକୁ ଏଭଳି କଠୋର ଆଭିମୁଖ୍ୟ ଗ୍ରହଣ କରିବାକୁ ପଡ଼ିଛି। ଏହି ଉଚ୍ଛେଦ ସମୟରେ ଯେଭଳି କୌଣସି ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ନହୁଏ, ସେଥିପ୍ରତି ଘଟଣାସ୍ଥଳରେ ବ୍ୟାପକ ପୁଲିସ୍ ଫୋର୍ସ ମୁତୟନ କରାଯାଇଥିଲା। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୁଲିସ୍ କର୍ଡନ୍ ମଧ୍ୟରେ ଶାନ୍ତି ଶୃଙ୍ଖଳାର ସହ ପ୍ରକ୍ରିୟା ଶେଷ ହୋଇଛି। ଏହି ସମୟରେ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ଚିତ୍ରକୋଣ୍ଡା ତହସିଲଦାର୍ ନଟବର ଗରଡ଼ାଙ୍କ ସମେତ ପୁଲିସ୍, ଅଗ୍ନିଶମ ଓ ଟିପିଏସ୍‌ଓଡିଏଲ୍‌ର କର୍ମଚାରୀ ଉପସ୍ଥିତ ଥିଲେ।

## ସମର୍ ୱାରିଅର୍ସଙ୍କୁ ଯୁବୋଦୟ ଛାତ୍ରଛାତ୍ରୀଙ୍କ ସମ୍ମାନ



**ବଲାଙ୍ଗୀର,୨୯।୫/ଏନ୍ଏନ୍ଏସ୍:** ଗତ କିଛିଦିନ ହେଲା ବଲାଙ୍ଗୀର ବିଶ୍ୱର ସର୍ବାଧିକ ଉଷ୍ଣ ସହରମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ପାଇ ଖବର ଶିରୋନାମାରେ ରହିଥିଲା। ସହରର ତାପମାତ୍ରା ୪୫ରୁ ୪୮ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ପହଞ୍ଚିଥିବାବେଳେ ଟ୍ରାଫିକ୍ ଓ ଟାଉନ୍ ପୁଲିସ୍ କର୍ମଚାରୀମାନେ ନିରନ୍ତର ଭାବେ ନିଜ କର୍ତ୍ତବ୍ୟ ପାଳନ କରି ସହରର ଶୃଙ୍ଖଳା ତଥା ସୁରକ୍ଷାକୁ ସୁଚାରୁଭାବେ ତୁଲାଉଛନ୍ତି। ୪୬ ଡିଗ୍ରୀର ପ୍ରଚଣ୍ଡ ଖରାରେ ମଧ୍ୟ ସେମାନେ ଟ୍ରାଫିକ୍ ନିୟନ୍ତ୍ରଣ ସହ ଆଇନ ଶୃଙ୍ଖଳାରେ ନିୟୋଜିତ ରହିଛନ୍ତି। ସେମାନଙ୍କ ଏହି ନିଷ୍ଠା ଓ ନିସ୍ୱାର୍ଥ ସେବାରେ ପ୍ରଭାବିତ ହୋଇ ଯୁବୋଦୟର ଛାତ୍ରଛାତ୍ରୀମାନେ ଏହି ସମର୍ ୱାରିଅର୍ସଙ୍କୁ ଉତ୍ତରୀୟ ଓ ସ୍ୱାସ୍ଥ୍ୟକର ପାନୀୟ ପ୍ରଦାନ କରି ସମ୍ମାନିତ କରିଛନ୍ତି। ସହରର ସୁରକ୍ଷା ଓ ସାଧାରଣ ଲୋକଙ୍କ ସେବା ପାଇଁ ଦିନରାତି କାର୍ଯ୍ୟରତ ସମସ୍ତ କର୍ମୀଙ୍କ ପ୍ରତି ଏହା ଛାତ୍ରଛାତ୍ରୀଙ୍କ ସମ୍ମାନ ତଥା କୃତଜ୍ଞତାର ଏକ ସାଧାରଣ ପ୍ରୟାସ ଥିଲା। ଉଲ୍ଲେଖଯୋଗ୍ୟ ଯୁବୋଦୟ ପକ୍ଷରୁ 'ୱାଇସିଏପି (ୱାଇକ୍ୟାପ୍)' ନାମକ ୪୫ ଦିନିଆ ଇନ୍-ହାଉସ୍ ଇଣ୍ଟର୍ନସିପ୍ କାର୍ଯ୍ୟକ୍ରମ ସଫଳତାର ସହ ଚାଲିଛି। ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବିଏସ୍‌ସି, ବିସିଏ ଓ ବିବିଏ ଛାତ୍ରଛାତ୍ରୀମାନେ ଏହି ସାମାଜିକ କାର୍ଯ୍ୟରେ ସକ୍ରିୟ ଭାଗ ନେଇ ସହରର ୪୦ରୁ ଅଧିକ ସମର୍ ୱାରିଅର୍ସଙ୍କୁ ସମ୍ମାନିତ କରିଆସୁଛନ୍ତି। ଛାତ୍ରଛାତ୍ରୀଙ୍କ ଏହି ମାନବିକ ମୂଲ୍ୟବୋଧ ସମ୍ପନ୍ନ ପଦକ୍ଷେପକୁ ସାଧାରଣ ଲୋକେ ପ୍ରଶଂସା କରିଛନ୍ତି। କୃତଜ୍ଞତା ଓ ସାମାଜିକ ଦାୟିତ୍ୱବୋଧ ଜଣେ ଭଲ ନାଗରିକର ମୁଖ୍ୟ ଗୁଣ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଥିଲା। ଆମେ ନିଜେ ଖରା ବର୍ଷା ସତ୍ତ୍ୱେ ୨୪ଘ୍ଟ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ପାଇଁ କାମ କରୁଛେ ତେଣୁ ଆମେ ଭଲ ଭାବେ ବୁଝିପାରୁ ଅନ୍ୟମାନେ ଚଳିତ ଗ୍ରୀଷ୍ମପ୍ରବାହରେ କେତେ କଷ୍ଟରେ କାର୍ଯ୍ୟ କରୁଛନ୍ତି। ଏହି କାର୍ଯ୍ୟକ୍ରମ ସେମାନଙ୍କ ପାଇଁ ଆମ ହୃଦୟରୁ ଗୋଟିଏ ଛୋଟିଆ ସମ୍ମାନ ବୋଲି ଅନୁଷ୍ଠାନର ନିର୍ଦ୍ଦେଶକ ଅମ୍ବରୀଶ ଦାଶ କହିଥିଲେ।

### ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଔଷଧରୁ ବାହାରିଲା ପୋକ

## ନିରାମୟ ଯୋଜନା ବାଟବଣା ଅଭିଯୋଗ

**ରାୟଗଡ଼ା,୨୯।୫/ଏନ୍ଏନ୍ଏସ୍:** ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପୋକ ପ୍ୟାକିଂ ଔଷଧ ପ୍ରଦାନ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ରୋଗୀଙ୍କ ରୋଗ ଭଲ ହେବା ପାଇଁ ଔଷଧରେ ରୋଗ ବଣ୍ଟା ଚାଲିଥିବା ରୋଗୀଙ୍କ ସମ୍ପର୍କୀୟ କହିଛନ୍ତି। ଘଟଣାରୁ ପ୍ରକାଶ ପଦ୍ମଲୋଚନ ଦାସ (୩୧) ଗୁରୁବାର ମୁଣ୍ଡ ବୁଲାଇବା ନେଇ ଡାକ୍ତରଙ୍କୁ ଦେଖାଇ ମାଗଣା ଔଷଧ ନେଇଥିଲେ। ଘରକୁ ଯାଇ ଔଷଧ ବାହାର କରିବା ପରେ ସେଥିରେ ଟ୍ୟାବଲେଟ୍ ସହିତ ପୋକ ପ୍ୟାକିଂ ହୋଇଥିବା ଦେଖିଥିଲେ। ପରେ ସେ ଆଉ ଔଷଧ ସେବନ ନକରି ଏକ ଘରୋଇ କ୍ଲିନିକ୍ ଯାଇ ପୁଣି ଔଷଧ ମେଡିକାଲ୍ ଷ୍ଟୋର୍‌ରୁ କିଣି ନେଇଥିଲେ। ଶୁକ୍ରବାର ସକାଳେ ଚିକିତ୍ସାଳୟରେ ପହଞ୍ଚି ଏହି ପୋକ ପ୍ୟାକିଂ ଔଷଧ ଦେଖାଇ ଜବାବ୍ ଚାହିଁଥିଲେ। ହେଲେ ଚିକିତ୍ସାଳୟ ଔଷଧ ବଣ୍ଟନ ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ ହାତ ଟେକି ଦେଇଥିଲେ। ଔଷଧ ବାହାରୁ ଆସୁଛି ଓ ଆମେ ବିତରଣ କରୁଛୁ ବୋଲି ପ୍ରକାଶ କରିଥିଲେ। ଫଳରେ ଗରିବଙ୍କ ପାଇଁ ହୋଇଥିବା ନିରାମୟ ଯୋଜନା ଏବେ ବାଟବଣା ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଅନ୍ୟ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଅସନ୍ତୋଷ ପ୍ରକାଶ କରିବା ସହ କେଉଁଭଳି ଭାବେ ଏହି ଔଷଧ ବଣ୍ଟନ କରାଯାଇଥିଲା ତା'ର ଜବାବ ଚାହିଁଥିଲେ। ହେଲେ କେହି ମଧ୍ୟ ସନ୍ତୋଷଜନକ ଉତ୍ତର ଦେଇନଥିଲେ। ଏସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

### ପ୍ଲାଷ୍ଟିକ୍ ନୋଟ୍ ଛାପିବ...

ନୋଟ୍ ପ୍ରଚଳନ ଉପରେ ଆଲୋଚନା ହୋଇଛି। କମ୍ ଉତ୍ପାଦନ ଖର୍ଚ୍ଚ ଏବଂ ଦୀର୍ଘସ୍ଥାୟୀ ଗୁଣ ଯୋଗୁଁ ଏହି ନିଷ୍ପତ୍ତି ନିଆଯାଇଛି ଏବଂ ଶୀଘ୍ର ଜନସାଧାରଣଙ୍କ ବ୍ୟବହାର ପାଇଁ ଏହି ପ୍ଲାଷ୍ଟିକ୍ ନୋଟର ଏକ ପାଇଲଟ୍ ପ୍ରୋଜେକ୍ଟ ଘୋଷଣା କରାଯାଇପାରେ। ବର୍ତ୍ତମାନର କାଗଜ ନୋଟ୍ ତୁଳନାରେ ପଲିମର ନୋଟର ଉତ୍ପାଦନ ଖର୍ଚ୍ଚ ବହୁତ କମ୍। ଏପରିକି ଏଟିଏମ୍ ମେସିନ୍ ଗୁଡ଼ିକୁ ମଧ୍ୟ ଏହି ପ୍ଲାଷ୍ଟିକ୍ ନୋଟ୍ ଚିହ୍ନିବା ଏବଂ ବାହାର କରିବା ପାଇଁ ଉପଯୁକ୍ତ କରାଯାଇପାରିବ। ଏତଦ୍‌ବ୍ୟତୀତ କାଗଜ ନୋଟ୍ ଛାପିବା ଖର୍ଚ୍ଚ ମଧ୍ୟ କମ୍ ହେବ। ଆରବିଆଇର ବାର୍ଷିକ ରିପୋର୍ଟ ଅନୁସାରେ, ୨୦୨୪-୨୫ ଆର୍ଥିକ ବର୍ଷରେ କାଗଜ ନୋଟ୍ ଛାପିବା ପାଇଁ ମୋଟ୍ ୬୩୭୨.୮ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା, ଯାହା ପୂର୍ବ ବର୍ଷ (୫,୧୦୧.୪ କୋଟି) ତୁଳନାରେ ଯଥେଷ୍ଟ ଅଧିକ ଥିଲା। ଅନ୍ୟପକ୍ଷେ ୨୦୨୪-୨୫ ଆର୍ଥିକ ବର୍ଷରେ ପ୍ରାୟ ୨,୩୮୦ କୋଟି ମଇଳା ଓ ଚିରାଫଟା କାଗଜ ନୋଟ୍ ନଷ୍ଟ କରାଯାଇଥିଲା। ଏଥିମଧ୍ୟରେ ସବୁଠାରୁ ଅଧିକ ୫୦୦ ଏବଂ ୧୦୦ ଟଙ୍କିଆ ନୋଟ୍ ଥିଲା। ସୂଚନାଯୋଗ୍ୟ, ପୂର୍ବରୁ ୨୦୧୨ ମସିହାରେ ତତ୍କାଳୀନ କଂଗ୍ରେସ ନେତୃତ୍ୱାଧୀନ ୟୁପିଏ ସରକାର ଦେଶର ୫ଟି ସହରରେ ପରୀକ୍ଷାମୂଳକ ଭାବେ ୧୦ ଟଙ୍କିଆ ପ୍ଲାଷ୍ଟିକ୍ ନୋଟ୍ ଚଳାଇବାକୁ ନିଷ୍ପତ୍ତି ନେଇଥିଲେ। କିନ୍ତୁ ସେତେବେଳେ ପ୍ରଯୁକ୍ତିବିଦ୍ୟାର ସମସ୍ୟା ଯୋଗୁଁ ଏହି ପ୍ରକଳ୍ପକୁ ବନ୍ଦ କରିଦିଆଯାଇଥିଲା। କିନ୍ତୁ ଏବେ ବେଞ୍ଚମାର୍କ ପ୍ରଯୁକ୍ତିବିଦ୍ୟା ଉନ୍ନତ ହୋଇସାରିଛି ଏବଂ ଏଟିଏମ୍ ମେସିନ୍ ଗୁଡ଼ିକ ମଧ୍ୟ ଏହି ନୋଟକୁ ସହଜରେ ଗ୍ରହଣ କରିପାରିବେ। ଆଜି ସୁଦ୍ଧା ବିଶ୍ୱର ପ୍ରାୟ ୬୦ଟି ଦେଶ (ଯେପରିକି ଅଷ୍ଟ୍ରେଲିଆ, ସିଙ୍ଗାପୁର, କାନାଡା ଆଦି) ପ୍ଲାଷ୍ଟିକ୍ ବ୍ୟାଙ୍କ ନୋଟ୍ ବ୍ୟବହାର କରୁଛନ୍ତି। ଅଷ୍ଟ୍ରେଲିଆ ହେଉଛି ବିଶ୍ୱର ପ୍ରଥମ ଦେଶ ଯିଏ ୧୯୮୮ ମସିହାରେ ସମ୍ପୂର୍ଣ୍ଣ ରୂପେ ପ୍ଲାଷ୍ଟିକ୍ ନୋଟ୍ ପ୍ରଚଳନ କରିଥିଲା। ଆମେରିକାର ଡଲାର କିନ୍ତୁ ଆଜି ବି ଏକ ସ୍ୱତନ୍ତ୍ର କପା ଓ ଲିନେନ୍ ମିଶ୍ରିତ କାଗଜରେ ତିଆରି ହେଉଛି। ଯଦି କାଗଜ ନୋଟ୍ ଏବଂ ପ୍ଲାଷ୍ଟିକ୍ ନୋଟ୍‌ର ବୈଶିଷ୍ଟ୍ୟ ଉପରେ ଆଲୋଚନା କରିବା ତେବେ ଅନେକ ତାରତମ୍ୟ ଦେଖିବାକୁ ମିଳିବ। ଯେପରିକି କାଗଜ ନୋଟ୍‌ଗୁଡ଼ିକ କାଗଜ ନୋଟ୍‌ଗୁଡିକର ଆୟୁଷ ମାତ୍ର ୧-୨ ବର୍ଷ ହେଉଥିବା ବେଳେ ପ୍ଲାଷ୍ଟିକ୍ ନୋଟ୍‌ର ଆୟୁକାଳ ପ୍ରାୟ ୩ରୁ ୫ଗୁଣ ପର୍ଯ୍ୟନ୍ତ ଅଧିକ ରହିବ। ଏହାର ଆୟୁଷ ଅଧିକ ହୋଇଥିବାରୁ ସରକାରଙ୍କୁ ବାରମ୍ବାର ନୂଆ ନୋଟ୍ ଛାପିବାକୁ ପଡ଼ିବ ନାହିଁ। ଫଳରେ ଦେଶର ହଜାର ହଜାର କୋଟି ଟଙ୍କା ସଞ୍ଚୟ ହେବ।

## ଭାତୃହନ୍ତାକୁ ଆଜୀବନ କାରାଦଣ୍ଡ

**ରେଢ଼ାଖୋଲ,୨୯।୫/ଏନ୍ଏନ୍ଏସ୍:** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ଥାନା ଅନ୍ତର୍ଗତ ଯାମୁଜୋରି ଗ୍ରାମର ଅଭିଯୁକ୍ତ ଅର୍ଜୁନ ପ୍ରଧାନ ପୂର୍ବ ଶତ୍ରୁତାରୁ ତାଙ୍କ ସାନଭାଇ ଅଶୋକ କୁମାର ପ୍ରଧାନଙ୍କୁ ୨୦୨୧ ମସିହାରେ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ଏହି ଘଟଣାରେ ମୃତକଙ୍କ ସ୍ତ୍ରୀ ନାକଟିଦେଉଳ ଥାନାରେ ଏତଲା ଦେଇଥିଲେ। ତତ୍କାଳୀନ ଥାନା ଦାୟିତ୍ୱପ୍ରାପ୍ତ ଅଧିକାରୀ ଧର୍ମେନ୍ଦ୍ର ଭୋଇ ଏହି ଘଟଣାରେ ତଦନ୍ତ କରି ଅଭିଯକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ । ପର ମୁହୂର୍ତ୍ତରେ ଉକ୍ତ ଘଟଣାର ତଦନ୍ତଭାର ତତ୍କାଳୀନ ଥାନାଧିକାରୀ ବିଦ୍ଦୁ ଭୂଷଣ ମିଶ୍ର ଚୂଡ଼ାନ୍ତ ଅଭିଯୋଗ ପତ୍ର କୋର୍ଟରେ ଦାଖଲ କରିଥିଲେ। ଏହି ମାମଲାରେ ରେଢ଼ାଖୋଲ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ପାର୍ଥସାରଥୀ ପଟ୍ଟନାୟକ ୧୭ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରି ଓ ୧୬ଟି ଦସ୍ତାବିଜକୁ ଆଧାର କରି ଅଭିଯୁକ୍ତ ଅର୍ଜୁନ ପ୍ରଧାନଙ୍କୁ ଆଜୀବନ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜୋରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ସରକାରଙ୍କ ପକ୍ଷରୁ ଆଇନଜୀବୀ ସଂଯୁକ୍ତା କଚ୍ଛପ ଓ ତୁଷାରକାନ୍ତ କର ପରିଚାଳନା କରିଥିଲେ।

## ଓଏଏସ୍ ପରୀକ୍ଷାରେ ଡାଇସି କହଁରଙ୍କ ସଫଳତା



**ଭବାନୀପାଟଣା,୨୯।୫/ଏନ୍ଏନ୍ଏସ୍:** ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସ୍ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ କଳାହାଣ୍ଡିର ଗୋଟିଏ ପରେ ଗୋଟିଏ ପ୍ରତିଭା ଓଏଏସ୍‌ରେ କୃତକାର୍ଯ୍ୟ ହୋଇ କଳାହାଣ୍ଡି ପାଇଁ ଗୌରବ ଆଣିଛନ୍ତି। ସେଥିମଧ୍ୟରୁ କଳାହାଣ୍ଡି ଜିଲ୍ଲାର ଜଣେ ସୁଯୋଗ୍ୟା କନ୍ୟା ଡାଇସି କହଁର ଅନ୍ୟତମ। ଡାଇସି ଓଡ଼ିଶା ସିଭିଲ୍ ସର୍ଭିସ୍ ୨୦୨୪-୨୫ରେ ୨୦୦ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୧୬୬ ସ୍ଥାନରେ ରହି କଳାହାଣ୍ଡି ତଥା ଭବାନୀପାଟଣାକୁ ଗୌରବାନ୍ୱିତ କରିଛନ୍ତି। ସେ ସ୍ଥାନୀୟ ଶିଶୁମନ୍ଦିର, ବ୍ରଜ ବିହାର, ସତ୍ୟସାଇ ବିଦ୍ୟା ମନ୍ଦିର ଓ କେନ୍ଦ୍ରୀୟ ବିଦ୍ୟାଳୟ, ଭବାନୀପାଟଣାରେ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବିଜ୍ଞାନରେ ଅଧ୍ୟୟନ କରିଛନ୍ତି। ପରେ ଭୁବନେଶ୍ୱର ବିଜେବି କଲେଜରେ କଳା ପାଠ୍ୟକ୍ରମରେ +୩ ଶେଷ କରି ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ପିଲାବେଳୁ ସେ ଜଣେ ଦକ୍ଷ ଆଇଏଏସ୍ ଅଫିସର୍ ହେବାକୁ ଲକ୍ଷ୍ୟ ରଖିଥିଲେ। ତେବେ ଆଜି ତାଙ୍କ ଦକ୍ଷତା କାର୍ଯ୍ୟରେ ଆସିଛି ସେ ଓଏଏସ୍ ଭଳି କଠିନ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ କଳାହାଣ୍ଡି ପାଇଁ ଗୌରବ ଆଣିଛନ୍ତି। ତାଙ୍କର ଏହି ସଫଳତା ପାଇଁ କଳାହାଣ୍ଡି ତଥା ରାଜ୍ୟର ଅନେକ ସ୍ଥାନରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୁଭେଚ୍ଛା ବାର୍ତ୍ତା ପଠେଇଛନ୍ତି।

## ପଞ୍ଚାୟତ ନିର୍ବାଚନ ପାଇଁ ବିଜୁ ସ୍ୱାଭିମାନ ମଞ୍ଚ ସକ୍ରିୟ



**ରାୟଗଡ଼ା,୨୯।୫/ଏନ୍ଏନ୍ଏସ୍:** ଆସନ୍ତା ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ରାୟଗଡ଼ା ଜିଲ୍ଲାରେ ବିଜୁ ସ୍ୱାଭିମାନ ମଞ୍ଚ ପକ୍ଷରୁ ରଣନୀତି ପ୍ରସ୍ତୁତି ଆରମ୍ଭ ହୋଇଛି। ଗାଁସ୍ତରରେ ସଂଗଠନକୁ ଶକ୍ତିଶାଳୀ କରିବା ଏବଂ ସାଧାରଣ ଲୋକଙ୍କ ସହ ଜନସମ୍ପର୍କ ବଢ଼ାଇବାକୁ ନେତୃତ୍ୱ ଗୁରୁତ୍ୱ ଦେଇଛି। ବିଜେପି, ବିଜେଡି ଓ କଂଗ୍ରେସ ଭଳି ପ୍ରମୁଖ ରାଜନୈତିକ ଦଳକୁ ଟକ୍କର୍ ଦେବା ଲକ୍ଷ୍ୟରେ ମଞ୍ଚ ରାୟଗଡ଼ାରେ ନିର୍ବାଚନୀ ଉଷ୍ମତା ବଢ଼ାଇଛି। ଜିଲ୍ଲାର କୋଲନରା ବ୍ଲକ୍‌ରୁ ହଜାର ହଜାର ସମର୍ଥକଙ୍କ ରାଲି ଅମ୍ଳଭଟାସ୍ଥିତ ଶ୍ରୀକ୍ଷେତ୍ର ଟାଉନସିପ୍‌ରେ ପହଞ୍ଚିବା ପରେ ଏକ ବିଶାଳ ସମାବେଶ ଅନୁଷ୍ଠିତ ହୋଇଥିଲା। ମଞ୍ଚର ଆବାହକ ଓ ସଭାପତି ଏନ୍ ଭାସ୍କର ରାଓଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଲାଲବିହାରୀ ହିମିରିକା, ବରିଷ୍ଠ ଆଦିବାସୀ ନେତ୍ରୀ ବାମୁଣୀ ମିନିୟାକା, ଚନ୍ଦ୍ରକାନ୍ତ ସାମଲ, ବାନାଗାଡ଼ି ତିରୁପତି, ନିରଞ୍ଜନ ପାତ୍ର, ଦୁଡଲା ଶ୍ରୀନିବାସ ରାଓ, ହର ପ୍ରସାଦ ହେପୃକାଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗ ଦେଇଥିଲେ। ଏହି ଅବସରରେ ମଞ୍ଚର ଆଭିମୁଖ୍ୟ ଓ ଆଗାମୀ ପଞ୍ଚାୟତ ନିର୍ବାଚନରେ ଯୋଗ୍ୟ ପ୍ରାର୍ଥୀଦେବାକୁ ନେଇ ଆଲୋଚନା ହୋଇଥିଲା। ଲାଲବିହାରୀ ହିମିରିକା କହିଥିଲେ ଯେ ଦଳ ଲୋକଙ୍କ ଭରସା ଜିତିବା ପାଇଁ ମୂଳସ୍ତରରେ କାମ କରିବ। ନେତୃମଣ୍ଡଳୀ ଭାସ୍କର ରାଓଙ୍କ ନେତୃତ୍ୱ, କାର୍ଯ୍ୟଦକ୍ଷତା ଓ ସାଂଗଠନିକ କ୍ଷମତାକୁ ପ୍ରଶଂସା କରିଥିଲେ। ଯୁବ ଓ ମହିଳା କର୍ମୀଙ୍କ ବହୁଳ ଯୋଗଦାନ ସମାବେଶକୁ ଅଧିକ ସକ୍ରିୟ କରିଥିଲା। ପ୍ରତ୍ୟେକ ଗାଁ ଏବଂ ୱାର୍ଡରେ କର୍ମୀଙ୍କୁ ସକ୍ରିୟ କରି ସାଧାରଣ ଲୋକଙ୍କ ସମସ୍ୟାକୁ ପ୍ରାଥମିକତା ଦେବାକୁ ଭାସ୍କର ରାଓ ଆହ୍ୱାନ ଜଣାଇଥିଲେ। ଏହି ରଣନୀତି ବୈଠକ ସଂଗଠନକୁ ସୁଦୃଢ଼ କରିବା ସହ ରାୟଗଡ଼ାର ରାଜନୈତିକ ପରିବେଶକୁ ଅଧିକ ସକ୍ରିୟ କରିଥିବା ଦେଖାଯାଇଛି।

## ନାବାଳିକା ଅପହରଣ ଓ ଦୁଷ୍କର୍ମକାରୀକୁ ୧୭ ବର୍ଷ ଜେଲ୍

**ନବରଙ୍ଗପୁର,୨୯।୫/ଏନ୍ଏନ୍ଏସ୍:** ନାବାଳିକାଙ୍କୁ ଅପହରଣ ସହ ଦୁଷ୍କର୍ମ କରିଥିବା ଅଭିଯୁକ୍ତକୁ ନବରଙ୍ଗପୁର ପୋସ୍କୋ ଅଦାଲତ ୧୭ ବର୍ଷ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଏହାସହ ୧୦ ହଜାର ଟଙ୍କା ଜରିମାନା ଓ ଅନାଦେୟରେ ଅତିରିକ୍ତ ୬ ମାସ ଜେଲ୍ ଦଣ୍ଡାଦେଶ ମଧ୍ୟ ଦିଆଯାଇଛି। ୨୦୨୧ ମସିହାରେ ଘଟିଥିବା ଏହି ଘଟଣାରେ ୧୭ ଜଣ ସାକ୍ଷୀଙ୍କ ବୟାନ ଆଧାରରେ ଅଦାଲତ ଏହି ରାୟ ପ୍ରକାଶ କରିଛନ୍ତି। ୨୦୨୧ ନଭେମ୍ବରରେ ନବରଙ୍ଗପୁର ସଦର ଥାନା ଅନ୍ତର୍ଗତ ଜଣେ ନାବାଳିକାଙ୍କୁ ସନ୍ଧ୍ୟା ସମୟରେ ଅପହରଣ କରିବା ସହ ଦୁଷ୍କର୍ମ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ନବରଙ୍ଗପୁର ସହର ଗାଦବାଗୁଡ଼ା ସାହିର ସମିମ୍ ଖାନ୍‌ଙ୍କ ବିରୋଧରେ ପୀଡ଼ିତାଙ୍କ ଜେଜେବାପା ସଦର ଥାନାରେ ଅଭିଯୋଗ କରିଥିଲେ। ସମସ୍ତ ପ୍ରମାଣ ଓ ସାକ୍ଷ୍ୟକୁ ବିଚାର କରି ନବରଙ୍ଗପୁର ପୋସ୍କୋ ଅଦାଲତ ଜଜ୍ ବାସୁଦେବ ଆଚାର୍ଯ୍ୟ ଅଭିଯୁକ୍ତକୁ ଜେଲ୍ ଦଣ୍ଡାଦେଶ ଶୁଣାଇଛନ୍ତି। ଏହାସହ ପୀଡ଼ିତାଙ୍କୁ ୧୦ ଲକ୍ଷ ୫୦ ହଜାର ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ପାଇଁ ଡିଏଲ୍‌ଏସ୍‌ଏକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରୀ ଓକିଲ ମୃତ୍ୟୁଞ୍ଜୟ ମହାରଣା ଏହି ମାମଲା ପରିଚାଳନା କରୁଥିଲେ।

**ସହରାଞ୍ଚଳ ଶାସନ ଓ ସେବା ଯୋଗାଣର ସମୀକ୍ଷା**

# ବର୍ଷା ଦିନେ ଜଳବନ୍ଦୀ ସମସ୍ୟା ରୋକିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ



**ଭୁବନେଶ୍ୱର,୨୯।୫/ଏନ୍‌ଏନ୍‌ଏସ୍:** ଓଡ଼ିଶାର ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର କମିଶନର ଏବଂ ନିର୍ବାହୀ ଅଧିକାରୀମାନଙ୍କୁ ନେଇ ଆଜି ଆଭାସୀ ମାଧ୍ୟମରେ ଏକ ସମୀକ୍ଷା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ସହରାଞ୍ଚଳ ଶାସନ, ପୌର ସେବା ଯୋଗାଣ, ଆର୍ଥିକ ପରିଚାଳନା, ଭିତ୍ତିଭୂମି ବିକାଶ, ପରିମଳ, ଗୃହନିର୍ମାଣ, ଜଳ ଯୋଗାଣ ଏବଂ ରାଜ୍ୟର ପ୍ରମୁଖ ସହରୀ ଯୋଜନାଗୁଡ଼ିକର ସଫଳ ରୂପାୟନ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଏହି ଦିନିକିଆ ସମୀକ୍ଷା ବୈଠକରେ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ୱାଟକୋ , ପିଏଚ୍‌ଇଓ , କୁଟ୍ , ପିଏମ୍‌ଏୱାଇ-ୟୁ , ଓୟୁଏଚ୍‌ଏମ୍ ଏବଂ ଅନ୍ୟାନ୍ୟ ଅନୁବନ୍ଧିତ ସଂସ୍ଥାର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। ଏହି ସମୀକ୍ଷା ବୈଠକରେ ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ଭିଡିଓ କନଫରେନ୍ସିଂ ମାଧ୍ୟମରେ ଯୋଗଦେଇ ସହରାଞ୍ଚଳ ଶାସନ ଏବଂ ପ୍ରଶାସନିକ ଉତ୍ତରଦାୟିତ୍ୱ ସୁଦୃଢ଼ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସକ୍ରିୟ ସହରୀ ପରିଚାଳନା ଉପରେ ଗୁରୁତ୍ୱ ଦେଇ ମନ୍ତ୍ରୀ ବର୍ଷା ଦିନେ ଜଳବନ୍ଦୀ ସମସ୍ୟା ସୃଷ୍ଟି ନହେବା ପାଇଁ ତୁରନ୍ତ ଡ୍ରେନେଜ୍ ସଫେଇ ଏବଂ ପରିମଳ ବ୍ୟବସ୍ଥାକୁ ଜୋରଦାର କରିବାକୁ ସମସ୍ତ ୟୁଏଲ୍‌ବିକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ, ନୂତନ ଭାବେ ଘୋଷିତ ବିଜ୍ଞପ୍ତିତ ଅଞ୍ଚଳ ପରିଷଦ ଗୁଡ଼ିକର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପାଇଁ ସ୍ୱାଗତ ଦ୍ୱାରର ଏକ ସମାନ ଡିଜାଇନ୍ ବ୍ଲ୍ୟୁ ପ୍ରିଣ୍ଟ ପ୍ରସ୍ତୁତ କରିବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଆର୍ଥିକ ସ୍ୱାବଲମ୍ବନଶୀଳତା ଉପରେ ଗୁରୁତ୍ୱ ଆରୋପ କରି ମନ୍ତ୍ରୀ ଡଃ ମହାପାତ୍ର କହିଥିଲେ ଯେ, ପୌର ସଂସ୍ଥାଗୁଡ଼ିକ ପାରମ୍ପରିକ ରାଜସ୍ୱ ଉତ୍ସ ଉପରେ ନିର୍ଭରଶୀଳତା ହ୍ରାସ କରି ଅଭିନବ ଉପାୟରେ ଅତିକମରେ ୫୦ ପ୍ରତିଶତ ସ୍ୱାବଲମ୍ବନଶୀଳତା ହାସଲ କରିବା ପାଇଁ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରନ୍ତୁ। ପ୍ରାତିଷ୍ଠାନିକ ଉତ୍ତରଦାୟିତ୍ୱ ଏବଂ ପ୍ରଶାସନିକ ଦକ୍ଷତା ବୃଦ୍ଧି ପାଇଁ ସମସ୍ତ ୟୁଏଲ୍‌ବି କର୍ମଚାରୀଙ୍କ ନିମନ୍ତେ ଏକ ଡିଜିଟାଲ୍ କର୍ମଚାରୀ ଡାଟାବେସ୍ ଏବଂ ବାଧ୍ୟତାମୂଳକ ମାସିକ ପ୍ରଗତି ରିପୋର୍ଟ ବ୍ୟବସ୍ଥା ତୁରନ୍ତ କାର୍ଯ୍ୟକାରୀ କରିବାକୁ ମଧ୍ୟ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ନିଜ ପ୍ରାରମ୍ଭିକ ଅଭିଭାଷଣରେ ଓଡ଼ିଶାର ସହରାଞ୍ଚଳର ଭବିଷ୍ୟତ ପାଇଁ ଏକ ରୂପାନ୍ତରଣମୂଳକ ଦୂରଦୃଷ୍ଟି ଉପସ୍ଥାପନ କରିବା ସହ ଉତ୍ତରଦାୟୀ, ସ୍ୱଚ୍ଛ, ଜବାବଦେହିତା ଏବଂ ନାଗରିକ-କେନ୍ଦ୍ରିକ ଶାସନ ଉପରେ ବଳ ଦେଇଥିଲେ। ଓଡ଼ିଶାର ଦୀର୍ଘକାଳୀନ ବିକାଶ ଆଭିମୁଖ୍ୟ ସହ ସାମଞ୍ଜସ୍ୟ ରଖି ଏକ ସମନ୍ୱିତ ସହରୀ ବିକାଶ ଢାଞ୍ଚା ଅଧୀନରେ ପରିମଳ, ବର୍ଜ୍ୟବସ୍ତୁ ପରିଚାଳନା, ଗୃହନିର୍ମାଣ, ଜଳ ଯୋଗାଣ, ସବୁଜ ଭିତ୍ତିଭୂମି ଏବଂ ସ୍ମାର୍ଟ ସିଟି କାର୍ଯ୍ୟକ୍ରମଗୁଡ଼ିକର ସମନ୍ୱୟ ରକ୍ଷା କରିବା ପାଇଁ ସେ ଆହ୍ୱାନ ଦେଇଥିଲେ।

ଭାରତ ସରକାରଙ୍କ ୧ ଲକ୍ଷ କୋଟି ଟଙ୍କାର ବ୍ୟୟବରାଦ ବିଶିଷ୍ଟ 'ଅର୍ବାନ ଚ୍ୟାଲେଞ୍ଜ ଫଣ୍ଡ' ଅଧୀନରେ ଥିବା ନୂତନ ସୁଯୋଗଗୁଡ଼ିକ ସମ୍ପର୍କରେ ସୂଚନା ଦେଇ ସେ କହିଥିଲେ ଯେ, ପ୍ରତିଯୋଗିତାମୂଳକ ପାଣ୍ଠି ସହାୟତା ପାଇବା ପାଇଁ ୟୁଏଲ୍‌ବିଗୁଡ଼ିକ ପ୍ରକଳ୍ପ ପ୍ରସ୍ତୁତି, ଅଭିନବ ଚିନ୍ତାଧାରା ଏବଂ ପ୍ରାତିଷ୍ଠାନିକ ଦକ୍ଷତା ବୃଦ୍ଧି କରନ୍ତୁ। ଭିତ୍ତିଭୂମି ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ସେ ଆନୁଷ୍ଠାନିକ ଅର୍ଥ ପ୍ରଦାନ ବ୍ୟବସ୍ଥା, ସରକାରୀ-ବେସରକାରୀ ସହଭାଗିତା ମଡେଲ ଏବଂ କ୍ରେଡିଟ୍-ଲିଙ୍କ୍ଡ଼ ଅର୍ଥାୟନ ପ୍ରକ୍ରିୟାର ଉପଯୋଗ କରିବାକୁ ପରାମର୍ଶ ଦେଇଛନ୍ତି।

ଯୋଜନାବଦ୍ଧ ସହରୀ ସମ୍ପ୍ରସାରଣ ଏବଂ ଦ୍ରୁତ ସହରୀକରଣ ହେଉଥିବା ଅଞ୍ଚଳଗୁଡ଼ିକର ସନ୍ତୁଳିତ ବିକାଶ ଉପରେ ଆଧାରିତ 'ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା'ଏବଂ 'ଗ୍ରାମୀଣ-ସହରୀ ରୂପାନ୍ତରଣ ନୀତି' ସମ୍ପର୍କରେ ଅତିରିକ୍ତ ସଚିବ ରବୀନ୍ଦ୍ର କୁମାର ସାହୁ ଏକ ଉପସ୍ଥାପନା କରିଥିଲେ। ଆର୍ଥିକ ପରିଚାଳନା ସହିତ କେନ୍ଦ୍ରୀୟ ଅର୍ଥ କମିଶନ ଏବଂ ରାଜ୍ୟ ଅର୍ଥ କମିଶନର ମାର୍ଗଦର୍ଶିକା ସମ୍ପର୍କରେ ଅର୍ଥ ପରାମର୍ଶଦାତା-ତଥା- ସ୍ୱତନ୍ତ୍ର ସଚିବ ଶିଖା ବିଶ୍ୱାଳ ଆଲୋଚନା କରିଥିଲେ। ମଧ୍ୟାହ୍ନ ଭୋଜନ ପରବର୍ତ୍ତୀ ଅଧିବେଶନରେ 'ସହଯୋଗ' ଅଭିଯାନ ଏବଂ ବୈଜ୍ଞାନିକ ପଦ୍ଧତିରେ ବର୍ଜ୍ୟବସ୍ତୁ ପରିଚାଳନା ତଥା ସମ୍ପଦର ପୁନରୁଦ୍ଧାର ପାଇଁ 'ୱେଷ୍ଟ ଟୁ ୱେଲଥ୍' ରଣନୀତି ଉପରେ ଆଲୋଚନା କରାଯାଇଥିଲା। ସ୍ୱଚ୍ଛ ସହର ଗଠନ ପାଇଁ ଗୋଷ୍ଠୀଗତ ସହଭାଗିତା, ଆଚରଣଗତ ପରିବର୍ତ୍ତନ ଏବଂ ସ୍ଥାୟୀ ବର୍ଜ୍ୟବସ୍ତୁ ପ୍ରକ୍ରିୟାକରଣ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଥିଲା। କଠିନ ବର୍ଜ୍ୟବସ୍ତୁ ପରିଚାଳନା, ତରଳ ବର୍ଜ୍ୟବସ୍ତୁ ପରିଚାଳନା ଏବଂ 'ଗରିମା' ଯୋଜନା ସମେତ ସହରୀ ପରିମଳ କାର୍ଯ୍ୟକ୍ରମଗୁଡ଼ିକର ବ୍ୟାପକ ସମୀକ୍ଷା କରାଯାଇଥିଲା। ପରିମଳ ମାନଦଣ୍ଡ ବଜାୟ ରଖିବାରେ ୟୁଏଲ୍‌ବିଗୁଡ଼ିକର ପ୍ରଦର୍ଶନର ଆକଳନ କରାଯିବା ସହ ବର୍ଜ୍ୟବସ୍ତୁ ପୃଥକୀକରଣ, ବୈଜ୍ଞାନିକ ପଦ୍ଧତିରେ ଏହାର ନିଷ୍ପାଦନ ଏବଂ ପରିମଳ କର୍ମଚାରୀଙ୍କ କଲ୍ୟାଣମୂଳକ ସହାୟତା ପାଇଁ ଆବଶ୍ୟକ ପଦକ୍ଷେପ ଉପରେ ଆଲୋଚନା କରାଯାଇଥିଲା। ପିଏମ୍‌ଏୱାଇ (ସହରାଞ୍ଚଳ) ଏବଂ ପିଏମ୍‌ଏୱାଇ (ସହରାଞ୍ଚଳ) ୨.୦ ଅଧୀନରେ ସହରୀ ଗୃହନିର୍ମାଣ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା, ଯେଉଁଥିରେ ସହରୀ ଗରିବ ଲୋକଙ୍କ ପାଇଁ ସୁଲଭ ମୂଲ୍ୟର ଗୃହ ନିର୍ମାଣ ପ୍ରକଳ୍ପ ଏବଂ ହିତାଧିକାରୀଙ୍କୁ ସାମିଲ କରିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସମ୍ମିଳନୀର ସମାପ୍ତ କରି ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ପାଢ଼ୀ ସମସ୍ତ ୟୁଏଲ୍‌ବି ଗୁଡ଼ିକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରକଳ୍ପ ସମାପ୍ତ କରିବା, ଫ୍ଲାଗସିପ୍ ଯୋଜନାଗୁଡ଼ିକର ନିୟମିତ ଅନୁଧ୍ୟାନ, ଅଭିନବ ପ୍ରୟାସ ଏବଂ ପ୍ରଯୁକ୍ତିବିଦ୍ୟା-ଆଧାରିତ ଶାସନ ପ୍ରଣାଳୀ ଆପଣେଇ ଓଡ଼ିଶାରେ ସ୍ଥାୟୀ, ସହନଶୀଳ ଏବଂ ସମାବେଶୀ ସହରୀ ବିକାଶ ହାସଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ସାମୁଦାୟିକ ବିକାଶ ପ୍ରକଳ୍ପ ପାଇଁ ଏମ୍‌ସିଏଲ୍ ସ୍ୱାକ୍ଷର କଲା ୩.୯୩ କୋଟି ଟଙ୍କାର ଏମ୍‌ଓୟୁ




**ଭୁବନେଶ୍ୱର,ସମ୍ବଲପୁର,୨୯।୫/ଏନ୍‌ଏନ୍‌ଏସ୍:** ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ ନିଜର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଅଧୀନରେ ଅନୁଗୁଳ ଜିଲ୍ଲାରେ ବିଭିନ୍ନ ସାମୁଦାୟିକ ବିକାଶ ଏବଂ ଭିତ୍ତିଭୂମି ପ୍ରକଳ୍ପର ରୂପାୟନ ପାଇଁ ଜିଲ୍ଲା ପ୍ରଶାସନ ସହ ୩ଟି ବୁଝାମଣା ପତ୍ର ସ୍ୱାକ୍ଷର କରିଛି। ଏହି ସମସ୍ତ ଯୋଜନାର ମୂଳ ଉଦ୍ଦେଶ୍ୟ ହେଉଛି ଅନୁଗୁଳ ଜିଲ୍ଲାର ସ୍ଥାନୀୟ ଜନସାଧାରଣଙ୍କ ପାଇଁ ସ୍ଥାୟୀ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବା, ନାଗରିକ ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଯୋଗାଯୋଗ ବ୍ୟବସ୍ଥାରେ ସୁଧାର ଆଣିବା। ପ୍ରଥମ ବୁଝାମଣା ପତ୍ର ଅନୁଯାୟୀ, ଅନୁଗୁଳ ଜିଲ୍ଲାର ତାଇଁସି, ବାନ୍ତାଳ ଏବଂ ବାଗେଡିଆ ଗ୍ରାମରେ ଉପଯୁକ୍ତ ସୁଗନ୍ଧିତ ଫସଲ କ୍ଲଷ୍ଟର ଗଠନ ପାଇଁ ଏମସିଏଲ୍ ୩୧.୫୬ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବ। ଏହାଦ୍ୱାରା କୃଷକ ଉତ୍ପାଦକ ସଂଗଠନ ଅଧୀନରେ ପଞ୍ଜୀକୃତ ହୋଇଥିବା ପ୍ରାୟ ୨,୨୦୦ ଚାଷୀ ଉପକୃତ ହେବେ। ଏହି ପ୍ରକଳ୍ପରେ ସୁଗନ୍ଧିତ ଫସଲ ଚାଷକୁ ପ୍ରୋତ୍ସାହନ, ଅର୍କ ବା ପାତନ ୟୁନିଟ୍ ପ୍ରତିଷ୍ଠା, ଦକ୍ଷତା ବିକାଶ, ମହିଳାମାନଙ୍କ ନେତୃତ୍ୱରେ ଜୀବିକା ନିର୍ବାହ କାର୍ଯ୍ୟକ୍ରମ ଏବଂ ସ୍ଥାୟୀ କୃଷି ପ୍ରଣାଳୀର ଗ୍ରହଣ ଆଦି ସାମିଲ ରହିଛି। ଅନ୍ୟ ଦୁଇଟି ବୁଝାମଣା ପତ୍ର ଜିଲ୍ଲାର ନାଗରିକ ଭିତ୍ତିଭୂମିର ଉନ୍ନତି ପାଇଁ କରାଯାଇଥିବା ବେଳେ ଏମସିଏଲ୍ ଅନୁଗୁଳର ଧଉରାଗଠ ଗ୍ରାମରେ ରାସ୍ତା ନିର୍ମାଣ ଏବଂ କ୍ରସ୍-ଡ୍ରେନେଜ୍ କାର୍ଯ୍ୟ ପାଇଁ ୨.୬୧ କୋଟି ଟଙ୍କା ପ୍ରଦାନ କରିବ, ଯାହାଦ୍ୱାରା ସାମାଜିକ ସ୍ତରରେ ପଛୁଆ ବର୍ଗର ୧୦୯ଟି ପୁନର୍ବାସିତ ପରିବାର ଉତ୍ତମ ଯୋଗାଯୋଗ ଏବଂ ନାଗରିକ ସୁବିଧା ପାଇ ଉପକୃତ ହୋଇପାରିବେ। ସେହିଭଳି ତାଳଚେର ପୌରାଞ୍ଚଳ ଅଧୀନରେ ଡ୍ରେନେଜ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ସାର୍ବଜନୀନ ଭିତ୍ତିଭୂମିର ଉନ୍ନତି ପାଇଁ ୬ଟିବିକାଶମୂଳକ ପ୍ରକଳ୍ପର କାର୍ଯ୍ୟକାରିତା ଲାଗି ଏମ୍‌ସିଏଲ୍ ନିଜ ସିଏସ୍‌ଆର୍ ପାଣ୍ଠିରୁ ୧ କୋଟି ଟଙ୍କା ପ୍ରଦାନ କରିବ। ଏହିସବୁ ବିକାଶମୂଳକ ପଦକ୍ଷେପ ଯୋଗୁଁ ଆଞ୍ଚଳିକ ସ୍ତରରେ ନାଗରିକ ସୁବିଧା ସୁଯୋଗ, ଯୋଗାଯୋଗ, ପରିମଳ ଏବଂ ଜଳ ନିଷ୍କାସନ ଭିତ୍ତିଭୂମିରେ ବ୍ୟାପକ ସୁଧାର ଆସିବ, ଯାହା ସ୍ଥାନୀୟ ଲୋକଙ୍କ ଜୀବନଧାରଣର ମାନକୁ ଉନ୍ନତ କରିବ।

## ଭିଡ଼ ନିୟନ୍ତ୍ରଣ ପାଇଁ ବିଭିନ୍ନ ଟ୍ରେନ୍‌ରେ ଅସ୍ଥାୟୀ ଭାବେ ବୃଦ୍ଧି ହେବ ଅତିରିକ୍ତ କୋଚ୍

**ଭୁବନେଶ୍ୱର,୨୯।୫/ଏନ୍‌ଏନ୍‌ଏସ୍:** ଗ୍ରୀଷ୍ମଋତୁରେ ଯାତ୍ରୀମାନଙ୍କ ଅତିରିକ୍ତ ଭିଡ଼କୁ ନିୟନ୍ତ୍ରଣ କରିବା ଏବଂ ଗମନାଗମନକୁ ଅଧିକ ସହଜ ଓ ଆରାମଦାୟକ କରିବା ପାଇଁ ଭାରତୀୟ ରେଳପଥ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଆଗାମୀ ଦିନରେ ବଢୁଥିବା ଚାହିଦାକୁ ଦୃଷ୍ଟିରେ ରଖି କେତେକ ପ୍ରମୁଖ ଦ୍ରୁତଗାମୀ ରେଳଗାଡ଼ିରେ ଅସ୍ଥାୟୀ ଭାବେ ଅତିରିକ୍ତ ଶୟନ କକ୍ଷ ସଂଯୋଗ କରାଯିବା ନେଇ ରେଳ ବିଭାଗ ଘୋଷଣା କରିଛି।

ଏହି ନିଷ୍ପତ୍ତି ଅନୁଯାୟୀ, ଟ୍ରେନ ନମ୍ବର ୨୦୮୧୭ ଭୁବନେଶ୍ୱର-ନୂଆଦିଲ୍ଲୀ ତେଜସ୍ ରାଜଧାନୀ ଏକ୍ସପ୍ରେସ୍‌ରେ ୩୦ ମେ ୨୦୨୬ ତାରିଖରେ ଗୋଟିଏ ଅତିରିକ୍ତ ଏସି ୩-ଟାୟାର କୋଚ୍ ବୃଦ୍ଧି କରାଯିବ। ସେହିପରି ଟ୍ରେନ ନମ୍ବର ୨୦୮୧୮ ନୂଆଦିଲ୍ଲୀ-ଭୁବନେଶ୍ୱର ତେଜସ୍ ରାଜଧାନୀ ଏକ୍ସପ୍ରେସ୍ ୩୧ ମେ ୨୦୨୬ ତାରିଖରେ ଗୋଟିଏ ଅତିରିକ୍ତ ଏସି ୩-ଟାୟାର କୋଚ୍ ସହିତ ଚାଲିବ। ଟ୍ରେନ ନମ୍ବର ୧୨୮୩୭ ହାଓଡ଼ା–ପୁରୀ ସୁପର ଫାଷ୍ଟ ଏକ୍ସପ୍ରେସ୍‌ରେ ୩୦ ମେରୁ ୫ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଗୋଟିଏ ଅତିରିକ୍ତ ସ୍ଲିପର କ୍ଲାସ୍ କୋଚ୍ ବୃଦ୍ଧି କରାଯିବ। ଟ୍ରେନ ନମ୍ବର ୧୮୦୩୯ ଶାଲିମାର-ପୁରୀ ଏକ୍ସପ୍ରେସ୍ ୩୧ ମେ ୨୦୨୬ ତାରିଖରେ ଗୋଟିଏ ଅତିରିକ୍ତ ଏସି ୩-ଟାୟାର କୋଚ୍ ସହିତ ଚାଲିବ। ସେହିପରି, ଟ୍ରେନ ନମ୍ବର ୧୮୦୪୫ ଶାଲିମାର-ଚାର୍ଲାପଲ୍ଲୀ ଇଷ୍ଟକୋଷ୍ଟ ଏକ୍ସପ୍ରେସ୍‌ରେ ୩୦ ଓ ୩୧ ମେ ଏବଂ ୧, ୨, ୪ ଓ ୫ ଜୁନ୍ ୨୦୨୬ ରେ ଗୋଟିଏ ଅତିରିକ୍ତ ଏସି ୩-ଟାୟାର କୋଚ୍ ବୃଦ୍ଧି କରାଯିବ। ଏହାଛଡ଼ା, ଟ୍ରେନ ନମ୍ବର ୧୮୦୬୩ ସାନ୍ତ୍ରାଗାଛି—ୟେଲହଙ୍କା ଜଙ୍କସନ ଏସି ଏକ୍ସପ୍ରେସ୍‌ରେ ୪ ଜୁନ୍ ୨୦୨୬ ତାରିଖରେ ଗୋଟିଏ ଅତିରିକ୍ତ ଏସି ୩-ଟାୟାର କୋଚ୍ ବୃଦ୍ଧି କରାଯିବ। ଏହି ଅସ୍ଥାୟୀ କୋଚ୍ ବୃଦ୍ଧି ଫଳରେ ଗୁରୁତ୍ୱପୂର୍ଣ୍ଣ ରୁଟ୍‌ରେ ଯାତ୍ରା କରୁଥିବା ଯାତ୍ରୀମାନଙ୍କୁ ଅଧିକ ବର୍ଥ ଉପଲବ୍ଧ ହେବ।

## ମାଟ୍ରିକ ଟପ୍ପର୍ ଏବଂ ଅଭିଭାବକଙ୍କୁ ସମ୍ବର୍ଦ୍ଧିତ କଲେ ରାଜ୍ୟପାଳ




**ଭୁବନେଶ୍ୱର,୨୯।୫/ଏନ୍‌ଏନ୍‌ଏସ୍:** ଜୀବନରେ ସଫଳତା ହାସଲ କରିବା ପାଇଁ ମୂଲ୍ୟବୋଧ, କରୁଣା ଏବଂ ସାଧୁତା ବଜାୟ ରଖିବାକୁ ମାଟ୍ରିକ ଟପ୍ପର ମାନଙ୍କୁ ରାଜ୍ୟପାଳ ଡ଼. ହରି ବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି। ପ୍ରକୃତ ସଫଳତା କେବଳ ଶିକ୍ଷାଗତ ଉତ୍କର୍ଷତାରେ ନୁହେଁ ବରଂ ସମାଜ ଏବଂ ମାନବ ସେବାରେ ରହିଛି ବୋଲି ମଧ୍ୟ କହିଛନ୍ତି। ଶୁକ୍ରବାର ଦିନ ଲୋକଭବନର ନ୍ୟୁ ଅଭିଷେକ ହଲରେ ମାଧ୍ୟମିକ ଶିକ୍ଷା ବୋର୍ଡ, ସିବିଏସଇ ଏବଂ ଆଇସିଏସଇ ଦ୍ୱାରା ପରିଚାଳିତ ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷା-୨୦୨୬ରେ ରାଜ୍ୟରେ ଟପ୍ପର ହୋଇଥିବା ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକମାନଙ୍କ ନିମନ୍ତେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ରାଜ୍ୟପାଳ ଏହା କହିଛନ୍ତି। ଏହି ଅବସରରେ ରାଜ୍ୟର ପ୍ରଥମ ମହିଳା ଡ଼. ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ କୃତୀ ପ୍ରତିଭାବାନ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ଶ୍ରେଣୀଗୃହ ବାହାରେ ଥିବା ଦୁନିଆ ସୁଯୋଗ, ଦାୟିତ୍ୱ ଏବଂ ଆହ୍ୱାନରେ ପରିପୂର୍ଣ୍ଣ, ଯାହା ଜଣେ ବ୍ୟକ୍ତିର ଚରିତ୍ରକୁ ପରୀକ୍ଷା କରିଥାଏ। ଏହି ଅବସରରେ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକମାନେ ମଧ୍ୟ ସେମାନଙ୍କର ଅଭିଜ୍ଞତା ବାଣ୍ଟିଥିଲେ। ପ୍ରାରମ୍ଭରେ ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ଡ଼. ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## ଓଡ଼ିଶାର ଗର୍ବ ପାୟଲ ନାଗ: ବିଶ୍ୱ ମଞ୍ଚରେ ସଫଳତା ପାଇଁ ସମ୍ବର୍ଦ୍ଧିତ

**ଭୁବନେଶ୍ୱର,୨୯।୫/ଏନ୍‌ଏନ୍‌ଏସ୍:** ବ୍ୟାଙ୍କକ୍‌ଠାରେ ଅନୁଷ୍ଠିତ ବିଶ୍ୱ ପାରା ତୀରନ୍ଦାଜି ସିରିଜ୍ ୨୦୨୬ରେ ଓଡ଼ିଶାର ପାରା ତୀରନ୍ଦାଜ ପାୟଲ ନାଗ ଦୁଇଟି ସ୍ୱର୍ଣ୍ଣ ପଦକ ଜିତିବା ସହ ଆଗାମୀ ଏସୀୟ ପାରା ଗେମ୍ସ ୨୦୨୬ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି ଅସାଧାରଣ ସଫଳତା ପାଇଁ ଆଜି ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଛି। ସମ୍ବର୍ଦ୍ଧନା ଉତ୍ସବରେ ପାୟଲଙ୍କୁ ପ୍ରୋତ୍ସାହନ ସ୍ୱରୂପ ୫,୪୬,୬୬୬ ଟଙ୍କା ଏବଂ କ୍ରୀଡ଼ା ସରଞ୍ଜାମ କିଣିବା ପାଇଁ ଅତିରିକ୍ତ ୩,୨୩,୧୦୦ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପାୟଲଙ୍କୁ ପ୍ରଶଂସା କରି କହିଥିଲେ ଯେ 'ପାୟଲଙ୍କ ସଫଳତା ଠାରୁ ତାଙ୍କର ସଂଘର୍ଷ ଓ ଇଚ୍ଛାଶକ୍ତି ଢେର ଅଧିକ। ସମସ୍ତ ପ୍ରତିକୂଳ ପରିସ୍ଥିତି ଆଗରେ ତାଙ୍କର ଦୃଢ଼ ମନୋବଳ ଆଜିର ଯୁବପିଢ଼ି ପାଇଁ ସବୁଠାରୁ ବଡ଼ ପ୍ରେରଣା। ପାରା ତୀରନ୍ଦାଜ ପାୟଲ ନାଗ ଖୁସି ହୋଇ ଓଡିଶା ସରକାରଙ୍କୁ ଧନ୍ୟବାଦ ଜଣାଇ କହିଥିଲେ ଯେ 'ଏକ ଭୟଙ୍କର ଦୁର୍ଘଟଣା ପରେ ସମାଜ ମତେ ଅଲୋଡ଼ା ଭାବିଥିଲା, କିନ୍ତୁ ସେହି ଅନ୍ଧକାର ସମୟରେ ମୋ ମା'ଙ୍କ ବିଶ୍ୱାସ ମୋର ସବୁଠାରୁ ବଡ଼ ସାହସ ସାଜିଥିଲା। ସରକାର ଓ ମନ୍ତ୍ରୀଙ୍କ ଠାରୁ ମିଳିଥିବା ଏହି ପ୍ରୋତ୍ସାହନ ମତେ ଦେଶ ପାଇଁ ଆହୁରି କଠିନ ପରିଶ୍ରମ କରିବାକୁ ପ୍ରେରଣା ଦେଉଛି। ଏହି ଅବସରରେ କ୍ରୀଡ଼ା ବିଭାଗର ଅତିରିକ୍ତ ଶାସନ ସଚିବ ବିଜୟ କୁମାର ସ୍ୱାଇଁ, ଅଶୋକ କୁମାର ପଣ୍ଡା, ସୁଧାକର ନାଏକ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


# ଅପରାଧ ଓ ଅପରାଧୀଙ୍କ ବିରୋଧରେ ପୁଲିସର ସ୍ପେଶାଲ୍ ଡ୍ରାଇଭ୍

**୧୮ ଦିନରେ ୫୭୦୩ ଜଣଙ୍କ ବିରୋଧରେ ଏନ୍‌ବିଡବ୍ଲ୍ୟୁ କାର୍ଯ୍ୟକାରୀ, ୫୨୦ ଅଭିଯୁକ୍ତ ଗିରଫ**

**ଭୁବନେଶ୍ୱର,୨୯।୫/ଏନ୍‌ଏନ୍‌ଏସ୍:** ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ସମସ୍ତ ପୁଲିସ ରେଞ୍ଜ୍ ଅନ୍ତର୍ଗତ ଜିଲ୍ଲା ଏସପି ଏବଂ ପୁଲିସ କମିଶନର, ଭୁବନେଶ୍ୱର-କଟକଙ୍କ ନେତୃତ୍ୱରେ 'ସ୍ପେଶାଲ ଡ୍ରାଇଭ୍' ଅଭିଯାନ ଜାରି ରହିଛି। ବିଗତ ୧୮ ଦିନ ମଧ୍ୟରେ ଅପରାଧ ଏବଂ ଅପରାଧୀଙ୍କ ବିରୁଦ୍ଧରେ ପୁଲିସ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଅଭିଯାନରେ ମୁଖ୍ୟତଃ ଜାମିନ ବିହୀନ ୱାରେଣ୍ଟକୁ କାର୍ଯ୍ୟକାରୀ କରିବା, ଫେରାର ଅଭିଯୁକ୍ତଙ୍କୁ ଗିରଫ କରିବା, ନିଶା ଦ୍ରବ୍ୟ (ଗଞ୍ଜେଇ ଓ ବ୍ରାଉନସୁଗାର) ଚୋରା ଚାଲାଣକୁ ରୋକିବା, ବେଆଇନ ଅସ୍ତ୍ରଶସ୍ତ୍ର ଏବଂ ବେଆଇନ ଖଣିଜ ଚୋରା ଚାଲାଣରେ ସମ୍ପୃକ୍ତ ଯାନବାହନ ଜବତ କରିବା ସହ ମଦ୍ୟପାନ କରି ଗାଡି ଚାଳନା ଉପରେ କଠୋର ଚଢ଼ାଉ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ସ୍ପେଶାଲ ଅପରେସନରେ ସମସ୍ତ ରେଞ୍ଜ ପୁଲିସ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇ ଅପରାଧ ଏବଂ ଅପରାଧୀଙ୍କୁ ରୋକିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଅଭିଯାନ ସାରା ରାଜ୍ୟରେ ସଫଳତାର ସହ କାର୍ଯ୍ୟକାରୀ ହୋଇଯାଇଛି। ଏହି ୧୮ ଦିନ ମଧ୍ୟରେ ସାରା ରାଜ୍ୟରେ ୫୭୦୩ ଜଣ ବ୍ୟକ୍ତିଙ୍କ ବିରୋଧରେ ଜାମିନ ବିହୀନ ୱାରେଣ୍ଟ କାର୍ଯ୍ୟକାରୀ କରାଯାଇଛି। ଫେରାର ଥିବା ୫୨୦ ଜଣ ଅଭିଯୁକ୍ତଙ୍କୁ ଧରି କୋର୍ଟ ଚାଲାଣ କରାଯାଇଥିବା ବେଳେ ୯୫୭ ଜଣ ଅଭ୍ୟାସଗତ ଅପରାଧୀଙ୍କୁ ୧୨୯ ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନଏସଏସ୍) ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହାସହ ୧୨୬ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଅନୁଯାୟୀ ୨୬୨୦ ଜଣଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରାଯାଇଛି। ବେଆଇନ ନିଶା କାରବାର ରୋକିବା ପାଇଁ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା। ଏହି ସମୟରେ ୯୭ ଟି ଏନଡିପିଏସ୍ ମାମଲା ରୁଜୁ ହୋଇଥିବାବେଳେ ୧୩୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୭୩୯୮ କେଜି ଗଞ୍ଜେଇ, ୫୮୬ ଗ୍ରାମ ବ୍ରାଉନ୍ ସୁଗର, ୨୨୦ ଗ୍ରାମ ହେରୋଇନ ଏବଂ କଫ ସିରଫ ୨୧୯ ଲିଟର ସହିତ ୧୦୫୦ ବୋତଲ କଫ ସିରଫ ଜବତ କରାଯାଇଛି। ନିଶା କାରବାରରେ ବ୍ୟବହୃତ ୨୭ ଟି ଗାଡ଼ି, ୧୪ ଟି ମୋବାଇଲ୍ ଫୋନ୍, ୩ଟି ପିସ୍ତଲ ସହ ନଗଦ ୨ ଲକ୍ଷ ୯୨ ହଜାର ୮୮ ଟଙ୍କା ମଧ୍ୟ ଜବତ କରାଯାଇଛି। ଏହାସହ ୨୧୫୪ ଟି ଅବକାରୀ ମାମଲା ରୁଜୁ ହୋଇଛି। ଏହାସହ ସଡ଼କ ସୁରକ୍ଷା ଓ ମୋଟର ଯାନ ଏନଫୋର୍ସମେଣ୍ଟକୁ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଛି। ନିଶାସକ୍ତ ଅବସ୍ଥାରେ ଗାଡ଼ି ଚାଳନା କରୁଥିବା ୩୨୯୩ ଜଣ ଚାଳକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ଗାଡ଼ିଗୁଡ଼ିକୁ ଜବତ କରାଯାଇଛି। ଅନ୍ୟାନ୍ୟ ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନ ମାମଲାରେ ମୋଟ ୬ କୋଟି ୪୬ ଲକ୍ଷ ୭ ହଜାର ୫୬୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଗୋ-ଚାଲାଣ ରୋକିବାକୁ ପୁଲିସ ୨୯ ଟି ମାମଲା ରୁଜୁ କରିଥିବାବେଳେ ୧୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ପୁଲିସର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଫଳରେ ୧୭ ଟି ଗାଡ଼ିରୁ ୨୮୪ ଟି ଗାଈଙ୍କୁ ଉଦ୍ଧାର କରାଯାଇଛି। ଚୋରା ଖଣି କାରବାର ବିରୋଧରେ ମଧ୍ୟ ପୁଲିସ କଡ଼ା ପଦକ୍ଷେପ ନେଇ ୬୫୪ ଟି ମାମଲା ୧୬୨ ଜଣଙ୍କୁ ଗିରଫ କରିଛି। ଗତ ୧୮ ଦିନ ମଧ୍ୟରେ ୮୭୮ ଟି ହାଇୱା, ଟ୍ରକ୍, ଟ୍ରାକ୍ଟର, ଟ୍ରିପର, ପାୱାର ଟିଲର ଓ ଜେସିବି ଜବତ କରାଯାଇଛି। ବେଆଇନ ଅସ୍ତ୍ର କାରବାର ରୋକିବାକୁ ୩୧ ଟି ମାମଲା ରୁଜୁ କରାଯାଇଥିବାବେଳେ ୩୫ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ୩୯ ଟି ବନ୍ଧୁକ, ୨୯ଟି ଜୀବନ୍ତ ଗୁଳି ଜବତ କରାଯାଇଛି। ୱାରେଣ୍ଟ କାର୍ଯ୍ୟକାରୀ କରିବାରେ କେନ୍ଦ୍ରାଞ୍ଚଳ ରେଞ୍ଜ, କଟକ ସର୍ବାଗ୍ରେ ରହିଛି। ଏହି ରେଞ୍ଜରେ ୧୮ ଦିନ ମଧ୍ୟରେ ୧୫୧୯ଟି ୱାରେଣ୍ଟ କାର୍ଯ୍ୟକାରୀ କରାଯାଇଛି। ଦକ୍ଷିଣାଞ୍ଚଳ ରେଞ୍ଜ, ବ୍ରହ୍ମପୁରରେ ୮୪୯ , ପଶ୍ଚିମାଞ୍ଚଳ ରେଞ୍ଜ, ରାଉରକେଲାରେ ୩୨୯ , ପୂର୍ବାଞ୍ଚଳ ରେଞ୍ଜ, ବାଲେଶ୍ୱରରେ ୭୪୫ ଟି, ଉତ୍ତର-କେନ୍ଦ୍ରାଞ୍ଚଳ ରେଞ୍ଜ, ତାଳଚେରରେ ୬୮୩ଟି, ଉତ୍ତରାଞ୍ଚଳ ରେଞ୍ଜ, ସମ୍ବଲପୁରରେ ୪୪୩ , ଦକ୍ଷିଣ-ପଶ୍ଚିମାଞ୍ଚଳ ରେଞ୍ଜ, କୋରାପୁଟରେ ୫୫୩ ଟି ଏବଂ କମିଶନରେଟ୍ ପୁଲିସ ଅଞ୍ଚଳରେ ୫୮୨ ଟି ୱାରେଣ୍ଟ କାର୍ଯ୍ୟକାରୀ କରାଯାଇଛି। ନିଶା ବିରୋଧୀ ଅଭିଯାନରେ ଦକ୍ଷିଣ-ପଶ୍ଚିମାଞ୍ଚଳ ରେଞ୍ଜ, କୋରାପୁଟ ସର୍ବାଧିକ ୩୧୭୧ କେଜି ଗଞ୍ଜେଇ ଜବତ କରିଛି। ଦକ୍ଷିଣାଞ୍ଚଳ ରେଞ୍ଜରୁ ୨୮୬୨ କେଜି, କେନ୍ଦ୍ରାଞ୍ଚଳ ରେଞ୍ଜରୁ ୩୮୪ କେଜି, ଉତ୍ତରାଞ୍ଚଳ ରେଞ୍ଜରୁ ୯୬୩ କେଜି ଏବଂ ପଶ୍ଚିମାଞ୍ଚଳ ରେଞ୍ଜରୁ ୧୫୧ କେଜି ଗଞ୍ଜେଇ ଜବତ ହୋଇଛି। ସଡ଼କ ସୁରକ୍ଷା ନିୟମ ଉଲ୍ଲଂଘନ ବିରୋଧରେ ପଶ୍ଚିମାଞ୍ଚଳ ରେଞ୍ଜ ରାଉରକେଲା ସର୍ବାଧିକ ୧ କୋଟି ୭୮ ଲକ୍ଷ ୯୪ ହଜାର ୪୬୦ ଟଙ୍କା ଜରିମାନା ଆଦାୟ କରିଛି। କେନ୍ଦ୍ରାଞ୍ଚଳ ରେଞ୍ଜ କଟକରୁ ୧ କୋଟି ୪୧ ଲକ୍ଷ ୫୦ ହଜାର ୯୦୦ ଟଙ୍କା, ପୂର୍ବାଞ୍ଚଳ ରେଞ୍ଜ ବାଲେଶ୍ୱରରୁ ୯୨ ଲକ୍ଷ ୩୭ ହଜାର ଟଙ୍କା , ଉତ୍ତରାଞ୍ଚଳ ରେଞ୍ଜ ସମ୍ବଲପୁରରୁ ୭୪ ଲକ୍ଷ ୮୭ ହଜାର ୯୦୦ଟଙ୍କା, ଉତ୍ତର-କେନ୍ଦ୍ରାଞ୍ଚଳ ରେଞ୍ଜ ତାଳଚେରରୁ ୬୯ ଲକ୍ଷ ୬୩ ହଜାର ଟଙ୍କା, ଦକ୍ଷିଣ-ପଶ୍ଚିମାଞ୍ଚଳ ରେଞ୍ଜ କୋରାପୁଟରୁ ୫୧ ଲକ୍ଷ ୫୪ ହଜାର ଟଙ୍କା, ଦକ୍ଷିଣାଞ୍ଚଳ ରେଞ୍ଜ ବ୍ରହ୍ମପୁରରୁ ୩୪ ଲକ୍ଷ ୬୦ ହଜାର ୩୦୦ ଟଙ୍କା ଜରିମାନା ଆଦାୟ ହୋଇଛି। ଖଣି ମାଫିଆଙ୍କ ବିରୋଧରେ କେନ୍ଦ୍ରାଞ୍ଚଳ ରେଞ୍ଜ କଟକରେ ୧୬୫ ଟି ମାମଲା ରୁଜୁ କରାଯାଇ ୪୨ ଜଣଙ୍କୁ ଗିରଫ ଏବଂ ପୂର୍ବାଞ୍ଚଳ ରେଞ୍ଜ ବାଲେଶ୍ୱରରେ ୧୦୫ଟି ମାମଲା ରୁଜୁ କରାଯାଇ ୩୧ ଜଣଙ୍କୁ ଗିରଫ କରିଥିବା ବେଳେ ଉତ୍ତର-କେନ୍ଦ୍ରାଞ୍ଚଳ ରେଞ୍ଜ, ତାଳଚେରରେ ୮୫ ଟି ମାମଲା ରୁଜୁ କରାଯାଇ ୨୨ ଜଣଙ୍କୁ ଗିରଫ କରାଯାଇଛି। ପଶ୍ଚିମାଞ୍ଚଳ ରେଞ୍ଜ, ରାଉରକେଲା ପୁଲିସ ୯୩ ଟି ମାମଲା ରୁଜୁ କରିଥିବା ବେଳେ ୭୭ ଜଣ ନାମରେ ନୋଟିସ ଜାରି କରିଛି। ସେହିପରି ଦକ୍ଷିଣାଞ୍ଚଳ ରେଞ୍ଜ ପୁଲିସ ୨୦ ଟି ବେଆଇନ ଅସ୍ତ୍ରଶସ୍ତ୍ର ଜବତ କରିଥିବାବେଳେ ଉତ୍ତରାଞ୍ଚଳ ରେଞ୍ଜ ପୁଲିସ ୯ ଟି ପିସ୍ତଲ ଓ ୨୯ ଟି ଜୀବନ୍ତ ଗୁଳି ଜବତ କରିଛି। ଉତ୍ତର-କେନ୍ଦ୍ରାଞ୍ଚଳ ରେ ପୁଲିସ ମଧ୍ୟ ୫ ଟି ଦେଶୀ ବନ୍ଧୁକ ଓ ଗୋଟିଏ ପିସ୍ତଲ ଜବତ କରିଛି। ସାଧାରଣ ଲୋକଙ୍କୁ ସେବା ଓ ସୁରକ୍ଷା ଯୋଗାଇ ଦେବାକୁ ଓଡିଶା ପୁଲିସ ସଦାସର୍ବଦା ପ୍ରତିଶ୍ରୁତିବଦ୍ଧ। ଆଗାମୀ ଦିନରେ ମଧ୍ୟ ଅପରାଧ ଏବଂ ଅପରାଧୀମାନଙ୍କ ବିରୁଦ୍ଧରେ ଏହିପରି ସ୍ପେଶାଲ ଏନଫୋର୍ସମେଣ୍ଟ ଅଭିଯାନ ଜାରି ରହିବ ଏବଂ ବେଆଇନ ମାଫିଆଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିଜିପି ଯୋଗେଶ ବାହାଦୁର ଖୁରାନିଆ ସୂଚନା ଦେଇଛନ୍ତି।

## ଦୁଇ କୋଟି ଟଙ୍କାର ଜୀବନ ବୀମା, ୨୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ଦାବି

**ଭୁବନେଶ୍ୱର,୨୯।୫/ଏନ୍‌ଏନ୍‌ଏସ୍:** ଓଡ଼ିଶା ସରକାରୀ କର୍ମଚାରୀ ମିଳିତ ସଂଘ ପକ୍ଷରୁ ରାଜ୍ୟର ସମସ୍ତ ସରକାରୀ କର୍ମଚାରୀ, ଚୁକ୍ତିଭିତ୍ତିକ କର୍ମଚାରୀ, ଆଉଟସୋର୍ସିଂ କର୍ମଚାରୀ, ୱାର୍କଚାର୍ଜ୍ଡ, ଦୈନିକ ମଜୁରୀଭୋଗୀ ଏବଂ ସରକାରୀ ବ୍ୟବସ୍ଥା ସହିତ ସମ୍ପୃକ୍ତ ଅସଂଗଠିତ ଶ୍ରମିକମାନଙ୍କ ପାଇଁ ନିଃଶୁଳ୍କ ସମନ୍ୱିତ ଜୀବନ ବୀମା ଓ ସ୍ୱାସ୍ଥ୍ୟ ବୀମା ଯୋଜନା ପ୍ରଚଳନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରାଯାଇଛି। ରାଜ୍ୟର ବିକାଶ, ପ୍ରଶାସନିକ ସେବା ଏବଂ ଜନକଲ୍ୟାଣମୂଳକ କାର୍ଯ୍ୟ ସଫଳ ଭାବେ ପରିଚାଳନାରେ ସରକାରୀ କର୍ମଚାରୀ ଓ କର୍ମୀମାନଙ୍କ ଭୂମିକା ଅପରିହାର୍ଯ୍ୟ। ବିଶେଷକରି ସ୍ୱାସ୍ଥ୍ୟ ସେବା, ବିପର୍ଯ୍ୟୟ ପରିଚାଳନା, ବନ ସୁରକ୍ଷା, ବିଦ୍ୟୁତ, ପରିବହନ, ପରିମଳ, ଖାଦ୍ୟ ଯୋଗାଣ ଏବଂ କ୍ଷେତ୍ରସ୍ତରୀୟ ପ୍ରଶାସନିକ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନେ ଦିନରାତି ଜନସେବା କରୁଛନ୍ତି। କିନ୍ତୁ ବର୍ତ୍ତମାନ ସମୟରେ ଅକାଳ ମୃତ୍ୟୁ, ଦୁର୍ଘଟଣା, ଗୁରୁତର ରୋଗ, କାର୍ଯ୍ୟକ୍ଷେତ୍ର ଜନିତ ବିପଦ ଓ ବଢୁଥିବା ଚିକିତ୍ସା ଖର୍ଚ୍ଚ କର୍ମଚାରୀ ଓ ସେମାନଙ୍କ ପରିବାର ପାଇଁ ଚିନ୍ତାର ବିଷୟ ପାଲଟିଛି। ଏହି ପରିପ୍ରେକ୍ଷୀରେ ଓଡିଶା ସରକାରୀ କର୍ମଚାରୀ ମିଳିତ ସଂଘ ରାଜ୍ୟ ସରକାରଙ୍କୁ କେତେ ଦାବି ଉପସ୍ଥାପନ କରିଛି। ଏଥିରେ ରହିଛି ସମସ୍ତ କର୍ମଚାରୀଙ୍କ ପାଇଁ ଦୁଇ କୋଟି ଟଙ୍କାର ଗ୍ରୁପ୍ ଟର୍ମ ଇନ୍ସ୍ୟୁରାନ୍ସ କଭରେଜ୍, ସହ ସମସ୍ତ କର୍ମଚାରୀ ଓ ସେମାନଙ୍କ ପରିବାର ପାଇଁ ୨୫ ଲକ୍ଷ ଟଙ୍କାର କ୍ୟାସ୍‌ଲେସ୍ ସ୍ୱାସ୍ଥ୍ୟ ବୀମା ପ୍ରଭୃତି। କର୍ମଚାରୀ ଓ ଶ୍ରମିକଙ୍କ କଲ୍ୟାଣ ପାଇଁ ସ୍ୱତନ୍ତ୍ର ୱେଲଫେୟାର ଫଣ୍ଡ ଗଠନ କରାଯାଉ ବୋଲି ଦାବି ଉପସ୍ଥାପନ ହୋଇଛି। ସଂଘର ଅଧ୍ୟକ୍ଷ ପ୍ରଯନ୍ ବରାଳ କହିଛନ୍ତି ଯେ, କର୍ମଚାରୀଙ୍କ ସାମାଜିକ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ନିଶ୍ଚିତ ହେଲେ ପ୍ରଶାସନିକ ଦକ୍ଷତା ବୃଦ୍ଧି ପାଇବା ସହ ଜନସେବା ଅଧିକ ସୁଦୃଢ଼ ହେବ। ଦେଶର ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ର ସରକାରୀ ସଂସ୍ଥାଗୁଡ଼ିକରେ ଏପରି କର୍ମଚାରୀ ସୁରକ୍ଷା ବ୍ୟବସ୍ଥା ସଫଳତାର ସହିତ କାର୍ଯ୍ୟକାରୀ ହୋଇଥିବାରୁ ଓଡ଼ିଶାରେ ମଧ୍ୟ ଏହାକୁ ପ୍ରଚଳନ କରିବା ସମୟୋପଯୋଗୀ ପଦକ୍ଷେପ ହେବ।ଓଡିଶା ସରକାରୀ କର୍ମଚାରୀ ମିଳିତ ସଂଘ ତରଫରୁ ରାଜ୍ୟ ସରକାରଙ୍କୁ ଏହି ଜନହିତକର ପ୍ରସ୍ତାବ ଉପରେ ସହାନୁଭୂତିପୂର୍ଣ୍ଣ ବିଚାର କରି ଶୀଘ୍ର କାର୍ଯ୍ୟକାରୀ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ସେହିପରି ଚୁକ୍ତିଭିତ୍ତିକ, ଆଉଟସୋର୍ସିଂ, ୱାର୍କଚାର୍ଜ୍ଡ, ଦୈନିକ ମଜୁରୀଭୋଗୀ ଏବଂ ଅସଂଗଠିତ କର୍ମୀମାନଙ୍କୁ ମଧ୍ୟ ଏହି ଯୋଜନାରେ ସାମିଲ କରାଯାଉ, ବିପଦପୂର୍ଣ୍ଣ ଓ କ୍ଷେତ୍ରସ୍ତରୀୟ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ରିସ୍କ ଇନ୍ସୁରାନ୍ସ ପ୍ୟାକେଜ୍, ଗୁରୁତର ରୋଗ, ଜରୁରୀକାଳୀନ ଚିକିତ୍ସା, ଅପରେସନ୍, ମାତୃତ୍ୱ ସେବା ଓ ଦୀର୍ଘକାଳୀନ ରୋଗକୁ ଅନ୍ତର୍ଭୁକ୍ତ କରାଯାଉ, ପେନସନଭୋଗୀ, ନିର୍ଭରଶୀଳ ପିତା-ମାତା ଏବଂ ଶ୍ୱଶୁର-ଶାଶୁଙ୍କୁ ମଧ୍ୟ ସ୍ୱାସ୍ଥ୍ୟ ସୁରକ୍ଷା ଅଧୀନକୁ ଅଣାଯାଉ ବୋଲି ଦାବି ହୋଇଛି।




ଧଉଳି ନିକଟସ୍ଥ ଦୟାନଦୀ କୂଳରେ ଅବସ୍ଥିତ ଡ଼ ସୁବଳ ମହାରଣାଙ୍କ ଦ୍ୱାରା ନିର୍ମିତ ହୋଇଥିବା ଭଗବାନ ବୁଦ୍ଧଙ୍କର ୧୪୦ ଫୁଟର ବିଶାଳକାୟ ବାଲୁକା କଳା

ଦୁର୍ବଳ ଲୋକମାନେ କେବେ ବି କ୍ଷମା ମାଗନ୍ତି ନାହିଁ। ସେହିପରି କ୍ଷମା କରିବା ଶକ୍ତିଶାଳୀ ଲୋକର ବିଶେଷ ଗୁଣ। - ଗାନ୍ଧୀ ବାଣୀ



ନିତିଦିନ NITIDIN

## ଖରା ଡାଳୁଛି ନିଆଁ



ପ୍ରଶାନ୍ତ କୁମାର ଦାଶ

ତାତିଗଲାଣି ସଡ଼କ ଛାତି
ହେଉନି ଜମା ଚାଲି
ଫାଟିଗଲାଣି କ୍ଷେତର ମାଟି
ତାତିଚି ନଈବାଲି।
ବଜାର ହାଟେ ବିକା ହେଲାଣି
ପାଚିଲା ତରଭୁଜ
ଛାଇରେ ବସି ନିତେଇ ସାହୁ
ବିକଇ ତାଳସଜ।
ପାଚିଲା ବେଲ ଗଛରୁ ଆଣି
ମାଆ କରନ୍ତି ପଣା
ବେଲର କାମ ଅତି ସରସ
ସଭିଙ୍କୁ ଥାଏ ଜଣା।
ଗାଆଁ ତୋଟାରେ ହୁଏ ମେଳଣ
ଖରାବେଳରେ ଡର
ଆସିଲେ ରାତି ପିଲା ହୁଅନ୍ତି
ଯିବାକୁ ତର ତର।
ଭଳିକି ଭଳି ଆମ୍ବ ଝୁଲନ୍ତି
ଗଛଡାଳରେ ପାଚି
ସପୁରୀ ଆଉ ପଣସ ଦେଖି
ମନ ଉଠଇ ନାଚି।
ନବଘନକୁ ଲାଗଇ ଦୁଃଖ
ସହି ପାରେନି ଖରା
ଅନାଇ ଦେଲେ ଆଖି ଝଲସେ
ସତେକି ନିଆଁଝରା।
ଖରା ହଟିଲେ ଗାଆଁ ସହରେ
ବରଷା ଯିବ ଖସି
କଅଁଳିଯିବ ଗଛେ ପତର
ଘାସତ ଦେବ ହସି।

**କୁଞ୍ଜର, ସଙ୍ଗଳାଇ, ପିପିଲି, ପୁରୀ**
**ମୋ: ୯୬୬୮୮୨୨୧୯୦**

## ମ୍ୟାଜିକ ବୋତଲ



ବିଜୟଲକ୍ଷ୍ମୀ ଚୌଧୁରୀ

ଗାଁରେ ରହୁଥିବା ଏକ ଛୋଟ ପୁଅ ଅନିଲ। ସେ ଅତ୍ୟନ୍ତ ସରଳ ଓ ସ୍ୱପ୍ନମୟ ଥିଲା। କିନ୍ତୁ ତା'ର ଜୀବନରେ ଥିଲା ଏକ ଦୁଃଖ- ତା'ର ବାପା ନଥିଲେ, ଓ ତା'ର ମା ଦିନରାତି କଷ୍ଟ କରି ଘରଚଳଉ ଥିଲେ। ଅନିଲ ଭାବୁଥିଲା 'କାହିଁକି ମୁଁ ମାଙ୍କୁ ସବୁ ସୁଖ ଦେଇପାରୁନି ?'

ଏକଦିନ ସେ ନଦୀ କୂଳରେ ବସିଥିଲା। ହଠାତ୍ ତା'ର ଆଖି ପଡ଼ିଲା ଏକ ପୁରୁଣା ବୋତଲ ଉପରେ। ସେ ତାକୁ ଉଠାଇଲା। ବୋତଲର ଉପରେ ଲେଖା ଥିଲା 'ମୋତେ ଖୋଲ ତୁମ ଇଚ୍ଛା ପୂରଣ ହେବ।'

ଅନିଲ ଆଶ୍ଚର୍ଯ୍ୟ ହେଲା। ସେ ଧୀରେ ବୋତଲ ଖୋଲିଲା। ହଠାତ୍ ଏକ ଆଲୋକ ଭାସି ଆସିଲା ଓ ଏକ ମୃଦୁ ଶବ୍ଦ ଶୁଣାଗଲା- 'ମୁଁ ତୁମକୁ ମାତ୍ର ଗୋଟିଏ ଇଚ୍ଛା ଦେବି।'

ଅନିଲ କିଛିକ୍ଷଣ ଭାବିଲା। ସେ ଧନ, ଘର କିମ୍ବା ଖେଳନା ମାଗି ପାରି ନଥିଲା... କିନ୍ତୁ ତା'ର ମନରେ ଥିଲା କେବଳ ମା।

ସେ କହିଲା- 'ମୋ ମାଙ୍କୁ ସଦା ଖୁସି ରଖ।'

ଶବ୍ଦଟି କହିଲା 'ତୁମେ ନିଜ ପାଇଁ କିଛି ମାଗିଲ ନାହିଁ ?'

ଅନିଲ ହସି କହିଲା- 'ମୋ ମା ଖୁସି ରହିଲେ, ସେଇ ମୋର ସବୁଠୁ ବଡ଼ ଖୁସି।'

ପରଦିନରୁ ଏକ ଅଜବ ପରିବର୍ତ୍ତନ ଆସିଲା। ଅନିଲଙ୍କ ମା ଆଗରୁ ଅଧିକ ସ୍ୱସ୍ଥ ଓ ଖୁସି ଦେଖାଯାଉଥିଲେ। ଘରେ ଧୀରେ ଧୀରେ ସୁଖ ଆସିଲା। ଅନିଲ ମଧ୍ୟ ମନ ଲଗାଇ ପଢ଼ିବା ଆରମ୍ଭ କଲା।

ବର୍ଷ ପରେ... ବର୍ଷ ବିତିଗଲା।

ଅନିଲ ବଡ଼ ହେଲା, ଏକ ସଫଳ ବ୍ୟବସାୟୀ ହେଲା। ସେ ତା'ର ମା'ଙ୍କୁ ସବୁ ସୁବିଧା ଦେଲା।

କିନ୍ତୁ ଦିନେ ସେ ପୁଣି ସେଇ ନଦୀ କୂଳକୁ ଗଲା। ସେ ଭାବିଲା - 'ସତରେ ବୋତଲଟି ମ୍ୟାଜିକ୍ ଥିଲା କି ?'

ସେ ମନେ ପକାଇଲା- ସେ ଯେତେବେଳେ ନିଜ ପାଇଁ କିଛି ମାଗିନଥିଲା, ସେ ଦିନରୁ ତା ଜୀବନ ବଦଳିଗଲା। ସେ ହସିଲା... ଏବଂ ମନେ ମନେ କହିଲା- 'ସତ୍ୟ ମ୍ୟାଜିକ ବୋତଲରେ ନୁହେଁ... ସତ୍ୟ ମ୍ୟାଜିକ ନିଃସ୍ୱାର୍ଥ ପ୍ରେମରେ ଅଛି।' ସେଥିପାଇଁ ସେ ସଫଳ ମଣିଷ ହୋଇ ପାରିଛି।



**ପୁରଣ ଶାସନ, ଶିଶିଲୋ, ବାଲିଅନ୍ତା, ଖୋର୍ଦ୍ଧା**
**ମୋ: ୯୪୩୮୫୯୧୪୭୪**

## ଆମେ ଗଢ଼ିବା ଆମ ସହର



ଜୟକୃଷ୍ଣ ସାହୁ

ଆମେ ଗଢ଼ିବା ଆମ ସହର
ଜୟକୃଷ୍ଣ ସାହୁ
ଆମେ ଗଢ଼ିବା ଆମ ସହର
ରଖିବା ତାକୁ ସଫାସୁତର
ପହିଲେ ଘର ବାରି,
ନିଜର ଘର ସଫା ରଖିଲେ
ଆସିବ ସୁଖ ଫେରି।
ବାଡ଼ିରେ ଗଛ ଲଗାଇ ଦେବା
ତାହାର ଆମେ ଯତନ ନେବା
ଫଳିବ ତହିଁ ଫଳ,
ଫଳ ଖାଇଲେ ଦେହରେ ଆମ
ହେବ ବହୁତ ବଳ।
ଫୁଟିଲେ ଫୁଲ ଛୁଟିବ ବାସ
ସୁବାସେ ମୁଖେ ଫୁଟିବ ହସ
ସେ ଫୁଲ ତୋଳି ନେଇ,
ଠାକୁର ପାଦେ ଅରପି ଦେବା
ଭକତିଭରେ ଯାଇ।
ପଢ଼ିବା ପାଠ ଇସ୍କୁଲ ଯାଇ
ଭଲ ପଢ଼ିବା ମନ ଲଗାଇ
ହୋଇବା ଭଲ ଚାଟ,
ବଡ଼ିସକାଳୁ ଛାଡ଼ିବା ଶେଜ
ତିଳେ ନ କରି ମଠ।
ଗୁରୁଜନଙ୍କୁ କରିବା ଭକ୍ତି
ଭକତି କଲେ ମିଳଇ ଶକ୍ତି
ଆଗେ ବଢ଼ିବା ପାଇଁ,
ତାଙ୍କ ଆଶିଷ ଶିରେ ମୁଣ୍ଡାଇ
ଆଗକୁ ଯିବା ଧାଇଁ।
ଭୁବନେଶ୍ୱର ଆମ ସହର
ସବୁ ସହରଠାରୁ ସୁନ୍ଦର
ତାପରି କେହି ନାଇଁ,
ଯାହାର କୋଳେ ଜନମ ହୋଇ
ସୁଖରେ ଅଛୁ ରହି।

**କପିଳ ପ୍ରସାଦ, ଭୁବନେଶ୍ୱର-୨**
**ମୋ: ୯୯୩୭୦୯୨୩୯୭**

## କ'ଣ, କେମିତି, କାହିଁକି ?

# ପାକୁଳି କରେ ଗାଈ



ନିହାର ରଞ୍ଜନ ସାବତ

ତୁମେ କେବେ ଗାଈକୁ କେଉଁଠି ସ୍ଥିର ହୋଇ ଶୋଇଥିବା ଦେଖିଛ କି ? ସେ ଖାଇସାରିବାର ଦୀର୍ଘ ସମୟ ପରେ ମଧ୍ୟ ତା'ର ଜିଭକୁ ଉପରତଳ କରେ ଯାହା ଏକ ବଡ଼ ଚୁଇଙ୍ଗମ୍‌କୁ ବହୁତ ସମୟ ଧରି ଚୋବାଇବା ଭଳି ଲାଗେ! ସବୁବେଳେ ଗାଈ ଏହିପରି ପାକୁଳି କରିବା କେବଳ ଏକ ମଜାଳିଆ ଅଭ୍ୟାସ ନୁହେଁ, ବରଂ ଏହା ଗାଈର ଖାଦ୍ୟ ଖାଇବା ଏବଂ ସୁସ୍ଥ ରହିବା ନିମନ୍ତେ ଏକ ସୁନ୍ଦର ପ୍ରାକୃତିକ ପ୍ରକ୍ରିୟା। ଗାଈମାନେ ପେଟରେ ଚାରିଟି ଅଂଶ ଅଛି ଯାହା ଘାସ, କୁଟା ଭଳି କଠିନ ଖାଦ୍ୟପଦାର୍ଥଗୁଡ଼ିକୁ ହଜମ କରିଥାଏ। ପାକୁଳି କରିବା ପଛର ରହସ୍ୟ ହେଉଛି 'ରୁମିନେସନ୍' ବା 'ରୋମନ୍ଥନ' ପ୍ରକ୍ରିୟା, ଯାହାଦ୍ୱାରା ଗାଈ ଖାଦ୍ୟକୁ ଦୁଇଥର ଚୋବାଇ ପ୍ରତ୍ୟେକ ଖାଦ୍ୟ ଟୁକୁରାରୁ ସମସ୍ତ ପୁଷ୍ଟିକର ଉପାଦାନ ଗ୍ରହଣ କରିଥାଏ।



ଗାଈ ଯେତେବେଳେ ଘାସ ଖାଏ ସେତେବେଳେ ଜିଭ ଦ୍ୱାରା ଘାସକୁ ଶୀଘ୍ର ଛିଣ୍ଡାଇଦିଏ ଏବଂ ତାହାକୁ ଭଲକରି ନଚୋବାଇ ସିଧା ଗିଳି ଦେଇଥାଏ ଯାହା ସିଧା ପେଟର ପ୍ରଥମ ଏବଂ ବଡ଼ ଅଂଶ 'ରୁମେନ୍' ଭିତରକୁ ଯାଏ। ଏଠାରେ କୋଟିକୋଟି କ୍ଷୁଦ୍ର ଜୀବାଣୁ ବା ଉପକାରୀ ବ୍ୟାକ୍ଟେରିଆ ରହିଥାନ୍ତି। ଏହି ଜୀବାଣୁମାନେ ମଣିଷ ଏବଂ ଅନ୍ୟ ପ୍ରାଣୀ ହଜମ ନକରିପାରୁଥିବା ଖାଦ୍ୟର କଠିନ ଅଂଶ 'ସେଲ୍ୟୁଲୋଜ୍'କୁ ଭାଙ୍ଗିବା ଆରମ୍ଭ କରନ୍ତି। 'ରୁମେନ୍' ଭିତରେ ଖାଦ୍ୟ ବତୁରିଯାଏ ଏବଂ ନରମ, ଅର୍ଦ୍ଧପାଚିତ ଗୋଲାକାର ଟୁକୁରା ବା 'କଡ୍'ରେ ପରିଣତ ହୋଇଥାଏ।

ପରେ ଗାଈ ବିଶ୍ରାମ କରୁଥିବା ସମୟରେ 'କଡ୍'କୁ 'ରୁମେନ୍'ରୁ ପୁନର୍ବାର ପାଟି ଭିତରକୁ ଫେରାଇ ଆଣେ। ଏହାକୁ 'ରିଗର୍ଜିଟେସନ୍' ପ୍ରକ୍ରିୟା କୁହାଯାଏ। ଏବେ ସେ ଦ୍ୱିତୀୟ ଥର ପାଇଁ ଚୋବାଇବା ଆରମ୍ଭ କରେ। ଗାଈ ତାର ଶକ୍ତିଶାଳୀ ପଛ ଦାନ୍ତ ଦ୍ୱାରା 'କଡ୍'କୁ ଧୀରେଧୀରେ ବହୁତ ଲାଳ ମିଶାଇ ଚୋବାଇଥାଏ। ଖାଦ୍ୟକୁ ଏହିପରି ଆଉଥରେ ଚୋବାଇବା ଦ୍ୱାରା ତାହା ଆହୁରି ଛୋଟଛୋଟ ଟୁକୁରାରେ ପରିଣତ ହୋଇଥାଏ। ଏହା ଫଳରେ ଜୀବାଣୁମାନେ ଅଧିକ ସୁବିଧାରେ ଖାଦ୍ୟକୁ ଶକ୍ତିଶାଳୀ ପୋଷକ ତତ୍ତ୍ୱରେ ପରିଣତ କରିଥାନ୍ତି।

ଗାଈମାନେ ପ୍ରତିଦିନ ପ୍ରାୟ ସାତରୁ ନଅଘଣ୍ଟା କେବଳ ଏହି 'କଡ୍' ଚୋବାଇବାରେ ବିତାଇଥାନ୍ତି ଏବଂ ଏହା ଦ୍ୱାରା ପ୍ରାୟ ତିରିଶିହଜାରରୁ ଚାଳିଶିହଜାର ଥର ପାକୁଳି କରିଥାନ୍ତି। ସେମାନେ ଘାସକୁଟା ଭଳି କଠିନ ଖାଦ୍ୟ ଖାଇବା ସମୟରେ ଶୀଘ୍ର ଚୋବାଇଥାନ୍ତି କିନ୍ତୁ ଅର୍ଦ୍ଧପାଚିତ 'କଡ୍'କୁ ପ୍ରାୟତଃ ଶୋଇଥିବା ଅବସ୍ଥାରେ ଆସ୍ତେଆସ୍ତେ ଏବଂ ଆରାମରେ ଚୋବାଇଥାନ୍ତି। ଗାଈମାନଙ୍କର 'କଡ୍' ଚୋବାଇବା ପ୍ରକ୍ରିୟା ସେମାନଙ୍କର ଶାରୀରିକ ସୁସ୍ଥତାର ସର୍ବୋତ୍ତମ ଲକ୍ଷଣ ବୋଲି ବୈଜ୍ଞାନିକମାନଙ୍କ ମତ। ଏହା ଏକ ଅଦ୍ଭୁତ ପ୍ରାକୃତିକ ପ୍ରକ୍ରିୟା।

**ସଂଗଣକ ବିଜ୍ଞାନ ଓ ପ୍ରୟୋଗ ବିଭାଗ**
**ସାଇମ୍, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦**
**ମୋ: ୯୭୭୭୦୧୧୯୬୮**



## ନୀତିକଥା

# ପାଣି ଝୁଲା



ପ୍ରଶାନ୍ତ କୁମାର ମଙ୍ଗରାଜ

ଖରା ଦିନ। ଟାଣ ଖରା। ପୋଖରୀ-ଗାଡ଼ିଆ ଶୁଖି ଠୋ ଠା। ଚଢ଼େଇଟିକୁ ଭାରି ଶୋଷ ହେଲା। ପାଣି ଖୋଜି ପାଇଲା ନାହିଁ। ଉଡ଼ି ଉଡ଼ି ଆସିଲା। ଗଛ ଡାଳରେ ବସିଲା। ଖରାର ଦାଉ ସହି ପାରିଲା ନାହିଁ। ଚେତା ହରାଇ ତଳେ ପଡ଼ିଲା।

ଜେଜେ ଚଢ଼େଇଟିକୁ ଦେଖିଲେ। ଘରକୁ ଗଲେ। ପାଣି ଆଣିଲେ। ତା' ଥଣ୍ଟରେ ପାଣି ଦେଲେ। ତାକୁ ଓଦା କନାରେ ପୋଛି ଦେଲେ। ସେ ଚେତା ଫେରି ପାଇଲା। ଆରାମ ଲାଗିବାରୁ ଉଡ଼ି ଉଡ଼ି ଯାଇ ଗଛ ଡାଳରେ ବସିଲା।

ସପନା ଏସବୁ ଦେଖୁଥିଲା। ସେ ନୂଆ କାମଟିଏ ଆରମ୍ଭ କଲା। ଦଉଡ଼ିରେ ଶିକା କଲା। ମାଟି ପାତ୍ରରେ ରଖିଲା। ମାଟି ପାତ୍ରରେ ପାଣି ପୂରାଇଲା। ବାସ୍, ପାଣି ଝୁଲା ହୋଇଗଲା। ଏପରି ଦଶ-ବାରଟି ପାଣି ଝୁଲା ତିଆରି କଲା। ତାକୁ ନେଇ ଗଛରେ ଝୁଲାଇଲା। ପାଣି ଝୁଲା ଦେଖି ଚଢ଼େଇମାନେ ଆସିଲେ। ପାଣି ପିଇଲେ। ଆରାମ ପାଇଲେ। ଖୁସି ହେଲେ। ଚଢ଼େଇଙ୍କ ଖୁସି ଦେଖି ସପନା ବି ଖୁସି ହେଲା।

**ସାହୁପଡ଼ା, ଭାଟପଡ଼ା, ନିରାକାରପୁର, ପୁରୀ**
**ମୋ: ୮୨୪୯୯୪୦୭୫୫**





## ମିଛ ଲାଗିଲେ ବି ସତ

# କଲିକତାରୁ ଲଣ୍ଡନ

ଦେଶ ବିଦେଶରେ ଅନେକ ବସ ଚଳାଚଳ କରୁଛି। କେଉଁ ବସ ନିର୍ଦ୍ଦିଷ୍ଟ ରୁଟରେ ୫୦ ବା ୧୦୦ କିଲୋମିଟରରୁ ଆରମ୍ଭ କରି ୪୦୦/୫୦୦ ବା ତହିଁରୁ କିଛି ଅଧିକ ଦୂର ପର୍ଯ୍ୟନ୍ତ ନିର୍ଦ୍ଦିଷ୍ଟ ପଥରେ ନିୟମିତି ଯାତାୟାତ କରିଥାଏ। ତା ପୁଣି ଗୋଟିଏ ନିର୍ଦ୍ଦିଷ୍ଟ ଦେଶ ମଧ୍ୟରେ। ଗନ୍ତବ୍ୟସ୍ଥଳରେ ପହଞ୍ଚିବା ଲାଗି ଯାତ୍ରୀଙ୍କୁ ମାତ୍ର କେତେ ଘଣ୍ଟା ଲାଗିଥାଏ। କିନ୍ତୁ କଲିକତା (କୋଲକାତା)ରୁ ଲଣ୍ଡନ ବସ୍ ଚଳାଚଳ କରିବା ଘଟଣା ସଂପୂର୍ଣ୍ଣ ଅସମ୍ଭବ ମନେ ହୁଏ। କିନ୍ତୁ ୧୯୫୭ରୁ ୧୯୭୬ ପର୍ଯ୍ୟନ୍ତ ଏଭଳି ବସ ଚଳାଚଳ କରୁଥିଲା।

କଲିକତାରୁ ବାହାରି ଲଣ୍ଡନରେ ପହଞ୍ଚିବା ପାଇଁ ବସ୍‌ଟିକୁ ଲାଗିଯାଉଥିଲା ୪୫ରୁ ୫୦ ଦିନ। ବସଟି କଲିକତାରୁ ବାହାରି ପାକିସ୍ଥାନ, ଆଫଗାନିସ୍ଥାନ, ଇରାନ, ତୁର୍କୀ, ବୁଲ୍‌ଗେରିଆ, ଯୁଗୋସ୍ଲଭିଆ, ଅଷ୍ଟ୍ରିଆ, ଜର୍ମାନୀ, ବେଲ୍‌ଜିୟମ ଦେଇ ଲଣ୍ଡନରେ ପହଞ୍ଚୁଥିଲା। ବସଟି ୧୬୦୦୦ କିଲୋମିଟର ପଥ ଅତିକ୍ରମ କରୁଥିଲା। ଭଡ଼ା ଥିଲା ୨୫୦୦ରୁ ୩୦୦୦ ଟଙ୍କା। ଅବଶ୍ୟ ବାଟରେ ଖାଇବା ଓ ରହିବା ଖର୍ଚ୍ଚ ଯାତ୍ରୀମାନଙ୍କୁ ଦେବାକୁ ପଡୁନଥିଲା।

## ଚଷା ଭାଇ



ସତ୍ୟନାରାୟଣ ପ୍ରଧାନ

ପ୍ରଭାତ ଆସିଲେ ହସି ଉଠେ ଧରା
ପଡିଲେ ସୁନେଲି ଖରା
ଚଷା ଭାଇ ଯାଏ ହାତେ ଧରି ହଳ
ଧାନ ବୁଣିବାକୁ ପରା।
ସିଏ ଯେ ଯୋଗାଏ ପେଟକୁ ଆହାର
ସଂସାର ଯାହାର ଘର
ଭଲ ପାଇବାର ମଞ୍ଜି ଦିଏ ବୁଣି
କାହାକୁ ନ ଭାବି ପର।
ସାଥିରେ ତାହାର କାଳିଆ ବଳିଆ
ସତେ ଅବା ଦୁଇ ପୁଅ
ପଶୁଟିଏ ବୋଲି କେବେ ଭାବି ନାହିଁ
ନିତି ଦେଖେ ଉଠି ମୁହଁ।
ସମାଜ ମଙ୍ଗଳ କରିବା ଆଶାରେ
ମାଟିକୁ କରଇ ସୁନା
ସୁଖ ଅବା ଦୁଃଖ ସବୁ ତା'ର ମିତ
ତା' ହାତେ ପଥର ଚୂନା।
ମନରେ ତାହାର ନାହିଁ ବଡ଼ ଆଶା
ଖୁସି ତା'ର ପରିବାର
ଭଲରେ ସଭିଙ୍କ ବିତିଲେ ଜୀବନ
ଏହି ତ ଜୀବନ ସାର।
କର୍ମ ତା'ର ପରା ସାଜେ ଭଗବାନ
ସାହା ତା'ର ଜଗନ୍ନାଥ
ସକାଳୁ ଉଠିଲେ ଯୋଡିଦିଏ ହାତ
ବଞ୍ଚିବାକୁ ଶାନ୍ତି ବାଟ।

**ଅଣ୍ଡିଆ, ଜି: ଯାଜପୁର**
**ମୋ: ୯୧୭୮୩୧୩୬୪୪**

## ଟିକି ଟିକି



ଅଶୋକ କୁମାର ପ୍ରଧାନ

ନୀଳ ଆକାଶରେ ଟିକିଟିକି ତାରା
ନିତି ସଞ୍ଜ ହେଲେ ଆସନ୍ତି ଉଇଁ
ହେଲେ ହେଉ ତାଙ୍କ ଟିକିଏ କିରଣ
ମରତକୁ ଆସି ଯାଆନ୍ତି ଛୁଇଁ।
ସକାଳ ସଞ୍ଜରେ ଟିକିଟିକି ଫୁଲ
ଗଛ ଡାଳେ ନିତି ଯାଆନ୍ତି ଫୁଟି
ଛୋଟ ସିନା ଦେହ ମହକ ଦେବାକୁ
ଦିଗ ବିଦିଗକୁ ଯାଆନ୍ତି ଛୁଟି।
ହେଉ ଯେତେ ବଡ଼ କଠିନ ତା ପଥ
ଟିକି ନଈଟିଏ ଆଗକୁ ବଢ଼େ
ତା' ଶୀତଳ ଜଳ ସଭିଙ୍କୁ ପରଶି
ସବୁଠି ସମ୍ପର୍କ ସେତୁଟେ ଗଢ଼େ।
ଟିକି ମହୁମାଛି ଅତି ଯତନରେ
ସାଇତି ରଖଇ ଯେତେକ ମହୁ
ତା' ମହୁ ନେଲେ ସେ ଦୁଃଖ କରେନାହିଁ
କହେ ସେ ଜଗତ ମଙ୍ଗଳ ହଉ।
ଦୁନିଆ ବୁକୁରେ ହସି ଖେଳି ପଢ଼ି
ଅଛୁ ଟିକି ଟିକି ଯେତେକ ଶିଶୁ
ଜାଣି ରଖ ତୁମେ କିଏ ବୁଦ୍ଧ, ରାମ
କିଏ ମହାବୀର, କୃଷ୍ଣ ଓ ଯୀଶୁ।
ସେଥିପାଇଁ ପିଲେ ନିଜକୁ କେବେ ବି
ଭାବ ନାହିଁ କିଏ ଟିକିଟେ ବୋଲି
ନିଜ ପ୍ରତିଭାକୁ ବିକଶିତ କରି
ଜଗତ ହିତରେ ଦିଅରେ ଖୋଲି।

**ରୋହିଗାଁ, ଗଞ୍ଜାମ**
**ମୋ: ୮୨୪୯୧୧୯୧୩୦**

## ପ୍ରାଣୀ ଜଗତ


# ମରୁଭୂମିର ବୁଲେଟ ଟ୍ରେନ୍

ଏହା ଏକ ପକ୍ଷୀ। ପକ୍ଷୀଟି ମରୁଭୂମିରେ ଖୁବ୍ ଜୋର୍‌ରେ ଦୌଡ଼ି ପାରୁଥିବାରୁ ଏହାକୁ 'ମରୁଭୂମିର ବୁଲେଟ ଟ୍ରେନ୍' କୁହାଯାଇଥାଏ। ପକ୍ଷୀଟିର ନାମ 'ରୋଡ୍ ରନର'। ଘଣ୍ଟା ପ୍ରତି ଏହା ୩୨ରୁ ୪୨ କିଲୋମିଟର (୨୦ରୁ ୨୬ ମାଇଲ) ବେଗରେ ଦୌଡ଼ିଥାଏ। ଉଡ଼ି ପାରୁଥିବା ପକ୍ଷୀମାନଙ୍କ ମଧ୍ୟରେ ଭୂମିରେ ଦୌଡ଼ିବାରେ ଏହାର ଗତି ସର୍ବାଧିକ।

ଏହାର ଶରୀର ଲମ୍ବା ଓ ସରୁ। ଦେହର ଲମ୍ବ ୫୬ରୁ ୬୧ ସେଣ୍ଟିମିଟର। ଦେହଟି ସରୁ ହୋଇଥିବାରୁ ତାହା ଦୌଡ଼ିବା ବେଳେ ଶରୀରର ଭାରସାମ୍ୟ ରକ୍ଷା କରିବାରେ ସାହାଯ୍ୟ କରିଥାଏ। ଏ ପକ୍ଷୀଟି ବେଶୀ ଉଡ଼ାଉଡ଼ି କରେ ନାହିଁ। ଅଧିକାଂଶ ସମୟ ଭୂମି ଉପରେ ହିଁ ଚଳାଚଳ କରେ। ରୋଡ୍ ରନର ଛୋଟ ଛୋଟ ସାପ, ସରୀସୃପ, ପୋକଜୋକ ଏବଂ କେତେକ ଛୋଟ ସ୍ତନ୍ୟପାୟୀ ପ୍ରାଣୀଙ୍କୁ ଶିକାର କରି ଖାଇଥାଏ। ଉତ୍ତର ଆମେରିକା ଓ ମେକ୍ସିକୋର ମରୁଭୂମି ଓ ତାହାର ପାଖଆଖ ଅଞ୍ଚଳରେ ଏମାନେ ବାସ କରନ୍ତି।



## ତୁମ ପାଇଁ ବହି





### ପାକୁଆ ପାଟିର ମରମ କଥା

**ଲେଖକ: ରବୀନ୍ଦ୍ରନାଥ ମାଝୀ**
**ପ୍ରକାଶକ: କାହାଣୀ**
**ଠିକଣା: କଲ୍ୟାଣୀନଗର, କଟକ-୧୪**
**ମୂଲ୍ୟ: ୧୦୦ ଟଙ୍କା**

ଏହା ଏକ କବିତା ସଂକଳନ। ସବୁ କବିତା ଗାନ୍ଧିଜୀଙ୍କ ଜୀବନଯାପନ ଶୈଳୀ, କାର୍ଯ୍ୟପ୍ରଣାଳୀ ଓ ନୀତି ଆଦର୍ଶକୁ ଭିତ୍ତି କରି ଲେଖାଯାଇଛି। ଏଥିରେ ରହିଛି ମୋଟ ୧୪ଟି କବିତା। ସବୁଗୁଡ଼ିକର ଭାଷା ଓ ଶବ୍ଦ ସଂଯୋଜନା ବେଶ ସରଳ, ସାବଲୀଳ ଓ ହୃଦୟସ୍ପର୍ଶୀ। କବିତାଗୁଡ଼ିକ ପଢ଼ି ପିଲାମାନେ ଅମୋଦିତ ହେବା ସହ ଗାନ୍ଧିଜୀଙ୍କ ନୀତି ଆଦର୍ଶରେ ନିଶ୍ଚିତ ଭାବେ ପ୍ରଭାବିତ ହୋଇପାରିବେ।

## କୁନାକୁନିଙ୍କ ଚିତ୍ର






ଦେବସ୍ମିତା ହାଁସଦା,
କ୍ଲାସ୍-୬,
ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ
ବାହାନଡ଼ା



ସ୍ୱସ୍ତିକା ମହାପାତ୍ର,
କ୍ଲାସ୍-୫,
ସେଣ୍ଟ ଜାଭିୟର ହାଇସ୍କୁଲ,
ଖାନ ନଗର, କଟକ



**'ନବପଲ୍ଲବ'ର ବିଭିନ୍ନ ବିଭାଗ ପାଇଁ ଲେଖା ପଠାନ୍ତୁ**

ଲେଖା ଓ ଛବି ପଠାଇବାର ଠିକଣା: ମାର୍ଫତ୍- ନିତିଦିନ, ଶେଡ୍ ନଂ-ଟିଏସ୍-୨/୨୧୦/ଏ, ଜୋନ୍-ବି, ସେକ୍ଟର୍-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୦ ଅଥବା nabapallaba@nitidin.com

# ଲକ୍ଷ୍ନୌ ନେତୃତ୍ୱ ଛାଡ଼ିଲେ ପନ୍ତ୍

**ଲକ୍ଷ୍ନୌ,୨୯।୫/ଏଜେନ୍ସି:** ଭାରତୀୟ ୱିକେଟ୍‌କିପର୍ ବ୍ୟାଟର୍ ଋଷଭ ପନ୍ତ୍ ଆଇପିଏଲ୍ ଫ୍ରାଞ୍ଚାଇଜି ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ (ଏଲ୍‌ଏସ୍‌ଜି)ର କ୍ୟାପ୍‌ଟେନ୍ ପଦ ଛାଡ଼ିଛନ୍ତି। ଫ୍ରାଞ୍ଚାଇଜି ଏକ ବୟାନ ଜାରିକରି କହିଛି, ପନ୍ତ୍ ସ୍ୱୟଂ ନେତୃତ୍ୱ ଛାଡ଼ିବାକୁ ଅନୁରୋଧ କରିଥିଲେ, ଯାହା ସ୍ୱୀକୃତ ହୋଇଛି। ଲକ୍ଷ୍ନୌ ଟିମ୍ ଚଳିତ ସିଜନ୍‌ରେ ୧୦ମ ତଥା ଅନ୍ତିମ ସ୍ଥାନରେ ରହିଥିଲା। ଗତ ସିଜନ୍‌ରେ ମଧ୍ୟ ଟିମ୍‌ର ପ୍ରଦର୍ଶନ ଭଲ ନଥିଲା ଏବଂ ଟିମ୍ ସପ୍ତମ ସ୍ଥାନରେ ଅଭିଯାନ ଶେଷ କରିଥିଲା। ଉଭୟ ସିଜନ୍‌ରେ ପନ୍ତ୍‌ଙ୍କ ନେତୃତ୍ୱରେ ଲକ୍ଷ୍ନୌ ୨୮ ମ୍ୟାଚ୍ ଖେଳି କେବଳ ୧୦ଟିରେ ବିଜୟୀ ହୋଇପାରିଛି।



ଲକ୍ଷ୍ନୌ ଡାଇରେକ୍ଟର ଅଫ୍ କ୍ରିକେଟ୍ ଟମ୍ ମୁଡି ଏହି ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ପନ୍ତ୍ ଏହି ଅନୁରୋଧ ସହିତ ଫ୍ରାଞ୍ଚାଇଜି ସହିତ ଯୋଗାଯୋଗ କରିଥିଲେ ଏବଂ ଆମେ ସମ୍ମାନପୂର୍ବକ ଏହାକୁ ସ୍ୱୀକାର କରିନେଇଛି। ଖେଳରେ ଏ ପ୍ରକାର ନିଷ୍ପତ୍ତି କେବେ ବି ସହଜ ହୋଇନଥାଏ। ମୁଡି କହିଛନ୍ତି, ପନ୍ତ୍ କ୍ୟାପ୍‌ଟେନ୍ ଭାବେ ଡ୍ରେସିଂ ରୁମ୍‌କୁ ଯାହା ବି କିଛି ଦେଇଛନ୍ତି, ସେଥିପାଇଁ ଆମେ ତାଙ୍କ ପ୍ରତି କୃତଜ୍ଞ।

ଆଇପିଏଲ୍‌ରେ ଚମତ୍କାର ପ୍ରଦର୍ଶନ ପରେ ଲକ୍ଷ୍ନୌ ପନ୍ତ୍‌ଙ୍କୁ ୨୭ କୋଟି ଟଙ୍କାରେ କିଣିଥିଲା, ଯାହା ଆଇପିଏଲ୍ ଇତିହାସରେ ସର୍ବାଧିକ। ଏହି କାରଣରୁ ତାଙ୍କ ପ୍ରଦର୍ଶନ ଉପରେ ନଜର ରଖାଯାଉଥିଲା। ଏହା ମଧ୍ୟରେ ସେ ରନ୍ ସଂଗ୍ରହ ପାଇଁ ସଂଘର୍ଷ କରୁଥିଲେ। ଚଳିତ ସିଜନ୍‌ରେ ସେ ମାତ୍ର ୩୧୨ ରନ୍ କରିବାକୁ ସମର୍ଥ ହୋଇଛନ୍ତି। ପନ୍ତ୍ ଆଇପିଏଲ୍ ୨୦୧୮ରେ ୧୭୩.୬୦ ଷ୍ଟ୍ରାଇକ୍ ରେଟ୍‌ରେ ୬୮୪ ରନ୍ କରିଥିଲେ। ଏହାପରେ ୨୦୧୯ରେ ତାଙ୍କ ବ୍ୟାଟ୍‌ରୁ ୧୬୨.୬୬ ଷ୍ଟ୍ରାଇକ୍ ରେଟ୍‌ରେ ୪୮୮ ରନ୍ ବାହାରିଥିଲା। ତେବେ ଗତ ଦୁଇଟି ସିଜନ୍‌ରେ ସେ ଲକ୍ଷ୍ନୌ ପାଇଁ ୧୩୫.୭୪ ଷ୍ଟ୍ରାଇକ୍ ରେଟ୍‌ରେ ମୋଟ ୫୮୧ ରନ୍ କରିଛନ୍ତି, ଯାହା ତାଙ୍କ କ୍ୟାରିୟର୍ ଷ୍ଟ୍ରାଇକ୍ ରେଟ୍ (୧୪୪.୧୮) ଠାରୁ ମଧ୍ୟ କମ୍।

# ହାର୍ଦ୍ଦିକ ମୁମ୍ବାଇ ଇଣ୍ଡିଆନ୍ସ ଛାଡ଼ିବେ

**ମୁମ୍ବାଇ,୨୯।୫/ଏଜେନ୍ସି:** ହାର୍ଦ୍ଦିକ ପାଣ୍ଡ୍ୟା ମୁମ୍ବାଇ ଇଣ୍ଡିଆନ୍ସ ଛାଡ଼ିବା ନିଷ୍ପତ୍ତି ନେଇଛନ୍ତି। ନ୍ୟୁଜ୍ ଏଜେନ୍ସି ପିଟିଆଇ ମୁତାବିକ ଟିମ୍ ପ୍ଲେଅଫ୍ ରେସ୍‌ରୁ ବାହାର ହେବାମାତ୍ରେ ହିଁ ପାଣ୍ଡ୍ୟା ଏହାର ସୂଚନା ମ୍ୟାନେଜମେଣ୍ଟ୍‌କୁ ଦେଇଥିଲେ। ୩୨ ବର୍ଷୀୟ ଅଲ୍‌ରାଉଣ୍ଡର୍ ସିଜନ୍ ମଝିରେ ହିଁ ମୁମ୍ବାଇ ଟିମ୍ ମ୍ୟାନେଜମେଣ୍ଟ୍‌କୁ କହିଥିଲେ ଯେ ଟିମର୍ ଖରାପ ପ୍ରଦର୍ଶନ, ସିନିୟର୍ ଖେଳାଳିମାନଙ୍କ ସହ ମତଭେଦ କାରଣରୁ ଚିନ୍ତାରେ ଅଛନ୍ତି। ଅଲଗା ହେବାକୁ ନେଇ ପାଣ୍ଡ୍ୟା ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ସହମତି ହୋଇଯାଇଛି। ମୁମ୍ବାଇ ଚଳିତ ଆଇପିଏଲ୍ ସିଜନ୍‌ରେ ନବମ ସ୍ଥାନରେ ରହିଥିଲା।

ହାର୍ଦ୍ଦିକ ପାଣ୍ଡ୍ୟା ୨୦୨୪ରେ ମୁମ୍ବାଇର କ୍ୟାପ୍‌ଟେନ୍ ଭାବେ ଟିମ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହା ପୂର୍ବରୁ ସେ ଦୁଇବର୍ଷ ଗୁଜରାଟ ଟାଇଟନ୍ସର ନେତୃତ୍ୱ କରିଥିଲେ। ମୁମ୍ବାଇ ରୋହିତ ଶର୍ମାଙ୍କ ସ୍ଥାନରେ ହାର୍ଦ୍ଦିକଙ୍କୁ ନେତୃତ୍ୱ ପ୍ରଦାନ କରିଥିଲା। ଏହି ନିଷ୍ପତ୍ତିରେ ମୁମ୍ବାଇ ପ୍ରଶଂସକ ଅସନ୍ତୁଷ୍ଟ ଥିଲେ। ପ୍ରଥମ ବର୍ଷ (୨୦୨୪)ରେ ମଧ୍ୟ ପଡ଼ିଆରେ ହାର୍ଦ୍ଦିକଙ୍କ ବିରୋଧରେ ଜୋରଦାର ହୁଟିଂ ହୋଇଥିଲା ଏବଂ ଚଳିତ ସିଜନ୍‌ରେ ମଧ୍ୟ ପରିସ୍ଥିତି ତାଙ୍କ ରଣନୀତି ଅନୁସାରେ ରହିନଥିଲା। ଲଗାତାର ଦୁଇଟି ସିଜନ୍‌ରେ ଦର୍ଶକଙ୍କ ରୋଷର ସାମ୍ନା କରିବା ସତ୍ତ୍ୱେ ହାର୍ଦ୍ଦିକ ସର୍ବଦା ଏହା କହିଆସୁଥିଲେ ଯେ ଏହି ଯାତ୍ରା କଷ୍ଟକର ହୋଇଥିଲେ ମଧ୍ୟ ମନୋରଞ୍ଜକ ରହିଛି। ମାତ୍ର ଏବେ ସେ ଅଲଗା ହେବାର ନିଷ୍ପତ୍ତି ନେଇଛନ୍ତି।

ଆଇପିଏଲ୍‌ର ଏକ ସୂତ୍ର ଅନୁସାରେ ହାର୍ଦ୍ଦିକ ମାନସିକ ଭାବେ ବହୁ ଚିନ୍ତାରେ ଥିଲେ ଏବଂ ସମ୍ପୂର୍ଣ୍ଣ ଭାବେ ଥକିଯାଇଥିଲେ। ତାଙ୍କ ପିଠିରେ ମଧ୍ୟ ଆଘାତ ଲାଗିଥିଲା। ପ୍ଲେଅଫ୍ ଆଶା ସମାପ୍ତ ହେବା ପରେ ହିଁ ହାର୍ଦ୍ଦିକ ଟିମ୍‌ର ନୀତି ନିର୍ଦ୍ଧାରକଙ୍କ କହିଦେଇଥିଲେ ସେ ଆଉ ଟିମ୍‌ରେ ରହିପାରିବେ ନାହିଁ।

## ଏସିଆନ୍ ଅଣ୍ଡର-୨୦ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍

# ହାଇଜମ୍ପ୍‌ରେ ସିନିୟର ଜାତୀୟ ରେକର୍ଡ ଭାଙ୍ଗିଲେ ପୂଜା

**ହଂକଂ,୨୯।୫/ଏଜେନ୍ସି:** ଭାରତୀୟ ହାଇ-ଜମ୍ପର୍ ପୂଜା ସିଂହ ଏଠାରେ ଚାଲିଥିବା ଏସିଆନ୍ ଅଣ୍ଡର-୨୦ ଆଥ୍‌ଲେଟିକ୍ସ ଚାମ୍ପିଅନ୍‌ଶିପ୍‌ରେ ଶୁକ୍ରବାର ଦ୍ୱିତୀୟ ଦିନ ସ୍ୱର୍ଣ୍ଣ ପଦକ ଜିତିବା ସହିତ ସିନିୟର୍ ଜାତୀୟ ରେକର୍ଡ ଭଙ୍ଗ କରିଛନ୍ତି। ୧୯ ବର୍ଷୀୟା ପୂଜା କ୍ୟାରିୟର୍ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ୧.୯୩ ମିଟରର ଲମ୍ଫ ପ୍ରଦାନ କରିଛନ୍ତି। ଏହି ପ୍ରଦର୍ଶନ ସହ ସେ ସହାନା କୁମାରଙ୍କ ୧୪ ବର୍ଷ ପୁରୁଣା ୧.୦୨ ମିଟରର ଜାତୀୟ ରେକର୍ଡ ଭଙ୍ଗ କରିଛନ୍ତି। ଏହା ପୂର୍ବରୁ ତାଙ୍କ ସର୍ବଶ୍ରେଷ୍ଠ ପ୍ରଦର୍ଶନ ୧.୯୦ ମିଟର ଥିଲା। ଚଳିତ ବର୍ଷ ଏପ୍ରିଲ୍‌ରେ ଦିଲ୍ଲୀରେ ଆୟୋଜିତ ଇଣ୍ଡିଆନ୍ ଆଥ୍‌ଲେଟିକ୍ସ ସିରିଜ୍ ମିଟ୍‌ରେ ସେ ଏହା ହାସଲ କରିଥିଲେ। ବର୍ତ୍ତମାନର ଏସୀୟ ଚାମ୍ପିଅନ୍ ପୂଜା ଗତବର୍ଷ ଦକ୍ଷିଣ କୋରିଆରେ ମହିଳା ଲଙ୍ଗ୍ ଜଙ୍ଗ୍



ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହା ସହିତ ସେ ଭାରତୀୟ ଆଥ୍‌ଲେଟିକ୍ସ ମହାସଂଘର ରାଜ୍ୟଗୋଷ୍ଠୀ କ୍ରୀଡ଼ା ପାଇଁ ନିର୍ଦ୍ଧାରିତ ୧.୯୨ ମିଟରର ଯୋଗ୍ୟତା ମାନକ ମଧ୍ୟ ହାସଲ କରିଛନ୍ତି। ଭାରତ ଚାମ୍ପିଅନ୍‌ଶିପ୍‌ରେ ବର୍ତ୍ତମାନ ସୁଦ୍ଧା ଚାରି ସ୍ୱର୍ଣ୍ଣ, ଦୁଇ ରୌପ୍ୟ ଏବଂ ଦୁଇ ବ୍ରୋଞ୍ଜ୍ ପଦକ ଜିତିସାରିଛି।

ସେହିପରି ନିତିନ୍ ଗୁପ୍ତା ପୁରୁଷ ୫୦୦୦ ମିଟର ରେସ୍ ୱାକ୍‌ରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଅମାନତ କମ୍ବୋଜ୍ ମହିଳା ଡିସ୍‌କସ୍ ଥ୍ରୋ’ରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି। ରାହୁଲ ଜାଖଡ଼ ପୁରୁଷ ଡେକାଥଲନ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସାଧନା ଦେବୀ ମହିଳା ଟ୍ରିପଲ୍ ଜମ୍ପ୍‌ରେ ଏବଂ ଉପକାର ପୁରୁଷ ଡେକାଥନ୍‌ରେ ରୌପ୍ୟ ପଦକ ନିଜ ନାମରେ କରିଛନ୍ତି। ନୀରୁ ପାଠକ ମହିଳା ୪୦୦ ମିଟରରେ ବ୍ରୋଞ୍ଜ୍ ପଦକ ଜିତିଛନ୍ତି।

## କ୍ୱାଲିଫାୟର୍-୨: ଶୁଭମନ୍ ଗିଲ୍‌ଙ୍କ ଶତକ, ରବାଡା-ହୋଲ୍ଡରଙ୍କୁ ୨-୨ ୱିକେଟ୍



# ତୃତୀୟ ଥର ଫାଇନାଲ୍‌ରେ ଗୁଜରାଟ

## ରବିବାର ଅହମଦାବାଦରେ ବେଙ୍ଗାଲୁରୁକୁ ଭେଟିବ

**ନ୍ୟୁ ଚଣ୍ଡିଗଡ଼,୨୯।୫/ଏଜେନ୍ସି:** ରାଜସ୍ଥାନ ରୟାଲ୍ସକୁ ୭ ୱିକେଟ୍‌ରେ ହରାଇ ଗୁଜରାଟ ଟାଇଟାନ୍ସ ତୃତୀୟ ଥର ଆଇପିଏଲ୍ ଫାଇନାଲ୍‌ରେ ପ୍ରବେଶ କରିଛି। ମୁଲ୍ଲାନପୁରର ମହାରାଜ ଯାଦବେନ୍ଦ୍ର ସିଂହ ଅନ୍ତର୍ଜାତୀୟ କ୍ରିକେଟ୍ ଷ୍ଟାଡିୟମ୍‌ରେ ଶୁକ୍ରବାର ଖେଳାଯାଇଥିବା ଆଇପିଏଲ୍ ୨୦୨୬ର କ୍ୱାଲିଫାୟର୍-୨ରେ ରାଜସ୍ଥାନ ୬ ୱିକେଟ୍‌ରେ ୨୧୪ ରନ୍ କରିଥିଲା। ଜବାବରେ ଗୁଜରାଟ ୧୮.୩ ଓଭର୍‌ରେ ୩ ୱିକେଟ୍ ହରାଇ ବିଜୟ ହାସଲ କରିଛି। ଗୁଜରାଟ ୩୧ ତାରିଖରେ ଅହମ୍ମଦାବାଦରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁକୁ ଫାଇନାଲ୍‌ରେ ଭେଟିବ। ବେଙ୍ଗାଲୁରୁ କ୍ୱାଲିଫାୟର୍-୧ରେ ଗୁଜରାଟକୁ ହରାଇ ସିଧା ଫାଇନାଲ୍‌ରେ ପ୍ରବେଶ କରିଥିଲା।

ରନ୍ ଚେଜ୍‌ରେ ଗୁଜରାଟ କ୍ୟାପ୍‌ଟେନ୍ ଶୁଭମନ ଗିଲ୍ ଓ ସ୍ୱାଇ ସୁଦର୍ଶନ ଦ୍ରୁତ ରନ୍ ସଂଗ୍ରହ ସହ ୭୭ ବଲ୍‌ରେ ୧୬୭ ରନ୍‌ର ଓପ୍ପିଂ ପାର୍ଟନରଶିପ୍ କରି ଦୃଢ଼ ମୂଳଦୁଆ ପକାଇଥିଲେ। ଗିଲ୍ ୫୩ ବଲ୍‌ରେ ୧୫ ଚୌକା ଓ ୩ ଛକା ବଳରେ ୧୦୪ ରନ୍ ଏବଂ ସାଇ ସୁଦର୍ଶନ ୩୨ ବଲ୍‌ରେ ୮ ଚୌକା ଓ ଗୋଟିଏ ଛକା ବଳରେ ୫୮ ରନ୍ କରି ଆଉଟ୍ ହୋଇଥିଲେ। ଏହାପରେ ଜୋସ୍ ବଟ୍‌ଲର୍ (୯*) ଓ ରାହୁଲ ତେୱତିଆ (୧୭*) ଟିମ୍‌କୁ ୯ ବଲ୍ ପୂର୍ବରୁ ବିଜୟୀ କରାଇଥିଲେ। ରାଜସ୍ଥାନ ପକ୍ଷରୁ ଜୋଫ୍ରା ଆର୍ଚର୍, ନାନ୍ଦ୍ରେ ବର୍ଗର୍ ଓ ବ୍ରିଜେଶ ଶର୍ମା ୧-୧ ୱିକେଟ୍ ନେଇଥିଲେ।

> **ରାଜସ୍ଥାନ ରୟାଲ୍ସ ୭ ୱିକେଟ୍‌ରେ ପରାଜିତ**
>
> **କାମ ଦେଲାନି ସୂର୍ଯ୍ୟବଂଶୀଙ୍କ ୯୬ ରନ୍**

ଟସ୍ ଜିତି ବ୍ୟାଟିଂ ନେଇଥିବା ରାଜସ୍ଥାନ ପକ୍ଷରୁ ଯୁବ ଓପ୍ନର୍ ବୈଭବ ସୂର୍ଯ୍ୟବଂଶୀ ୪୭ ବଲ୍‌ରେ ୮ ଚୌକା ଓ ୭ ଛକା ସହାୟତାରେ ସର୍ବାଧିକ ୯୬ ରନ୍ କରିଥିଲେ। ଏହା ବ୍ୟତୀତ ରବୀନ୍ଦ୍ର ଜାଡ଼େଜା ୪୫ ଏବଂ ଡୋନୋଭାନ୍ ଫରେରା ୩୮ ରନ୍‌ରେ ଅପରାଜିତ ଫେରିଥିଲେ। ଗୁଜରାଟ ପକ୍ଷରୁ କାଗିସୋ ରବାଡା ଓ ଜେସନ୍ ହୋଲ୍ଡର ଦୁଇଟି ଲେଖାଏଁ ଏବଂ ମହମ୍ମଦ ସିରାଜ୍ ଓ ପ୍ରସିଦ୍ଧ କ୍ରିଷ୍ଣା ୧-୧ ୱିକେଟ୍ ନେଇଥିଲେ।

# ସିଙ୍ଗାପୁର ଓପନ୍ ସେମିରେ ସାତ୍ତ୍ୱିକ୍-ଚିରାଗ

## କ୍ୱାର୍ଟର୍ ଫାଇନାଲ୍‌ରେ ହାରିଲେ ସିନ୍ଧୁ

**ସିଙ୍ଗାପୁର,୨୯।୫/ଏଜେନ୍ସି:** ଭାରତର ଷ୍ଟାର୍ ଶଟଲର୍ ପିଭି ସିନ୍ଧୁଙ୍କ ଅଭିଯାନ ସିଙ୍ଗାପୁର ଓପନ୍ ସୁପର୍ ୭୫୦ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର ଫାଇନାଲ୍‌ରେ ଶେଷ ହୋଇଛି। ଶୁକ୍ରବାର ଦୁଇ ଥରର ଅଲିମ୍ପିକ୍ ପଦକ ବିଜେତା ସିନ୍ଧୁଙ୍କୁ ବିଶ୍ୱ ନମ୍ବର-୧ ଏନ୍ ସେ-ୟଙ୍ଗ୍ ୨୧-୧୭, ୨୧-୧୪ ସିଧା ଗେମ୍‌ରେ ହରାଇ ବିଦା କରିବା ସହିତ ସେମିଫାଇନାଲ୍‌ରେ ସ୍ଥାନ ହାସଲ କରିଛନ୍ତି। ସିନ୍ଧୁ ମ୍ୟାଚ୍‌ରେ ଅନେକ ଥର ଆକ୍ରମଣାତ୍ମ ଖେଳ ଦେଖାଇ କୋରିଆ ଖେଳାଳିଙ୍କ ଉପରେ ଚାପ ମଧ୍ୟ ସୃଷ୍ଟି କରିଥିଲେ। କିନ୍ତୁ ଗୁରୁତ୍ୱପୂର୍ଣ୍ଣ ଅବସରରେ ଏନ୍ ସେ-ୟଙ୍ଗ୍‌ଙ୍କ ଉନ୍ନତ କୋର୍ଟ କଭରେଜ୍, ସଠିକ୍ ଶଟ୍ସ ଏବଂ ଧୈର୍ଯ୍ୟ ସିନ୍ଧୁଙ୍କ ଉପରେ ଭାରୀ ପଡ଼ିଥିଲା। ଏହା ସହିତ ଏନ୍ ସେ-ୟଙ୍ଗ୍‌ଙ୍କ ବିପକ୍ଷରେ ସିନ୍ଧୁଙ୍କ ବିଜୟ ପ୍ରତୀକ୍ଷା ଆହୁରି ଲମ୍ବା ହୋଇଯାଇଛି। ଦୁଇ ଖେଳାଳିଙ୍କ ମଧ୍ୟରେ ହୋଇଥିବା ମୁକାବିଲାରେ ସିନ୍ଧୁ ଲଗାତାର ନବମ ଥର ପରାଜିତ ହୋଇଛନ୍ତି। ଏହା ମଧ୍ୟରେ ଭାରତୀୟ ଖେଳାଳି କେବଳ ଥରେ ମାତ୍ର ୨୦୨୩ ବ୍ୟାଡ୍‌ମିଣ୍ଟନ୍ ଏସିଆ ଚାମ୍ପିଅନ୍‌ଶିପ୍‌ରେ କୋରିଆ ଖେଳାଳିଙ୍କ ବିପକ୍ଷରେ ବିଜୟୀ ହୋଇଥିଲେ।

ଅନ୍ୟପକ୍ଷରେ ସାତ୍ତ୍ୱିକସାଇରାଜ ରାଙ୍କୀରେଡ୍ଡୀ ଓ ଚିରାଗ ସେଟ୍ଟୀଙ୍କ ଭାରତୀୟ ପୁରୁଷ ଡବଲ୍ସ ଯୋଡ଼ି ଶୁକ୍ରବାର ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ୍‌ରେ ସ୍ଥାନ ପକ୍କା କରିଛନ୍ତି। ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ଏବଂ ଟୁର୍ଣ୍ଣାମେଣ୍ଟର ଚତୁର୍ଥ ସିଡ୍ ଭାରତୀୟ ଯୋଡ଼ି କ୍ୱାର୍ଟର୍ ଫାଇନାଲ୍‌ରେ ମାଲେସିଆର ଖାଇ ଜିଙ୍ଗ୍ କାଙ୍ଗ୍ ଓ ଆରୋନ୍ ଚାଇଙ୍କୁ କଡ଼ା ମୁକାବିଲାରେ ୧୯-୨୧, ୨୧-୧୭, ୨୧-୧୩ରେ ହରାଇଛନ୍ତି। ଏହି ରୋମାଞ୍ଚକ ମ୍ୟାଚ୍ ଏକ ଘଣ୍ଟା ପାଞ୍ଚ ମିନିଟ୍ ପର୍ଯ୍ୟନ୍ତ ଚାଲିଥିଲା। ଭାରତୀୟ ଯୋଡ଼ି ପ୍ରଥମ ଗେମ୍ ହରାଇବା ପରେ ଚମତ୍କାର ପ୍ରତ୍ୟାବର୍ତ୍ତନ ସହ ଲଗାତାର ଦୁଇଟି ଗେମ୍ ଜିତି ମ୍ୟାଚ୍ ନିଜ ନାମରେ କରିଛି। ସେମିଫାଇନାଲ୍‌ରେ ସାତ୍ତ୍ୱିକ୍ ଓ ଚିରାଗଙ୍କ ସାମ୍ନା ଦକ୍ଷିଣ କୋରିଆର ଶୀର୍ଷ ସିଡ୍ ଯୋଡ଼ି କିମ୍ ୱୋଞ୍ଜ ହୋ ଓ ସିଓ ସିୟୁଙ୍ଗ୍ ଜାଇଙ୍କ ସହ ହେବ। କୋରିଆ ଯୋଡ଼ି କ୍ୱାର୍ଟର୍ ଫାଇନାଲ୍‌ରେ ଜାପାନର ତାକୁରୋ ହୋକି ଓ ୟୁଗୋ କୋବାୟାଶୀଙ୍କୁ ୨୧-୧୯, ୨୧-୧୮ରେ ହରାଇ ଅନ୍ତିମ ଚାରିରେ ପ୍ରବେଶ କରିଛନ୍ତି।

## ଏସିଆନ୍ ଗେମ୍ସ ଟ୍ରାଏଲ୍‌ରେ ଭାଗନେବେ ବିନେଶ୍

### ଅନୁମତି ଦେଲେ ସୁପ୍ରିମ୍‌କୋର୍ଟ, ଆଜିଠାରୁ ଟ୍ରାଏଲ୍

**ନୂଆଦିଲ୍ଲୀ,୨୯।୫/ଏଜେନ୍ସି:** ସୁପ୍ରିମ୍‌କୋର୍ଟ ଅଲିମ୍ପିଆନ୍ ପହେଲମାନ ବିନେଶ ଫୋଗାଟ୍‌ଙ୍କୁ ଏସିଆନ୍ ଗେମ୍ସ ଟ୍ରାଏଲ୍‌ରେ ଭାଗ ନେବାକୁ ଅନୁମତି ପ୍ରଦାନ କରିଛନ୍ତି। ମେ’ ୨୮ ତାରିଖରେ ଭାରତୀୟ କୁସ୍ତି ମହାସଂଗ (ଡବ୍ଲ୍ୟୁଏଫ୍‌ଆଇ) ଫୋଗାଟ୍‌ଙ୍କ ଟ୍ରାଏଲ୍ ରୋକିବା ପାଇଁ ସୁପ୍ରିମ୍‌କୋର୍ଟରେ ଆବେଦନ କରିଥିଲା। ମାତ୍ର ଜଷ୍ଟିସ୍ ପିଏସ୍ ନରସିହ୍ମା ଏବଂ ଜଷ୍ଟିସ୍ ଆଲୋକ ଆରାଧେଙ୍କ ଖଣ୍ଡପୀଠ ଏହାକୁ ଖାରଜ କରିଦେଇଛନ୍ତି। ଏହି ଟ୍ରାଏଲ୍ ମେ’ ୩୦ ଓ ୩୧ ତାରିଖରେ ଦିଲ୍ଲୀରେ ଆୟୋଜିତ ହେବ। ଟ୍ରାଏଲ୍‌ରେ ପ୍ରଦର୍ଶନ ଆଧାରରେ ଚଳିତ ବର୍ଷ ସେପ୍ଟେମ୍ବରେ ଜାପାନରେ ହେବାକୁ ଥିବା ଏସିଆନ୍ ଗେମ୍ସ ପାଇଁ ଖେଳାଳି ଚୟନ କରାଯିବ। ଏହା ପୂର୍ବରୁ ଦିଲ୍ଲୀ ହାଇକୋର୍ଟ ମେ’ ୨୨ ତାରିଖର ଆଦେଶରେ ବିନେଶ ଫୋଗାଟ୍‌ଙ୍କୁ ସିଲେକ୍ସନ୍ ଟ୍ରାଏଲ୍‌ରେ ଭାଗନେବାକୁ ଅନୁମତି ଦେଇଥିଲେ। ଏହି ନିଷ୍ପତ୍ତିକୁ ଡବ୍ଲ୍ୟୁଏଫ୍ଆଇ ସୁପ୍ରିମ୍‌କୋର୍ଟରେ ଚ୍ୟାଲେଞ୍ଜ୍ କରିଥିଲା।



ଜଷ୍ଟିସ୍ ନରସିହ୍ମା କହିଛନ୍ତି, ‘ବିନେଶ ଜଣେ ଚମତ୍କାର ରେସ୍‌ଲର୍, ସେ ଦେଶଙ୍କୁ ଗର୍ବିତ କରିଛନ୍ତି। କିନ୍ତୁ ଦେଶ ପ୍ରଥମେ। ହାଇକୋର୍ଟ ପୂରା କାର୍ଯ୍ୟକ୍ରମକୁ ବାଧିତ କରିପାରିବେ ନାହିଁ। ତେଣୁ ଏସିଆନ୍ ଗେମ୍ସ ୨୦୨୬ ସିଲେକ୍ସନ୍ ଟ୍ରାଏଲ୍‌ରେ ଭାଗ ନେବାକୁ ଅନୁମତି ପ୍ରଦାନ କରାଯାଇଛି। ତେବେ ମାମଲାର ଶୁଣାଣି ଜାରି ରହିବ ଏବଂ ନିୟମ ସହିତ ଜଡ଼ିତ ପ୍ରସଙ୍ଗ ଉପରେ ବିଚାର କରାଯିବ।’

ଏହା ପୂର୍ବରୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯେ ଟ୍ରାଏଲ୍‌ର ପୂରା ପ୍ରକ୍ରିୟାର ଭିଡିଓ ରେକର୍ଡିଂ କରାଯାଉ। ଏହାକୁ ପାରଦର୍ଶୀ କରିବା ନିମନ୍ତେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ) ଏବଂ ଭାରତୀୟ ଅଲିମ୍ପିକ୍ ସଂଗ (ଆଇଓଏ) ଦ୍ୱାରା ନିଯୁକ୍ତ ସ୍ୱତନ୍ତ୍ର ପର୍ଯ୍ୟବେକ୍ଷକଙ୍କ ଦ୍ୱାରା ଏହାର ତଦାରଖ କରାଯିବ।

## ଅଷ୍ଟ୍ରେଲିଆ ବିପକ୍ଷ ମହିଳା ହକି ସିରିଜ୍

# ତୃତୀୟ ମ୍ୟାଚ୍ ୨-୦ରେ ଜିତିଲା ଭାରତ

**ପର୍ଥ,୨୯।୫/ଏଜେନ୍ସି:** ଏଠାରେ ଶୁକ୍ରବାର ଖେଳାଯାଇଥିବା ଚାରି ମ୍ୟାଚ୍ ବିଶିଷ୍ଟ ମହିଳା ବନ୍ଧୁତ୍ୱପୂର୍ଣ୍ଣ ହକି ସିରିଜ୍‌ର ତୃତୀୟ ମ୍ୟାଚ୍‌ରେ ଭାରତ ଦୁଇଟି ଫିଲ୍ଡ ଗୋଲ୍ ବଳଦରେ ଆୟୋଜକ ଅଷ୍ଟ୍ରେଲିଆକୁ ହରାଇ ଦେଇଛି। ମ୍ୟାଚ୍‌ର ପ୍ରଥମ ଦୁଇଟି କ୍ୱାର୍ଟର୍ ଗୋଲ୍‌ଶୂନ୍ୟ ରହିବା ପରେ ତୃତୀୟ କ୍ୱାର୍ଟର୍‌ରେ ଭାରତ ସଫଳତା ପାଇଥିଲା। ୩୬ତମ ମିନିଟ୍‌ରେ ଗୋଲ୍ ଦେଇ ସୋନମ ଭ୍ରମଣକାରୀ ଟିମ୍‌କୁ ଆଗୁଆ କରିଥିଲେ। ଶେଷ କ୍ୱାର୍ଟର୍‌ରେ



ଲାଲରେମସିଆମି (୪୯ତମ ମିନିଟ୍) ଅଗ୍ରଣୀକୁ ଦ୍ୱିଗୁଣିତ କରିବା ସହିତ ଟିମ୍‌କୁ ୨-୦ରେ ବିଜୟ ଦେଇଥିଲେ। ଏହା ସହିତ ଭାରତ ୨-୧ରେ ସିରିଜ୍ ଆଗୁଆ ରହିଛି। ପ୍ରଥମ ମ୍ୟାଚ୍‌ରେ ଭାରତ ୨-୧ ଗୋଲ୍‌ରେ ପରାଜିତ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ୍ ୧-୧ରେ ଡ୍ର’ ହେବା ପରେ ୪-୨ ଶୁଟ୍‌ଆଉଟ୍‌ରେ ଜିତିଥିଲା। ସିରିଜ୍‌ର ଅନ୍ତିମ ତଥା ଚତୁର୍ଥ ମ୍ୟାଚ୍ ଶନିବାର ଏହିଠାରେ ହିଁ ଖେଳାଯିବ।



## ଦେଶବ୍ୟାପୀ ଉତ୍କଟ ଗ୍ରୀଷ୍ମ ପ୍ରବାହ

# କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଜବାବ ମାଗିଲେ ଏନ୍‌ଜିଟି


**ନୂଆଦିଲ୍ଲୀ, ୨୯।୫/ଏଜେନ୍ସି:** ଦେଶରେ ଜାରି ରହିଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହ, କ୍ରମାଗତ ଭାବେ ବଢୁଥିବା ସର୍ବୋଚ୍ଚ ତାପମାତ୍ରା ଓ ଅଂଶୁଘାତ ପରିସ୍ଥିତିକୁ ନେଇ ଜାତୀୟ ସବୁଜ ପ୍ରାଧିକରଣ (ଏନ୍‌ଜିଟି) କେନ୍ଦ୍ର ସରକାର ଏବଂ କେତେକ ପ୍ରମୁଖ ରାଜ୍ୟ ସରକାରଙ୍କୁ ଜବାବ ମାଗିଛନ୍ତି। ଏକ ସମ୍ବାଦପତ୍ରର ରିପୋର୍ଟକୁ ଆଧାର କରି ଏନ୍‌ଜିଟି ନିଜ ଆଡୁ ଏହି ମାମଲା ଗ୍ରହଣ କରିଛନ୍ତି। ବଢୁଥିବା ତାପମାତ୍ରା ଲୋକଙ୍କ ସ୍ୱାସ୍ଥ୍ୟ, ଶିକ୍ଷା, କାର୍ଯ୍ୟଦକ୍ଷତା ଏବଂ ଦେଶର ଅର୍ଥନୀତି ଉପରେ ଗମ୍ଭୀର ପ୍ରଭାବ ପକାଉଥିବାରୁ ପ୍ରାଧିକରଣ ଏହି ପଦକ୍ଷେପ ନେଇଛନ୍ତି। ଏନ୍‌ଜିଟି ଅଧକ୍ଷ ଜଷ୍ଟିସ ପ୍ରକାଶ ଶ୍ରୀବାସ୍ତବ ଏବଂ ବିଶେଷଜ୍ଞ ସଦସ୍ୟ ଆଫ୍ରୋଜ ଅହମ୍ମଦଙ୍କୁ ନେଇ ଗଠିତ ବେଞ୍ଚ କହିଛନ୍ତି ଯେ, ଗ୍ରୀଷ୍ମ ପ୍ରବାହ ହେଉଛି ଏକ ‘ଅଣ-ସ୍ୱୀକୃତ ବିପର୍ଯ୍ୟୟ’ଯାହା କୌଣସି ଆଖିଦୃଶିଆ ଧ୍ୱଂସଲୀଳା ଦେଖାଏ ନାହିଁ ସତ, କିନ୍ତୁ ଦେଶର ଏକ ବଡ଼ ଭାଗକୁ ଗମ୍ଭୀର ଭାବେ ପ୍ରଭାବିତ କରେ। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ତଥ୍ୟକୁ ଆଧାର କରି ଏନ୍‌ଜିଟି କହିଛନ୍ତି ଦେଶର କେତେକ ରାଜ୍ୟର ଅଧିକାଂଶ ସହରରେ ତାପମାତ୍ରା ଏବେ ୪୮ ଡିଗ୍ରୀ ଛୁଉଁଥିବାର ଦେଖିବାକୁ ମିଳୁଛି। ଉତ୍ତର-ପଶ୍ଚିମ, ପଶ୍ଚିମ, କେନ୍ଦ୍ରୀୟ ଏବଂ ପୂର୍ବ ଭାରତରେ ସୂର୍ଯ୍ୟଙ୍କ ପ୍ରକୋପ ଜାରି ରହିଛି। ତେବେ ଏପ୍ରକାର ସ୍ଥିତାବସ୍ଥାର କାରଣ କ’ଣ ଏବଂ ଏହା ଉପରେ ସର୍ବୋତ୍ତମ ନିବାରଣ କ’ଣସବୁ ହୋଇପାରେ ସେନେଇ ପ୍ରାଧିକରଣ ରିପୋର୍ଟ ତଲବ କରିଛନ୍ତି। କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ, ଭୂ-ବିଜ୍ଞାନ ମନ୍ତ୍ରଣାଳୟ, ଜଳ ଶକ୍ତି ମନ୍ତ୍ରଣାଳୟ, କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଏବଂ ଦିଲ୍ଲୀ, ଉତ୍ତର ପ୍ରଦେଶ ଭଳି ପ୍ରଭାବିତ ରାଜ୍ୟଗୁଡ଼ିକୁ ଅଗଷ୍ଟ ୧୮ ତାରିଖରେ ହେବାକୁ ଥିବା ଆଗାମୀ ଶୁଣାଣିର ଅତିକମରେ ଗୋଟିଏ ସପ୍ତାହ ପୂର୍ବରୁ ଆଫିଡେଭିଟ୍ ମାଧ୍ୟମରେ ନିଜର ଜବାବ ଦାଖଲ କରିବାକୁ ଏନ୍‌ଜିଟି ନୋଟିସ୍ ଜାରି କରିଛନ୍ତି। ଗଛ ଜଙ୍ଗଲ କାଟିବା ଯୋଗୁ ହେଉ କିମ୍ବା ଅନ୍ୟ ଯେକୌଣସି କାରଣ, ଦେଶରେ ଏବେ ବର୍ଷା ମଧ୍ୟ ସ୍ୱାଭାବିକ ହେଉନାହିଁ। ନିୟମିତ ଭାବେ ବଢୁଥିବା ଗରମ ଯୋଗୁଁ ଭୂତଳ ଜଳସ୍ତର କମିବାରେ ଲାଗିଛି, ଯାହା ପାନୀୟ ଜଳର ଘୋର ସଙ୍କଟ ସୃଷ୍ଟି କରିପାରେ। ସେଥିପାଇଁ ଏକ ସ୍ଥାୟୀ ନୀତି ଆଣିବାକୁ ଏନ୍‌ଜିଟି କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉତ୍ତାପ ବୃଦ୍ଧି ଯୋଗୁ ଜନସାଧାରଣଙ୍କ ଠାରେ ଶାରୀରିକ ସମସ୍ୟା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି।




## ସୁପ୍ରିମକୋର୍ଟରେ ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍ ମାମଲା

# ୟୁପିଏସ୍‌ସି ଠାରୁ ଶିକ୍ଷା ନେଉ ଏନ୍‌ଟିଏ

**ନୂଆଦିଲ୍ଲୀ, ୨୯।୫/ଏଜେନ୍ସି:** ନିଟ୍-ୟୁଜି ୨୦୨୬ ପରୀକ୍ଷାକୁ ବାତିଲ କରିବା ପାଇଁ ହୋଇଥିବା ଆବେଦନ ଉପରେ ସୁପ୍ରିମକୋର୍ଟ ଶୁକ୍ରବାର ଶୁଣାଣି କରିଛନ୍ତି। ବାରମ୍ବାର ପ୍ରଶ୍ନପତ୍ର ପ୍ରଘଟ ପ୍ରସଙ୍ଗରେ ସୁପ୍ରିମକୋର୍ଟ ନ୍ୟାସନାଲ୍ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ)ର ଆଭିମୁଖ୍ୟକୁ ତୀବ୍ର ସମାଲୋଚନା କରିଛନ୍ତି। କୋର୍ଟ କହିଛନ୍ତି ଯେ, ଯେପର୍ଯ୍ୟନ୍ତ ବାସ୍ତବିକ ସମସ୍ୟା ଉପରେ ଫୋକସ୍ କରାନିଯିବ ବା ପରୀକ୍ଷା ପ୍ରକ୍ରିୟାରେ ସ୍ୱଚ୍ଛତା ନ ଆସିଛି ସେପର୍ଯ୍ୟନ୍ତ ଏଭଳି ସମସ୍ୟା ଦେଖାଦେଉଥିବ। ଜଷ୍ଟିସ୍ ପିଏସ୍ ନରସିମ୍ହା ଏବଂ ଜଷ୍ଟିସ୍ ଆଲୋକ୍ ଅରାଧେଙ୍କୁ ନେଇ ଗଠିତ ଖଣ୍ଡପୀଠ, ଏନ୍‌ଟିଏକୁ ରଦ୍ଦ କରିବା ଭଳି ଆବେଦନଗୁଡ଼ିକୁ ମଧ୍ୟ ବିବେଚନାକୁ ନେଇଛନ୍ତି। ତେବେ ଆଜିର ଶୁଣାଣି ସମୟରେ ଖଣ୍ଡପୀଠ ଅନୁଭବ କରିଛନ୍ତି ଯେ, ଏନ୍‌ଟିଏକୁ ୟୁପିଏସ୍‌ସି (କେନ୍ଦ୍ରୀୟ ଲୋକସେବା ଆୟୋଗ) ଭଳି ପରୀକ୍ଷା ନିୟାମକ ଠାରୁ ପରୀକ୍ଷା ପରିଚାଳନା କିପରି କରାଯାଏ ତାହା ଶିକ୍ଷା କରିବା ଉଚିତ୍। କାରଣ ୟୁପିଏସ୍‌ସି ଅତ୍ୟନ୍ତ ସତର୍କତାର ସହ ଦେଶରେ ବୃହତ୍ ପରିମାଣରେ ପ୍ରତିଯୋଗୀତାମୂଳକ ପରୀକ୍ଷାଗୁଡ଼ିକ ସଫଳ ଭାବେ ଆୟୋଜନ କରିଆସୁଛି, ତାହାପୁଣି କୌଣସି ପ୍ରକାର ବିବାଦ ବା ପ୍ରଶ୍ନପତ୍ର ପ୍ରଘଟ ଅଭିଯୋଗରେ। ଜଷ୍ଟିସ୍ ନରସିମ୍ହା,




ଏନ୍‌ଟିଏକୁ ପରାମର୍ଶ ଦେଇ କହିଛନ୍ତି ଯେ, ୟୁପିଏସ୍‌ସି କିପରି ଆଜି ପର୍ଯ୍ୟନ୍ତ ଏପ୍ରକାର ସମସ୍ୟାର ସମ୍ମୁଖୀନ ହେବାରୁ ଦୂରେଇ ରହିଛି ପ୍ରଥମେ ତାହା ଶିକ୍ଷା କରିବା ଉଚିତ୍। ସେହିପରି ବର୍ତ୍ତମାନ ସମୟରେ ଦେଶରେ ଏକାଧିକ ଅନୁଷ୍ଠାନ ଆଡ୍-ହକ୍ (ଅସ୍ଥାୟୀ ବା ତତ୍କାଳୀନ) ଭାବେ କାମ କରୁଥିବାରୁ ମଧ୍ୟ ଏଭଳି ସମସ୍ୟା ଉତ୍ପନ୍ନ ହୋଇଛି ବୋଲି ଖଣ୍ଡପୀଠ କହିଛନ୍ତି। ଆଡ୍-ହକ୍ ସଂସ୍ଥାଗୁଡ଼ିକର କାର୍ଯ୍ୟଶୈଳୀକୁ ନେଇ ଖଣ୍ଡପୀଠ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ଯେପର୍ଯ୍ୟନ୍ତ ପ୍ରତ୍ୟେକ ପଦାଧିକାରୀ ଓ ସଂସ୍ଥାର ଦାୟିତ୍ୱ ନିର୍ଦ୍ଧାରଣ କରାନଯାଇଛି, ସେପର୍ଯ୍ୟନ୍ତ ବାରମ୍ବାର ପରୀକ୍ଷାରେ ଏଭଳି ସମସ୍ୟା ଦେଖାଦେବ ବୋଲି କୋର୍ଟ ଚେତାବନୀ ଦେଇଛନ୍ତି। ତେବେ ପରୀକ୍ଷାରେ ସ୍ୱଚ୍ଛତା ରହିବା ଜରୁରି। ଏହା ଅନେକ ଆଶାୟୀଙ୍କ ଭବିଷ୍ୟତ ସହ ଜଡିତ, ଏହାକୁ କଦାପି ଅଣଦେଖା କରାଯାଇପାରିବନାହିଁ। କୋର୍ଟ କହିଛନ୍ତି ଯେ କେବଳ ସାଧାରଣ ନିୟମ ଦେଖାଇଲେ ଚଳିବ ନାହିଁ। ନିର୍ଦ୍ଦିଷ୍ଟ ଭାବେ କେଉଁ କାମ ପାଇଁ କିଏ ଦାୟୀ, ତାହା ସ୍ପଷ୍ଟ ହେବା ଦରକାର। ଏହା କୌଣସି ଜଣେ ବ୍ୟକ୍ତିର କ୍ଷମତା ନୁହେଁ, ବରଂ ସଂସ୍ଥାର ଶକ୍ତି ହେବା ଉଚିତ୍। ଏହି ପରିପ୍ରେକ୍ଷୀରେ ଏନ୍‌ଟିଏକୁ ଭବିଷ୍ୟତରେ ଏକ ନିର୍ଭରଯୋଗ୍ୟ ସଂସ୍ଥା ଭାବେ ଗଢ଼ିତୋଳିବା ଏବଂ ଏଥିରେ ବିଶେଷଜ୍ଞ କର୍ମଚାରୀଙ୍କୁ ସ୍ଥାୟୀ ଭାବେ ନିଯୁକ୍ତି ଦେବା ପାଇଁ କେଉଁ ପଦକ୍ଷେପ ନିଆଯାଉଛି, ସେବିଷୟରେ ଏକ ସପଥପତ୍ର ଦାଖଲ କରିବାକୁ କେନ୍ଦ୍ର ସରକାରଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ ଏହି ପରୀକ୍ଷା ବାତିଲ୍ ପ୍ରକ୍ରିୟାକୁ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ପାଇଁ ‘ମାନସିକ ଆଘାତ’ ବୋଲି ବର୍ଣ୍ଣନା କରିଛନ୍ତି ଏବଂ ଆଇଆଇଟି ଓ ପ୍ରମୁଖ ବିଶ୍ୱବିଦ୍ୟାଳୟଗୁଡ଼ିକ ସହ ମିଶି ଏକ ସ୍ଥାୟୀ ମନିଟରିଂ ବ୍ୟବସ୍ଥା ଗଠନ କରିବାକୁ ପରାମର୍ଶ ଦେଇଛନ୍ତି, ଯେଉଁଥିରେ ଏଆଇ (କୃତ୍ରିମ ବୁଦ୍ଧିମତା) ଭଳି ଆଧୁନିକ ଜ୍ଞାନକୌଶଳର ବ୍ୟବହାର କରାଯାଇପାରିବ। ତେବେ ସୁପ୍ରିମକୋର୍ଟଙ୍କ ଏହି କଡ଼ା ମନିଟରିଂ ଯୋଗୁଁ ଆଗାମୀ ଦିନରେ ଏନ୍‌ଟିଏକୁ ସମ୍ପୂର୍ଣ୍ଣ ଭାବେ ବଦଳାଇ ଏକ ନୂଆ ଆଇନଗତ ସଂସ୍ଥା ଗଠନ କରାଯାଇପାରେ କିମ୍ବା ନିଟ୍ ପରୀକ୍ଷାକୁ ସମ୍ପୂର୍ଣ୍ଣ ଅନଲାଇନ୍ କରାଯିବା ପ୍ରକ୍ରିୟା ଶୀଘ୍ର ଲାଗୁ ହୋଇପାରେ ବୋଲି ଅନୁମାନ କରାଯାଉଛି।

# ଶେଷ ହେବ ଆମେରିକା-ଇରାନ୍ ଯୁଦ୍ଧ !

**ତେହରାନ୍, ୱାଶିଂଟନ୍, ୨୯।୫/ଏଜେନ୍ସି:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଇରାନ ସହିତ ହେବାକୁ ଥିବା ସମ୍ଭାବ୍ୟ ଚୁକ୍ତିର ଅନେକ ପ୍ରମୁଖ ସର୍ତ୍ତ ବିଷୟରେ ପ୍ରକାଶ କରିଛନ୍ତି। ସେ ସୋସିଆଲ ମିଡିଆ ପୋଷ୍ଟ ମାଧ୍ୟମରେ ସୂଚନା ଦେଇ କହିଛନ୍ତି ଯେ ଇରାନ କଦାପି ପରମାଣୁ ଅସ୍ତ୍ର ପ୍ରସ୍ତୁତ କରିବ ନାହିଁ। ଏହା ସହିତ ‘ହର୍ମୁଜ୍ ପ୍ରଣାଳୀ’ ସମସ୍ତ ଜାହାଜ ଚଳାଚଳ ପାଇଁ ସମ୍ପୂର୍ଣ୍ଣ ଖୋଲା ରହିବ ଏବଂ ସେଠାରେ କୌଣସି ପ୍ରକାରର ଟୋଲ୍ ବା ଟ୍ୟାକ୍ସ ଆଦାୟ କରାଯାଇପାରିବ ନାହିଁ। ଟ୍ରମ୍ପଙ୍କ କହିବାନୁସାରେ ଆମେରିକା ନିଜର ନୌସେନା ନାକାବନ୍ଦୀ ହଟାଉଛି। ଅନ୍ୟପକ୍ଷେ ହର୍ମୁଜ୍ ଅଞ୍ଚଳରେ ବିଛାଯାଇଥିବା ସମସ୍ତ ସାମୁଦ୍ରିକ ମାଇନ୍ସଗୁଡ଼ିକୁ ହଟାଇଦିଆଯିବ। ଆମେରିକୀୟ ସେନା ଅନେକ ମାଇନ୍ସ ନଷ୍ଟ କରିସାରିଛି ଏବଂ ବାକି ରହିଥିବା ମାଇନ୍ସ ହଟାଇବା ଦାୟିତ୍ୱ ଇରାନ ସମ୍ପୂର୍ଣ୍ଣ କରିବ। ସେହିପରି ଇରାନ ପାଖରେ ଥିବା ସମୃଦ୍ଧ ୟୁରେନିୟମ୍‌କୁ ମଧ୍ୟ ନଷ୍ଟ କରାଯାଇପାରେ। ଏହା ପାହାଡ଼ ତଳେ ଲୁଚି ରହିଥିବା ପରମାଣୁ ଆଡ୍ଡାଗୁଡ଼ିକରେ ଅଛି, ଯାହାକୁ ୧୧ ମାସ ପୂର୍ବେ ଆମେରିକାର ବମ୍ବର ବିମାନ ଗୁଡ଼ିକ ଟାର୍ଗେଟ୍ କରିଥିଲେ। ବର୍ତ୍ତମାନ ଆମେରିକା, ଚୀନ୍, ଇରାନ ଏବଂ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା (ଆଇଏଇଏ)ର ମିଳିତ ସହଯୋଗରେ ଏହି ସାମଗ୍ରୀକୁ ବାହାର କରି ନଷ୍ଟ କରାଯିବ। ଇରାନ୍‌କୁ ଆମେରିକା ପକ୍ଷରୁ ଏଭଳି କିଛି ପ୍ରସ୍ତାବ ଦିଆଯାଇଥିବା ବେଳେ ଇରାନ୍ ଏବେ ନିଜ ନିଷ୍ପତ୍ତି ଜଣାଇବାକୁ ଅପେକ୍ଷା ରହିଛି। ସମ୍ଭବତଃ ଚୁକ୍ତି ଉପରେ ଖୁବ୍ ଶୀଘ୍ର ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଟ୍ରମ୍ପ ଆଶା ପୋଷଣ କରିଛନ୍ତି। ରିପୋର୍ଟ ଅନୁଯାୟୀ, ବର୍ତ୍ତମାନ ଇରାନ ପାଖରେ ୬୦% ପର୍ଯ୍ୟନ୍ତ ସମୃଦ୍ଧ ହୋଇଥିବା ପ୍ରାୟ ୪୪୦ କିଲୋଗ୍ରାମ ୟୁରେନିୟମ୍ ଗଚ୍ଛିତ ଅଛି। ଇରାନ୍ ଏସବୁକୁ ଏତେ ସହଜରେ ନଷ୍ଟ କରିବାକୁ କିମ୍ବା ଅନ୍ୟ କାହାକୁ ହସ୍ତାନ୍ତର କରିବାକୁ କଦାପି ରାଜି ହେବ ନାହିଁ। ଯଦି ଇରାନ୍ ପକ୍ଷରୁ ଏପରି କୌଣସି ଅସହମତି ଆସେ ତେବେ ପରିସ୍ଥିତି ପୁଣିଥରେ ବିବାଦୀୟ ହୋଇପଡିବ।




## ତେହରାନ୍ ସହ ଚୁକ୍ତି ଉପରେ ଖୁବ୍‌ଶୀଘ୍ର ନିଷ୍ପତ୍ତି: ଟ୍ରମ୍ପ୍

## ଆବ୍ରାହମ୍ ଆକର୍ଡରେ ସ୍ୱାକ୍ଷର କରିବାକୁ ମନା କଲା ଇରାନ୍

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra